R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୭୪
ତିଥି : ନବମୀ
୦୯ ଜୁଲାଇ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 274
09 July 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ପୁଣି ଇରାନ-ଆମେରିକା ଯୁଦ୍ଧ

### ଟ୍ରମ୍ପଙ୍କ ଚେତାବନୀ

# ଭୟଙ୍କର ଆକ୍ରମଣ ହେବ

ନୂଆଦିଲ୍ଲୀ, ୮ ।୭ : ହରମୁଜ୍ ପ୍ରଣାଳୀରେ ତୈଳବାହୀ ଜାହାଜ ଉପରେ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ପୁଣି ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ ଯୁଦ୍ଧ ବିରତୀ ଶେଷ । ଆଜି ରାତିରେ ଭୟଙ୍କର ଆକ୍ରମଣ ହେବ ବୋଲି ଇରାନକୁ ଚେତାବନୀ ଦେଇଛନ୍ତି । ଟ୍ରମ୍ପ କହିଛନ୍ତି ଯେ ଗତ ରାତିରେ ମଧ ବଡ ଆକ୍ରମଣ କରିଥିଲୁ । ଆଜି ଆହୁରି ଜୋରଦାର ଆକ୍ରମଣ ହେବ । ମୁଁ ଏହାକୁ ସାମାନ୍ୟ ଚେତାବନୀ ଦେଉଛି ବୋଲି ଭାବନାହିଁ । ନାଟୋ ସମ୍ମିଟ୍‌ରେ ଯୋଗଦେବା ଅବସରରେ ଟ୍ରମ୍ପ ଏହା କହିଛନ୍ତି । ଏହାସହ ଶାନ୍ତି ଚୁକ୍ତି ଓ ଯୁଦ୍ଧ ବିରତି ଶେଷ ହୋଇଥିବା ଘୋଷଣା କରିଛନ୍ତି ।




ଆମେରିକା ସେନା ଇରାନର ୮୦ଟି ସାମରିକ ଘାଟି ଉପରେ ଆକ୍ରମଣ କରିଥିବା ସୂଚନା ମିଳିଛି । ଇରାନରେ ପୂର୍ବ ସୁପ୍ରିମ୍ ଲିଡର ଆଇତୁଲ୍ଲା ଅଲ୍ଲି ଖାମନେଇଙ୍କ ଶେଷକୃତ୍ୟ ଲାଗି ଶୋଭାଯାତ୍ରା ଚାଲୁଥିବାବେଳେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଆସନ୍ତାକାଲି ଖାମନେଇଙ୍କୁ କବର ଦିଆଯିବ । ଆମେରିକା କହିଛି ଯେ ଇରାନର ୮୦ ସ୍ଥାନକୁ ଆମେ ଟାର୍ଗେଟ କରିଛୁ । ତାହାର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା, କୋଷ୍ଟାଲ ରାଡାର ବ୍ୟବସ୍ଥା ଓ ୬୦ ଆଇଆର୍‌ଜିସିର ଜାହାଜକୁ ଟାର୍ଗେଟ କରାଯାଇଛି । ଷ୍ଟେଟ୍ ଅଫ୍ ହରମୁଜ୍‌ରେ ତିନୋଟି ବାଣିଜ୍ୟିକ ଜାହାଜକୁ ଟାର୍ଗେଟ କରିବା ପରେ ଏହି ବିବାଦ ଆରମ୍ଭ ହୋଇଛି । ଟାର୍ଗେଟ ହୋଇଥିବା ଜାହାଜ ମଧ୍ୟରେ କତାର ଓ ସାଉଦିଆରବର ଗୋଟିଏ ଲେଖାଏଁ ତେଲ ଟ୍ୟାଙ୍କର ଥିଲା । ଆମେରିକା ଏହି ଆକ୍ରମଣ ପାଇଁ ଇରାନକୁ ଦାୟୀ କରିଛି । ଏହାର ଜବାବରେ ଆମେରିକୀୟ ସେଣ୍ଟ୍ରାଲ କମାଣ୍ଡୋ ଜୋରଦାର ଆକ୍ରମଣ କରିଛନ୍ତି । ଇରାନ ପକ୍ଷରୁ ପାଲଟା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଆମେରିକା ଓ ତାହାର ( ୯ ପୃଷ୍ଠାରେ)

# ଆଜି ଓଡ଼ିଶା ଆସିବେ ଉପରାଷ୍ଟ୍ରପତି

### "ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ"ର ଶୁଭାରମ୍ଭ କରିବେ

ଭୁବନେଶ୍ୱର, ୦୮ ।୭ (ସବ୍ୟୁ) : ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଭାରତର ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ । ଭାରତ ସରକାରଙ୍କ ମତ୍ସ୍ୟପାଳନ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରାଳୟ ପକ୍ଷରୁ ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଗଭୀର ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରାଧିକରଣ ପତ୍ର ବଣ୍ଟନ କରିବା ସହ "ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ"ର ଶୁଭାରମ୍ଭ କରିବେ ।

ସାଧାରଣତଃ ସମୁଦ୍ର କୂଳରୁ ୨୩ କିଲୋମିଟର ପର୍ଯ୍ୟନ୍ତ ଭିତରେ ମାଛଧରା କାର୍ଯ୍ୟ ସୀମିତ ରହିଥାଏ ।



"ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ" କାର୍ଯ୍ୟକାରୀ ହେବା ଦ୍ୱାରା ଓଡ଼ିଶାର ମତ୍ସ୍ୟଜୀବୀମାନେ ୩୭୦ କିଲୋମିଟର ସୀମା ମଧ୍ୟରେ ମାଛଧରି ପାରିବେ । ଏହା ସହିତ ପ୍ରାଧିକରଣ ପତ୍ର ପାଇଥିବା ମତ୍ସ୍ୟଜୀବୀମାନେ ସୀମା ଅତିକ୍ରମ କରି ଅନ୍ତର୍ଜାତୀୟ ସମୁଦ୍ରରେ ମଧ ମାଛଧରି ପାରିବେ । ଏହି ପଦକ୍ଷେପ ଦ୍ୱାରା ମତ୍ସ୍ୟଜୀବୀଙ୍କ ଜୀବନ-ଜୀବିକା ଅଧିକ ସଶକ୍ତ ହେବା ସହ ସମୃଦ୍ଧ ନୀଳ ଅର୍ଥନୀତିର ନବ ଦିଗନ୍ତକୁ ଉନ୍ମୋଚନ କରିବ ।

ଏହି କାର୍ଯ୍ୟକ୍ରମରେ ଓ ଡ଼ି ଶା ର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ( ୯ ପୃଷ୍ଠାରେ)

# ପେପରଲେସ୍, କ୍ୟାସଲେସ୍ ହେବ ଜମିଜମା ପଞ୍ଜୀକରଣ



- ଖୁବ୍‌ଶୀଘ୍ର ଆସିବ ପଞ୍ଜୀକରଣ ବ୍ୟବସ୍ଥା ସମ୍ବନ୍ଧିତ ନୂତନ ଏସ୍‌ଓପି
- ସ୍ୱଚ୍ଛ, ଦୁର୍ନୀତିମୁକ୍ତ ହେବ ରାଜ୍ୟର ସମସ୍ତ ପଞ୍ଜୀକରଣ କାର୍ଯ୍ୟାଳୟ

ଭୁବନେଶ୍ୱର, ୦୮ ।୭ (ସବ୍ୟୁ): ରାଜ୍ୟରେ ଏଣିକି ଜମିଜମା କିଣାବିକା ନିମନ୍ତେ ଉଭୟ କ୍ରେତା ଓ ବିକ୍ରେତା ସହମତ ହେଲେ ସେମାନଙ୍କୁ ନିବନ୍ଧନ କାର୍ଯ୍ୟାଳୟକୁ ଯାଇ ଆବେଦନ କରିବାକୁ ପଡିବନି । ବାରମ୍ବାର ଦପ୍ତର ନଯାଇ ପୂର୍ବରୁ ଅନଲାଇନ୍ ମାଧ୍ୟମରେ ଆବେଦନ କରିପାରିବା ସହ କେବଳ ଦଲିଲ୍ ପଞ୍ଜୀକରଣ ସମୟରେ ଆନୁସଙ୍ଗିକ ଚିହ୍ନଟ ପ୍ରକ୍ରିୟା ନିମନ୍ତେ ଉପସ୍ଥିତ ରହିବାକୁ ହେବ । ଏଥିସହିତ ପୂର୍ବରୁ ପ୍ରଚଳିତ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ନଗଦ ଅର୍ଥ ଦେବାର ବ୍ୟବସ୍ଥାର ଉଚ୍ଛେଦ ସହ ସମ୍ପୂର୍ଣ୍ଣ ରୂପେ ପଞ୍ଜୀକରଣ ନିମନ୍ତେ ଆବଶ୍ୟକୀୟ ଅର୍ଥରାଶି ଅନଲାଇନ୍ ପୈଠ କରିବରାକୁ ନିଷ୍ପତ୍ତି ହୋଇଛି ।

ଲୋକସେବା ଭବନଠାରେ ବୁଧବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ପଞ୍ଜୀକରଣ କାର୍ଯ୍ୟାଳୟମାନଙ୍କରେ ସମ୍ପୂର୍ଣ୍ଣ କ୍ୟାସଲେସ୍ ପଞ୍ଜୀକରଣ ( ୯ ପୃଷ୍ଠାରେ)

### ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ମାର୍ଚ୍ଚ ୨୦୨୭ ସୁଦ୍ଧା ୨୨୦୦ ସ୍କୁଲ ପାଇଁ ଜମି ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୦୮ ।୭ (ସବ୍ୟୁ) : ରାଜ୍ୟରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ପ୍ରକଳ୍ପକୁ ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଭାବେ କାର୍ଯ୍ୟକାରୀ କରୁଛନ୍ତି ।

ଏହି ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରଥମ ପର୍ଯ୍ୟାୟରେ ଯେଉଁ ୨୨୦୦ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ସ୍ଥିରୀକୃତ ହୋଇଛି, ସେହି ସମସ୍ତ ବିଦ୍ୟାଳୟ ପାଇଁ ମାର୍ଚ୍ଚ ୨୦୨୭ ସୁଦ୍ଧା ଜମି ଚିହ୍ନଟ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।



କାର୍ଯ୍ୟର ଅଗ୍ରଗତି ପାଇଁ ଜିଲ୍ଲାପାଳମାନେ ପ୍ରତି ସପ୍ତାହରେ ଏହାର ତଦାରଖ କରିବେ ଏବଂ ଏକ ସାପ୍ତାହିକ ରିପୋର୍ଟ ପ୍ରସ୍ତୁତ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବଙ୍କୁ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ମୁଖ୍ୟମନ୍ତ୍ରୀ ନିଜେ ପ୍ରତି ମାସରେ ଏହି ପ୍ରକଳ୍ପର ସମୀକ୍ଷା କରିବେ ।

ସୂଚନାଯୋଗ୍ୟ ଯେ, ଚଳିତ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ପ୍ରାୟ ୨୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା କରିଛନ୍ତି । ବିଦ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜାତୀୟ ଶିକ୍ଷା ନୀତି- ୨୦୨୦ ଓ ଶିକ୍ଷା ଅଧିକାର- ୨୦୦୯ ର ଲକ୍ଷ୍ୟ ପୂରଣ ପାଇଁ ପଞ୍ଚାୟତ ସ୍ତରରେ ବିଶ୍ୱସ୍ତରୀୟ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ଏହି ଯୋଜନାର ମୂଳ ଲକ୍ଷ୍ୟ ।

ବର୍ତ୍ତମାନ ସୁଦ୍ଧା ୩୨୨ଟି ସ୍କୁଲ ପାଇଁ ଭିତ୍ତିପ୍ରସ୍ତର ଦିଆଯାଇ କାମ ଆରମ୍ଭ ହୋଇଛି । ତେଣୁ, ବାକିତକ ବିଦ୍ୟାଳୟ ପାଇଁ ତୁରନ୍ତ ଜମିର ଚିହ୍ନଟ କରିବା ପାଇଁ ଜିଲ୍ଲାପାଳମାନେ ଗୁରୁତ୍ୱ ଦେଇ ଉଦ୍ୟମ କରିବା ଆବଶ୍ୟକ ( ୯ ପୃଷ୍ଠାରେ)

## ପିନାକ ଏଲ୍‌ଆର୍‌ଜିଆର୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



ବାଲେଶ୍ୱର, ୦୮ ।୭(ସବ୍ୟୁ) : ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂଗଠନ (ଡିଆର୍‌ଡିଓ) ପକ୍ଷରୁ ଚାନ୍ଦିପୁର ସ୍ଥିତ ସମନ୍ୱିତ କ୍ଷେପଣାସ୍ତ୍ରୀ ପରୀକ୍ଷଣ କେନ୍ଦ୍ରରେ ପିନାକ ଏଲ୍‌ଆର୍‌ଜିଆର୍ କ୍ଷେପଣାସ୍ତ୍ର ସଫଳତାର ସହିତ ପରୀକ୍ଷଣ ହୋଇଯାଇଛି । ଏହି କ୍ଷେପଣାସ୍ତ୍ରଟି ସର୍ବନିମ୍ନ ୬୦ କିମି ପରିସର ପାଇଁ ପରୀକ୍ଷଣ କରାଯାଇଥିଲା । ପିନାକ କ୍ଷେପଣାସ୍ତ୍ରକୁ ଅସ୍ତ୍ରଶସ୍ତ୍ର ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ ଦ୍ୱାରା ଉଚ୍ଚ ଶକ୍ତି ସାମଗ୍ରୀ ଗବେଷଣା ପ୍ରୋୟଗଶାଳା ସହିତ ମିଳିତଭାବେ ଡିଜାଇନ କରାଯାଇଛି । ଆଜିର ଏହି ପରୀକ୍ଷଣ ସମୟରେ ଡିଆର୍‌ଡିଓ ଏବଂ ପ୍ରତିରକ୍ଷା ବିଭାଗର ବହୁ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ ।

# ଭିଜିଲାନ୍ସ ଜାଲରେ କୋଟିପତି ଫରେଷ୍ଟ ରେଞ୍ଜର

ବାରଙ୍ଗ, ୦୮ ।୭ (ସବ୍ୟୁ) :) ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ଫରେଷ୍ଟ ଡିଭିଜନ ଅଧୀନ କେନ୍ଦ୍ରାପଡ଼ା ଫରେଷ୍ଟ ରେଞ୍ଜର ରବୀନ୍ଦ୍ର ନାୟକଙ୍କ ଘର ଓ କାର୍ଯ୍ୟାଳୟରେ ବୁଧବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ କରାଯାଇଛି । ସ୍ୱତନ୍ତ୍ର ବିଚାରପତି,କଟକଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ୫ଜଣ ଡିଏସପି, ୯ଜଣ ଇନ୍ସପେକଟର ୫,ଜଣ ଏସଆଇ,ଅନ୍ୟାନ୍ୟ ସହକାରୀ କର୍ମଚାରୀ ଏହି ଚଢ଼ାଉରେ ସାମିଲ ଅଛନ୍ତି ।କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରି ତଲାସୀ ଆରମ୍ଭ କରିଛି ।

ବାରଙ୍ଗ ଥାନା ଅନ୍ତର୍ଗତ ଗୋଡିସାହି ସ୍ଥିତ ତାଙ୍କର ୪ ମହଲା ବିଶିଷ୍ଟ ବାସ ଭବନ,ବାଙ୍କୀ ଥାନା ସାହାଡ଼ାପଦା ଗ୍ରାମରେ ଥିବା ପୈତୃକ ଘର, କେନ୍ଦ୍ରାପଡ଼ାରେ ଥିବା ନାୟକଙ୍କ କାର୍ଯ୍ୟାଳୟ ସହିତ କେନ୍ଦ୍ରାପଡ଼ାରେ ଥିବା ତାଙ୍କର ଅସ୍ଥାୟୀ ବାସସ୍ଥାନରେ ଚଢ଼ାଉ ହୋଇଛି । ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, କେବଳ ବାରଙ୍ଗ ଗୋଡ଼ିସାହି ଘରୁ ହିଁ ବିପୁଳ ସମ୍ପତ୍ତି ଠାବ ହୋଇଛି । ବାରଙ୍ଗ ଗୋଡ଼ି ସାହିରେ ୬,୪୦୦ ବର୍ଗ ଫୁଟ କ୍ଷେତ୍ରଫଳ ବିଶିଷ୍ଟ ଚାରି ମହଲା ଆଲିସାନ ବଙ୍ଗଳା, ବାରଙ୍ଗ ଅଞ୍ଚଳରେ ୬ଟି ଉଚ୍ଚମୂଲ୍ୟର ପ୍ଲଟ ।ତାଙ୍କ ଘରୁ ନଗଦ ୨. ୧୪ ଟଙ୍କା, ୪୩ ଲକ୍ଷ ଟଙ୍କାର ଜମା, ଗୋଟେ ଚାରିଚକିଆ ଯାନ, ସୁନା ଗହଣା, ରୂପା, ରୂପା ଟଙ୍କା ସହିତ ଏକ ବିଦେଶୀ ଘଣ୍ଟା ମିଳିଛି ।ଗୋଟିଏ ଘରୁ ଯଦି ଏତେ ସମ୍ପତ୍ତି ମିଳୁଛି, ଅନ୍ୟ ୩ ଜାଗାରୁ କେତେ ମିଳିବ ତାହା ଆକଳନ କରାଯାଇପାରେ । ଏବେ ବି ତଲାସୀ ଜାରି ରହିଛି । ସମସ୍ତ ଜାଗାର ତଲାସୀ ସରିବା ପରେ ଶ୍ରୀ ନାୟକ କେତେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଛନ୍ତି, ସମସ୍ତ ଜାଗାରୁ ତଲାସୀ ପରେ ଶ୍ରୀ ନାୟକ କେତେ ଆୟବର୍ହିଭୂତ ସମ୍ପତି ଠୁଳ କରିଛନ୍ତି ।ତାହା ଜଣା ପଡିବ ବୋଲି ସୂଚନା ମିଳିଛି । ତେବେ ଜଣେ ରେଞ୍ଜର ପାଖରେ ଏତେ ପରିମାଣର ସମ୍ପତ୍ତି ଠାବ ହେବା ( ୯ ପୃଷ୍ଠାରେ)

## ସୋନମ ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିଲା

ନୂଆଦିଲ୍ଲୀ, ୦୮ ।୭ : ପ୍ରଶ୍ନପତ୍ର ଲିକ୍ ଘଟଣାରେ ଆମରଣ ଅନଶନରେ ବସିଥିବା ଶିକ୍ଷାବିତ୍ ତଥା ଜଳବାୟୁ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଛି । ଆଜି ତାଙ୍କ ସ୍ୱାସ୍ଥ୍ୟକୁ ଡାକ୍ତର ପରୀକ୍ଷା କଲାବେଳେ ସେ ୭ କେଜି ଓଜନ ହରାଇଛନ୍ତି ବୋଲି ଜଣାପଡ଼ିଛି । ୧୧ ଦିନ ଧରି ଅନିର୍ଦ୍ଦିଷ୍ଟକାଳ ଲାଗି ଜନ୍ତରମନ୍ତରରେ ସେ ଅନଶନରେ ବସିଛନ୍ତି ।

କକ୍ରୋଜ୍ ଜନତା ପାର୍ଟି ପକ୍ଷରୁ ପ୍ରଶ୍ନପତ୍ର ଲିକ୍ ଘଟଣାରେ ଆରମ୍ଭ ହୋଇଥିବା ପ୍ରତିବାଦରେ ସେ ସାମିଲ ହୋଇଛନ୍ତି । ୱାଙ୍ଗଚୁଙ୍କ ସ୍ୱାସ୍ଥ୍ୟ ସୂଚନା ଅନୁଯାୟୀ ତାଙ୍କର ଓଜନ ୫୯.୪୦ କୋଜିକୁ ହ୍ରାସ ପାଇଛି । ତାଙ୍କ ରକ୍ତଚାପ ୧୦୩/୬୮ ଏମ୍‌ଏମ୍ ରହିଥିବାବେଳେ ହାର୍ଟରେଟ୍ ପ୍ରତି ମିନିଟ୍‌କୁ ୭୪ ରହିଛି । ରକ୍ତ ସର୍କରା ସ୍ତର ୭୫ ଏମ୍‌ଜି ଥିବାବେଳେ ଅକ୍ସିଜେନ୍ ୯୮% ରହିଛି । ନିଟ୍, ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ସିଜେପି ଆନ୍ଦୋଳନ କରୁଛି । ସିଜେପି ଜୁନ୍ ୨୦ରୁ ଏହି ଆନ୍ଦୋଳନରେ ସାମିଲ ହୋଇଛି । ୭ ତାରିଖ ଦିନ ସଂଯୁକ୍ତ କିଷାନ ମୋର୍ଚ୍ଚାର ସଦସ୍ୟମାନେ ପ୍ରତିବାଦ ସ୍ଥଳ ପରିଦର୍ଶନ କରି ଆନ୍ଦୋନଳକୁ ସମର୍ଥନ କରିଥିଲେ । ସେହିଭଳି ସିପିଆଇ (ଏମ୍‌ଏଲ୍‌ର) ଛାତ୍ର ସଂଗଠନ ଏଆଇଏସ୍‌ଏର କର୍ମକର୍ତ୍ତାମାନେ ଆନ୍ଦୋନଳକୁ ସମର୍ଥନ ଜଣାଇଛନ୍ତି ।

# ଟିଏମ୍‌ସିର ୩ ଆକାଉଣ୍ଟ ଅଚଳ କଲା ଇଡି

ନୂଆଦିଲ୍ଲୀ, ୦୮ ।୭ : ତୃଣମୂଳ କଂଗ୍ରେସର ୩ ବ୍ୟାଙ୍କ ଆକାଉଣ୍ଟକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଚଳ କରିଛି । ଏହି ଆକାଉଣ୍ଟରେ ୪୪୦ କୋଟି ଟଙ୍କା ଡିପୋଜିଟ୍ ଥିଲା । ଏହି ତିନୋଟି ଆକାଉଣ୍ଟ ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ରହିଥିଲା । ଇଡି ପକ୍ଷରୁ କୁହାଯାଇଛି ଯେ ଏହି ଆକାଉଣ୍ଟରେ ଦଳିୟ ପାଣ୍ଠି ହିସାବରେ ଅନେକ ସନ୍ଦେହଜନକ ଆର୍ଥିକ କାରବାର ହୋଇଛି । ଆମେ ଏହାର ତଦନ୍ତ କରୁଛୁ । ଏହି ଅର୍ଥର ଯେଭଳି ଅପବ୍ୟବହାର ନ ହୁଏ ସେଥିଲାଗି ଅଚଳ କରାଯାଇଛି ।

ତୃଣମୂଳ କଂଗ୍ରେସ ପକ୍ଷରୁ ଏ ସମ୍ପର୍କରେ ପ୍ରତିକ୍ରିୟା ଦିଆଯାଇନାହିଁ । ତଦନ୍ତକାରୀ ସଂସ୍ଥା ଅନୁଯାୟୀ ଏପ୍ରିଲ ୨୦୨୩ ଓ ଜୁନ୍ ୨୦୨୬ରେ ୧୬୦ କୋଟି ଟଙ୍କା ତୃଣମୂଳ କଂଗ୍ରେସ ଆକାଉଣ୍ଟକୁ କେୟାର ୱେଲ୍ ଆଭିଏସନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଓ ଏହାର ସହଯୋଗୀ କମ୍ପାନୀ ପକ୍ଷରୁ ଯାଇଛି । ମାତ୍ର ସମ୍ପୃକ୍ତ କମ୍ପାନୀ ୮୨.୯୬ କୋଟି ଟଙ୍କା ପଠାଇଛି ବୋଲି ଦର୍ଶାଇଛି । ତଦନ୍ତ ସମୟରେ ଜଣାପଡ଼ିଛି ଯେ ଏହି ଅର୍ଥଗୁଡ଼ିକ ଲିଗାସି ୬୦୦ ଏୟାରକ୍ରାଫ୍ଟ ଓ ଅଗଷ୍ଟା ୧୦୯ ହେଲିକେପ୍ଟର ବ୍ୟବହାରରେ ଖର୍ଚ୍ଚ ହୋଇଛି । ତଦନ୍ତକାରୀ ସଂସ୍ଥା ମଧ ଅଗଷ୍ଟା ହେଲିକେପ୍ଟର କିଣାରେ ବିଦେଶୀ ଅର୍ଥ ଲାଗିଥିବା ଜାଣିବାକୁ ପାଇଛି । ସିଧାସଳଖ ଏହି ଅର୍ଥ ତୃଣମୂଳ ଖାତାକୁ ଆସିଥିଲା । କେଉଁ ସୂତ୍ରରୁ ବୈଦେଶିକ ପାଣ୍ଠି ଆସିଥିଲା ତାହାର ଖୋଳତାଡ କରାଯାଉଛି । ଏହି ଏୟାରକ୍ରାଫ୍ଟଗୁଡ଼ିକ ତୃଣମୂଳ ପକ୍ଷରୁ ଭଡାରେ ଦିଆଯାଇ ଅର୍ଥ ରୋଜଗାର କରାଯାଇଛି । ପୁଣି ଏହି ଅର୍ଥକୁ ଅନ୍ୟ କାହାକୁ ହସ୍ତାନ୍ତର କରାଯାଇଛି । ଏବେ ଇଡି ଟଙ୍କାର ଉତ୍ସକୁ ତଦନ୍ତ କରୁଛି । ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ।



## ଜମା ଥିଲା ୪୪୦ କୋଟି

### ଓଡିଶା-ଛତିଶଗଡ଼ ମଧ୍ୟରେ ବନ୍ୟା ପରିଚାଳନା ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

# ସରାଡିହିରେ ହେବ ଅତ୍ୟାଧୁନିକ ଜଳ ପ୍ରବାହ ମାପକଯନ୍ତ୍ର

ସମ୍ବଲପୁର, ୦୮ ।୭ (ସବ୍ୟୁ) : ହୀରାକୁଦ ଅଶୋକ ନିବାସ ଠାରେ ବୁଧବାର ଓଡ଼ିଶା ଏବଂ ଛତିଶଗଡ଼ ଜଳସମ୍ପଦ ବିଭାଗ ମଧ୍ୟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)ର ମୁଖ୍ୟଯନ୍ତ୍ରୀ ଗିଦ୍ଦିଲୁରୀ ନାଗା ମୋହନ ଅଧ୍ୟକ୍ଷତା କରିଥିଲେ । ମହାନଦୀ ଅବବାହିକାରେ ଆଗାମୀ ବନ୍ୟାଜଳ ପରିଚାଳନା, ସମନ୍ୱୟ ରକ୍ଷା ଏବଂ ଉଭୟ ରାଜ୍ୟ ମଧ୍ୟରେ ବାର୍ଷିକ ସୂଚନା ତଥା ତଥ୍ୟର ଆଦାନପ୍ରଦାନକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ସରାଡିହି ଗେଜ୍ ସାଇଟ୍‌ରୁ ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ଆସିବା ପାଇଁ ପ୍ରାୟ ୧୨ ଘଣ୍ଟା ସମୟ ( ୯ ପୃଷ୍ଠାରେ)

## ଆଜି ହୀରାକୁଦର ଖୋଲିବ ୪ ଗେଟ୍

ସମ୍ବଲପୁର, ୦୮ ।୭ (ସବ୍ୟୁ): ଚଳିତ ବର୍ଷ ହୀରାକୁଦ ନଦୀବନ୍ଧର ପ୍ରଥମ ବନ୍ୟାଜଳ ଗୁରୁବାର ନିଷ୍କାସିତ ହେବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଯାଇଛି । ନଦୀତଟରେ ବାସ କରୁଥିବା ତଥା ନଦୀ ଗର୍ଭକୁ ଯାଉଥିବା ଲୋକଙ୍କୁ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ଆଗୁଆ ସତର୍କ କରି ଦିଆଯାଇଛି । ତଳମୁଣ୍ଡରେ ବିଭିନ୍ନ ସ୍ଥାନରେ ଜଳସ୍ତର ପ୍ରତି ନଜର ରଖିବା ପାଇଁ ବ୍ୟବସ୍ଥା ମଧ ହୋଇଛି । ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ ରହିଥିବା ବେଳେ ବୁଧବାର ସଂନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୧୨.୯୭ ଫୁଟ୍‌ରେ ପହଞ୍ଚିଛି ।

ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୪୨ହଜାର ୯୬୬ ଘନଫୁଟ ଜଳ ପ୍ରବେଶ କରୁଛି । ସେହିପରି ୨୬ ହଜାର ୩୦୩ ଘନଫୁଟ ଜଳ ନିଷ୍କାସିତ ହେଉଛି । ଗତ ୨୪ଘଣ୍ଟା ମଧ୍ୟରେ ଉପର ମୁଣ୍ଡରେ ୨.୨୪ମିଲିମିଟର ଓ ତଳ ମୁଣ୍ଡରେ ୦.୦୨ମିଲିମିଟର ହାରାହାରି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ତେବେ ( ୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ଦାଲ୍ଲିପ ସାହବ ମୋତେ ସ୍ମୃତିର ପେଟି ଦେଇ କି ଯାଇଛନ୍ତି । ଯାହାକୁ ଧରି ମୁଁ ଜୀବନରେ ଆଗକୁ ବଢ଼ୁଛି । ତାଙ୍କ ଜିବା ପରେ ମୋ ଜୀବନରେ ଏକ ଖୁବ ବଡ ଖାଲି ସ୍ଥାନ ସୃଷ୍ଟି ହୋଇଛି ।

**ସାୟରା ବାନୋ, ଅଭିନେତ୍ରୀ**



ଗୋଟିଏ ଗୀତ କରିବା ପାଇଁ ଅନେକ ପରିଶ୍ରମ କରିବାକୁ ପଡିଥାଏ । ଯେତେବେଳେ ଏହି ପରିଶ୍ରମକୁ କେହି ଚୋରି କରି ନିଅନ୍ତି ତେବେ ଏହା ଦୁଃଖ ଦେଇଥାଏ । କୌଣସି ଖରାପ ଲୋକ ମୋର ସମସ୍ତ ପରିଶ୍ରମକୁ ଚୋରି କରି ନେଇଛି ।

**ଗୌରୀ ସନ୍ଧୁ, ସିଙ୍ଗର**



ସତଲୁଜକୁ ହଟାଯିବାର ଖବର ଶୁଣି ଖୁବ ଦୁଃଖିତ । ଖୁବ ଲମ୍ବା ସମୟ ଧରି ଏହି ଫିଲ୍ମ ପାଇଁ ଅପେକ୍ଷା କରିଥିଲି । ତେବେ ବୁଝି ହେଉନି ବାରମ୍ବାର କାହାଣୀକୁ ଚାପିବାକୁ ପ୍ରୟାସ କଣ ପାଇଁ କରାଯାଉଛି ।


**ରଣବୀର ସୋରେ, ଅଭିନେତା**

## ଉପକାରୀ କଳାଚଣା



କଳା ଚଣା ଏକ ଶସ୍ତା ଏବଂ ପୋଷଣରେ ଭରପୂର 'ସୁପରଫୁଡ୍', ଯାହା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଏଥିରେ ପ୍ରୋଟିନ୍, ଫାଇବର୍, ଆଇରନ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଅନେକ ଜରୁରୀ ଭିଟାମିନ୍ ଓ ମିନେରାଲ୍ସ ରହିଥାଏ । ଯାହା ମଧୁମେହ ଏବଂ ହୃଦ୍‌ରୋଗର ଆଶଙ୍କା ହ୍ରାସ କରିବାରେ ସାହାଯ୍ୟ କରେ ବୋଲି ବିଶେଷଜ୍ଞ ମତ ଦେଇଥାଆନ୍ତି । କଳା ଚଣା ଏବଂ କାବୁଲି ଚଣା ଦୁଇଟିଯାକ ପୋଷକ ତତ୍ତ୍ୱରେ ଭରପୂର ହୋଇଥିବାରୁ ଏହାକୁ ସନ୍ତୁଳିତ ଆହାରରେ ସାମିଲ କରାଯାଇପାରିବ । ଚଣାରେ ଥିବା ଫାଇବର୍ ଓ ପ୍ରୋଟିନ୍ ପେଟକୁ ଅଧିକ ସମୟ ପୂର୍ଣ୍ଣ ରଖିବା ସହ ହଜମ ପ୍ରକ୍ରିୟାକୁ ଉନ୍ନତ କରି କୋଷ୍ଠକାଠିନ୍ୟ ଦୂର କରେ ଏବଂ ଏହାର କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଯୋଗୁଁ ଏହା ରକ୍ତରେ ଶର୍କରା ଅଂଶକୁ ହଠାତ୍ ବଢ଼ିବାକୁ ଦିଏ ନାହିଁ । ଏହା ବ୍ୟତୀତ ଏଥିରେ ଥିବା ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଆଇରନ୍ ରକ୍ତଚାପ ନିୟନ୍ତ୍ରଣ କରିବା ସହ ରକ୍ତହୀନତାରୁ ରକ୍ଷା କରିଥାଏ ଏବଂ କ୍ୟାଲସିୟମ୍ ହାଡ଼କୁ ମଜବୁତ କରେ । ଚଣାକୁ ସକାଳ ଜଳଖିଆରେ ଭିଜାଇ, ସାଲାଡ୍, ଚାଟ୍, ତରକାରୀ କିମ୍ବା ଶୁଖିଲା ଭାଜି ସ୍ନାକ୍ସ ଭାବେ ଖିଆଯାଇପାରିବ । ଯେଉଁଥିମଧ୍ୟରୁ 'ଗଜା ଚଣା' ସବୁଠାରୁ ଅଧିକ ପୁଷ୍ଟିକର ହୋଇଥିବାବେଳେ 'ସିଝା ଚଣା' ହଜମ ପାଇଁ ସହଜ ଏବଂ 'ଭଜା ଚଣା' ପେଟକୁ ଅଧିକ ସମୟ ଭରି ରଖିବାରେ ସାହାଯ୍ୟ କରେ । ତେବେ ଏହାକୁ ଖାଇବା ଆଗରୁ ଡାକ୍ତରଙ୍କ ପରାମର୍ଶ ନେଇ ନିଜ ଖାଦ୍ୟରେ ସାମିଲ କରନ୍ତୁ ।

## ହୀରା ବର୍ଷା



ବର୍ଷା ନାମ ଶୁଣିଲେ ସାଧାରଣତଃ ଆମ ମନକୁ ପାଣି, କୁଆପଥର କିମ୍ବା ବରଫ କଥା ଆସିଥାଏ । ହେଲେ ଆମ ସୌରମଣ୍ଡଳରେ ଏଭଳି ଦୁଇଟି ଗ୍ରହ ରହିଛି ଯେଉଁଠାରେ ପ୍ରକୃତ ହୀରାର ବର୍ଷା ହୋଇଥାଏ । ବୈଜ୍ଞାନିକମାନଙ୍କ ଅନୁଯାୟୀ, ପୃଥିବୀ ଠାରୁ ପ୍ରାୟ ୧୫ ଗୁଣ ବଡ଼ ନେପଚ୍ୟୁନ୍ ଏବଂ ୧୭ ଗୁଣ ବଡ଼ ୟୁରେନସ୍ ଗ୍ରହରେ ଏଭଳି ପରିବେଶ ସୃଷ୍ଟି ହୁଏ ଯାହାଦ୍ୱାରା ସେଠାରେ ଆକାଶରୁ ହୀରା ବର୍ଷିଥାଏ । ଏହି ଦୁଇଟିଯାକ ଗ୍ରହର ବାୟୁମଣ୍ଡଳରେ ପ୍ରଚୁର ପରିମାଣରେ ମିଥେନ୍ ଗ୍ୟାସ୍ ରହିଛି ଏବଂ ଗ୍ରହର ଆଭ୍ୟନ୍ତରୀଣ ଭାଗରେ ଥିବା ଅତ୍ୟଧିକ ଚାପ ଓ ଉତ୍ତାପ ଯୋଗୁଁ ମିଥେନ୍ ଗ୍ୟାସ୍‌ରୁ କାର୍ବନ ଅଲଗା ହୋଇ ସେହି କାର୍ବନ ହିଁ ହୀରାରେ ରୂପାନ୍ତରିତ ହୋଇଯାଏ । ବୈଜ୍ଞାନିକମାନେ ଲେଜର ବୈଷୟିକ ଜ୍ଞାନକୌଶଳ ସାହାଯ୍ୟରେ ପୃଥିବୀ ପୃଷ୍ଠରେ ନେପଚ୍ୟୁନ୍ ଓ ୟୁରେନସ୍ ଭଳି କୃତ୍ରିମ ପରିବେଶ ସୃଷ୍ଟି କରି କାର୍ବନ ଓ ହାଇଡ୍ରୋଜେନ ଯୁକ୍ତ ସ୍ୱତନ୍ତ୍ର ପ୍ଲାଷ୍ଟିକ ଉପରେ ଗବେଷଣା କରି 'ନାନୋ ଡାଇମଣ୍ଡ' ପ୍ରସ୍ତୁତ କରିବାରେ ମଧ୍ୟ ସଫଳ ହୋଇଛନ୍ତି । ଅନୁମାନ କରାଯାଏ ଯେ ସେହି ଗ୍ରହଗୁଡ଼ିକରେ ହୀରାର ପରିମାଣ ଏତେ ଅଧିକ ଯେ ଯଦି କୌଣସି ପ୍ରକାରେ ତାହାକୁ ପୃଥିବୀକୁ ଅଣାଯାଇପାରନ୍ତା, ତେବେ ଦୁନିଆର ପ୍ରତ୍ୟେକ ବ୍ୟକ୍ତି ଅତ୍ୟନ୍ତ ଧନୀ ହୋଇଯାଆନ୍ତେ । ହେଲେ ବର୍ତ୍ତମାନର ବୈଷୟିକ ଜ୍ଞାନକୌଶଳ ଅନୁଯାୟୀ ସେହି ଗ୍ରହଗୁଡ଼ିକରେ ପହଞ୍ଚିବା ଏବଂ ସେଠାରୁ ହୀରା ନେଇ ଆସିବା ଆଦୌ ସମ୍ଭବପର ନୁହେଁ ।

## ପଇସା ପାଇଁ କରିନି ଅଭିନୟ



ବଲିଉଡର ଅଭିନେତ୍ରୀ ହେମା ମାଲିନୀ ୭୦ ଏବଂ ୮୦ ଦଶକରେ ସେ ସବୁଠାରୁ ମହଙ୍ଗା ଅଭିନେତ୍ରୀ ଥିବା ଦାବିକୁ ସମ୍ପୂର୍ଣ୍ଣ ଭାବେ ଖାରଜ କରିଦେଇଛନ୍ତି । ଏକ ସାକ୍ଷାତକାରରେ ନିଜର ପୁରୁଣା ଦିନକୁ ମନେ ପକାଇ 'ଡ୍ରିମ୍ ଗର୍ଲ' କହିଛନ୍ତି ଯେ, ଆଜିକାଲିର ଷ୍ଟାରମାନଙ୍କ ଭଳି ସେତେବେଳେ ମୋଟା ଅଙ୍କର ଫିସ୍ ମିଳୁନଥିଲା । ସେହିଭଳି ସେ କେବେ ମଧ୍ୟ ପଇସା ପାଇଁ କାମ କରୁନଥିଲେ । ଲୋକପ୍ରିୟତା ବଢ଼ିବା ସହ ପାରିଶ୍ରମିକରେ କେବଳ ସାମାନ୍ୟ ବୃଦ୍ଧି ହେଉଥିଲା, କିନ୍ତୁ ଆୟ ଅପେକ୍ଷା ତାଙ୍କ ପାଇଁ ଚଳଚ୍ଚିତ୍ରର ଅଭିଜ୍ଞତା ଓ ସମ୍ମାନ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା । ସେ ପ୍ରକାଶ କରିଛନ୍ତି ଯେ, ତାଙ୍କ କାମର ସମସ୍ତ ପରିଚାଳନା ତାଙ୍କ ମା' ବୁଝୁଥିଲେ । ଯଦି କୌଣସି ପ୍ରଯୋଜକ ଅଧିକ ଟଙ୍କା ଦେଇପାରିବେ ନାହିଁ ବୋଲି କହୁଥିଲେ, ତେବେ ତାଙ୍କ ମା' କୌଣସି ଆପତ୍ତି ନକରି ରାଜି ହୋଇଯାଉଥିଲେ । ସୂଚନା ଅନୁସାରେ, ୧୯୬୮ ମସିହାରେ 'ସପନୋ କା ସୌଦାଗର' ଚଳଚ୍ଚିତ୍ରରୁ ନିଜର ଅଭିନୟ ଜୀବନ ଆରମ୍ଭ କରିଥିବା ହେମା ମାଲିନୀ 'ସୀତା ଔର ଗୀତା', 'ଶୋଲେ', 'ଡ୍ରିମ୍ ଗର୍ଲ' ଏବଂ 'ବାଗବାନ' ଭଳି ଅନେକ ବ୍ଲକବଷ୍ଟର ଫିଲ୍ମ ଭେଟି ଦେଇଛନ୍ତି । ଜଣେ ଦକ୍ଷ ଭରତନାଟ୍ୟମ୍ ନୃତ୍ୟଶିଳ୍ପୀ ଭାବେ ପରିଚିତ ହେମା ବର୍ତ୍ତମାନ ରାଜନୀତିରେ ସକ୍ରିୟ ଅଛନ୍ତି ଏବଂ ଲୋକସଭା ସାଂସଦ ଭାବେ ଦାୟିତ୍ୱ ତୁଲାଉଛନ୍ତି । ଭାରତୀୟ ସିନେମାରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ୨୦୦୦ ମସିହାରେ ଦେଶର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମଶ୍ରୀ' ପ୍ରଦାନ କରାଯାଇଛି ।

## ଟିଭି ନଦେଖିଲେ ମଇଁଷି ଦେଉନି କ୍ଷୀର

ସୋସିଆଲ ମିଡିଆରେ ଏବେ ଏକ ମଇଁଷିର ଅତ୍ୟନ୍ତ ମଜାଦାର ଭିଡିଓ ଦ୍ରୁତଗତିରେ ଭାଇରାଲ୍ ହେବାରେ ଲାଗିଛି । ଯେଉଁଠି ଦାବି କରାଯାଇଛି ଯେ ଏହି ମଇଁଷିଟି ଟିଭି ନଦେଖିଲେ ଆଦୌ କ୍ଷୀର ଦିଏ ନାହିଁ । ଭିଡିଓରେ ଦେଖିବାକୁ ମିଳୁଛି ଯେ, ମଇଁଷିଟି ରୁମ୍ ବାହାରେ ଠିଆ ହୋଇ ଭିତରେ ଚାଲୁଥିବା ଟିଭିକୁ ବହୁତ ମନଧ୍ୟାନ ଦେଇ ଦେଖୁଛି ଏବଂ ଜଣେ ମହିଳା ତାକୁ ସେଠାରୁ ହଟାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ସେ ନିଜ ସ୍ଥାନରୁ ସାମାନ୍ୟ ହେଲେ ବି ହଲୁନାହିଁ । କ୍ରମାଗତ ଭାବେ ସ୍କ୍ରିନ୍‌କୁ ଚାହିଁ ରହିଛି । ଇନଷ୍ଟାଗ୍ରାମରେ ' ନୋ ସିରିଏଲ ନୋ ମିଲ୍କ ' କ୍ୟାପସନ୍ ସହ ସେୟାର କରାଯାଇଥିବା ଏହି ଭିଡିଓକୁ ଏପର୍ଯ୍ୟନ୍ତ ୧୮ ଲକ୍ଷରୁ ଅଧିକ ଥର ଦେଖାସାରିଛନ୍ତି । ଏହାସହ ହଜାର ହଜାର ଲୋକ ଏହା ଉପରେ ବିଭିନ୍ନ ପ୍ରକାରର ମଜାଦାର କମେଣ୍ଟ ଦେଉଥିବା ଦେଖିବାକୁ ମିଳିଛି । ତେବେ ଏହା କେତେଦୂର ସତ ସେ ନେଇ କୌଣସି ପ୍ରମାଣ ନାହିଁ ।




## ଫେରାରୀ ଗର୍ଲ



କେବେ ଇଂରାଜୀ ଶିକ୍ଷୟିତ୍ରୀ ଥିବା ଏବଂ ବର୍ତ୍ତମାନ ଦୁଇଟି ସନ୍ତାନଙ୍କ ମା' ସାଜିଥିବା ପୁଣେର ଡାଏନା ପୁଣ୍ଡୋଲେ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ଗ୍ଲୋବାଲ୍ ଫେରାରୀ ରେସିଂ ସିରିଜ୍‌ରେ ଭାଗ ନେଇ ପ୍ରଥମ ଭାରତୀୟ ମହିଳା ଭାବେ ଇତିହାସ ରଚିଛନ୍ତି । ପିଲାଦିନୁ ପିତାମାତାଙ୍କ ପ୍ରେରଣାରେ ଟେନିସ୍, ସୁଇମିଂ, ମାର୍ଶାଲ୍ ଆର୍ଟ୍ସ ଓ ଗୋ-କାର୍ଟିଂ ଭଳି ଖେଳ ପ୍ରତି ଆକୃଷ୍ଟ ହୋଇଥିବା ଡାଏନାଙ୍କ ରେସିଂ ଯାତ୍ରା ୨୦୧୮ ମସିହାରେ ଆରମ୍ଭ ହୋଇଥିଲା । ସେ ପ୍ରଥମେ 'ଜେକେ ଟାୟାର୍ ୱିମେନ୍ ଇନ୍ ମୋଟରସ୍ପୋର୍ଟ' ଟ୍ୟାଲେଣ୍ଟ ହଣ୍ଟରୁ ନିଜର ଯାତ୍ରା ଆରମ୍ଭ କରିଥିଲେ । ଯେଉଁଠି ସେ ପ୍ରାୟ ୨୦୦ ପ୍ରତିଯୋଗୀଙ୍କ ମଧ୍ୟରୁ ଶୀର୍ଷ ୬ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ । ମାତୃତ୍ୱ, ପରିବାରର ଦାୟିତ୍ୱ ଏବଂ କଠିନ ଟ୍ରେନିଂ ମଧ୍ୟରେ ସନ୍ତୁଳନ ରକ୍ଷା କରି ଭାରତୀୟ ମୋଟରସ୍ପୋର୍ଟ୍ସରେ ଆଗକୁ ବଢ଼ିଥିବା ଡାଏନା ପ୍ରତିଷ୍ଠିତ 'ଫେରାରୀ ଚ୍ୟାଲେଞ୍ଜ ମିଡିଲ୍ ଇଷ୍ଟ' ଚାମ୍ପିଅନସିପ୍‌ରେ ରେସ୍ କରିବାର ସୁଯୋଗ ପାଇଥିଲେ । ଯେଉଁଠି ସମସ୍ତ ପ୍ରତିଯୋଗୀ ସମାନ ଫେରାରୀ କାର୍ ଚଳାଉଥିବାରୁ କେବଳ ଡ୍ରାଇଭିଂ ଦକ୍ଷତା ହିଁ ବିଜୟର ମାପକାଠି ହୋଇଥାଏ । ନିଜର ଆନ୍ତର୍ଜାତୀୟ ଡେବ୍ୟୁରେ 'ଫେରାରୀ ୨୯୬ ଚ୍ୟାଲେଞ୍ଜ' କାର୍ ଚଳାଇ ସେ ୟାସ୍ ମରିନା ସର୍କିଟ୍‌ରେ ଚତୁର୍ଥ ଏବଂ ବାହାରିନ୍‌ରେ ଦ୍ୱିତୀୟ ସ୍ଥାନ ହାସଲ କରି ସମସ୍ତଙ୍କୁ ଚକିତ କରିଦେଇଥିଲେ । ୨୦୨୪ ମସିହାରେ 'ଇଣ୍ଡିଆନ ନ୍ୟାସନାଲ କାର୍ ରେସିଂ ଚାମ୍ପିଅନସିପ୍' ଜିତିଥିବା ଡାଏନାଙ୍କ ଯାତ୍ରା ଖୁବ ପ୍ରେରଣାଦାୟୀ ।

## ରାସ୍ତା ନଥିବା ଗାଁ

ସାରା ବିଶ୍ୱରେ ଅନେକ ଆଶ୍ଚର୍ଯ୍ୟଜନକ ଗାଁ ରହିଛି, କିନ୍ତୁ ଇରାନର 'ମସୁଲେହ' ଗାଁ ସବୁଠାରୁ ନିଆରା, କାରଣ ଏଠାରେ ଗୋଟିଏ ହେଲେ ବି ରାସ୍ତା ନାହିଁ । ଇରାନର ଗିଲାନ୍ ପ୍ରାନ୍ତର ଏକ ପାହାଡ଼ିଆ ଢାଲୁ ଅଞ୍ଚଳରେ ଅବସ୍ଥିତ ଏହି ଗାଁର ଘରଗୁଡ଼ିକ ସିଡ଼ି ସଦୃଶ ଧାଡ଼ି ହୋଇ ରହିଛି । ଯେଉଁଠି ତଳେ ଥିବା ଘରର ଛାତ, ତା' ଉପର ଘର ପାଇଁ ଅଗଣା ଏବଂ ଯାତାୟାତର ରାସ୍ତା ପାଲଟିଯାଏ । ଏହି କାରଣରୁ ଏଠାରେ କୌଣସି କାର୍ କିମ୍ବା ବାଇକ୍ ଚାଲେନାହିଁ, ବରଂ ଲୋକମାନେ ଏକାଠି ଗୋଟିଏ ଘରର ଛାତରୁ ଅନ୍ୟ ଘରର ଛାତ ଦେଇ ସାରା ଗାଁରେ ପାଦରେ ଚାଲି ଚାଲି ଯାତାୟାତ କରିଥାନ୍ତି ।



ଶତାବ୍ଦୀ ପୁରୁଣା ଇତିହାସ ବହନ କରୁଥିବା ଏହି ଗାଁର ସମସ୍ତ ଘର ପଥର ଓ ମାଟିରେ ନିର୍ମିତ । ଯାହା ସ୍ଥାନୀୟ ଲୋକଙ୍କୁ ପ୍ରବଳ ଶୀତ ଏବଂ ବର୍ଷାରୁ ରକ୍ଷା କରିଥାଏ । ଏହାର ଏହି ଅଦ୍ଭୁତ ବୈଶିଷ୍ଟ୍ୟ ଯୋଗୁଁ ଇରାନ ସରକାର 'ମସୁଲେହ'କୁ ଏକ ଜାତୀୟ ଐତିହ୍ୟ ଭାବେ ଘୋଷଣା କରିବା ସହ ଏଠାରେ ପର୍ଯ୍ୟଟନର ସୁବିଧା ସୁଯୋଗ ବଢ଼ାଇଛନ୍ତି । ହେଲେ ଗାଁର ପାରମ୍ପରିକ ଗଠନଶୈଳୀକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖାଯାଇଛି । ବର୍ତ୍ତମାନ ସୁଦ୍ଧା ନିଜର ପୁରୁଣା ପରିଚୟ ବଜାୟ ରଖିଥିବା ଏହି ଗାଁର ବାସିନ୍ଦାମାନେ ମୁଖ୍ୟତଃ ସ୍ଥାନୀୟ ହସ୍ତଶିଳ୍ପ, କୃଷି ଏବଂ ପର୍ଯ୍ୟଟନ ମାଧ୍ୟମରେ ନିଜର ଜୀବିକା ନିର୍ବାହ କରୁଛନ୍ତି ।

## ଇତିହାସ

୧୮୧୯- ସିଲେଇ ମେସିନ୍ ଆବିଷ୍କାରକ ଏଲାୟସ୍ ହାଓଙ୍କ ଜନ୍ମ ।
୧୮୭୫- ବମ୍ବେରେ ଦେଶର ପ୍ରଥମ ଷ୍ଟକ୍ ଏକ୍ସଚେଞ୍ଜର ସ୍ଥାପନା ।
୧୮୭୭- ପ୍ରଥମ ୱିମ୍ବଲଡନ୍ ଟେନିସ୍ ପ୍ରତିଯୋଗିତାର ଆୟୋଜନ ।
୧୮୯୩- ବିନା ଆନାସ୍ଥେସିଆରେ ଡାନିଅଲ୍ ୱିଲିୟମ୍ସଙ୍କ ପ୍ରଥମ ଓପନ୍ ହାର୍ଟ ସର୍ଜରୀ ।
୧୯୦୦- ମଧ୍ୟପ୍ରଦେଶର ପୂର୍ବତନ ରାଜ୍ୟପାଳ ସତ୍ୟନାରାୟଣ ସିହ୍ନାଙ୍କ ଜନ୍ମ ।
୧୯୪୪- ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତ କରିବା ପାଇଁ ନେତାଜୀ ସୁଭାଷ ଚନ୍ଦ୍ର ବୋସ୍ ଆଜାଦ ହିନ୍ଦ ଫୌଜର ନେତୃତ୍ୱ ନେଲେ ।
୧୯୫୧- ଭାରତର ପ୍ରଥମ ପଞ୍ଚବର୍ଷୀୟ ଯୋଜନା ଆରମ୍ଭ ।
୧୯୬୯- ବନ୍ୟଜନ୍ତୁ ପରିଷଦ ପକ୍ଷରୁ ବାଘକୁ ଦେଶର ରାଷ୍ଟ୍ରୀୟ ପଶୁ ରୂପେ ଚୟନ କରାଗଲା ।
୨୦୦୧- ଭାରତ ଦ୍ୱାରା ପାକିସ୍ତାନ ସୀମାରେ ଦୁଇଟି ଚେକ୍‌ପୋଷ୍ଟ ସ୍ଥାପନ ନେଇ ଘୋଷଣା ।
୨୦୦୭- ଭାରତୀୟ ମୂଳ ଆମେରିକୀୟ ବୈଜ୍ଞାନିକ ହିମାଂଶୁ ଜୈନଙ୍କୁ ଓଟୋ ସ୍କଟ୍ ରିସର୍ଚ୍ଚ ପୁରସ୍କାର ।



**ମେଷ:** ସମ୍ମାନବୃଦ୍ଧି, ଅର୍ଥଲାଭ, ଶୁଭଖବର, ନୂତନ କର୍ମନିଯୁକ୍ତି, ସ୍ୱାସ୍ଥ୍ୟଲାଭ, ଦାମ୍ପତ୍ୟଖୁସି, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୧୦, ଆରାଧନା-ମା' ଭଗବତୀ ।

**ବୃଷ:** ବ୍ୟବସାୟରେ ସ୍ୱଚ୍ଛଳାଭ, ଦୂରଯାତ୍ରା, ଶୁଭଖବର, ଗୃହେ ଶୁଭ ଆଲୋଚନା, ବନ୍ଧୁଗୃହେ ଯାତ୍ରା, ଶରୀର ସୁସ୍ଥ, ଦାମ୍ପତ୍ୟଖୁସି, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**ମିଥୁନ:** ଶତ୍ରୁସମସ୍ୟା, ପାରିବାରିକ ସହଯୋଗ, ଦେବଦର୍ଶନ, ବନ୍ଧୁଲାଭ, ଶରୀର ସୁସ୍ଥ, ଶୁଭଖବର, କିଛିକାର୍ଯ୍ୟରେ ଅପମାନ, ସମ୍ପତ୍ତିଲାଭ, ସନ୍ତାନଖୁସି, ଯାତ୍ରା ସଫଳ, ବନ୍ଧୁସାହାଯ୍ୟ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**କର୍କଟ:** କର୍ମକ୍ଷେତ୍ରେ ସଫଳ, ସମ୍ମାନବୃଦ୍ଧି, ଶୁଭ ଆଲୋଚନା, ଦୂରଯାତ୍ରାରେ ସତର୍କ, ଲୋକସମ୍ପର୍କବୃଦ୍ଧି, ବିବାଦ ସମାଧାନ, ବନ୍ଧୁଗୃହେ ଯାତ୍ରା, ସନ୍ତାନଖୁସି, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ପ୍ରଭୁ ଲୋକନାଥ ।

**ସିଂହ:** ହେବାକାର୍ଯ୍ୟ ବିଳମ୍ବ, ବନ୍ଧୁବିରୋଧ, ଅଯଥା ଚିନ୍ତା, ଅର୍ଥସମସ୍ୟା, ବ୍ୟବସାୟିକ ଖୁସି, ଦାମ୍ପତ୍ୟସୁଖ, ଦେବଦର୍ଶନ, ସ୍ୱାସ୍ଥ୍ୟଲାଭ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୭, ଆରାଧନା-ମା' ମହାଲକ୍ଷ୍ମୀ ।

**କନ୍ୟା:** ଶରୀର କଷ୍ଟ, ଅଯଥା ଖର୍ଚ୍ଚାନ୍ତ, ପରିଭ୍ରମଣଯୋଗ, ବ୍ୟକ୍ତିସାହାଯ୍ୟ, ବନ୍ଧୁଲାଭ, ଦାମ୍ପତ୍ୟଖୁସି, ଶତ୍ରୁକଷ୍ଟ, ହେବାକାର୍ଯ୍ୟ ବିଳମ୍ବ, ବାଣିଜ୍ୟେ ଲାଭ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା-ମା' ବଗଳାମୁଖୀ ।

**ତୁଳା:** ମାନସିକ ଶାନ୍ତି, ଶରୀର ପୀଡ଼ା, ଲୋକସମ୍ପର୍କବୃଦ୍ଧି, ଆଶା ସଫଳ, ଦେବଦର୍ଶନ, ସୁମିଷ୍ଟ ଭୋଜନ, ଅର୍ଥଲାଭ, ଦ୍ରବ୍ୟପ୍ରାପ୍ତି, ଦାମ୍ପତ୍ୟକଳହ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

**ବିଛା:** କିଛି କାର୍ଯ୍ୟରେ ଅସନ୍ତୋଷ, ବ୍ୟବସାୟିକ ଖୁସି, ବନ୍ଧୁସାହାଯ୍ୟ, ଶରୀର ସୁସ୍ଥ, ସମ୍ପତ୍ତିଲାଭ, ଅଯଥା କଳହ, ଶୁଭ ଆଲୋଚନା, ଦ୍ରବ୍ୟଲାଭ, ମାମଲା ସମାଧାନ, ଭ୍ରମଣଯୋଗ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଖଇରି, ସଂଖ୍ୟା-୭, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତା, କର୍ମକ୍ଷେତ୍ରେ ଶାନ୍ତି, ଶୁଭଖବର, ଦୂରଯାତ୍ରାରେ ବାଧା, ଲୋକସମ୍ପର୍କ ବୃଦ୍ଧି, ଆୟବ୍ୟୟରେ ସମାନତା, ଶତ୍ରୁସମସ୍ୟା, ଦାମ୍ପତ୍ୟକଳହ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ଗାଈକୁ ଖାଇବାକୁ ଦିଅନ୍ତୁ ।

**ମକର:** କଥାବାର୍ତ୍ତାରେ ସମତା ରଖନ୍ତୁ, ବ୍ୟବସାୟରେ ଲାଭ, ଦୂରଯାତ୍ରା, ଅଯଥା ଖର୍ଚ୍ଚାନ୍ତ, ସନ୍ତାନଖୁସି, ଶତ୍ରୁକଷ୍ଟ, ବନ୍ଧୁଲାଭ, ବିଦେଶଗସ୍ତ, ନୂତନ କର୍ମନିଯୁକ୍ତି, ସୁମିଷ୍ଟ ଭୋଜନ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୮, ଆରାଧନା-ମା' ମଙ୍ଗଳା ।

**କୁମ୍ଭ:** କର୍ମକ୍ଷେତ୍ରେ ପ୍ରଶଂସା, ଶୁଭଖବର, ବନ୍ଧୁଲାଭ, ଅର୍ଥପ୍ରାପ୍ତି, କର୍ମନିଯୁକ୍ତି, ଯାତ୍ରା ସଫଳ, ବାଣିଜ୍ୟରେ ଲାଭ, ଦୂରଯାତ୍ରା ସଫଳ, ଶତ୍ରୁସମସ୍ୟା ସମାଧାନ, ସନ୍ତାନଲାଭ, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଳ, ସଂଖ୍ୟା-୯, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ମୀନ:** କିଛି କାର୍ଯ୍ୟରେ ବିରୋଧ, ସମ୍ପର୍କହାନି, ବ୍ୟବସାୟରେ ସ୍ୱଚ୍ଛଳାଭ, ସ୍ୱାସ୍ଥ୍ୟଲାଭ, ବନ୍ଧୁସାହାଯ୍ୟ, ନୂତନ କର୍ମାରମ୍ଭ, ଗାଡ଼ିଚାଳନାରେ ସାବଧାନ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ମା' ଗୌରୀ ।

**ଆଷାଢ଼ କୃଷ୍ଣପକ୍ଷ ନବମୀ**
**୯.୭.୨୦୨୬, ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ଖୁବଶୀଘ୍ର ନୂତନ ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା ଭବନ

# ଗୋଟିଏ କୋଠାରେ ରହିବ ବିଭିନ୍ନ ବିଭାଗର କାର୍ଯ୍ୟାଳୟ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରଠାରେ କଳ୍ପନା ଛକ ନିକଟରେ ନୂତନ ରାଜସ୍ୱ ଭବନ ନିର୍ମାଣ ଖୁବ୍‌ଶୀଘ୍ର ଆରମ୍ଭ ହେବ । ଦଶ ମହଲା ବିଶିଷ୍ଟ ଏହି ବିଲଡିଂରେ ସମସ୍ତ ପ୍ରକାର ସୁବିଧା ସହିତ ରାଜସ୍ୱ ପରଷଦ କ୍ୟାମ୍ପ କୋର୍ଟ୍ ଓ ବିଭିନ୍ନ ରାଜସ୍ୱ ମାମଲା ଫଇସଲା କରୁଥିବା ଅଧିକାରୀଙ୍କ କୋର୍ଟ୍ ନିମନ୍ତେ ବ୍ୟବସ୍ଥା ରହିବ । ସେହିପରି ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ବୈଠକ ତଥା ସମ୍ମିଳନୀ ଲାଗି ପ୍ରେକ୍ଷାଳୟ ଏବଂ ବିଭିନ୍ନ ଆନୁସାଙ୍ଗିକ ସୁବିଧା ରହିବ । ଆଗାମୀ ଦୁଇ ବର୍ଷ ମଧ୍ୟରେ ରାଜସ୍ୱ ଭବନ ନିର୍ମାଣ ସମାପ୍ତ ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି ।



- ସୁଦୃଢ଼ ହେବ ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା ବିଭାଗର ଭିତ୍ତିଭୂମି
- ବିପର୍ଯ୍ୟୟ ପରିଚାଳନା ଭବନରେ ହେବ ମିଡ଼ିଆ ସେଣ୍ଟର୍

ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ଅଧ୍ୟକ୍ଷତାରେ ନୂତନ ରାଜସ୍ୱ ଭବନ ଏବଂ ବିପର୍ଯ୍ୟୟ ଭବନ ନିର୍ମାଣ ନିମନ୍ତେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନର ନୂତନ ଅତ୍ୟାଧୁନିକ ପ୍ରେକ୍ଷାଳୟ ଏବଂ ଭୁବନେଶ୍ୱରର ନୂତନ ସ୍ପେଶାଲ୍ ସର୍କିଟ୍ ହାଉସ୍ ନିର୍ମାଣ ସମ୍ପର୍କରେ ମଧ୍ୟ ସୁବିସ୍ତୃତ ଆଲୋଚନା କରାଯାଇଛି । ଓବିସିସି ଓ ନିର୍ମାଣ ବିଭାଗ ପକ୍ଷରୁ ଏ ସମ୍ପର୍କିତ ପ୍ରସ୍ତାବିତ ରୂପରେଖ ପ୍ରଦର୍ଶିତ ହୋଇଥିଲା । ରାଜ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଭିତ୍ତିଭୂମି ସୁଦୃଢ଼ ହେବା ଦ୍ୱାରା ସୁଶାସନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ ।

ଆସନ୍ତା ଅଗଷ୍ଟ ମାସରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ସେ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ବିଭିନ୍ନ ମହଲାରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସ୍ୱତନ୍ତ୍ର ସହାୟତା ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ, ରାଜ୍ୟ ଜରୁରିକାଳୀନ ପରିଚାଳନା କେନ୍ଦ୍ର ଏବଂ ଓଡ୍ରାଫ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟମାନ ଅବସ୍ଥାପିତ ହେବ । ସେହିପରି ସମ୍ପୂର୍ଣ୍ଣ ରୂପେ ସବୁଜିମା ଆଚ୍ଛାଦିତ ହୋଇ ସମସ୍ତ ପ୍ରକାର ବିପର୍ଯ୍ୟୟ ପ୍ରତିରୋଧୀ ସହ ଭୂକମ୍ପ ପ୍ରତିରୋଧୀ ହେବ ଏହି ବିପର୍ଯ୍ୟୟ ପରିଚାଳନା ଭବନ । ଏଥିରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ସାମ୍ବାଦିକମାନଙ୍କ ଖବର ସଂଗ୍ରହକୁ ଦୃଷ୍ଟିରେ ରଖି ବିଭିନ୍ନ ଆନୁସଙ୍ଗିକ ସୁବିଧା ସହ ସ୍ୱତନ୍ତ୍ର ମିଡିଆ ସେଣ୍ଟରର ବ୍ୟବସ୍ଥା ମଧ୍ୟ ହେବ । ସେହିପରି ବିପର୍ଯ୍ୟୟ ପରିଚାଳନାରେ ସହଯୋଗ କରୁଥିବା ଶକ୍ତି ବିଭାଗ, ନିର୍ମାଣ ବିଭାଗ ସହ ଏନଡିଏମଏ, ଏନଡିଆରଏଫ୍ ଏବଂ ଅନ୍ୟାନ୍ୟ ଜାତୀୟ ତଥା ଅନ୍ତର୍ଜାତୀୟ ଅନୁଷ୍ଠାନ ନିମନ୍ତେ ବ୍ୟବସ୍ଥା ରହିବ । ନୂତନ ଅତ୍ୟାଧୁନିକ ନିୟନ୍ତ୍ରଣ କକ୍ଷ ସହ ପୂର୍ବ ସତର୍କ ସୂଚନା ନିମନ୍ତେ ବୈଷୟିକ ଯନ୍ତ୍ରପାତି ମଧ୍ୟ ରହିବ । ଆଗାମୀ ୧୮ ମାସରେ ଏହି ଭବନ ନିର୍ମାଣ ସମାପ୍ତ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଗୋଟିଏ ହିଁ ବିଲଡିଂରେ ବିଭିନ୍ନ କାର୍ଯ୍ୟାଳୟ ରହିବା ଦ୍ୱାରା ସମନ୍ୱିତ ଭାବେ ବିପର୍ଯ୍ୟୟ ପରିଚାଳନା ସୁନିଶ୍ଚିତ ହୋଇପାରିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

ସେହିପରି ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଅନ୍ତର୍ଜାତୀୟସ୍ତରର ଅତ୍ୟାଧୁନିକ ପ୍ରେକ୍ଷାଳୟ କମ୍ପ୍ଲେକ୍ସ, ନୂତନ ପ୍ରଶାସନିକ କୋଠା, ଡିଜିଟାଲ୍ ଲାଇବ୍ରେରୀ, ଜିଆଇଏସ ଲ୍ୟାବ୍ ସହିତ ଆନୁସଙ୍ଗିକ ବ୍ୟବସ୍ଥା କରାଯିବ । ଏହା ସହିତ ଭୁବନେଶ୍ୱରଠାରେ ନୂତନ ସ୍ପେଶାଲ୍ ସର୍କିଟ୍ ହାଉସ୍ ନିର୍ମାଣର ସମୀକ୍ଷା କରି ତୁରନ୍ତ ନୂତନ ସ୍ଥାନ ଚିହ୍ନଟ କରି କାର୍ଯ୍ୟ ଆରମ୍ଭ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ସ୍ୱତନ୍ତ୍ର ସହାୟତା ଆୟୁକ୍ତ ରାଜେଶ ପ୍ରଭାକର ପାଟିଲ୍ ଉପସ୍ଥିତ ଥିଲେ ।

### ବିକଶିତ ଓଡ଼ିଶା ଭିଜନ୍ ୨୦୩୬, ୨୦୪୭ର ଅଗ୍ରଗତି ସମୀକ୍ଷା

# ପ୍ରାଥମିକତା କ୍ଷେତ୍ରଗୁଡ଼ିକରେ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ନେଇ ଗୁରୁତ୍ୱାରୋପ

ଭୁବନେଶ୍ୱର(ସବ୍ୟୁ): ବିକଶିତ ଓଡ଼ିଶା ଭିଜନ୍ ୨୦୩୬ ଓ ୨୦୪୭ର ଅଗ୍ରଗତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବିକଶିତ ଓଡ଼ିଶା ଭିଜନ୍ ୨୦୩୬ ଓ ୨୦୪୭ରେ ସ୍ଥିର କରାଯାଇଥିବା ଲକ୍ଷ୍ୟ ଓ ଉଦ୍ଦେଶ୍ୟଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଟିସିଏଫ୍ ଓ ଏହାର ସହଯୋଗୀ ସଂସ୍ଥାଗୁଡ଼ିକର ରଣନୀତିମୂଳକ ବୈଷୟିକ ସହଯୋଗର ଆବଶ୍ୟକତା ଉପରେ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ, ସୁଦୃଢ ନିରୀକ୍ଷଣ ବ୍ୟବସ୍ଥା ସହିତ ପ୍ରାଥମିକତା କ୍ଷେତ୍ରଗୁଡ଼ିକରେ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ଦ୍ୱାରା ମାପଯୋଗ୍ୟ ଫଳାଫଳ ଏବଂ ସମୟସୀମା ମଧ୍ୟରେ ଅଗ୍ରଗତି ସୁନିଶ୍ଚିତ କରାଯାଇପାରିବ ।

ଯୋଜନା ଓ ସଂଯୋଜନ ବିଭାଗ ଏବଂ ଦି କନଭର୍ଜେନ୍ସ ଫାଉଣ୍ଡେସନ୍ ମଧ୍ୟରେ ୧୩ ଫେବୃଆରୀ ୨୦୨୫ରେ ବୁଝାମଣା ପତ୍ର ସ୍ୱାକ୍ଷରିତ(ଏମଓୟୁ) ଅନୁଯାୟୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଏବଂ ଭବିଷ୍ୟତ ସହଯୋଗର କ୍ଷେତ୍ରଗୁଡ଼ିକର ସମୀକ୍ଷା କରାଯାଇଥିଲା । ତିନି ବର୍ଷିଆ



ଏହି ବୁଝାମଣା ପତ୍ରର ଉଦ୍ଦେଶ୍ୟ ହେଉଛି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ହାସଲ ଦିଗରେ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରମୁଖ କ୍ଷେତ୍ରରେ ରଣନୀତିମୂଳକ ବୈଷୟିକ ସହଯୋଗ ପ୍ରଦାନ କରିବା ।

ବୈଠକରେ ଦି କନଭର୍ଜେନ୍ସ ଫାଉଣ୍ଡେସନ୍ (ଟିସିଏଫ୍) ଓ ଏହାର ସହଯୋଗୀ ସଂସ୍ଥାଗୁଡ଼ିକ ଯଥା ସେଣ୍ଟର ଫର୍ ଇଫେକଫିଭ୍ ଗଭର୍ନାନ୍ସ ଅଫ୍ ଇଣ୍ଡିଆନ୍ ଷ୍ଟେଟ୍ସ (ସିଇଜିଆଇଏସ), ଫାଉଣ୍ଡେସନ୍ ଫର୍ ଇକନୋମିକ୍ ଡେଭେଲପମେଣ୍ଟ (ଏଫଇଡି), ଉଦୈତୀ, ପ୍ରସ୍ପେରିଟି, ରକେଟ୍ ଲର୍ଣ୍ଣିଂ, ସେଣ୍ଟ୍ରାଲ୍ ସ୍କୋୟାର ଫାଉଣ୍ଡେସନ୍, ଗତି ଫାଉଣ୍ଡେସନ୍ ଏବଂ "ଅତିଥି'ର ନେତୃତ୍ୱ ଦଳ ଉପସ୍ଥିତ ଥିଲେ । ଦି କନଭର୍ଜେନ୍ସ ଫାଉଣ୍ଡେସନର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରବୀଣ ଖାଙ୍ଗଠା ଏବଂ ପଲିସି ଓ ଗଭର୍ଣ୍ଣମେଣ୍ଟ ପାର୍ଟନରଶିପ୍‌ର ନିର୍ଦ୍ଦେଶକ ପରୀକ୍ଷିତ ଲୁଥ୍ରାଙ୍କ ସମେତ ଟିସିଏଫ୍ ସହଯୋଗୀ ସଂସ୍ଥାଗୁଡ଼ିକର ପ୍ରତିନିଧିମାନେ ଯୋଗଦେଇଥିଲେ ।

### ଉଚ୍ଚମାନର ନର୍ସିଂ ଶିକ୍ଷା ଲାଗି ମାନଦଣ୍ଡ କଡ଼ାକଡ଼ି ହେବ

# ସମସ୍ତ ଜିଲ୍ଲାରେ ଜିଲ୍ଲାପାଳ ଯାଞ୍ଚ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର(ସବ୍ୟୁ) : ରାଜ୍ୟରେ ଉଚ୍ଚମାନର ନର୍ସିଂ ଶିକ୍ଷା ବ୍ୟବସ୍ଥା ଲାଗି ସମସ୍ତ ଅନୁଷ୍ଠାନରେ ନିର୍ଦ୍ଧାରିତ ମାନଦଣ୍ଡର କଡ଼ାକଡ଼ି ପାଳନ ଅତ୍ୟନ୍ତ ଆବଶ୍ୟକ । ଶିକ୍ଷାର ଗୁଣବତ୍ତା, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ପ୍ରଶିକ୍ଷଣର ମାନକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କୌଣସି ପ୍ରକାରର ଅନିୟମିତତାକୁ ପ୍ରଶ୍ରୟ ଦିଆଯିବ ନାହିଁ । ଏ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କୁ ସେମାନଙ୍କ ଜିଲ୍ଲାର ସମସ୍ତ ବେସରକାରୀ ନର୍ସିଂ ଶିକ୍ଷାନୁଷ୍ଠାନର ନିରପେକ୍ଷ ଏବଂ ବ୍ୟାପକ ଯାଞ୍ଚ ଶୀଘ୍ର ସମ୍ପନ୍ନ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି ।

ବୁଧବାର ଲୋକସେବା ଭବନସ୍ଥିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମ୍ମିଳନୀ କକ୍ଷରେ ନର୍ସିଂ କଲେଜ ପ୍ରତିଷ୍ଠା ଏବଂ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ମନ୍ତ୍ରୀ କହିଥିଲେ ଯେ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଜ୍ଞପ୍ତି ଅନୁଯାୟୀ ଗଠିତ ଜିଲ୍ଲାସ୍ତରୀୟ ଯାଞ୍ଚ ଦଳ ମାଧ୍ୟମରେ ଏହି ଯାଞ୍ଚ କରାଯିବ । ଏଥିସହ ଜିଲ୍ଲା ଅଗ୍ନିଶମ ଅଧିକାରୀଙ୍କୁ ମଧ୍ୟ ଏହି ଯାଞ୍ଚ ଦଳର ସଦସ୍ୟ ଭାବେ ସାମିଲ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ସମସ୍ତ ଜିଲ୍ଲାପାଳଙ୍କୁ ଚଳିତ ଜୁଲାଇ ମାସ ଶେଷ ସୁଦ୍ଧା ସେମାନଙ୍କର ଯାଞ୍ଚ ରିପୋର୍ଟ ମେଡିକାଲ୍ ଶିକ୍ଷା ଓ ପ୍ରଶିକ୍ଷଣ (ଡିଏମଇଟି), ଓଡ଼ିଶାଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ପ୍ରକାରର ଅନିୟମିତତା ଦେଖାଗଲେ, ସେହି ତ୍ରୁଟିପୂର୍ଣ୍ଣ ଅନୁଷ୍ଠାନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବର୍ଷା ଦିନ ଏବଂ ରଥଯାତ୍ରା ସମୟରେ ଜଳବାହିତ ଓ ସଂକ୍ରାମକ ରୋଗର ପ୍ରାଦୁର୍ଭାବ ବଢୁଥିବାରୁ ଷ୍ଟପ୍ ଡାଇରିଆ କ୍ୟାମ୍ପେନ ମାଧ୍ୟମରେ ସ୍ୱାସ୍ଥ୍ୟ ବିଭାଗ ଓ ପଞ୍ଚାୟତିରାଜ ବିଭାଗର ମିଳିତ ସହଯୋଗରେ ଡାଇରିଆ, ଡେଙ୍ଗୁ, ଚିକେନଗୁନିଆ, ମ୍ୟାଲେରିଆ ଆଦି ସମ୍ବନ୍ଧରେ ବ୍ୟାପକ ଜନସଚେତନତା ବିଷୟରେ ସମୀକ୍ଷା କରିଥିଲେ ।



### ଗଠିତ ଜିଲ୍ଲାସ୍ତରୀୟ ଯାଞ୍ଚ ଦଳରେ ଅଗ୍ନିଶମ ଅଧିକାରୀ ସାମିଲ

ଚଳିତବର୍ଷ ଜୁନ୍ ୧୬ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସଚେତନତା ଅଭିଯାନ ଜରିଆରେ ପାନୀୟଜଳର ଉତ୍ସଗୁଡ଼ିକୁ ବିଶୋଧନ କରିବା ସହ ତୃଣମୂଳ ସ୍ତରରେ ଆଶା ଦିଦି ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ଜିଙ୍କ୍ ବଟିକା ଓ ଓଆରଏସ ବଣ୍ଟନ କରି ଲୋକଙ୍କୁ ସତର୍କ କରାଉଛନ୍ତି । ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ଶାସନ ସଚିବ ଅଶ୍ୱଥି ଏସ୍, ବିଭାଗର ସମସ୍ତ ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଏବଂ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀମାନେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିଲେ ।

# ଓଡ଼ିଶାରେ ପେସା ଆଇନ ଲାଗୁ ନ କରିବା ଦୁର୍ଭାଗ୍ୟଜନକ : ଡ. ଭୁରିଆ

ଭୁବନେଶ୍ୱର,(ସବ୍ୟୁ): ଆଦିବାସୀ ବହୁଳ ଓଡ଼ିଶା ରାଜ୍ୟରେ ପେଶା ଆଇନ ଲାଗୁ ହୋଇ ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଅଖିଳ ଭାରତ ଆଦିବାସୀ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ବିକ୍ରାନ୍ତ ଭୁରିଆ କହିଛନ୍ତି । ଏହି ଅବସରରେ କଂଗ୍ରେସ ଭବନ ଠାରେ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସର ଉପଦେଷ୍ଟା ପରିଷଦ ବୈଠକରେ ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରି ଆଗାମୀ ଦିନରେ ଆଦିବାସୀ ସ୍ୱାର୍ଥ ପାଇଁ ଆଦିବାସୀ କଂଗ୍ରେସ ଲଢେଇ କରିବ ବୋଲି ଆହ୍ୱାନ ଦେଇଥିଲେ । ନିଟ୍ ପ୍ରଶ୍ନପତ୍ର ଲିକ୍ ନେଇ ରାହୁଲ ଗାନ୍ଧୀ ଦେଶ ତମାମ୍ ଆରମ୍ଭ କରିଥିବା ଛାତ୍ରୋଁ କି ଗୁଞ୍ଜ କାର୍ଯ୍ୟକ୍ରମ ଶୃଙ୍ଖଳାରେ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସ ଦ୍ୱାରା ବୁଦ୍ଧ ମନ୍ଦିରରେ ଆୟୋଜିତ




ଆଦିବାସୀ ଛାତ୍ରଙ୍କ ସହ ବାର୍ତ୍ତାଳାପ କରି ଆଗାମୀ ଦିନରେ ଏକ ସୁସ୍ଥ ସମାଜ ଗଠନ, ଛାତ୍ରଙ୍କ ଭବିଷ୍ୟତ ନିର୍ମାଣ କରିବା ନିମନ୍ତେ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଥିବା ଡବଲ ଇଞ୍ଜିନ ସରକାରଙ୍କ ବିରୁଦ୍ଧରେ ଲେଇ କରିବା ପାଇଁ ଛାତ୍ରମାନଙ୍କୁ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ତାଙ୍କ ବକ୍ତବ୍ୟରେ କହିଲେ ଯେ ଦେଶବ୍ୟାପୀ ରାହୁଲ ଗାନ୍ଧୀଙ୍କ ଦ୍ୱାରା ଚାଲିଥିବା ଛାତ୍ରୋଂକା ଗୁଞ୍ଜ କାର୍ଯ୍ୟକ୍ରମରେ ବହୁ ସଂଖ୍ୟା ଛାତ୍ରଛାତ୍ରୀ ଯୋଗ ଦେଇ ଛାତ୍ରଛାତ୍ରୀ ଭବିଷ୍ୟତକୁ ଉଜ୍ଜଳ କରିବା ପାଇଁ ଉପସ୍ଥିତ ଛାତ୍ର ଛାତ୍ରୀଙ୍କ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସମେତ ଓଡ଼ିଶା କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସର ଅଧ୍ୟକ୍ଷ ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ଲାଗୁରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ, ଗିରିଧାରୀ ଗମାଙ୍ଗୋ, ବିଧାୟକ ରାଜନ ଏକ୍କା, ଆଦିବାସୀ କଂଗ୍ରେସର ଓଡ଼ିଶା ପ୍ରଭାରୀ ଗଣେଷ ସିଂ ଧ୍ରୁବ୍, ଶଶି ପାନା, ପ୍ରତାପ ପ୍ରଧାନ, ହାରାବତି ଗଣ୍ଡ, ପ୍ରହଲ୍ଲାଦ ପୁର୍ତ୍ତି ସମେତ ବହୁ ପୂର୍ବତନ ବିଧାୟକ ଓ ମନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଦୁଇ ଭଉଣୀଙ୍କୁ ବ୍ଲାକ୍‌ମେଲ ଓ ବଳାତ୍କାର

### ଅଭିଯୁକ୍ତ ଆସାମୀକୁ ୨୦ ବର୍ଷ ଜେଲ୍

କଟକ, (ସବ୍ୟୁ) : ଦୁଇ ଜଣ ନାବାଳିକାଙ୍କୁ ଏସିଡ୍ ମାଡ଼ର ଧମକ ଦେଇ ଅଶ୍ଳୀଳ ଫଟୋ ରଖିବା, ବ୍ଲାକମେଲ୍ କରିବା ଏବଂ ବାରମ୍ବାର ବଳାତ୍କାର କରିବା ଅଭିଯୋଗରେ କଟକର ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଅଭିଯୁକ୍ତ ଚିତ୍ତ ରଞ୍ଜନ ରାଉତ ଓରଫ ବଳିଆକୁ ୨୦ ବର୍ଷର କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୨ ବର୍ଷର ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି । କଟକର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ବିଚାରପତି ହିମାଂଶୁ ଶେଖର ସିଂହ ଏହି ଆଦେଶ ଦେବା ସହ ଦୁଇ ପୀଡ଼ିତାଙ୍କୁ ୪ ଲକ୍ଷ ଲେଖାଏଁ କ୍ଷତିପୂରଣ ପ୍ରଦାନ କରିବାକୁ କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୦ ମସିହାରୁ ୨୦୨୨ ମସିହା ମଧ୍ୟରେ ବାଙ୍କୀ ଥାନା ଅନ୍ତର୍ଗତ ଫୁଲବଡ଼ି ଗ୍ରାମର ବଳିଆ (୨୬) ତାଦର ସମ୍ପର୍କୀୟ ଦୁଇ ଭଉଣୀ (ନାବାଳିକା)ଙ୍କୁ ଏସିଡ୍ ମାଡ଼ କରି ଜୀବନରୁ ମାରିଦେବାର ଧମକ ଦେଇ ସେମାନଙ୍କର ଅଶ୍ଳୀଳ ଫଟୋ ଉଠାଇଥିଲା । ପରେ ସେହି ଫଟୋଗୁଡ଼ିକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାର ଭୟ ଦେଖାଇ ସେ ନାବାଳିକା ଦ୍ୱୟଙ୍କୁ ଗାଁ ମୁଣ୍ଡିଆ (ପାହାଡ଼)କୁ ଡାକି ବଳାତ୍କାର କରିଥିଲା । ପରେ ଅଭିଯୁକ୍ତ ସେହି ଫଟୋଗୁଡ଼ିକୁ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲା, ଯାହା ପରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ୨୦୨୨ ସେପ୍ଟେମ୍ବର ୨୮ରେ ବାଙ୍କୀ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା । ଏହି ଅଭିଯୋଗ ଆଧାରରେ ବାଙ୍କୀ ଥାନା ପକ୍ଷରୁ ଅଭିଯୁକ୍ତକୁ ଗିରଫ କରାଯାଇଥିଲା । ମାମଲାର ଶୁଣାଣି କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ହୋଇଥିଲା । ଅଦାଲତ ବିଭିନ୍ନ ସାକ୍ଷୀ, ପ୍ରମାଣକୁ ଆଧାର କରି ଅଭିଯୁକ୍ତକୁ ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କୃଷ୍ଣଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଥିଲେ ।

# କଣ୍ଟେନର ପଛପଟୁ ଧକ୍କା ଦେଲା ମିନିବସ: ୧୬ ଗୁରୁତର

ବାଲେଶ୍ୱର,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅର୍ନ୍ତଗତ ୧୬ ନମ୍ବର ଜାତୀୟ ରାଜପଥର ବସ୍ତା ବାଇପାସ ନିକଟ କୁଣ୍ଡପୂର ଛକ ନିକଟରେ ବଡ଼ ଦୁର୍ଘଟଣା ଘଟିଛି । ଆଗରେ ଛିଡ଼ା ହୋଇଥିବା କଣ୍ଟେନର ପଛରୁ ଧକ୍କା ଦେଲା ମିନିବସ । ଫଳରେ ସମସ୍ତ ୧୬ ଜଣ ଯାତ୍ରୀ ଗୁରୁତର ହୋଇଥିବା ଜଣାଯାଇଛି । ବୁଧବାର ଭୋର ସମୟରେ କୁଣ୍ଡପୁର ଛକ ନିକଟରେ ଏକ କଣ୍ଟେନର ଅଟକିଥିଲା । ସେହିସମୟରେ ପୁରୀରୁ ଜଗା ଦର୍ଶନ ସାରି ପଶ୍ଚିମବଙ୍ଗର ୧୬ ଜଣକୁ ନେଇ ଫେରୁଥିବା ଓଡ଼ି୦୧ଜେଡ୬୮୦୪ ଏକ ମିନିବସ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ସମସ୍ତ ୧୬ ଜଣ ଗୁରୁତର ହୋଇଥିଲେ । ଖବରପାଇ ଆମ୍ବୁଲାନ୍ସ, ବସ୍ତା ଦମକଳବାହିନୀ ପୋଲିସ ଉପସ୍ଥିତିରେ ସମସ୍ତଙ୍କୁ ଉଦ୍ଧାର କରିଥିଲେ । ୨ ଜଣ ଅତି ଗୁରୁତରଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଥିବା ବେଳେ ଅନ୍ୟ ୧୪ ଜଣଙ୍କୁ ବସ୍ତା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ୧୪ ଜଣ ଯାତ୍ରୀଙ୍କ ମଧ୍ୟରୁ ୫ ଜଣ ପିଲା ୪ ଜଣ ମହିଳା ଅନ୍ୟ ପୁରୁଷ ଯାତ୍ରୀ ଅଛନ୍ତି ।

### ଲାଞ୍ଚ ନେଉଥିବା ବେଳେ

# ଭିଜିଲାନ୍ସ ଦ୍ୱାରା ଧରାପଡ଼ିଲେ ଖଣି ଉପନିର୍ଦ୍ଦେଶକ

ମାଲକାନଗିରି,(ସବ୍ୟୁ): ଜଣେ ବାଲି ବ୍ୟବସାୟୀଙ୍କ ଠାରୁ ୨ ଲକ୍ଷ ୬୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ଖଣି ଉପନିର୍ଦ୍ଦେଶକ ସତ୍ୟଜିତ ରାଉତ ଧରାପଡ଼ିଛନ୍ତି । ମଙ୍ଗଳବାର ରାତିରେ ତାଙ୍କ କ୍ୱାର୍ଟରୁ ଏହି ଟଙ୍କା ଚଢାଉ ସମୟରେ ମିଳିଥିଲା । ଜୟପୁର ଦୁର୍ନୀତି ନିବାରଣ ଇନସ୍ପେକ୍ଟର ଅନୁଭା ଦାଶ ତାଙ୍କୁ ଗିରଫ କରିଥିଲେ । ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ଥିବା ତାଙ୍କର ଆୟବର୍ହିଭୂତ ସମ୍ପତ୍ତି ଉପରେ ଚଢ଼ାଉ କରାଯାଇଥିଲା । ମାଲକାନଗିରି ଏବଂ କୋରାପୁଟ ଦାୟିତ୍ୱରେ ଥିବା ଖଣି ଉପନିର୍ଦ୍ଦେଶକ ସତ୍ୟଜିତ ରାଉତ ଲିଜ୍ ଅବଧି ପରେ ବିସ୍ତାର ଏବଂ ବାଲି ଉତ୍ସର ସ୍ୱଟ୍ ନିଲାମରେ ଲାଭ ଯୋଗାଇବା ପାଇଁ ଦୁଇ ଲକ୍ଷ ୬୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ



ଜୟପୁର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି ।

ଯାଞ୍ଚ ସମୟର ୨ ଲକ୍ଷ ୬୦ ହଜାର ଟଙ୍କା ଜବତ କରାଯାଇଥିବା ବେଳେ ଅନ୍ୟାନ୍ୟ ଘରୁ ନଗଦ ଜବତ ୪. ୯୦ ଲକ୍ଷ ଟଙ୍କା ପ୍ରାପ୍ତ ହୋଇଛି । ଭିଜିଲାନ୍ସ ହାତରେ ଧରା ପଡିବା ପରେ ରାଉତଙ୍କ ଜୟପୁରର ଲିଙ୍ଗରାଜ ନଗରରେ ଥିବା ଆବାସିକ ଘର, ବିଦ୍ୟାଧରପୁର କଟକରେ ଥିବା ଘର ଏବଂ ଓଲକାନା, ମାହାଙ୍ଗା, କଟକ ରେ ଥିବା ଘର ଉପରେ ଏକକାଳୀନ ତଲାସ କରାଯାଇଛି । ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା ୭ ଅନୁଯାୟୀ କୋରାପୁଟ ଭିଜିଲାନ୍ସ ପି.ଏସ୍. ମାମଲା ନଂ ୧୪/୨୦୨୬ ପଞ୍ଜୀକୃତ କରାଯାଇଛି ।ଅଭିଯୁକ୍ତ ରାଉତଙ୍କ ବିରୁଦ୍ଧରେ ମାମଲା ରଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

### ଏଣିକି ପିଏମ୍-ଆବାସ ସହ ଯୋଡ଼ିବ ପିଏମ୍ ସୂର୍ଯ୍ୟଘର

# ସୌରଶକ୍ତି ପାଇଁ ଏକକିଲୋୱାଟ ଲାଗି ଦେବାକୁ ହେବ ୧୮ ୭୫

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଶକ୍ତିକ୍ଷେତ୍ର ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏଣିକି ପ୍ରଧାନମନ୍ତ୍ରୀ ଅବାସ ଯୋଜନାର ପ୍ରଦତ୍ତ ଘର ସହ ପ୍ରଧାମନ୍ତ୍ରୀ ସୂର୍ଯ୍ୟଘର ଯୋଜନାକୁ ସମନ୍ୱିତ କରାଯିବ । ଏହାଦ୍ୱାରା ଘରର ବିଦ୍ୟୁତ ବ୍ୟବହାର ଉପରେ ନିର୍ଭରତା ହ୍ରାସ ପାଇବ ।

ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୁଧବାର ଶକ୍ତି କ୍ଷେତ୍ରର ସୁଧାର, ସୁରକ୍ଷା ଏବଂ କେନ୍ଦ୍ର ଓ ରାଜ୍ୟ ଯୋଜନାର କାର୍ଯ୍ୟକାରିତା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି । ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ



ପ୍ରମୁଖ ଯୋଗ ଦେଇଥିଲେ । ନବୀକରଣୀୟ ଶକ୍ତି ଏବଂ ସୁଲଭ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ ଘୋଷଣା କରିଛନ୍ତି ଯେ ପିଏମ୍-ସୂର୍ଯ୍ୟ ଘର ଯୋଜନାକୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଯଥା ପିଏମ-ଆବାସ ଯୋଜନା ସହ ସଂଯୋଜନ କରାଯିବ । ଏହା ସେମାନଙ୍କ ଇଚ୍ଛାଧୀନ ରହିବ । ଆମର ଲକ୍ଷ୍ୟ ହେଉଛି ପିଏମ୍ ଆବାସ ଏବଂ ଅନ୍ୟାନ୍ୟ ଗୃହ ଯୋଜନାର ପ୍ରତ୍ୟେକ ହିତାଧିକାରୀ ମଧ୍ୟ ସୌର ଶକ୍ତିର ସୁବିଧା ପାଇପାରନ୍ତୁ । ରାଜ୍ୟ ଗୃହ ଯୋଜନା ସହ ପିଏମ୍-ସୂର୍ଯ୍ୟ ଘରକୁ ସଂଯୋଜନ କରି ଆମେ ଲୋକଙ୍କୁ ୨୪ ଘଣ୍ଟିଆ ସୁଲଭ ବିଜୁଳି ଯୋଗାଇ ଦେବା ସହ ସେମାନଙ୍କ ବିଜୁଳି ବିଲ୍ ମଧ୍ୟ ହ୍‌ରାସ କରିବ । ଏହି ଯୋଜନା ଅଧୀନରେ ସହରାଞ୍ଚଳରେ ୧ କିଲୋ ୱାଟ ବିଶିଷ୍ଟ ଛାତ ଉପର ସୌର ଶକ୍ତି ପ୍ୟାନେଲ ସ୍ଥାପନ ପାଇଁ କେନ୍ଦ୍ରରୁ ୩୦, ୦୦୦ ଟଙ୍କା ଏବଂ ରାଜ୍ୟରୁ ୨୫, ୦୦୦ ଟଙ୍କା ସବସିଡି ସହାୟତା ଦିଆଯାଉଛି । ହିତାଧିକାରୀଙ୍କୁ ମାତ୍ର ୧,୮୭୫ ଟଙ୍କା ବ୍ୟୟରେ ଏହି ସୁବିଧା ମିଳିବ । ଶକ୍ତି, ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ଆଦି ବିଭାଗଗୁଡ଼ିକର ସମନ୍ୱୟରେ ଏହି ସୁଧାର କାର୍ଯ୍ୟ ଗୁଡ଼ିକ ପର୍ଯ୍ୟାୟକ୍ରମେ ସମ୍ପାଦନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

ବୈଠକରେ ଶକ୍ତି ବିଭାଗ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ୍‌ର ସିଏମ୍‌ଡି ଭାସ୍କର ଜ୍ୟୋତି ଶର୍ମା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଏସ୍‌ଏନ୍ ଗିରୀଶ ଏବଂ ଶକ୍ତି ବିଭାଗ ଓ ବିଦ୍ୟୁତ ବିତରଣ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ନାଲ୍‌କୋ - ଏନ୍‌ଏଲ୍‌ସି ଇଣ୍ଡିଆ ମଧ୍ୟରେ ମିଳିତ ଉଦ୍ୟମ ଚୁକ୍ତିନାମା

# ଅନୁଗୋଳରେ ପ୍ରତିଷ୍ଠା ହେବ ୧୦୮୦ ମେଗାୱାଟ ପାୱାର ପ୍ଲାଣ୍ଟ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ଅନୁଗୋଳ ଠାରେ ୧୦୮୦ ମେଗାୱାଟ ଥର୍ମାଲ୍ କ୍ୟାପଟିଭ୍ ପାୱାର ପ୍ଲାଣ୍ଟ ସ୍ଥାପନ ପାଇଁ ନ୍ୟାସନାଲ ଆଲ୍ୟୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ଏବଂ ଏନଏଲସି ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ମିଳିତ ଉଦ୍ୟମ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ଏନଏଲସି ଇଣ୍ଡିଆ ଲିମିଟେଡ୍ ର ଅଧ୍ୟକ୍ଷ ଓ ପ୍ରବନ୍ଧ ନିର୍ଦ୍ଦେଶକ (ଅତିରିକ୍ତ ଦାୟିତ୍ୱ) ସନୋଜ କୁମାର ଝା, ନାଲକୋର ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ଖଣି ମନ୍ତ୍ରଣାଳୟର ଯୁଗ୍ମ ସଚିବ ବିବେକ କୁମାର ବାଜପେୟୀ, ନାଲକୋର ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଆରୋରା, ନିର୍ଦ୍ଦେଶକ (ବିତ୍ତ) ଅଭୟ କୁମାର ବେହୁରିଆ, ଏନଏଲସି ଇଣ୍ଡିଆ ଲିମିଟେଡର ନିର୍ଦ୍ଦେଶକ (ବିତ୍ତ) ଡ଼. ପ୍ରସନ୍ନ କୁମାର ଆଚାର୍ଯ୍ୟଙ୍କ ସହ



ଖଣି ତଥା କୋଇଲା ମନ୍ତ୍ରଣାଳୟ ଏବଂ ଉଭୟ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ମିଳିତ ଉଦ୍ୟମ କମ୍ପାନୀ ଆଇନ, ୨୦୧୩ ଅନୁଯାୟୀ ପଞ୍ଜିକୃତ ହେବ ଏବଂ ଏହାର ପଞ୍ଜିକୃତ କାର୍ଯ୍ୟାଳୟ ଚେନ୍ନାଇରେ ତଥା କର୍ପୋରେଟ୍ କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିବ । ପ୍ରତ୍ୟେକ କମ୍ପାନୀର ୫୦% ଇକ୍ୱିଟି ରହିବା ସହ ବିଦ୍ୟୁତ ଆଇନ, ୨୦୦୩ ର ଧାରା ୬୨ ଅନୁଯାୟୀ ୧୦୦% ବିଦ୍ୟୁତ୍ ଯୋଗାଣ ନିମନ୍ତେ ନାଲକୋ ସହିତ ୨୫ ବର୍ଷର ବିଦ୍ୟୁତ୍ କ୍ରୟ ଚୁକ୍ତିନାମା ଏବଂ କୋଲ୍ ଇଣ୍ଡିଆ ଅଧିସୂଚିତ ମୂଲ୍ୟରେ କୋଇଲା ନିମନ୍ତେ ଏନଏଲସି ଇଣ୍ଡିଆ ଲିମିଟେଡ୍ ସହିତ ଏକ ଦୀର୍ଘକାଳୀନ ଇନ୍ଧନ ଯୋଗାଣ ଚୁକ୍ତିନାମାର ଅଂଶ ଅଟେ । ଏହି ଚୁକ୍ତିନାମା ଭାରତ ସରକାରଙ୍କ ଖଣି ଏବଂ କୋଇଲା ମନ୍ତ୍ରଣାଳୟ ଅଧୀନରେ ଥିବା ଦୁଇଟି ନବରତ୍ନ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ କ୍ଷେତ୍ର ଉଦ୍ୟୋଗ ମଧ୍ୟରେ ରଣନୈତିକ ସହଭାଗୀତା ଅଟେ । ଉଲ୍ଲେଖନୀୟ ଯେ, ଚଳିତ ବର୍ଷ ଫେବୃଆରୀ ରେ ଚେନ୍ନାଇରେ ନାଲକୋ ଏବଂ ଏନଏଲସି ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ତାପଜ ଏବଂ ନବୀକରଣୀୟ ଶକ୍ତି ପ୍ରକଳ୍ପ ବିକାଶ ଏବଂ ଦୀର୍ଘକାଳୀନ କୋଇଲା ଯୋଗାଣ ବ୍ୟବସ୍ଥାରେ ସହଯୋଗ ପାଇଁ ବ୍ୟାପକ ଢାଞ୍ଚା ପ୍ରତିଷ୍ଠା ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଦେଶର ଏକ ଅଗ୍ରଣୀ ଆଲୁମିନା ଏବଂ ଆଲୁମିନିୟମ ନିର୍ମାତା ଭାବେ ନାଲକୋ ଓଡ଼ିଶାର ଅନୁଗୋଳ ଠାରେ ବାର୍ଷିକ ୦.୫ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତାର ଆଲୁମିନିୟମ ସ୍ମେଲ୍ଟର ସମ୍ପ୍ରସାରଣ କରୁଛି, ଯାହା ୨୦୩୦ - ୩୧ ରେ କାର୍ଯ୍ୟକ୍ଷମ ହେବା ନିମନ୍ତେ ସମୟ ଧାର୍ଯ୍ୟ କରାଯାଇଛି । ଏହି ପ୍ଲାଣ୍ଟ ନିମନ୍ତେ ଅତିରିକ୍ତ ୮୦୦ ମେଗାୱାଟ କ୍ୟାପ୍ଟିଭ୍ ପାୱାର ଆବଶ୍ୟକତା ରହିଛି । ଏହି ଆବଶ୍ୟକତା ପୂରଣ କରିବା ପାଇଁ, ପ୍ରସ୍ତାବିତ ମିଳିତ ଉଦ୍ୟମକୁ ପର୍ଯ୍ୟାୟକ୍ରମେ ଅନୁଗୋଳ ସ୍ଥିତ ନାଲକୋ ସିପିପି ପରିସରରେ ସ୍ଥାପିତ କରାଯିବ । ଚୁକ୍ତିନାମା ମାଧ୍ୟମରେ ଏନଏଲସି ଇଣ୍ଡିଆ ଲିମିଟେଡ୍ ନାଲକୋକୁ ଆରସିଓ ମାନଦଣ୍ଡ ଅନୁଯାୟୀ ୨୦୦ - ୨୫୦ ମେଗାୱାଟ ନବୀକରଣୀୟ ଶକ୍ତି ଯୋଗାଇଦେବ ବୋଲି ଲକ୍ଷ ରଖାଯାଇଛି । କୋଇଲା ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ଏନଏଲସି ଇଣ୍ଡିଆ ଲିମିଟେଡ଼ର ଲିଗନାଇଟ୍, କୋଇଲା ଖଣି ଏବଂ ତାପଜ/ନବୀକରଣଯୋଗ୍ୟ ବିଦ୍ୟୁତ୍ ଉତ୍ପାଦନରେ ଛଅ ଦଶନ୍ଧିରୁ ଅଧିକ ଅଭିଜ୍ଞତା ରହିଛି । ଏହା ସହିତ, କମ୍ପାନୀର ପ୍ରକଳ୍ପ କାର୍ଯ୍ୟକାରୀ କ୍ଷମତା ଏବଂ ଅନୁଗୋଳ ସ୍ଥିତ ମାଛକଟା ଖଣିରୁ ଦୀର୍ଘକାଳୀନ କୋଇଲା ଯୋଗାଣ ସୁନିଶ୍ଚିତ ଏହି ପ୍ରକଳ୍ପକୁ ସଫଳତା ଆଡକୁ ଆଗେଇନେବାରେ ସହାୟକ ହେବ ।

## ପ୍ରକାଶ ପାଇଲା ଓଷ୍ଟା ଦଶମ ଶ୍ରେଣୀ ଟେଷ୍ଟ ପେପର୍ସ

କଟକ (ସବ୍ୟୁ): ଆସନ୍ତା ୨୦୨୭ ମସିହା ମାଟ୍ରିକ ପରୀକ୍ଷାର୍ଥୀ ମାନଙ୍କ ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରସ୍ତୁତ ପାଠ୍ୟଖସଡ଼ା ଆଧାରରେ ବୁଧବାର ନୟାସଡ଼କସ୍ଥିତ ଓଷ୍ଟାର ମୁଖ୍ୟ କାର୍ଯ୍ୟାଳୟ ଠାରେ ଉଭୟ ସଂପାଦକ ରଞ୍ଜନ କୁମାର ଦାଶ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଉଭୟ ସଂକ୍ଷିପ୍ତ ଓ ଦୀର୍ଘ ଉତ୍ତରମୂଳକ ଟେଷ୍ଟ ପେପର୍ସ ଓଷ୍ଟା ଦ୍ୱାରା ପ୍ରସ୍ତୁତ କରାଯାଇଛି । ଟେଷ୍ଟପେପର୍ସ ପ୍ରକାଶନ କ୍ଷେତ୍ରରେ ଓଷ୍ଟା



ବସ୍ତୁନିଷ୍ଠ ଓ ଦୀର୍ଘ ଉତ୍ତରମୂଳକ ଓଷ୍ଟା ଟେଷ୍ଟ ପେପର୍ସ ପ୍ରକାଶିତ ହୋଇଛି । ବୁଧବାରଠାରୁ ଏହା ବଜାରରେ ଉପଲବ୍ଧ ହୋଇଛି । ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପ୍ରତିବର୍ଷ ପରି ଚଳିତ ବର୍ଷ ଏକ ଅଭିନବ ଉପାୟରେ ଉକ୍ତ ଟେଷ୍ଟ ପେପର୍ସକୁ ପ୍ରସ୍ତୁତ କରିଛି ବୋଲି ଓଷ୍ଟାର ସାଧାରଣ ୬୧ବର୍ଷ ଅତିକ୍ରାନ୍ତ କରିଅଛି । ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ଉପସ୍ଥିତ ଥିଲେ ।

## କୋମାରେ ସ୍ୱାସ୍ଥ୍ୟ ବିଭାଗ : ଯୁବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟରେ ଡବଲ ଇଞ୍ଜିନ ସରକାର ଦୁଇ ବର୍ଷର ପୂର୍ତ୍ତି ପାଳନ କରିଛି । ଅନ୍ୟ ପକ୍ଷରେ ରାଜ୍ୟ ସରା ସ୍ୱାସ୍ଥ୍ୟ ବ୍ୟବସ୍ଥା ବେହାଲ ଅଭିଯୋଗ କରି ଏହି ସରକାର ସମୟରେ ସ୍ୱାସ୍ଥ୍ୟ ବିଭାଗ କୋମାକୁ ଚାଲିଯାଇଛି ବୋଲି ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି । ଶ୍ରୀ ସାମଲ କହିଛନ୍ତି ସ୍ୱାସ୍ଥ୍ୟ ବିଭାଗରେ ବହୁ ଦୁର୍ନୀତି ଏହି ସରକାର ସମୟରେ ହୋଇଥିବାର ସ୍ପଷ୍ଟ ଅନୁଭବ କରାଯାଉଛି । ରାଜ୍ୟରେ ସରକାରୀ ଡାକ୍ତରଖାନାମାନଙ୍କରେ ଡାକ୍ତର ଅଭାବ, ସରକାରୀ ଡାକ୍ତରଖାନାରେ ଭିତ୍ତିଭୂମିର ଅଭାବ ଥିବାବେଳେ ମନ୍ତ୍ରୀ ଏଥିରେ ଚୁପ୍ ବସିଛନ୍ତି । ସରକାରୀ ଡାକ୍ତରଖାନାକୁ ବିତରଣ କରାଯାଉଥିବା ଆବଶ୍ୟକୀୟ ଡାକ୍ତରୀ ଉପକରଣ କିଛି ନିର୍ଦ୍ଦିଷ୍ଟ ଘରୋଇ କମ୍ପାନୀକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜାଣତରେ ଅହେତୁକ ଅନୁକମ୍ପା ଦେଖାଇ ବିତରଣ କରାଯାଉଛି । ଓଡ଼ିଶାରେ ସ୍ୱାସ୍ଥ୍ୟ ବିଭାଗର ବିକଳ ଚିତ୍ର ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ଲୋକଙ୍କ ସରକାର କହୁଥିବା ଏହି ସରକାର ସ୍ୱାସ୍ଥ୍ୟ ବିଭାଗ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଅଣଦେଖା କରାଯାଉଛି । ଆଗାମୀ ଦିନରେ ଯୁବକ କଂଗ୍ରେସ ରାଜରାସ୍ତାରେ ପ୍ରଶ୍ନ କରିବା ସହ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କୁ ଜୋରଦାର ବିରୋଧ ପ୍ରଦର୍ଶନ କରାଯିବବୋଲି ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଶ୍ରୀ ସାମଲ କହିଛନ୍ତି ।

### ୫ ମନ୍ଦିରରୁ ସିରିଜ ଚୋରି

ବାଲେଶ୍ୱର,(ସବ୍ୟୁ) : ବାଲେଶ୍ୱରଜିଲ୍ଲା ପଣପଣା ପଂଚାୟତ ବେଗୁନିଆ ଗ୍ରାମର ୱାର୍ଡ ନଂ -୫ ରେ ଥିବା ବାବା ମଦନ ଜୀଉ ମନ୍ଦିର ,ମା ମଙ୍ଗଳା ମନ୍ଦିର ,ବରୁଣେଇ ମନ୍ଦିର ,ହରିହାଟ ଘରେ ଥିବା ଠାକୁରଙ୍କ ଆସ୍ଥାନାରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଗହଣା ସହିତ ରୁପା,ଆସବାବପତ୍ର ଲୁଟିନେଇଥିବା ବୁଧବାର ଖନ୍ତାପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଚୋରି ହୋଇଥିବା ସମସ୍ତ ଅଳଙ୍କାର ଓ ଆସବାପତ୍ରର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଅଭିଯୋଗ ପତ୍ରରେ ଉଲେଖ ହୋଇଛି ।ଖବର ପାଇ ଖନ୍ତାପଡ଼ା ଥାନାର ଏ ଏସ୍ ଆଇ ଅମିତା ଦାସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଗ୍ରାମବାସୀଙ୍କ ଠାରୁ ପଚାରି ବୁଝିଥିଲେ । ଦିନକୁ ଦିନ ଦୁର୍ବୃତ୍ତମାନେ ଲୁଟିବା ପାଇଁ ମନ୍ଦିରକୁ ଟାର୍ଗେଟ କରୁଥିବା ବେଳେ ଅଧିକ ଯାଞ୍ଚ ପାଇଁ ସାଇଣ୍ଟିଫିକ ଟିମ ସହିତ ଯାଞ୍ଚ ହେବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି ।

## ସଡ଼କ ସୁରକ୍ଷା ଓ ଦୁର୍ଘଟଣା ହ୍ରାସ କର୍ମଶାଳା ନେଇ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର , (ସବ୍ୟୁ) : ବଢୁଥିବା ଜନସଂଖ୍ୟା ଓ ସଚେତନତା ଅଭାବରୁ ଦିନକୁ ଦିନ ସଡ଼କ ଦୁର୍ଘଟଣା ଘଟଣାମାନ ଦେଖିବାକୁ ମିଳୁଛି । ଦ୍ରୁତ ଗତିରେ ଗାଡ଼ି ଚଳାଇବା, ହେଲ୍‌ମେଟ୍ ପରିଧାନ ନ କରିବା, ଟ୍ରାଫିକ୍ ନିୟମ ନ ମାନିବା ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ଯୋଗୁଁ ଅନେକ ଦୁର୍ଘଟଣା ଘଟିବା ସହ ଧନଜୀବନ ହାନି ଘଟୁଛି । ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ଏବଂ ସୁରକ୍ଷିତ ଯାତ୍ରାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଗାମୀ ଦିନରେ ଏକ ଦୁଇଦିନିଆ କର୍ମଶାଳା ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦୁର୍ଘଟଣାର ସ୍ଥିତି, ଦୁର୍ଘଟଣାର କାରଣ ଏବଂ ଏହାକୁ କମ୍ କରିବା ଦିଗରେ କ'ଣସବୁ ପଦକ୍ଷେପ



ନିଆଯାଇପାରିବ ସେଥିନେଇ ଆଲୋଚନା ହୋଇଥିଲା । ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଦୁର୍ଘଟଣାପ୍ରବଣ ଅଞ୍ଚଳ ଚିହ୍ନଟ ସହ ଏହାର ସଠିକ୍ ପରିଚାଳନା, ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରି ଉନ୍ନତ ତଥା ଦୁର୍ଘଟଣାମୁକ୍ତ ରାସ୍ତା ନିର୍ମାଣ, ଜାତୀୟ ରୋଡ୍ କଂଗ୍ରେସ୍ ମାର୍ଗଦର୍ଶିକା ଅନୁସାରେ ପାଦଚଲା ରାସ୍ତା ନିର୍ମାଣ ଏବଂ ବିଭିନ୍ନ ବିଭାଗ ସମନ୍ୱୟରେ ଜିଲ୍ଲାୱାରୀ ସଡ଼କ ଦୁର୍ଘଟଣା ହ୍ରାସ ଲାଗି ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଥିଲେ । ଏଥି ସହିତ ରାସ୍ତା କଡ଼ରେ ଭାରିଯାନ ରହିବା ସ୍ଥାନ ଏବଂ ୱେ-ସାଇଡ୍ ଆମିନିଟିଜ୍ ନିର୍ମାଣ ସହ ଦୁର୍ଘଟଣାପ୍ରବଣ ଅଞ୍ଚଳରେ ଆମ୍ବୁଲାନ୍ସ ରହଣି ନେଇ ବ୍ୟବସ୍ଥା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ପରିବହନ କମିଶନର ଅମିତାଭ୍ ଠାକୁରଙ୍କ ସମେତ ପୂର୍ତ୍ତ ବିଭାଗ, ଜାତୀୟ ରାଜପଥ ପ୍ରାଧିକରଣ, ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ରମାଦେବୀ ବିଶ୍ୱବିଦ୍ୟାଳୟରେ ଗଣ୍ଡଗୋଳ ଘଟଣା

## ଅଣଛାତ୍ରଙ୍କୁ ତୁରନ୍ତ ଗିରଫ ଦାବି କଲା ବିଜେଡି

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟରେ ଅଣଛାତ୍ର ମାନେ ପ୍ରବେଶ କରି ଗଣ୍ଡଗୋଳ କରିବା ସହ ଛାତ୍ରୀମାନଙ୍କୁ ବଳାତ୍କାର କରି ଜୀବନରୁ ମାରିଦେବାକୁ ଯେପରି ଧମକ ଦେଲେ ତାହା ନିନ୍ଦନୀୟ ବୋଲି ବିଜେଡି କହିଛି । ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ ଅଣଛାତ୍ର ମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି । ଡ. ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ କିଛି ଅଣଛାତ୍ର କ୍ୟାମ୍ପସ ମଧ୍ୟକୁ ପ୍ରବେଶ କରି ଗଣ୍ଡଗୋଳ କରିଛନ୍ତି । କିଛି ପୁରୁଷ ଅଣଛାତ୍ର, ବିଶ୍ୱବିଦ୍ୟାଳୟରେ ଛାତ୍ରୀ ମାନଙ୍କୁ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଛନ୍ତି । ଯାହା ଲାଗୁଛି ପୁଣିଥରେ ସୌମ୍ୟାଶ୍ରୀ ଘଟଣାର ପୁନରାବୃତ୍ତି ହେବାକୁ ଯାଉଛି । ନ୍ୟାୟ ନପାଇ ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ବର୍ଷକ ପୂର୍ବେ ଆତ୍ମହତ୍ୟା କରିଥିଲେ । ଏବିଭିପି ଓ ଅଶୈକ୍ଷିକ ପରିବେଶ ପାଇଁ ସେ ନ୍ୟାୟ ନପାଇ ଆତ୍ମାହୁତି ଦେଇଥିଲେ । ବାଲେଶ୍ୱର ସାଂସଦ ଓ ବିଧାୟକ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବାରୁ ବିଜେପି ସରକାର କରିଥିଲେ । ବିଶ୍ୱବିଦ୍ୟାଳୟର ଛାତ୍ରୀ ମାନେ ବିରୋଧ କରିବାରୁ ବଳାତ୍କାର କରି ଜୀବନରୁ ମାରିଦେବାକୁ ଛାତ୍ରୀମାନଙ୍କୁ ଧମକ ଦେଇଥିଲେ । ଗଣ୍ଡଗୋଳରେ ଏବିଭିପିର ପୁରୁଷ ଅଣଛାତ୍ର ମାନଙ୍କ ସମ୍ପୃକ୍ତି ଥିବାରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାମଲା



କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପୁରୁଷ ମାନଙ୍କୁ ପ୍ରବେଶ ନିଷେଧ ଥିବାବେଳେ ପୁରୁଷ ଅଣଛାତ୍ର କିପରି ଗଣ୍ଡଗୋଳ କରିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ୧୬ ଜଣ ଅଣଛାତ୍ର ଧାରୁଆ ମାରଣାସ୍ତ୍ର ଧରି କ୍ୟାମ୍ପସରେ ପ୍ରବେଶ କରି ଗଣ୍ଡଗୋଳ ଦାୟର ହେଲା ନାହିଁ । ରମାଦେବୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏବିଭିପି ପ୍ରତି କୋହଳ ମନୋଭାବ ପୋଷଣ କରୁଛନ୍ତି । ଇପ୍ସୀତା ସାହୁ କହିଥିଲେ ଯେ, ମହିଳା ସୁରକ୍ଷାକୁ ନେଇ ଡିଣ୍ଡିମ୍ ପିଟୁଥିବା ବିଜେପି ସରକାର ବାସ୍ତବରେ ମହିଳାଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ।

## ସ୍ମାର୍ଟ ସିଟି ଭୁବନେଶ୍ୱରରେ ଓଡ଼ିଶାର ପ୍ରଥମ ସ୍ମାର୍ଟ ସ୍କାଏୱାକ

### ପଳାଶୁଣୀ-ରସୁଲଗଡ ୪୫୦ ମିଟର ସ୍କାଏୱାକ, ଖର୍ଚ୍ଚ ହେବ ୧୮ କୋଟି ୪୨ ଲକ୍ଷ ଟଙ୍କା

ଭୁବନେଶ୍ୱର , (ସବ୍ୟୁ) : ଓଡ଼ିଶାରେ ପ୍ରଥମ ଥର ପାଇଁ ନିର୍ମାଣ ହେବାକୁ ଯାଉଛି ସ୍କାଏୱାକ ବା ଆକାଶ ମାର୍ଗ ଚଲାପଥ। ସ୍ମାର୍ଟ ସିଟି ତଥା ରାଜଧାନୀ ଭୁବନେଶ୍ୱରର ଜାତୀୟ ରାଜପଥ ଅନ୍ତର୍ଗତ ପଳାଶୁଣୀ ଠାରୁ ରସୁଲଗଡ ପର୍ଯ୍ୟନ୍ତ ଭିଡ ଓ ବ୍ୟସ୍ତ ବହୁଳ ସ୍ଥାନରେ ଏନ୍.ଏଚ୍.ଏ.ଆଇ ନିର୍ମାଣ କରିବ ଅତ୍ୟାଧୁନିକ ସ୍କାଏୱାକ୍। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ବାରମ୍ବାର ପ୍ରୟାସ, ବିଭାଗୀୟ ମନ୍ତ୍ରୀ ନୀତିନ୍ ଗଡ଼କରୀ ଓ ବିଭାଗୀୟ ଅଧିକାରୀଙ୍କ ସହିତ ଉଚିତ୍ ଯୋଗାଯୋଗ ରକ୍ଷା କରି ଭିଡ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଆରମ୍ଭ ହୋଇଛି ସଫଳ ପ୍ରୟାସ। ଏହି ଅତ୍ୟାଧୁନିକ ସ୍କାଏୱାକ ସମ୍ପୂର୍ଣ୍ଣ ଷ୍ଟିଲ ଓ କାଚରେ ନିର୍ମିତ ହେବାକୁ ଥିବା ବେଳେ ଏହା ରସୁଲଗଡ଼ରୁ ପଳାସୁଣି ପର୍ଯ୍ୟନ୍ତ ପ୍ରାୟ ୪୫୦ ମିଟର ଲମ୍ବା




ଏବଂ ୩ ମିଟର ଓସାର ବିଶିଷ୍ଟ ନିର୍ମାଣ କରାଯିବ। ଏହା ସହିତ ୪୫ ମିଟର ଲମ୍ବା ଓ ୩ ମିଟର ଓସାର ବିଶିଷ୍ଟ ରସୁଲଗଡ, ପଳାଶୁଣୀ କେନାଲ ଓ ଜିଜିପି କଲୋନୀ ନିକଟରେ ତିନୋଟି ଫୁଟ୍ ଓଭରବ୍ରିଜ୍ ମଧ୍ୟ ନିର୍ମାଣ କରାଯିବ ।ଯେଉଁଠାରେ ଉଭୟ କଡ଼ରେ ଲିଫ୍ଟ ବ୍ୟବସ୍ଥା ରହିବ ।ଏହି ପ୍ରକଳ୍ପର ବିଶେଷତ୍ୱ ହେଉଛି, ସ୍କାୟୱାକ୍ ଓ ଫୁଟ୍ ଓଭରବ୍ରିଜ୍‌ଗୁଡ଼ିକ ଆଧୁନିକ ଷ୍ଟିଲ୍ ସଂରଚନା ଏବଂ ଟଫେନ୍ଡ ଗ୍ଲାସ୍ (ମଜବୁତ କାଚ) ବ୍ୟବହାର କରି ନିର୍ମାଣ ହେବ। ଯାତ୍ରୀମାନଙ୍କ ସୁବିଧା ପାଇଁ ୬ଟି ଅତ୍ୟାଧୁନିକ ଲିଫ୍ଟ ସ୍ଥାପନ କରାଯିବ। ପୂର୍ବରୁ ଥିବା ପଳାଶୁଣୀ ଫୁଟ୍ ଓଭର ବ୍ରିଜ୍ ମଧ୍ୟ ଏହା ସହ ସଂଯୁକ୍ତ ରହିବ ।ମୋଟ ୧୮ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆସନ୍ତା ମାର୍ଚ୍ଚ ୨୦୨୭ ସୁଦ୍ଧା ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ପ୍ରକଳ୍ପ ଶିଳାନ୍ୟାସ କାର୍ଯ୍ୟକ୍ରମ ଅବସରରେ ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ।ଏହି ସ୍କାଏୱାକ୍ ନିର୍ମାଣ ପରେ ରସୁଲଗଡ଼ ପଳାଶୁଣୀ ଅଞ୍ଚଳରେ ପଥଚାରୀମାନଙ୍କୁ ବ୍ୟସ୍ତ ଜାତୀୟ ରାଜପଥ ଅତିକ୍ରମ କରିବାକୁ ପଡ଼ିବ ନାହିଁ। ବସ୍‌ରୁ ଓହ୍ଲାଇଥିବା ଯାତ୍ରୀମାନେ ସୁରକ୍ଷିତ ଭାବେ ସ୍କାଏୱାକ୍ ମାଧ୍ୟମରେ ଯାତାୟାତ କରିପାରିବେ। ଏହା ଦ୍ୱାରା ସଡ଼କ ଦୁର୍ଘଟଣା ହ୍ରାସ ପାଇବା ସହ ପଥଚାରୀଙ୍କ ସୁରକ୍ଷା ବହୁଗୁଣ ବୃଦ୍ଧି ପାଇବ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍ତର ବିଜେପି ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର, ବିଜେପି ନେତା ରୁଦ୍ର ନାରାୟଣ ସାମନ୍ତରାୟ, ସାଂସଦଙ୍କ ପ୍ରତିନିଧି ପ୍ରଣୟ କରଣ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ବରିଷ୍ଠ ଅଧିକାରୀ ପ୍ରଦୀପ ଲାଲ୍,ସୂରଜ ସିଂ,ମଣ୍ଡଳ ସଭାପତି ଗୋପୀନାଥ , ଲିପା ଦାସ,ପଳାଶୁଣୀ ଗ୍ରାମ ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ସାହୁ, ଯୁବ ନେତା ସିଲୁ,ଜଳନ୍ଧର ସୁବୁଦ୍ଧି,ସଞ୍ଜୋଗ ରାଉତରାୟ, ସୌରଭ ପ୍ରମୁଖ ଉପସ୍ଥିତ ଥିଲେ।

## ୧୧ ଓ ୧୨ରେ ସୋଆରେ ଅନୁଷ୍ଠିତ ହେବ ଆଇଏନ୍‌ଏ ଆଇ ର 'ଟେକ୍ନୋଲୋଜି କନ୍‌କ୍ଲେଭ

ଭୁବନେଶ୍ୱର, (ସବ୍ୟୁ) : ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଓ ଜାତୀୟ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ପାଇଁ ଇଣ୍ଡିଆନ୍ ନ୍ୟାସନାଲ୍ ଏକାଡେମୀ ଅଫ୍ ଇଞ୍ଜିନିୟରିଂ (ଆଇଏନଏଆଇ) ପକ୍ଷରୁ 'ଟେକ୍ନୋଲୋଜି କନ୍‌କ୍ଲେଭ-୨୦୨୬' ଜୁଲାଇ ୧୧ ଓ ୧୨ ତାରିଖରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏହି ଦୁଇ ଦିନିଆ କନ୍‌କ୍ଲେଭରେ ବଂଟିତ କ୍ଷୁଦ୍ର ଓ ମଧ୍ୟମ ଆକାରର ପରମାଣୁ ରିଆକ୍ଟର ମାଧ୍ୟମରେ ଦୀର୍ଘମିଆଦୀ ଶକ୍ତି ସୁରକ୍ଷା, ତୈଳ ଓ ପ୍ରାକୃତିକ ଗ୍ୟାସ ଅନ୍ୱେଷଣ, କୋଇଲା ଗ୍ୟାସିଫିକେସନ୍, କ୍ରିଟିକାଲ୍ ମିନେରାଲ୍ ଓ ରେୟାର ଆର୍ଥ ଉତୋଳନ, ସେମିକଣ୍ଡକ୍ଟର ପ୍ରଯୁକ୍ତି, ସ୍ୱାସ୍ଥ୍ୟସେବା ପ୍ରଯୁକ୍ତି, ପରିବହନ ଓ ଲଜିଷ୍ଟିକ୍ସ ଏବଂ ଯୋଗାଯୋଗ ପ୍ରଯୁକ୍ତି ଭଳି ବିଷୟ ଉପରେ ବିଶେଷ ଆଲୋଚନା




ହେବ ବୋଲି ବୁଧବାର ସୋଆରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଇଏନ୍‌ଏଆଇର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। । ଇଞ୍ଜିନିୟରିଂ କ୍ଷେତ୍ରର ଗବେଷକ, ଅଧ୍ୟାପକ, ବୈଷୟିକ ବିଶେଷଜ୍ଞ ଓ ଶିଳ୍ପ କ୍ଷେତ୍ରର ପ୍ରତିନିଧିମାନଙ୍କ ପାଇଁ ଏହି କନ୍‌କ୍ଲେଭ ଜ୍ଞାନର ଆଦାନ-ପ୍ରଦାନ ଓ ବୈଷୟିକ ଆଲୋଚନାର ଏକ ପ୍ରମୁଖ ମଂଚ ହେବ। ଯୁବ ଇଞ୍ଜିନିୟରମାନଙ୍କୁ ଦେଶ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ କରାଇବା ସହ ସେଗୁଡ଼ିକର ନବସୃଜନାତ୍ମକ ସମାଧାନ ଖୋଜିବା ଏହାର ଉଦ୍ଦେଶ୍ୟ। ଏହା ସହିତ ଷ୍ଟାର୍ଟଅପ୍ ଓ ଉଦ୍ୟୋଗୀମାନଙ୍କୁ ଏହା ସେମାନଙ୍କର ଉଦ୍‌ଭାବନମୂଳକ ପ୍ରୟାସ ପ୍ରଦର୍ଶନ କରିବାର ସୁଯୋଗ ମଧ୍ୟ ପ୍ରଦାନ କରିବ ବୋଲି ସୋଆର ଆନ୍ତର୍ଜାତିକ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ତଥା ଅଲ୍ ଇଣ୍ଡିଆ କାଉନ୍‌ସିଲ ଫର ଟେକ୍ନିକାଲ୍ ଏଜୁକେସନର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଆଇଆଇଟି ଖଡ଼ଗପୁରର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଆଚାର୍ଯ୍ୟ କହିଛନ୍ତି ଯେ ଏହି କନକ୍ଲେଭରେ ବିସ୍ତୃତ ସାରାଂଶ ଉପସ୍ଥାପନା ମାଧ୍ୟମରେ ଶିକ୍ଷାନୁଷ୍ଠାନ, ଗବେଷଣା ସଂସ୍ଥା ଓ ଶିଳ୍ପ କ୍ଷେତ୍ର ମଧ୍ୟରେ ସହଯୋଗ ବୃଦ୍ଧି କରାଯିବ। ଉଦ୍‌ଘାଟନୀ ଅଧିବେଶନରେ 'ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)'ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡଃ ଅଶୋକ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହି ଅଧିବେଶନକୁ ଆଇଏନଏଇର ସଭାପତି ଜେ. ଡି. ପାଟିଲ୍ ପରିଚାଳନା କରିବେ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଆଇଆଇଟି ଭୁବନେଶ୍ୱରର ଡିନ୍ ପିଜି ଆଣ୍ଡ ରିସର୍ଚ୍ଚ ପ୍ରୋଗ୍ରାମ ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଉପସ୍ଥିତ ରହି ସମ୍ମିଳନୀ ସମ୍ପର୍କରେ ସୂଚନା ଦେଇଥିଲେ।

## ପୋଲିସ ପକ୍ଷରୁ ଶ୍ରୀମନ୍ଦିର ନିକଟରେ ଅପରେସନ୍ ଚକ୍ରବ୍ୟୂହ

ପୁରୀ, (ସବ୍ୟୁ) : ରଥଯାତ୍ରା ସମୟରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ପୋଲିସ ପକ୍ଷରୁ ଶ୍ରୀମନ୍ଦିର ନିକଟରେ ଅପରେସନ ଚକ୍ରବ୍ୟୂହ କରାଯାଇଛି। ମୁତୟନ ଥିଲେ ଦୁଇଟି ସ୍ନାଇପର ଟିମ୍ ସହ ୪ ଟି ଭାଗରେ ବିଭକ୍ତ ହୋଇ ଥିଲେ ସ୍ୱତନ୍ତ୍ର ଟ୍ରକ୍ଟିକାଲ ଟିମର କମାଣ୍ଡୋ ।ଏଥିସହ ଅଗ୍ନିଶମ ବିଭାଗର ଲ୍ୟାଡର୍, କେ ୯ ସନ୍ଧାନୀ କୁକୁର,ବୋମା



ନିଷ୍କ୍ରିୟକାରୀ ଦଳ ।ହଠାତ୍ ରଥଯାତ୍ରା ଗହଳି ଭିତରେ ଦୁଇ ଜଣ ଆତଙ୍କବାଦୀ ବନ୍ଧୁକ ଧରି ଅତର୍କିତ ଭାବେ ଗୁଳିଚାଳନା କରିବା ସହ ଅନେକ ଶ୍ରଦ୍ଧାଳୁଙ୍କୁ ପଣବନ୍ଦୀ କରି ଏକ ସୁଉଚ୍ଚ ବିଲ୍ଡିଙ୍ଗରେ ଆତ୍ମଗୋପନ କରିଥିଲେ ।ଏହି ଖବର ପାଇ ପ୍ରଥମେ ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇଥିଲା ।ଏହା ଏକ ଚ୍ୟାଲେଞ୍ଜିଙ୍ଗ ଅପରେସନ ଥିବାରୁ ଅତି ସତର୍କତାର ସହ ଅଗ୍ନିଶମ ବିଭାଗର ସୁଉଚ୍ଚ ଲ୍ୟାଡର୍ ଯୋଗେ କୋଠାକୁ ଯାଇଥିଲେ ସ୍ୱତନ୍ତ୍ର ଟ୍ରକ୍ଟିକାଲ ଟିମର କମାଣ୍ଡୋ ।ଆଉ ଦୁଇଟି ଟିମ୍ ରଶି ସହାୟତାରେ ଛାତ ତଳକୁ ଆସି ଜଗି ରହିଥିଲେ ।ସେମାନଙ୍କୁ ବ୍ୟାକ ଅପ ଦେବା ପାଇଁ ୪ ଟି ହିଟ୍ ଟିମ୍ ପ୍ରବେଶ କରିଥିଲେ ।ଶ୍ରୀମନ୍ଦିର ନିକଟ ବାଗେଡିଆ ଧର୍ମଶାଳାରେ ଆତଙ୍କବାଦୀ ଆତ୍ମଗୋପନ କରିଥିଲେ ।ଅତ୍ୟାଧୁନିକ ରୋବଟ ସାହାଯ୍ୟରେ ପ୍ରଥମେ ଆତଙ୍କବାଦୀଙ୍କ ଲୋକେସନ ଠାବ କରାଯାଇଥିଲା। ଆତଙ୍କବାଦୀ କବଜାରେ ଥିବା ଶ୍ରଦ୍ଧାଳୁଙ୍କୁ ପ୍ରଥମେ ସତର୍କତାର ସହ କମାଣ୍ଡୋ ମାନେ ଉଦ୍ଧାର କରିଥିଲେ ।ଆତଙ୍କବାଦୀଙ୍କ ଗୁଳି ମାଡ଼ରେ ଆହତ ହୋଇଥିବା ପୋଲିସ କର୍ମଚାରୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ପଠାଯାଇଥିଲା ।ପରେ ଅପରେସନ ଚକ୍ରବ୍ୟୂହ ମାଧ୍ୟମରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା ।ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ପରି ବୁଧବାର ପୁରୀରେ ମକଡ୍ରିଲ କରାଯାଇଥିଲା ।ପ୍ରଥମେ ସକାଳେ ଏକ ତାରକା ହୋଟେଲରେ ଓ ପରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଏହି ମକଡ୍ରିଲ କରାଯାଇଥିଲା ।ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ ଥିବାରୁ ମକଡ୍ରିଲ ହେଉଥିବା ସ୍ଥାନର ଦୁଇ ପାର୍ଶ୍ୱକୁ ବନ୍ଦ କରିଦିଆଯାଇଥିଲା। ସ୍ୱତନ୍ତ୍ର ଟ୍ରକ୍ଟିକାଲ ଟିମର ଏଏସଓଜି, ଓଡ଼ିଶା ପୋଲିସ ,ବୋମା ନିଷ୍କ୍ରିୟକାରୀ ଦଳ, ଡଗ ସ୍କ୍ୱାର୍ଡ,ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ସହଯୋଗରେ ଏହି ମକ ଡ୍ରିଲ୍ କରାଯାଇଥିଲା।

## ରକ୍ତଦାତା ମହାକୁମ୍ଭରେ ଆନ୍ତର୍ଜାତିକ ରକ୍ତସେବା ସମ୍ମାନ

# ସମ୍ମାନିତ ହେଲେ ଡଃ ନିରୋଜ କୁମାର ପୋଥାଳ



ବାରିପଦା, (ସବ୍ୟୁ) : ବିହାରର ଜାମୁହରସ୍ଥିତ ଗୋପାଳ ନାରାୟଣ ସିଂହ ବିଶ୍ୱବିଦ୍ୟାଳୟ ପରିସରରେ ପଥପ୍ରଦର୍ଶକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ରକ୍ତଦାତା ମହାକୁମ୍ଭ ୨ରେ ଓଡ଼ିଶାର ବିଶିଷ୍ଟ ନିୟମିତ ରକ୍ତଦାତା ଡଃ ନିରୋଜ କୁମାର ପୋଥାଳଙ୍କୁ "ଆନ୍ତର୍ଜାତିକ ରକ୍ତସେବା ସମ୍ମାନରେ ସମ୍ମାନିତ କରାଯାଇଛି ।

ଏହି ମହାକୁମ୍ଭରେ ଭାରତର ବିଭିନ୍ନ ରାଜ୍ୟ ସମେତ ପଡୋଶୀ ଦେଶ ନେପାଳ ଓ ଭୁଟାନରୁ ମଧ୍ୟ ନିୟମିତ ରକ୍ତଦାତାମାନଙ୍କୁ ଆମନ୍ତ୍ରଣ କରାଯାଇଥିଲା । ଡଃ ପୋଥାଳଙ୍କର ଦୀର୍ଘଦିନର ନିଷ୍ଠାପୂର୍ଣ୍ଣ ରକ୍ତସେବାକୁ ସ୍ୱୀକୃତି ଦେଇ ତାଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।

ପ୍ରକାଶ ଯେ, ଡଃ ନିରୋଜ କୁମାର ପୋଥାଳ ଏପର୍ଯ୍ୟନ୍ତ କ୍ୟାନ୍ସର, ଡେଙ୍ଗୁ ଓ ବୋନ୍‌ମେରୋ ରୋଗୀଙ୍କ ପାଇଁ ୨୬ଥର ପ୍ଲେଟଲେଟ୍ (ଏସ୍‌ଡିପି) ଦାନ କରିଥିବାବେଳେ ମୋଟ୍ ୧୩୭ଥର ରକ୍ତଦାନ କରି ମାନବସେବାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି । ତାଙ୍କର ଏହି ଉଲ୍ଲେଖନୀୟ ସେବାକୁ ସ୍ୱୀକୃତି ଦେଇ ତାଙ୍କୁ "ଆନ୍ତର୍ଜାତିକ ରକ୍ତସେବା ସମ୍ମାନ ପ୍ରଦାନ କରାଯାଇଛି । ପଥପ୍ରଦର୍ଶକ ଅନୁଷ୍ଠାନର ପ୍ରତିଷ୍ଠାତା ବମେନ୍ଦ୍ର କୁମାର ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋପାଳ ନାରାୟଣ ସିଂହ ବିଶ୍ୱବିଦ୍ୟାଳୟର ପ୍ରତିକୁଳାଧିପତି ଗୋବିନ୍ଦ ନାରାୟଣ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।

ସମ୍ମାନିତ ଅତିଥି ଭାବେ ବିହାର ସରକାରଙ୍କ ଏଡ୍ସ କଣ୍ଟ୍ରୋଲ ସୋସାଇଟିର ଅତିରକ୍ତ ପରିଯୋଜନା ନିର୍ଦ୍ଦେଶକ ଡଃ ଏନ୍.କେ. ଗୁପ୍ତା, ରକ୍ତକେନ୍ଦ୍ର ପ୍ରଭାରୀ ଡଃ ଆଶୁତୋଷ କୁମାର ସିଂହ ଏବଂ ବିପିନ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଡଃ ନିରୋଜ କୁମାର ପୋଥାଳ ଏହି "ଆନ୍ତର୍ଜାତିକ ରକ୍ତସେବା ସମ୍ମାନରେ ସମ୍ମାନିତ ହେବା ପରେ ଓଡ଼ିଶା ସମେତ ବିଭିନ୍ନ ମହଲରୁ ତାଙ୍କ ପ୍ରତି ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି ।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପାଠପଢ଼ା ନେଇ ବଢ଼ିଲା ଚିନ୍ତା

# ୯୬ ଅତିଥି ଅଧ୍ୟାପକ ଆବଶ୍ୟକ ଥିବାବେଳେ ମଞ୍ଜୁର ମିଳିଲା ୭୫

ବାରିପଦା, (ସବ୍ୟୁ) : ରାଜ୍ୟରେ ଚଳିତ ୨୦୨୬-୨୭ ଶିକ୍ଷାବର୍ଷ ଆରମ୍ଭ ହୋଇସାରିଥିଲେ ମଧ୍ୟ ଅତିଥି ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ ଏବଂ ଆବଶ୍ୟକତା ତୁଳନାରେ କମ୍ ପଦ ଅନୁମୋଦନକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ବିଶେଷକରି ରାଜ୍ୟର ସର୍ବଶ୍ରେଷ୍ଠ ମହାବିଦ୍ୟାଳୟ ମଧ୍ୟରେ ଅନ୍ୟତମ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏହି ସମସ୍ୟା ଅଧିକ ସ୍ପଷ୍ଟ ହୋଇଛି । ମହାବିଦ୍ୟାଳୟ କର୍ତ୍ତୃପକ୍ଷ କାର୍ଯ୍ୟଭାର ଏବଂ ଛାତ୍ରଛାତ୍ରୀଙ୍କ ସଂଖ୍ୟାକୁ ବିଚାର କରି ବିଭିନ୍ନ ବିଷୟ ପାଇଁ ୯୬ଜଣ ଅତିଥିଅଧ୍ୟାପକ ନିଯୁକ୍ତିର ଆବଶ୍ୟକତା ଉଲ୍ଲେଖ କରି ଉଚ୍ଚଶିକ୍ଷା ବିଭାଗକୁ ପ୍ରସ୍ତାବ ପଠାଇଥିଲେ । କିନ୍ତୁ ସରକାର ଗତ ୫ତାରିଖରେ କେବଳ ୭୫ଟି ପଦକୁ ଅନୁମୋଦନ କରିଛନ୍ତି । ଅର୍ଥାତ୍ ମହାବିଦ୍ୟାଳୟର ଦାବି ତୁଳନାରେ ୨୧ଟି ପଦ କମ୍ ମଞ୍ଜୁର ହୋଇଛି ।



ଅନୁମୋଦିତ ପଦ ସଂଖ୍ୟାକୁ ନେଇ ଅନେକ ବିଭାଗର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବାଣିଜ୍ୟ ବିଭାଗ ପାଇଁ ୫ଟି ପଦ ଦାବି କରାଯାଇଥିବାବେଳେ ମଞ୍ଜୁର ହୋଇଛି ମାତ୍ର ଗୋଟିଏ । ଭୂଗୋଳ, ହିନ୍ଦୀ, ଇତିହାସ, ଲୋକ ପ୍ରଶାସନ ଓ ସଂସ୍କୃତ ବିଭାଗରେ ୪ଟି ଲେଖାଏଁ ପଦ ଆବଶ୍ୟକ ବୋଲି ଦର୍ଶାଯାଇଥିଲେ ମଧ୍ୟ ୩ଟି ଲେଖାଏଁ ପଦ ଅନୁମୋଦିତ ହୋଇଛି । ଗୃହ ବିଜ୍ଞାନ, ରାଜନୀତି ବିଜ୍ଞାନ ଓ ପରିସଂଖ୍ୟାନ ବିଭାଗରେ ୪ପରିବର୍ତ୍ତେ ୨ଟି, ଓଡ଼ିଆ ବିଭାଗରେ ୨ ପରିବର୍ତ୍ତେ ଗୋଟିଏ, ସମାଜ ବିଜ୍ଞାନରେ ୫ ପରିବର୍ତ୍ତେ ୩ଟି ଏବଂ ସାନ୍ତାଳୀ ବିଭାଗରେ ୫ ପରିବର୍ତ୍ତେ ୨ଟି ପଦକୁ ଅନୁମୋଦନ ମିଳିଛି ।

ମହାବିଦ୍ୟାଳୟର ପ୍ରାୟ ସମସ୍ତ ବିଭାଗରେ ୩ଟି ସ୍ନାତକ ଏବଂ ୨ଟି ସ୍ନାତକୋତ୍ତର ବ୍ୟାଚ୍ ସହ ମୋଟ ୫ଟି ବ୍ୟାଚ୍ ଚାଲୁଥିବାରୁ ଏହି ସଂଖ୍ୟାରେ ଶିକ୍ଷାଦାନ ସୁଚାରୁ ଭାବେ ପରିଚାଳନା କରିବା କଷ୍ଟକର ହେବ ବୋଲି ମହାବିଦ୍ୟାଳୟର ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ ମାନେ ଅନୁଭବ କରି ଅଧକ୍ଷ ନାରାୟଣ ପ୍ରସାଦ ବେହେରାଙ୍କୁ ଜଣାଇବା ପରେ ଗତ ୬ତାରିଖରେ କାର୍ଯ୍ୟାଳୟ ପତ୍ର ସଂଖ୍ୟା୨୭୩୪ ମାଧ୍ୟମରେ ଉଚ୍ଚଶିକ୍ଷା ବିଭାଗକୁ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଚିଠି ପଠାଇ ଆବଶ୍ୟକ ସଂଖ୍ୟକ ପଦ ଅନୁମୋଦନ କରିବାକୁ ଅନୁରୋଧ କରିଛନ୍ତି ।

ତେବେ ଏହି ରିପୋର୍ଟ ଲେଖାଯିବା ସୁଦ୍ଧା ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟୀକରଣ କିମ୍ବା ସଂଶୋଧିତ ନିଷ୍ପତ୍ତି ମିଳିନାହିଁ । ଗ୍ରୀଷ୍ମ ଅବକାଶ ପରେ ମହାବିଦ୍ୟାଳୟ ଖୋଲିଥିଲେ ମଧ୍ୟ ଅତିଥି ଅଧ୍ୟାପକ ନିଯୁକ୍ତି ସମ୍ପୂର୍ଣ୍ଣ ହୋଇନଥିବାରୁ କେତେକ ବିଭାଗରେ ଜଣେ ହେଲେ ମଧ୍ୟ ଅଧ୍ୟାପକ ଉପଲବ୍ଧ ନଥିବାରୁ ବିଭାଗ ଗୁଡ଼ିକ ଏପର୍ଯ୍ୟନ୍ତ ସ୍ୱାଭାବିକ ଭାବେ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଅନ୍ୟପଟେ ଆସନ୍ତା ୧୩ ଜୁଲାଇ ୨୦୨୬ରୁ ପିଲାଙ୍କ ମିଡ୍-ସେମିଷ୍ଟାର ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ଅନେକ ଛାତ୍ରଛାତ୍ରୀ ନିୟମିତ ପାଠପଢ଼ାର ସୁଯୋଗ ପାଇ ନାହାଁନ୍ତି ।

ଏହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ଏବଂ ନିରାଶା ପ୍ରକାଶ ପାଉଛି । ପରୀକ୍ଷା ପୂର୍ବରୁ ଅବଶିଷ୍ଟ ଅତିଥି ଅଧ୍ୟାପକ ପଦ ଗୁଡ଼ିକୁ ଯଥାଶୀଘ୍ର ପୂରଣ କରି ନିୟମିତ ଶ୍ରେଣୀକାର୍ଯ୍ୟ ସ୍ୱାଭାବିକ କରିବାକୁ ସେମାନେ ଦାବି କରିଛନ୍ତି । ଏହାସହ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମାନଙ୍କ ମତରେ, ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବା ସତ୍ତ୍ୱେ ଉଚ୍ଚଶିକ୍ଷା କ୍ଷେତ୍ରର ଆବଶ୍ୟକତା ପ୍ରତି ସରକାର ପର୍ଯ୍ୟାପ୍ତ ଗୁରୁତ୍ୱ ଦେଇନଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଏହି ପ୍ରସଙ୍ଗରେ ଜିଲ୍ଲାର ଜନପ୍ରତିନିଧି ମାନେ ସରକାରଙ୍କ ନିକଟରେ ବିଷୟଟିକୁ ଦୃଢ଼ତାର ସହ ଉପସ୍ଥାପନ କରି ମହାବିଦ୍ୟାଳୟର ପ୍ରକୃତ ଆବଶ୍ୟକତା ଅନୁଯାୟୀ ଅବଶିଷ୍ଟ ଅତିଥି ଅଧ୍ୟାପକ ପଦ ଅନୁମୋଦନ ପାଇଁ ପଦକ୍ଷେପ ନେବା ଉଚିତ୍ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।

## ସିଙ୍ଗିପୁର ପଞ୍ଚାୟତ ଆବାସ ଯୋଜନାରେ ବଡ଼ ଦୁର୍ନୀତି

# ନ୍ୟାୟ ଦାବିରେ ଧରାକୋଟ ବ୍ଲକ ସମ୍ମୁଖରେ ଧାରଣା



ଧରାକୋଟ, (ସବ୍ୟୁ) : ଧରାକୋଟ ବ୍ଲକ ସ୍ଥିତ ସିଙ୍ଗିପୁର ପଞ୍ଚାୟତରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ନେଇ ନ୍ୟାୟ ଦାବିରେ ଧରାକୋଟ ବ୍ଲକ ସମ୍ମୁଖରେ ଦୀପକ ଗୌଡ଼ଙ୍କ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି । ଗରିବ ଲୋକଙ୍କୁ ସେମାନଙ୍କର ହକ୍ ଦେବା ଏବଂ ଦୁର୍ନୀତିର ନିରପେକ୍ଷ ତଦନ୍ତ ଦାବିରେ ଗର୍ଜିଛନ୍ତି ସମାଜ ସେବୀ ଦୀପକ । ସେ ସିଧା ସଳଖ ପଞ୍ଚାୟତ କାର୍ଯ୍ୟରତ ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଥିବା ଦେଖିବାକୁ ମିଳିଛି । ସିଙ୍ଗିପୁର ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ଅଯୋଗ୍ୟ ଲୋକଙ୍କୁ ଆବାସ ଗୃହ ବଣ୍ଟନ କରାଯାଇଥିବା ନେଇ ସେ ସ୍ୱର ଉତ୍ତୋଳନ କରିଛନ୍ତି ।

ଶାନ୍ତିପୂର୍ଣ୍ଣ ଧାରଣା ଦେବା ପାଇଁ ଆଗରୁ ଧରାକୋଟ ବିଡ଼ିଓଙ୍କୁ ଏବଂ ଧରାକୋଟ ଥାନା ଅଧିକାରୀଙ୍କୁ ଲିଖିତ ଜଣାଇଥିବା କହିଥିଲେ । ଅଭିଯୋଗପତ୍ର କପିର ଦୃଶ୍ୟ, ଯେଉଁଥିରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ଗ୍ରିଭାନ୍ସ ସେଲକୁ ପଠାଯାଇଥିବା ସ୍ମାରକପତ୍ର ଦେଖାଇଥିଲେ । ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି କେବଳ ସ୍ଥାନୀୟ ବିଡ଼ିଓ କିମ୍ବା ଧରାକୋଟ ଥାନା ନୁହେଁ ବରଂ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ଗ୍ରିଭାନ୍ସ ଏବଂ ରାଜ୍ୟପାଳଙ୍କ ଗ୍ରିଭାନ୍ସ ସେଲକୁ ମଧ୍ୟ ଲିଖିତ ଅଭିଯୋଗ ପଠାଯାଇଛି ।

ଯେପର୍ଯ୍ୟନ୍ତ ଏହି ମହାଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ନହୋଇଛି ଏବଂ ଗରିବ ଲୋକଙ୍କୁ ନ୍ୟାୟ ନମିଳିଛି ସେପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି । ସିଙ୍ଗିପୁର ପଞ୍ଚାୟତରେ ଗରିବ ଏବଂ ପ୍ରକୃତ ଯୋଗ୍ୟ ଲୋକଙ୍କ ଚାଳଛପର ଘର ଭାଙ୍ଗିଯାଉଛି, ହେଲେ ସେମାନଙ୍କୁ ଆବାସ ମିଳୁନି । ପଇସା ନେଇ ଅଯୋଗ୍ୟ ଲୋକଙ୍କୁ ଘର ଦିଆଯାଉଛି । ମୁଁ ବିଡ଼ିଓ, ଥାନା, ଏବଂ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଗ୍ରିଭାନ୍ସ ପର୍ଯ୍ୟନ୍ତ ସବୁଠି ଜଣାଇଥିବା ପ୍ରକାଶ କରିଥିଲେ । ପ୍ରଶାସନ ଏହା ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା ।

## ମୟୂରଭଞ୍ଜରେ ଜନଗଣନା ୨୦୨୭ ପାଇଁ ହସ୍ତପୁସ୍ତିକା ପ୍ରସ୍ତୁତି ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ

ବାରିପଦା, (ସବ୍ୟୁ) : ଜନଗଣନା ୨୦୨୭ ର ସଫଳ ଓ ସୁଚାରୁ ରୂପାୟନ ନିମନ୍ତେ ମୟୂରଭଞ୍ଜ ଜିଲ୍ଲାରେ ଜନଗଣନା ହସ୍ତପୁସ୍ତିକା ପ୍ରସ୍ତୁତି ପାଇଁ ଚାର୍ଜ ଜନଗଣନା ଅଧିକାରୀ, ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ଅମିନ ଏବଂ ବୈଷୟିକ ସହାୟକମାନଙ୍କ ପାଇଁ ପ୍ରଥମ ଦିବସର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ବାରିପଦା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଜନଗଣନା ପ୍ରକ୍ରିୟାକୁ ସଠିକ୍, ନିର୍ଭୁଲ ଏବଂ ସମୟବଦ୍ଧ ଭାବେ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଏହି ପ୍ରଶିକ୍ଷଣ ଆୟୋଜନ କରାଯାଇଥିଲା । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ଅଧିକାରୀ ତନ୍ମୟ ଗୁପ୍ତା ଏବଂ ସୁଧାଂଶୁ ପାଠକ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଜନଗଣନା ହସ୍ତପୁସ୍ତିକା ପ୍ରସ୍ତୁତିର ବିଭିନ୍ନ ତଥ୍ୟ ସଂଗ୍ରହ କରିବା ପାଇଁ ପୂର୍ବ ପ୍ରସ୍ତୁତି, ନିର୍ଦ୍ଦିଷ୍ଟ ପତ୍ର ପୂରଣ ପ୍ରକ୍ରିୟା, ଅନଲାଇନ୍ ତଥ୍ୟ ପରିଚାଳନା ଓ ଜନଗଣନା ସମ୍ବନ୍ଧୀୟ ବୈଷୟିକ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ-ତଥା-ଜିଲ୍ଲା ଜନଗଣନା ଅଧିକାରୀ ଦୁଃଖବନ୍ଧୁ ନାୟକ ଉପସ୍ଥିତ ରହି ଜନଗଣନା ଦେଶର ଯୋଜନା ପ୍ରସ୍ତୁତି, ପ୍ରଶାସନିକ ନିଷ୍ପତ୍ତି ଏବଂ ସାମାଜିକ-ଆର୍ଥିକ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ବୋଲି ଉଲ୍ଲେଖ କରିଥିଲେ । ସେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ନିର୍ଦ୍ଦେଶାବଳୀକୁ ଯଥାର୍ଥ ଭାବେ ଅନୁସରଣ କରି ସଠିକ୍ ତଥ୍ୟ ସଂଗ୍ରହ ଓ ହସ୍ତପୁସ୍ତିକା ପ୍ରସ୍ତୁତି କାର୍ଯ୍ୟକୁ ଗୁରୁତ୍ୱର ସହ ସମ୍ପାଦନ କରିବାକୁ ଆହ୍ୱାନ ଦେଇଥିଲେ । ଉପ-ଜିଲ୍ଲା ଜନଗଣନା ଅଧିକାରୀ ମାନସୀ ତରେଇ ମଧ୍ୟ ଉପସ୍ଥିତ ରହି ପ୍ରଶିକ୍ଷଣର ବିଭିନ୍ନ ବ୍ୟବସ୍ଥାର ତଦାରଖ ସହ ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

# ବାଇକ୍ ଚୋରି ଘଟଣାରେ ଦୁଇ ଗିରଫ



ବ୍ରହ୍ମପୁର, (ସବ୍ୟୁ): ଗୋସାଣୀ ନୂଆଗାଁ ଥାନା ପୋଲିସ ବାଇକ୍ ଚୋରି ଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ନୀଳକଣ୍ଠ ନଗର ପ୍ରଥମ ଲାଇନର ସୁନୀଲ ପଟ୍ଟନାୟକ (୨୨) ଏବଂ ଆନ୍ଧପସରା ମେନ୍ ରୋଡ୍ ଅଞ୍ଚଳର ସରୋଜ ନାହାକ (୨୩) । ସେମାନଙ୍କ ନିକଟରୁ ଏକ ଚୋରା ବଜାଜ ଡିସକଭର ମୋଟରସାଇକେଲ ଏବଂ ଏକ ହୋଣ୍ଡା ଆକଟିଭା ସ୍କୁଟି ଜବତ କରାଯାଇଛି ।

ଅଭିଯୁକ୍ତ ସରୋଜ ନାହାକଙ୍କ ନାମରେ ପୂର୍ବରୁ ବଡ଼ବଜାର ଥାନା ଓ ଗୋସାଣୀନୂଆଗାଁ ଥାନାରେ ଦୁଇଟି ଅପରାଧିକ ମାମଲା ରହିଥିବା ପୋଲିସ ଜେରା ବେଳେ ଜାଣିବାକୁ ପାଇଛି । ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ମାମଲା ନଂ ୨୫୪/୨୬ରେ ବୁଧବାର କୋର୍ଟ ଚାଲାଣ କରିଛି ।

ପ୍ରକାଶ ଯେ, ବ୍ରହ୍ମପୁର ରେଳ ଷ୍ଟେସନ ଅଞ୍ଚଳର ତନ୍ମୟ ପାତ୍ର ଅଭିଯୋଗ କରିଥିଲେ ଯେ, ଷ୍ଟେସନ ରୋଡ୍ ସ୍ଥିତ ନ୍ୟୁ ଅରବିନ୍ଦ ଲଜ୍ ସମ୍ମୁଖରୁ ତାଙ୍କର ବଜାଜ ଡିସକଭର ନଂ( ଓଡି ୦୭- ଏଏ -୮୧୧୪)ଚୋରି ହୋଇଯାଇଥିଲା । ମାମଲାର ତଦନ୍ତ କରି ସିସିଟିଭି ଯାଞ୍ଚ କରି ଅଭିଯୁକ୍ତ ମାନଙ୍କୁ ଚିହ୍ନଟ କରିଥିଲା । ସେମାନଙ୍କ ନିକଟରୁ ଚୋରା ବଜାଜ ଡିସକଭର ବାଇକ୍ ଏବଂ ଏକ ହୋଣ୍ଡା ଆକଟିଭା ସ୍କୁଟି ଜବତ କରିଥିଲା । ପରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ବନ୍ଧୁକ ଅପସଂସ୍କୃତି ଠାରୁ ଦୂରେଇ ରହିବାକୁ ସତର୍କବାଣୀ

# ଦୁଇ ବନ୍ଧୁକ ଜବତ, ୪ ଗିରଫ କଲା

ଭଂଜନଗର, (ସବ୍ୟୁ) : ବେଆଇନ ବନ୍ଧୁକ ରଖି, ଫସିଗଲେ ୪ ଯୁବକ । ସେମାନଙ୍କ ଠାରୁ ୨ ଟି ଦେଶୀ ପିସ୍ତଲ ଏବଂ ୨ ଟି ଜୀବନ୍ତ ଗୁଳି ଜବତ କରିଛି ଭଂଜନଗର ଥାନା ପୋଲିସ । ଏନେଇ ଭଂଜନଗର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି, ଏସଡିପିଓ ଡଃ ଦୀପକ୍ କୁମାର ମିଶ୍ର । ଗିରଫ ଅଭିଯୁକ୍ତ ମାନେ, ଭଂଜନଗର ଅଞ୍ଚଳର । ତେବେ ସଂପୃକ୍ତ ଅଭିଯୁକ୍ତ ମାନେ କୌଣସି ଅପରାଧ ଘଟାଇବା ପାଇଁ କିମ୍ବା ଅନ୍ୟ କାହାକୁ ଯୋଗାଇବା ପାଇଁ ଏହି ବେଆଇନ ବନ୍ଧୁକ ପାଖରେ ରଖିଥିଲେ । ସେ ସଂକ୍ରାନ୍ତରେ ଅଧିକ ଖୋଳତାଡ଼ ଜାରି ରଖିଛି ପୋଲିସ । ଅନ୍ୟପକ୍ଷରେ ଭଂଜନଗର ଉପଖଣ୍ଡ ପୋଲିସ ଅନ୍ତର୍ଗତ ବିଭିନ୍ନ ଥାନା ଅଞ୍ଚଳରୁ ଗତ କିଛି ମାସ ମଧ୍ୟରେ ୪୦ ରୁ ଉର୍ଦ୍ଧ୍ୱ ବେଆଇନ୍ ବନ୍ଧୁକକୁ ପୋଲିସ ଜବତ କରିଛି ପୋଲିସ । ଅନ୍ୟପକ୍ଷରେ ବେଆଇନ ବନ୍ଧୁକ ରଖିବା ଏବଂ ତାକୁ ବ୍ୟବହାର କରିବା ଭଳି ମାନସିକତା ଠାରୁ ଅପରାଧୀ ମାନେ ଦୁରେଇ ରୁହନ୍ତୁ, ନଚେତ ଆସନ୍ତା ଦିନରେ ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି ଭଂଜନଗର ଏସଡିପିଓ ଡଃ ଦୀପକ୍ କୁମାର ମିଶ୍ର । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଥାନାଧିକାରୀ ଜୀବନାନନ୍ଦ ଜେନା, ଏସଆଇ ସମୀର କୁମାର ସେଠୀ, ଏଏସଆଇ ଲକ୍ଷ୍ମୀଧର ମହାନ୍ତି ଏବଂ ଅନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ବୁଗୁଡ଼ାରେ କ୍ଲକ୍ ଟାୱାର କ୍ଲକ୍ ଖରାପ

ବୁଗୁଡା, (ସବ୍ୟୁ): ବୁଗୁଡା ସହରର ମଦନ ମୋହନ ଛକରେ ଶୋଭା ପାଉଥିବା କ୍ଲକ୍ ଟାୱାରରେ ଲାଗିଥିବା ଚାରୋଟିଯାକ କ୍ଲକ୍ ଦୀର୍ଘ ଦିନ ହେଲା ଖରାପ ହୋଇପଡିଥିଲା ବେଳେ ଏନଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ଗତ ୨୦୨୪ ଫେବୃୟାରୀ ୨ ତାରିଖରେ ମଦନ ମୋହନ ଛକରେ ସ୍ଥାପିତ ଉକ୍ତ କ୍ଲକ ଟାୱାର ଉଦଘାଟିତ ହୋଇଥିଲା । ଏବେ ଟାୱାରରେ ଲାଗିଥିବା ଘଡି ଚାରୋଟି ସଠିକ୍ ଭାବେ କାମ କରୁନଥିବାରୁ ଲୋକଙ୍କ ଖୁସିରେ ଭଙ୍ଗା ପଡିଯାଇଛି । ଘଡି ଚାରୋଟି ଭୁଲ ସମୟ ଦର୍ଶାଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଏ ନେଇ ଅଭିଯୋଗ କଲେ ମଧ୍ୟ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଉଦାସୀନତା ମନୋଭାବ ଯୋଗୁଁ କୌଣସି ସୁଫଳ ମିଳୁନାହିଁ ।

## ସମୁଦ୍ର କୂଳ ଖାଇବା ଘଟଣା

# ମରିବୁ ପଛେ ଛାଡ଼ିବୁ ନାହିଁ : ମତ୍ସ୍ୟଜୀବୀ

ଛତ୍ରପୁର, (ସବ୍ୟୁ): ମରିବୁ ପଛେ ଛାଡ଼ିବୁ ନାହିଁ... ପ୍ରଶାସନ ଓ ପୋର୍ଟ କର୍ତ୍ତୃପକ୍ଷ ଆମକୁ ଦିନକୁ ଧୋକା ଦେବାରେ ଲାଗିଛନ୍ତି । ଏନେଇ ଆନ୍ଦୋଳନ କଲେ ଖାଲି ପ୍ରତିଶ୍ରୁତି ମିଳୁଛି, ମାତ୍ର କାର୍ଯ୍ୟକାରୀ ହେଉନି । ଜିଲ୍ଲା ପ୍ରଶାସନ ମତ୍ସ୍ୟଜୀବୀ ମାନଙ୍କ ଗୁହାରୀ ଶୁଣିବା ବଦଳରେ ପୋର୍ଟ କର୍ତ୍ତୃପକ୍ଷଙ୍କୁ ଅନୁକମ୍ପା ଦେଖାଉଛି । କେବେ ହେବ ଆମର ସ୍ଥାୟୀ ପ୍ରତିକାର । ଏନେଇ ଚିନ୍ତାରେ ଅଛନ୍ତି ମତ୍ସ୍ୟଜୀବୀ । ଏବେ ସମୁଦ୍ର ଅଶାନ୍ତ ଯୋଗୁଁ ଦିନକୁ ଦିନ ସମୁଦ୍ର କୂଳ ଖାଇବା ଲାଗିଛି । ଗାଁକୁ ସମୁଦ୍ର ଆଉ ରହିଲା ଅଳ୍ପ ଦୁର । ଯାହା ଫଳରେ ଅଂଚଳବାସୀ ଭୟଭିତ ଅବସ୍ଥାରେ ରହିଛନ୍ତି । ପ୍ରଶାସନିକ ଅଧିକାରୀ ମାନେ ଖାଲି ଅଂଚଳକୁ ଆସୁଛନ୍ତି ବୁଲି ଦେଖୁଛନ୍ତି ସିନା କାର୍ଯ୍ୟ ଶୂନ ହେଉଛି । ଏଣୁ ଆମକୁ ସୁରକ୍ଷା ଦିଅନ୍ତୁ ନଚେତ ଆମ ଗାଁ ସମୁଦ୍ରରେ ଲୀନ ହୋଇଯିବ ବୋଲି ସାନ ଆର୍ଯ୍ୟପଲ୍ଲୀ ଗ୍ରାମବାସୀ ମାନେ ଅନୁରୋଧ କରିଛନ୍ତି । ଏହା ସହିତ ସେମାନେ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ୭ ଦିନ ମଧ୍ୟରେ ଏହାର କୌଣସି ସମାଧାନର ବ୍ୟବସ୍ଥା ନକଲେ ଗୋପାଳପୁର ପୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ସାନ ଆର୍ଯ୍ୟପଲ୍ଲୀ ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି । ଦରକାର ପଡିଲେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଏବଂ ରାଜରାସ୍ତା ବନ୍ଦ କରିବୁ ବୋଲି ସାଧାରଣ ସମ୍ପାଦକ ଭୀମସେନ ଓ ପୂର୍ବତନ ସାଧାରଣ ସମ୍ପାଦକ ଏମ. ଦିଲ୍ଲୀପ କହିଛନ୍ତି । ଏନେଇ ଆର୍ଯ୍ୟପଲ୍ଲୀ ପଂଚାୟତ ସହିତ ୨୭ ଖଣ୍ଡର ମତ୍ସ୍ୟଜୀବୀ ମାନେ ଆନ୍ଦୋଳନ ନିମନ୍ତେ ସଜବାଜ ହେଉଛନ୍ତି ।

## ଯୁବ କାଉନ୍‌ସିଲର ରାଜ୍ ଗୁପ୍ତାଙ୍କ ଦାବି

# ବାଲ୍‌ଡିହା ଡ୍ୟାମ୍‌ରେ ହେଉ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ ସେଡ୍, ପାନୀୟ ଜଳ ଓ ଶୌଚାଳୟ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ବାଲ୍‌ଡିହା ଡ୍ୟାମ୍‌ରେ ପର୍ଯ୍ୟଟକଙ୍କ ପାଇଁ ମୌଳିକ ସୁବିଧା ଯୋଗାଇ ଦେବାକୁ ଦାବି ଜୋର ଧରିଛି । ଏହି ପରିପ୍ରେକ୍ଷୀରେ ବୁଧବାର ଯୁବନେତା ତଥା ବାରିପଦା ପୌରପରିଷଦର କାଉନ୍‌ସିଲର ରାଜ୍ ଗୁପ୍ତା ମୟୂରଭଞ୍ଜ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ପରମେଶ୍ୱ ପାତ୍ରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ଏହି ଦାବି ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବାଲଡିହା ଡ୍ୟାମ୍ ପ୍ରକୃତିର ମନୋରମ ପରିବେଶ ପାଇଁ ବେଶ୍ ପରିଚିତ । ପ୍ରତିଦିନ ସ୍ଥାନୀୟ ଲୋକଙ୍କ ସହ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ, ପ୍ରକୃତିପ୍ରେମୀ ଏବଂ ପିକନିକ୍ କରିବା ପାଇଁ ଏଠାକୁ ଆସିଥାନ୍ତି । ବିଶେଷକରି ଶନିବାର, ରବିବାର ଏବଂ ସରକାରୀ ଛୁଟିଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ବହୁଗୁଣିତ ହୋଇଥାଏ । ମାତ୍ର ସେଠାରେ ବିଶ୍ରାମ ସେଡ୍, ନିରାପଦ ପାନୀୟ ଜଳ ଏବଂ ସ୍ୱଚ୍ଛ ସାର୍ବଜନୀନ ଶୌଚାଳୟ ଭଳି ଅତ୍ୟାବଶ୍ୟକ ସୁବିଧା ନଥିବାରୁ ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ବାଲ୍‌ଡିହା ଡ୍ୟାମ୍‌ରେ ଏକ ସ୍ଥାୟୀ ବିଶ୍ରାମ ସେଡ୍, ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଓ୍ୱାଟର କିଓସ୍କ ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ ସହିତ ସାର୍ବଜନୀନ ଶୌଚାଳୟ ନିର୍ମାଣ କରିବାକୁ ଆବେଦନରେ ଅନୁରୋଧ କରାଯାଇଛି । ଏହି ସମସ୍ତ ସୁବିଧା ଉପଲବ୍ଧ ହେଲେ ପର୍ଯ୍ୟଟକଙ୍କ ଆରାମ, ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ସୁରକ୍ଷା ବୃଦ୍ଧି ପାଇବା ସହ ବାଲ୍‌ଡିହା ଡ୍ୟାମ୍‌ର ପର୍ଯ୍ୟଟନ ବିକାଶକୁ ମଧ୍ୟ ବେଶ୍ ସହାୟକ ହେବ ବୋଲି ଶ୍ରୀ ଗୁପ୍ତା ଅଧିକ୍ଷଣ ଯନ୍ତ୍ରୀଙ୍କ ଠାରେ ଦାବି ରଖିଛନ୍ତି ।

## ଯାତ୍ରୀଙ୍କ ସୁନା ଗହଣା ବ୍ୟାଗ ଚୋରି ଘଟଣାର ପର୍ଦ୍ଦାଫାଶ

# ଦୁଇ ଗିରଫ, ୬୩. ୩୨ ଗ୍ରାମ ଅଳଙ୍କାର ଜବତ

ବ୍ରହ୍ମପୁର, (ସବ୍ୟୁ): ଟ୍ରେନ ଯାତ୍ରୀଙ୍କ ସୁନା ଗହଣା ଭର୍ତ୍ତି ବ୍ୟାଗ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ଜିଆରପି ପୋଲିସ । ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଜଟଣୀ ଲୋକକଲୋନୀର ସୁରଜ କୁମାର ପ୍ରସାଦ (୨୮) ଓ ଚୋରି ସାମଗ୍ରୀ କ୍ରୟ କରି ରଖିଥିବା ସଞ୍ଜୟ କୁମାର ନାୟକ (୩୮) । ପୋଲିସ ତାଙ୍କ ନିକଟରୁ ୬୩. ୩୨ ଗ୍ରାମର ସୁନା ଅଳଙ୍କାର ଜବତ କରିଛି । ଯାହାର ମୂଲ୍ୟ ବର୍ତ୍ତମାନ ୭,୨୮,୨୧୬ ଟଙ୍କା । ଯାହା ତଦନ୍ତରୁ ଜଣାପଡ଼ିଛି । ମାମଲା ନଂ ୭୧/ ୨୬ ରେ ଉଭୟ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରିଛି ।

ପ୍ରକାଶ ଯେ, ରାୟଗଡାର କେଦାରନାଥ ଶବର ଗତ କିଛଦିନ ପୂର୍ବରୁ ସେଠାରେ ଏକ ସ୍କୁଲରେ କାର୍ଯ୍ୟରତ ଜଣେ ଶିକ୍ଷୟିତ୍ରୀ ପ୍ରିୟଙ୍କା ରାଉତଙ୍କୁ ବିବାହ କରିଥିଲେ । ପରେ ସେମାନେ ଶଶୁର ଘର ଭୁବନେଶ୍ୱର ଆସିଥିଲେ । ଗତ ୩୦ ତାରିଖ ରାତିରେ ଉକ୍ତ ଦମ୍ପତି ଭୁବନେଶ୍ୱର -ରାୟଗଡା ଯାଉଥିବା ଏକ ଟ୍ରେନରେ ଯାତ୍ରା କରିଥିଲେ । ସେମାନେ ସଂରକ୍ଷଣ କକ୍ଷ ଏସ -୩ ରେ ବସିଥିଲେ । କିଛି ସମୟ ପରେ ସେମାନେ ନିଜ ନିଜର ବର୍ଥରେ ଶୋଇ ପଡିଥିଲେ । ରାତ୍ର ପ୍ରାୟ ୧୨ ଟା 'ରେ ଟ୍ରେନ ବ୍ରହ୍ମପୁର ରେଳଷ୍ଟେସନରେ ଅଟକିଥିଲା ।

ପ୍ରିୟଙ୍କାଙ୍କ ଉଠି ଦେଖିବା ବେଳେ ସେ ତାଙ୍କ ପାଖରେ ରଖିଥିବା ଅଳଙ୍କାର ଭର୍ତ୍ତି ବ୍ୟାଗ ନଥିଲା । ସେ ଏନେଇ ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ । ଅନ୍ୟ ଯାତ୍ରୀଙ୍କୁ ସେମାନେ ପଚରାଉଚରା କରି ନିରାଶ ହୋଇଥିଲେ । ଟ୍ରେନଟି ଷ୍ଟେସନ ଛାଡ଼ି ଦେଇଥିବାରୁ ସେମାନେ ରାୟଗଡା ଚାଲିଯାଇଥିଲେ ।

ଗତ ୧ ତାରିଖରେ ସେମାନେ ବ୍ରହ୍ମପୁର ଜିଆରପି ଥାନାକୁ ଆସି ଏନେଇ ଅଭିଯୋଗ କରିଥିଲେ । ଜିଆରପି ପୋଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା । ଉଭୟ ଜିଆରପି ଓ ଆରପିଏଫ ପୋଲିସ ମିଳିତ ଭାବେ ଚଢ଼ାଉ କରି ଉକ୍ତ ସୁରଜଙ୍କୁ ଧରିବା ପରେ ପୁରା ଘଟଣାର ଖୁଲାସା ହୋଇଥିଲା ।

# କନ୍ଧମାଳ ଜିଲ୍ଲା ବ୍ୟାଡମିଣ୍ଟନ୍ ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ

ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲା ବ୍ୟାଡମିଣ୍ଟନ୍ ଆସୋସିଏସନର ନୂତନ କର୍ମକର୍ତ୍ତା ନିର୍ବାଚନ ଓ ଏକ ସାଧାରଣ ପରିଷଦ ବୈଠକ, ଆଜି ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମେ ପୂର୍ବରୁ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ଶେଷ କରିଥିବା ତଥା ନିର୍ବାଚନ ଅଧିକାରୀ ଭାବରେ ଦାୟିତ୍ୱ ସମ୍ପାଦନ କରିଥିବା, ଆସୋସିଏସନର ସଦସ୍ୟ ତଥା ଆଇନଜୀବୀ ଧିରେନ୍ଦ୍ର ନାଥ ପାତ୍ର ସମସ୍ତ ନୂତନ କର୍ମକର୍ତ୍ତା ମାନଙ୍କ ନାମ ଘୋଷଣା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ, କନ୍ଧମାଳ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ ଯୋଗ ଦେଇଥିଲେ ଏବଂ ଅନ୍ୟତମ ଅତିଥିଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର କୁମାର ନାୟକ ଯୋଗ ଦେଇଥିଲେ । ଏଥିସହିତ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ୍ ଆସୋସିଏସନ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ଶୈଳେନ୍ଦ୍ର ଚୌଧୁରୀ ଯୋଗ ଦେଇଥିଲେ । ଆସନ୍ତା ଦୁଇ ବର୍ଷ ପାଇଁ ଆସୋସିଏସନର ନୂତନ ସଭାପତି ଭାବେ ଅଶୋକ କୁମାର ପଟ୍ଟନାୟକ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଦେବେନ୍ଦ୍ର ନାଥ ପାତ୍ର, ଉପ ସଭାପତି ଭାବେ ପ୍ରଶାନ୍ତ କୁମାର ବେହେରା, ସାଧାରଣ ସମ୍ପାଦକ ଭାବେ ଦୀପକ ରଞ୍ଜନ ମହାନ୍ତି, ସହ ସମ୍ପାଦକ ଭାବେ ସବ୍ୟସାଚୀ ଦଲାଲ ଓ ସୁବ୍ରତ କୁମାର ପାଣିଗ୍ରାହୀ ଏବଂ କୋଷାଧ୍ୟକ୍ଷ ଭାବେ ପ୍ରମୋଦ କୁମାର ସାହୁ ନିର୍ବାଚିତ ହୋଇଥିବା ନେଇ ଘୋଷଣା କରିଥିଲେ । ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ, ମାନସ କୁମାର ପାତ୍ର, ଦୁର୍ଯ୍ୟୋଧନ ନାୟକ, ରାଜେଶ କୁମାର ପାତ୍ର, ଗଙ୍ଗାଧର ପଣ୍ଡା, କେ. ମହେଶ କୁମାର ସୁବୁଦ୍ଧି ଏବଂ କିରଣ କୁମାର ଦାସ ନିର୍ବାଚିତ ହୋଇଛନ୍ତି । ଘୋଷଣା ପରେ ନୂତନ ସଭାପତି ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ମାନଙ୍କୁ ସ୍ମୃତି ଫଳକ ଓ ଉପୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।



ପରେ ମୁଖ୍ୟ ଅତିଥି ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କୁ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରି, ନିଜ ବକ୍ତବ୍ୟ ରେ, ବ୍ୟାଡମିଣ୍ଟନ ଖେଳ ଏପରି ଏକ ଖେଳ ଯାହା ସବୁ ବୟସର ଲୋକେ ଖେଳି ପାରିବେ ତେଣୁ ଏହାର ପ୍ରସାର ଦିଗରେ ପ୍ରଚେଷ୍ଟା ଆବଶ୍ୟକ । ପର୍ଯ୍ୟବେକ୍ଷକ ଚୌଧୁରୀ କନ୍ଧମାଳ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର କର୍ମକର୍ତ୍ତା ମାନଙ୍କ ଖେଳ ପ୍ରତି ରହିଥିବା ଆଗ୍ରହ ତଥା ସଂଗଠନର କାର୍ଯ୍ୟ ଶୈଳୀକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମକୁ ଉପସଭାପତି ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୦ ଦିନରେ ଭୁଶୁଡ଼ିଲା ବିଦ୍ୟାଳୟ ପାଚେରୀ



ହିନ୍ଦୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅଁଳବଗ ପଞ୍ଚାୟତର ଦେବାହାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିର୍ମିତ ପାଚେରୀ କାନ୍ଥ ନିର୍ମାଣର ମାତ୍ର ୧୦ ଦିନ ମଧ୍ୟରେ ଭୁଶୁଡ଼ି ପଡ଼ିଥିବା ଅଭିଯୋଗ ଉଠିଛି । ପ୍ରାୟ ୩ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପାଚେରୀରେ ନିମ୍ନମାନର କାମ ହୋଇଥିବା ସହ କାର୍ଯ୍ୟକ୍ଷେତ୍ରରେ କୌଣସି ଫଳକ ଲଗାଯାଇନଥିବା ଅଭିଯୋଗ କରାଯାଇଛି । ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପାଚେରୀଟି ବିଦ୍ୟାଳୟ ପରିସର ବାହାର ପଟକୁ ଭୁଶୁଡ଼ି ପଡ଼ିଥିବାରୁ ଏକ ବଡ଼ ଅଘଟଣ ଟଳିଯାଇଛି ।

ଯଦି ଏହା ବିଦ୍ୟାଳୟ ପରିସର ଭିତରକୁ ଭାଙ୍ଗି ପଡ଼ିଥାନ୍ତା, ତେବେ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରୁଥାନ୍ତା ବୋଲି ସେମାନେ କହିଛନ୍ତି । ଏ ସମ୍ପର୍କରେ ସରପଞ୍ଚ ମାନସ ବେହୁରାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ ଯେ, ପାଚେରୀ ନିକଟରେ ଅତ୍ୟଧିକ ବାଲି ରଖାଯାଇଥିବାରୁ ଚାପ ସହି ନପାରି କାନ୍ଥଟି ଭାଙ୍ଗିଯାଇଛି । ଅନ୍ୟପକ୍ଷରେ, ଏହି କାର୍ଯ୍ୟର ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଦୀପାଞ୍ଜଳୀ ନାଏକ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ସଦାନନ୍ଦ ସଚ୍ଚିଦାନନ୍ଦ ମାଡେଲିଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନଥିବା ଜଣାପଡ଼ିଛି ।

## ଠିକାଦାର ଓ ଯନ୍ତ୍ରୀ ମଧୁଚନ୍ଦ୍ରିକା

# ଧୋଇଯାଇଥିବା ରାସ୍ତାକୁ ମରାମତି କଲା ଠିକା ସଂସ୍ଥା

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଠାକୁରଗଡ଼ ଠାରୁ ଭାୟା ଆମ୍ବସରମୁଣ୍ଡା ଦେଇ ରଣିଆକଟା ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ପୂର୍ତ୍ତ ବିଭାଗ ରାସ୍ତା ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । ରାସ୍ତା ନିର୍ମାଣର ଦୁଇ ମାସ ନଯାଉଣୁ ଲଗାଣ ବର୍ଷାରେ ରାସ୍ତା ଧୋଇ ହୋଇଯାଇଛି । ଯାହାକି ରାସ୍ତା ଅତି ନିମ୍ନମାନର କାମ ହେଉଥିବା ଆମ୍ବସରମୁଣ୍ଡା ଗ୍ରାମବାସୀ ଶନିବାର ଦିନ ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିବା ବେଳେ ମଙ୍ଗଳବାର ଦିନ ଠିକାସଂସ୍ଥା ମରାମତି କରିଛି । ଉକ୍ତ ରାସ୍ତାକୁ ମାଟି ପକାଇ ସାମାନ୍ୟ ମରାମତି କରିଥିବା ବେଳେ ରାସ୍ତାର ଭବିଷ୍ୟତକୁ ନେଇ ଅଞ୍ଚଳବାସୀ ଚିନ୍ତିତ ହୋଇ ପଡ଼ିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ କୋଟିକୋଟି ଟଙ୍କା ବ୍ୟୟରେ ଉକ୍ତ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ବିଭାଗୀୟ ଅଧିକାରୀ ସଠିକ ଭାବରେ ତଦାରଖ କରୁନଥିବା ଯୋଗୁଁ ରାସ୍ତା ନିମ୍ନମାନର ନିର୍ମାଣ କରାଯାଉଛି । ରାସ୍ତା କାମ ୨ ମାସ ହେବ ପିଚୁ କରା ଯାଉଥିବା ବେଳେ ରାସ୍ତାର କିଛି ଅଂଶ ପିଚୁ କରାଗଲାଣି । ବିଶେଷ କରି ପିଚୁ କରା ଯାଇଥିବା ରାସ୍ତା ଗାରସ ମିଳ ନିକଟରେ ଥିବା ଏକ ପୋଲ ନିକଟରୁ ଲଗାଣ ବର୍ଷାରେ ରାସ୍ତା ଧୋଇ ହୋଇଯାଇଛି । ଏପରିକି ରାସ୍ତା ସଠିକ ଭାବରେ କରା ଯାଉନଥିବା ଯୋଗୁଁ ରାସ୍ତାର ଅନେକ ସ୍ଥାନରେ ପିଚୁ ଉଠି ଗଲାଣି । ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତା କାମ ଅତି ନିମ୍ନମାନର କରାଯାଉଛି । ରାସ୍ତା ଓ ପିଚୁ କାମ ସମୟରେ ଯନ୍ତ୍ରୀ ଉପସ୍ଥିତ ନଥିବା ଯୋଗୁଁ ରାସ୍ତା କାମ ଅତି କଦର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି । ଗତ ଦୁଇ ଦିନ ଲଗାଣ ବର୍ଷାରେ ରାସ୍ତା ଧୋଇ ହୋଇଯାଇଥିବା ବେଳେ ଆଗକୁ ଥିବା ବର୍ଷାରେ ରାସ୍ତା ଅବସ୍ଥା କଣ ହେବ ତାହାକୁ ନେଇ ସନ୍ଦେହ ଦେଖା ଦେଉଛି । ଏନେଇ ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ସନ୍ତୋଷ ବେହେରାଙ୍କୁ ପଚାରିବାରୁ ଏ ସମ୍ପର୍କରେ କୌଣସି ଉତ୍ତର ନଦେଇ ପ୍ରସଙ୍ଗକୁ ଏଡାଇ ଦେଇଥିଲେ । ତୁରନ୍ତ ଏହି କାମକୁ ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବା ପାଇଁ ଠାକୁରଗଡ଼ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଲୁଟେରା ଗ୍ୟାଙ୍ଗକୁ କାବୁ କଲା ପୋଲିସ : ୫ ଗିରଫ, ୫ ବାଇକ୍ ଜବତ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ଚେନ, ମୋବାଇଲ ପର୍ସ ଲୁଟ କରୁଥିବା ଏକ ନାବାଳକ ଲୁଟେରା ଗ୍ୟାଙ୍ଗକୁ ପୋଲିସ ଧରିବାରେ ସଫଳ ହୋଇଛି । ସେମାନଙ୍କ ଠାରୁ ୫ଟି ବାଇକ୍, ମୋବାଇଲ ଫୋନ ସହିତଏଟିଏମ କାର୍ଡ ଜବତ କରାଯାଇଛି । ଟାଉନ ଥାନା ଅନ୍ତର୍ଗତ ଭାଗିରଥୀ ବିହାରରେ ରହୁଥିବା ନାରାୟଣ ସ୍ୱାଇଁଙ୍କ ଝିଅ ସସ୍ମିତା ସ୍ୱାଇଁଙ୍କ ଅଭିଯୋଗକୁ ନେଇ ପୋଲିସ ୪୭୦/୨୦୨୬ରେ ଏକ ମାମଲା ରୁଜ୍ଜୁ କରି ତଦନ୍ତ ଚଳାଇଥିଲା । ତଦନ୍ତ ସମୟରେ ବିଭିନ୍ନ ତଥ୍ୟକୁ ଆଧାର କରି ତଥା ସିସିଟିଭି ଫୁଟେଜକୁ ନେଇ ପୋଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଚୋରୀ ଖବର ପାଇଥିଲା । ତଦନ୍ତ ସମୟରେ ଜଣାପଡିଥିଲା ଯେ, ଏକ ନାବାଳକ ଲୁଟେରା ଗ୍ୟାଙ୍ଗ ବିଭିନ୍ନ ସ୍ଥାନରୁ ମୋବାଇଲ, ପର୍ସ ଲୁଟ କରୁଥିଲେ । ସେମାନଙ୍କ ମଧ୍ୟରୁ ଜଣକୁ ପୋଲିସ ଗିରଫ କରି ତଦନ୍ତ ସମୟରେ ଚୋରୀ ସମ୍ପର୍କରେ ସୂଚନା ପାଇବା ସହିତ ସମସ୍ତଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ମୋବାଇଲ ଫୋନ ସହିତ ଅନ୍ୟ ସାମଗ୍ରୀ, ଦୁଇଟି ଚୋରୀ ବାଇକ୍ ସହିତ ଚୋରୀରେ ବ୍ୟବହାର ହୋଇଥିବା ବାଇକ୍, ଗୋଟିଏ ନମ୍ବର ପ୍ଲେଟ, ଖେଳନା ବନ୍ଧୁକ ଜବତ କରାଯାଇଛି । ସେମାନଙ୍କ ନାମରେ ପୂର୍ବରୁ ଟାଉନ ଥାନାରେ ୩୪୧/୨୬,୪୩୨/୨୬ ଏବଂ ୪୭୮/୨୬ରେ ମାମଲା ରହିଛି । ସମସ୍ତ ଅଭିଯୁକ୍ତ ନାବାଳକ ଥିବାରୁ ସେମାନଙ୍କ ନାମ ଗୋପନ ରଖାଯାଇଛି ।



# ରେଙ୍ଗାଳି ଡ୍ୟାମ ତଳେ ବୁଡ଼ି ଯୁବକ ମୃତ

ରେଙ୍ଗାଳି, (ସବ୍ୟୁ) : କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ତଳେ ଥିବା ସ୍ପିଲେୱ (ଡଙ୍ଗୀ)ରେ ବୁଡି ଜଣେ ଗାଡି ଚାଳକଙ୍କ ମତ୍ୟୁ ଘଟିଛି । ପୋଲିସ ସୂତ୍ରରୁ ପ୍ରକାଶ ରେଙ୍ଗାଳି ପ୍ରକଳ୍ପ ଅପେରା ପଡିଆ ନିକଟବସ୍ତିରେ ରହୁଥିବା ରାଜ ସୁରୀ (୪୦) ଡ୍ରାଇଭର ଭାବେ କାର୍ଯ୍ୟ କରେ । ବୁଧବାର ମଧ୍ୟାହ୍ନରେ ସେ ଚଳାଉଥିବା ପିକ୍‌ଅପ ଗାଡି ଧରି ଡ୍ୟାମ ତଳକୁ ଗାଧୋଇବା ପାଇଁ ଯାଇଥିଲା । ଡ୍ୟାମ ତଳ ଡଙ୍ଗିରେ ଗାଧୋଇବା ବେଳେ ଅସାବଧାନତା ବଶତଃ ପାଣିରେ ବୁଡି ଯାଇଥିଲେ। ଅପରାହ୍ନରେ ପରିବାର ଲୋକେ ଓ ସ୍ଥାନୀୟ ଲୋକ ରାଜର ଗାଡି ଓ ଚପଲଥିବା ଦେଖି ଡଙ୍ଗୀରେ ଖୋଜାଖୋଜି କରି ଶବ ଉଦ୍ଧାର କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ପଠାଇଛି। ରେଙ୍ଗାଳି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରି ତଦନ୍ତ ଚଳାଇଛି ।

# ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସର ଭୂମିପୂଜନ ପାଇଁ ପ୍ରସ୍ତୁତି

ପାଲଲହଡା, (ସବ୍ୟୁ) : ଦୀର୍ଘ ବର୍ଷ ହେବ ଶିଳ୍ପ ସମୃଦ୍ଧ ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଶିଳ୍ପ ବିହୀନ ପାଲଲହଡା ଭଳି ଏକ ଅତ୍ୟନ୍ତ ଅନଗ୍ରସର ଉପଖଣ୍ଡରେ ଚିର ପ୍ରତିକ୍ଷୀତ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଆସନ୍ତା ଦଶ ତାରିଖରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ଏହାର ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ ଓ ଅସ୍ଥାୟୀ କ୍ୟାମ୍ପସର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ପାଲଲହଡା ମାଟିରୁ ରାଜନୀତି ଆରମ୍ଭ କରିଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଧାନଙ୍କ ଉଦ୍ୟମରେ ଖୋଲିବାକୁ ଯାଉଥିବା ଏହି କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ସବୁଜ ସଂକେତ ଦେଇ ସାରିଥିବାବେଳେ ଏହାର ଚୂଡାନ୍ତ ରୂପରେଖ ପ୍ରସ୍ତୁତ କରିସାରିଛି ।

ଚୂଡାନ୍ତ ରୂପରେଖ ଅନୁଯାଇ ଆସନ୍ତା ଦଶ ତାରିଖ ସକାଳ ୮ ଟାରେ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସରେ ପହଂଚି ୮ ଟା ୦୫ରେ ଏହାର ଭୂମିପୂଜନ (ଶିଳାନ୍ୟାସ )କରିବେ । ଘର ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଏହାର ଅସ୍ଥାୟୀ କ୍ୟାମ୍ପସ ସ୍ଥାନୀୟ ମାଲ୍ୟଗିରି ମହାବିଦ୍ୟାଳୟ ପରିସରରେ ହେବ । କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ସହିତ ମୁଖ୍ୟ ଓ ଅନ୍ୟାନ୍ୟ ଅତିଥି ମାନେ ଆଲୋଚନା ପର୍ଯ୍ୟାଲୋଚନା କରି ସାଢେ ୮ ଟା ସମୟରେ ଉକ୍ତ ଅସ୍ଥାୟୀ କ୍ୟାମ୍ପସରେ ଆୟୋଜିତ ସାଧାରଣ ସଭାରେ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ଏକ ପ୍ରେସ ଇସ୍ତାହାରରେ ପ୍ରକାଶ କରାଯାଇଛି । ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ସଭାରେ ମୁଖ୍ୟଅତିଥି ରୂପେ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ସମ୍ବୋଧିତ କରିବାର ଥିଲାବେଳେ ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରୀୟ ବିଦ୍ୟାଳୟର ଅତିରିକ୍ତ କମିସନର ଜେସି (ଟିଆରଜି) ସ୍ୱାଗତ ସମ୍ଭାଷଣ ଓ ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ଧନ୍ୟବାଦ ଅର୍ପଣ କରିବେ । ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ସାଂସଦ ରୁଦ୍ରନାରାୟଣ ପାଣି ମଧ୍ୟ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରିଯିବ ବୋଲି ଜଣାପଡିଛି । ଏଥିରେ ବହୁସଂଖ୍ୟାରେ ଯୋଗଦେବାକୁ ପାଲଲହଡା ବିଜେପି ମଣ୍ଡଳ ତରଫରୁ ମଣ୍ଡଳ ସଭାପତି ଆଶିଷ କୁମାର ସାମଲ ଅନୁରୋଧ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଜନଗଣନା ପୁସ୍ତିକା ପ୍ରସ୍ତୁତି ପ୍ରଶିକ୍ଷଣ



ଅନୁଗୋଳ, (ସବ୍ୟୁ): ଅନୁଗୋଳ ଜିଲ୍ଲା ପ୍ରଦକ୍ଷଣ ଗୃହର ସମ୍ମିଳନୀ କକ୍ଷରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ଜନଗଣନା ପୁସ୍ତିକା ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ପ୍ରତାପ ପ୍ରିତୀମୟ ଉଦଘାଟନ କରି ପ୍ରଶିକ୍ଷାର୍ଥୀମାନଙ୍କୁ ଏହି ଜାତୀୟ କାର୍ଯ୍ୟକ୍ରମକୁ ଗମ୍ଭୀରତାର ସହିତ ନେବା ସହିତ ଏହାକୁ ସଫଳ କରିବା ପାଇଁ ପରାମର୍ଶ ଦେଇଥିଲେ । ପ୍ରଥମେ ଡେପୁଟି କଲେକଟର ତଥା ଜନଗଣନା ଅଧିକାରୀ ଜୟକୃଷ୍ଣ ପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ତାଲିମ ବିଷୟବସ୍ତୁ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟରୁ ଆସିଥିବା ଉପ-ନିର୍ଦ୍ଦେଶକ ଜୟକୃଷ୍ଣ ଭୋଇ, ସହାୟକ ଦୀପକ କୁମାର ଉପସ୍ଥିତ ଅଂଶଗ୍ରହଣକାରୀ ମାନଙ୍କୁ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ ।

ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ତହସିଲଦାର ତଥା ଚାର୍ଜ ଜନଗଣନା ଅଧିକାରୀ, ଅତିରିକ୍ତ ତହସିଲଦାର ତଥା ଅତିରିକ୍ତ ଚାର୍ଜ ଜନଗଣନା ଅଧିକାରୀ, ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ତଥା ଚାର୍ଜ ଜନଗଣନା ଅଧିକାରୀ, ରାଜସ୍ୱ ନିରୀକ୍ଷକ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ, ଅମିନ ଓ ବୈଷୟିକ ସହାୟକମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଜନଗଣନା ବିଭାଗର ବରିଷ୍ଠ ସହାୟକ ସୁଶାନ୍ତ କୁମାର ଅମାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ରେଳଷ୍ଟେସନରୁ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ମୁଖ୍ୟ ରେଳ ଷ୍ଟେସନ ନିକଟରୁ ଜଣେ ବ୍ୟକ୍ତିଙ୍କ ଶବ ଉଦ୍ଧାର ହାଇଛି । ମୃତକଙ୍କ ପରିଚୟ ଜଣାପଡ଼ି ନାହିଁ । ପ୍ରାଥମିକ ତଦନ୍ତରୁ ଟ୍ରେନ୍ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ମଙ୍ଗଳବାର ପୂର୍ବାହ୍ନରେ ୨ ନମ୍ବର ରେଳଧାରଣା ପାଶର୍‌ବରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ଯାତ୍ରୀମାନେ ରେଲେଓ୍ୱ ପୋଲିସ୍‌କୁ ଖବର ଦେଇଥିଲେ । ରେଳବାଇ ପୋଲିସ୍ ପହଞ୍ଚି ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଶବ ସଂରକ୍ଷଣାଗାରରେ ରହିଥିବା ବେଳେ ପରିଚୟ ଚିହ୍ନଟ କରିବାକୁ ରେଳବାଇ ପୋଲିସ୍ ଉଦ୍ୟମ ଚଳାଇଛି ।

# ରାତି ପାହିଲା ବେଳକୁ ଖୋଲୁଛି ରେଙ୍ଗାଳି ବିଦେଶୀ ମଦ ଦୋକାନ

ରେଙ୍ଗାଳି, (ସବ୍ୟୁ) : ସରକାରୀ ନିୟମକୁ ସମ୍ପୂର୍ଣ୍ଣ ଆଖିଠାର ମାରି ରେଙ୍ଗାଳି ଅଞ୍ଚଳରେ ଚାଲିଛି ବେଆଇନ ମଦ ବ୍ୟବସାୟ । ଅବକାରୀ ବିଭାଗର ନିର୍ଦ୍ଧାରିତ ସମୟ ସୀମାକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରି ସ୍ଥାନୀୟ ବିଦେଶୀ ମଦ ଦୋକାନ ସକାଳ ୭ଟାରୁ ଖୋଲୁଥିବା ଦେଖିବାକୁ ମିଳୁଛି । ସକାଳୁ ସକାଳୁ ମଦ ଦୋକାନ ସାମ୍ନାରେ ମଦ୍ୟପଙ୍କ ଭିଡ଼ ଜମୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଏକ ଅସୁରକ୍ଷିତ ପରିବେଶ ସୃଷ୍ଟି ହେଉଛି ।

ଆଶ୍ଚର୍ଯ୍ୟର ବିଷୟ, ସବୁ ଜାଣିଶୁଣି ମଧ୍ୟ ସ୍ଥାନୀୟ ପ୍ରଶାସନ ଓ ଅବକାରୀ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ଯାହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ନିୟମ ଅନୁଯାୟୀ ମଦ ଦୋକାନ ଖୋଲିବାର ଏକ ନିର୍ଦ୍ଦିଷ୍ଟ ସମୟ ରହିଥିବା ବେଳେ ଏଠାରେ ମଦ ବ୍ୟବସାୟୀ ଅତି ବେପରୁଆ ଭାବେ ସୂର୍ଯ୍ୟୋଦୟ ସହିତ ଦୋକାନ ଖୋଲି ଦେଉଛନ୍ତି । ଏହି ରାସ୍ତା ଦେଇ ସକାଳ ସମୟରେ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ, ମହିଳା, ଯୁବତୀ ଏବଂ ପ୍ରାତଃ ଭ୍ରମଣରେ ବାହାରୁଥିବା ସାଧାରଣ ଲୋକେ ଯାତାୟାତ କରିଥାନ୍ତି ।

ମାତ୍ର ମଦ ଦୋକାନ ନିକଟରେ ଅସାମାଜିକ ବ୍ୟକ୍ତି ଓ ମଦ୍ୟପଙ୍କ ଭିଡ଼ ଯୋଗୁଁ ସେମାନଙ୍କୁ ସଂକୋଚ ଓ ଭୟର ସହ ଯିବାକୁ ପଡୁଛି । ବିଶେଷ କରି ମହିଳାମାନେ ଏହାଦ୍ୱାରା ଅସୁରକ୍ଷିତ ମଣୁଛନ୍ତି । ମଦ ବ୍ୟବସାୟୀ ଏବଂ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ କୌଣସି ଅସାଧୁ ମେଣ୍ଟ ବା 'ମଧୁଚନ୍ଦ୍ରିକା' ରହିଥିବା ନେଇ ଜନସାଧାରଣ ସନ୍ଦେହ ବ୍ୟକ୍ତ କରୁଛନ୍ତି ।

# ବ୍ୟାଙ୍କରେ ଖାତା ଖୋଲି ଠକେଇର ଶିକାର ହେଲେ ୪୪ ଶ୍ରମିକ

କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡ କଙ୍କଡାହାଡ ବ୍ଲକର ୪୪ ଜଣ ଶ୍ରମିକ ବ୍ୟାଙ୍କରେ ଖାତାଖୋଲି ଠକେଇର ଶିକାର ହୋଇଥିବାର ଜଣାପଡିଛି । ରାଜ୍ୟ ତଥା ରାଜ୍ୟ ବାହାରୁ ଆକାଉଣ୍ଟରେ ହୋଇଛି କୋଟିକୋଟି ନେଣଦେଣ ହୋଇଥିବା ବେଳେ ନୋଟିସ ଆସିବା ପରେଏସଡିପିଓଙ୍କୁ ଶ୍ରମିକ ମାନେ ଅଭିଯୋଗ କରିଛନ୍ତି । କମ୍ପାନୀରେ କାମ କରେଇଦେବା କହି ଶ୍ରମିକ ମାନଙ୍କ ନାମରେ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପରେ କଙ୍କଡାହାଡ଼ ବ୍ଲକର ବିଭିନ୍ନ ଗ୍ରାମର ୪୪ ଜଣ ଶ୍ରମିକ ଠକାମିର ଶିକାର ହୋଇଛନ୍ତି । ଆକାଉଣ୍ଟରେ କୋଟିକୋଟି ଟଙ୍କା ନେଣଦେଣ ହୋଇଥିବା ନୋଟିସ ପାଇବା ପରେ କାମାକ୍ଷାନଗର ଏସଡିପିଓଙ୍କୁ ଭେଟି ଅଭିଯୋଗ କରିଛନ୍ତି । କଙ୍କଡାହାଡ଼ ବ୍ଲକର ବାଲିକୁମା, ପଳାସଟାଙ୍ଗି, ଜିରୋସାହି, ତାରିଣୀପଶି, ଧୂଳିଗୋଠ ଇତ୍ୟାଦି ଗ୍ରାମରୁ ପ୍ରାୟ ୪୪ ଜଣ ଶ୍ରମିକଙ୍କ ଆକାଉଣ୍ଟରେ କୋଟିକୋଟି ଟଙ୍କା ନେଣଦେଣ ହୋଇଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ କଟକ ଜିଲ୍ଲାରେ ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରେଇଦେବାକୁ କହି ଦେବାଶିଷ ଦାସ ନାମକ ଜଣେ ବ୍ୟକ୍ତି ୪୪ ଜଣ ଶ୍ରମିକଙ୍କ ନାମରେ ଢେଙ୍କାନାଳ ସହରରେ ଥିବା ଫେଡେରାଲ ବ୍ୟାଙ୍କରେ ୧୫୦୦ ଟଙ୍କା ଲେଖାଏ ଜମା କରି ଆକାଉଣ୍ଟ ଖୋଲାଇଥିଲା । ପରେ ଶ୍ରମିକ ମାନଙ୍କୁ ଚଞ୍ଚକତା କରି ବ୍ୟାଙ୍କ ପାସବୁକ ମଧ ନେଇଯାଇଥିଲା ।

୨୦୨୩ ମସିହାରେ ପାସବୁକ ଖୋଲାଇ କମ୍ପାନୀରେ ଚାକିରୀର ପ୍ରତିଶୃତି ପାଇ ଶ୍ରମିକ ମାନେ ନିଜର ବ୍ୟାଙ୍କ ପାସବୁକ ଦେବାଶିଷ ଦାସକୁ ଦେଇଥିଲେ । କିନ୍ତୁ ପରେ ଦେବାଶିଷ ସହିତ ଶ୍ରମିକ ମାନଙ୍କ କୌଣସି ଯୋଗାଯୋଗ ହୋଇପାରିନଥିଲା । ମାତ୍ର ଘଟଣାର ତିନିବର୍ଷ ପରେ ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିବା ଶ୍ରମିକ ମାନଙ୍କ ପାଖକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଥାନାରୁ ନୋଟିସ ଆସିଥିଲା । ଶ୍ରମିକ ମାନଙ୍କ ଆକାଉଣ୍ଟରୁ ଆଣ୍ଡାମାନ,ୟୁପି, କେରଳ, ପ୍ରଭୃତି ରାଜ୍ୟରୁ କୋଟିକୋଟି ଟଙ୍କା ନେଣଦେଣ ହୋଇଥିବା ନେଇ ନୋଟିସ ଆସିଥିଲା । ନୋଟିସ ପାଇବା ପରେ ଶ୍ରମିକ ମାନେ ଠକେଇର ଶିକାର ହୋଇଥିବା ଜାଣି ଆଜି କାମାକ୍ଷାନଗର ଏସଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଛନ୍ତ । ସେମାନଙ୍କ ଅଜାଣତରେ କିପରି ଆକାଉଣ୍ଟରେ କୋଟିକୋଟି ଟଙ୍କା ନେଣଦେଣ ହୋଇଛି ତାହାର ତଦନ୍ତ କରିବାପାଇଁ ସେମାନେ ଦାବି କରିଛନ୍ତି । କିପରି ଏହା ହୋଇଛି ତାହାକୁ ଜାଣିବାପାଇଁ ପୋଲିସ ତଦନ୍ତ ଆରମ୍ଭ କରିଥିବା କାମାକ୍ଷାନଗର ଏସଡିପିଓ ଚିତ୍ତରଞ୍ଜନ ବେହେରା ସୂଚନା ଦେଇଛନ୍ତି ।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁଗୋଳ ଜିଲ୍ଲା ଗସ୍ତ

ଅନୁଗୋଳ, (ସବ୍ୟୁ) : କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ଅନୁଗୋଳ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି । ଜୁଲାଇ ୯ ତାରିଖ ଗୁରୁବାର କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଧାନ ଅନୁଗୋଳ ଜିଲ୍ଲା ଗସ୍ତ କରି କଣିହାଁ ଏନଟିପିସି ଠାରେ ସନ୍ଧ୍ୟାରେ ପହଁଚିବେ । ୧୦ ତାରିଖ ଶୁକ୍ରବାର କଣିହାଁରୁ ପାଲଲହଡା ଗସ୍ତ କରି ସକାଳ ୮ ଟାରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟର ଉଦଘାଟନ କରିବା ସହ ସ୍ଥାୟୀ କ୍ୟାମ୍ପସର ଭୂମିପୂଜନ କରିବେ । ସେଠାରୁ ଦେବଗଡ଼ ଗସ୍ତ କରି ଜିଲ୍ଲାର ବିକାଶ ପାଇଁ ଦିଶା ବୈଠକରେ ଯୋଗ ଦେବେ ଓ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ସେଦିନ ସନ୍ଧ୍ୟାରେ ଅନୁଗୋଳ ନାଲକୋ ଠାରେ ପହଁଚିବେ । ୧୧ ତାରିଖ ଶନିବାର ଅନୁଗୁଳ ଜିଲ୍ଲାର ବିକାଶ ପାଇଁ ଦିଶା ବୈଠକରେ ଯୋଗଦେବେ ଏବଂ ଅପରାହ୍ନରେ ନାଲକୋ ଆରପିଡିଏସି ବୈଠକରେ ଯୋଗଦେବେ । ସନ୍ଧ୍ୟାରେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଭିମୁଖେ ଯାତ୍ରା କରିବେ ବୋଲି ଜୋନାଲ ବିଜେପି ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ସୂଚନା ଦେଇଛନ୍ତି ।

# ତାଳଚେର ବସଷ୍ଟାଣ୍ଡ ଉନ୍ନତିକରଣ ପାଇଁ ଡ଼ିଏମ ଫଣ୍ଡରୁ ମିଳିଲା ଅନୁଦାନ

ତାଳଚେର, (ସବ୍ୟୁ) : ତାଳଚେର ରାଣୀପାର୍କ ବସଷ୍ଟାଣ୍ଡଟି ଜରାଜିର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିଲା । ଏହି ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ନଗରପାଳ ପବିତ୍ର ଭୂତିଆଙ୍କ ଚେଷ୍ଟାରେ ଜିଲ୍ଲା ଖଣିଜପାଣ୍ଠିରୁ ୫କୋଟି ୧ଲକ୍ଷ ୮୪ହଜାର ଟଙ୍କା ଖର୍ଚ୍ଚ କରାଯାଇ ନୂତନ ବସଷ୍ଟାଣ୍ଡ କରାଯିବ ବୋଲି ନଗରପାଳ ଶ୍ରୀ ଭୂତିଆ ପ୍ରକାଶ କରିଛନ୍ତି । ଜିଲ୍ଲାଖଣିଜ ପାଣ୍ଠି ଟ୍ରଷ୍ଟ ପକ୍ଷରୁ ଚିଠି ନଂ-୫୪୩, ଫାଇଲ ନଂ-ଏକ୍ସଭି-୧୨୭ (ପି/ଟ୍ରି) ତା ୦୭/୦୪/୨୦୨୪ରେ ପତ୍ରରେ ଦର୍ଶାଯାଇଛି ଯେ, ତାଳଚେର ନୂତନ ବସଷ୍ଟାଣ୍ଡ ନିମନ୍ତେ ଡ଼ିଏମ ଫଣ୍ଡରୁ ଉକ୍ତ ଅର୍ଥ ପ୍ରଦତ୍ତ କରାଗଲା । ତେବେ ଏହାକୁ ନେଇ ତାଳଚେର ଅଂଚଳରେ ଖୁସିର ମାହୋଲ ଖେଳିଯିବା ସହ ନୂତନ ବସଷ୍ଟାଣ୍ଡ କରାଗଲେ ନିଶ୍ଚିତଭାବେ ଯାତ୍ରୀମାନେ ସୁବିଧାରେ ବିଭିନ୍ନ ସ୍ଥାନକୁ ଯାତାୟତ କରିପାରିବେ । ପ୍ରକାଶ ଥାଉକି, ତାଳଚେର ଅଂଚଳରେ ଖଣିଖାଦାନ ଯୋଗୁଁ ଭାରୀଯାନ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଯୋଗୁଁ ଓ ଟ୍ରକ ଟର୍ମିନାଲ ଖଣି ପରିସରରେ ନଥିବାରୁ ଗାଡ଼ି ମାଲିକ ମାନେ ଉକ୍ତ ବସଷ୍ଟାଣ୍ଡରେ ଠିଆ କରୁଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଗଲେ ସେଠାରେ ଟ୍ରକ ଗୁଡ଼ିକୁ ଠିଆ କରାଯିବନି ତ, ଏ ପ୍ରଶ୍ନଟି ଉଙ୍କି ମାରୁଛି ଯାତ୍ରୀ ଓ ସର୍ବସାଧାରଣଙ୍କ ମନରେ ।

## ହୃଦଘାତରେ ଶିକ୍ଷକଙ୍କ ପରଲୋକ



ଠାକୁରଗଡ଼, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଖଜୁରୀଜୁଡ଼ା ଗ୍ରାମର ଶିକ୍ଷକ ରଞ୍ଜନ କୁମାର ଗଡ଼ ନାୟକଙ୍କର ମଙ୍ଗଳବାର ରାତିରେ ହୃଦଘାତରେ ପରଲୋକ ହୋଇଯାଇଛି । ସେ ଘରେ ଥିବା ବେଳେ ହୃଦଘାତର ଶିକାର ହୋଇ ଥିଲେ । ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ତାଙ୍କ ବିୟୋଗରେ ଆଠମଲ୍ଲିକ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଶୋକର ଛାୟା ଖେଳି ଯାଇଥିବା ବେଳେ ସେ ଜଣେ ଆଦର୍ଶ ଶିକ୍ଷକ ଭାବରେ ପରିଚିତ ଥିଲେ ।

## ପରୀକ୍ଷା ପରିଚାଳନାରେ ଦୁର୍ନୀତି ଓ ପେପର ଲିକ୍ ପ୍ରସଙ୍ଗ

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିୱାଇଓର ଦାବିପତ୍ର

ଅନୁଗୁଳ, (ସବ୍ୟୁ) : ସମସ୍ତ ବେକାର ଯୁବକ-ଯୁବତୀଙ୍କ ନିଯୁକ୍ତି ସୁନିଶ୍ଚିତ କରିବା ସହ ସରକାରୀ ଦପ୍ତର ଗୁଡ଼ିକରେ ଖାଲି ପଡିଥିବା ସମସ୍ତ ପଦବୀ ଯୁଦ୍ଧକାଳୀନ ଭିତ୍ତିରେ ପୂରଣ କରିବା, ନିଯୁକ୍ତି ପାଇଁ ହେଉଥିବା ପରୀକ୍ଷାଗୁଡିକରେ ସ୍ୱଚ୍ଛତା ସହ ଏନ୍.ଟି.ଏ.କୁ ସମ୍ପୂର୍ଣ୍ଣ କରିବା, ନିଟ୍ ପରୀକ୍ଷାରେ ପେପରଲିକ୍ ପାଇଁ ପରୀକ୍ଷା ବାତିଲ୍ ଫଳରେ ପ୍ରାୟ୨୦ରୁ ଉର୍ଦ୍ଧ୍ୱର୍ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ହୋଇଥିବାରୁ ନୈତିକତା ଦୃଷ୍ଟିରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ଆଦି ଦାବିରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍‌ୟୁଥ୍ ଅର୍ଗାନାଇଜେସନ୍ (ଏ.ଆଇ.ଡି.ୱାଇ.ଓ) ସର୍ବଭାରତୀୟ କମିଟିର ଆହ୍ୱାନକ୍ରମେ ଗତ ୪ ଜୁଲାଇରୁ ୮ ଜୁଲାଇ ଦେଶବ୍ୟାପୀ ପ୍ରତିବାଦ ଆନ୍ଦୋଳନ ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଡି.ୱାଇ.ଓ.ର କାର୍ଯ୍ୟକର୍ତ୍ତାମାନେ ଜିଲ୍ଲା ପ୍ରଶାସନ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଉଶ୍ୟେରେ ଦାବିପତ୍ର ପ୍ରଦାନ କରିଛନ୍ତି । ସଂଗଠନର ରାଜ୍ୟ ସଭାପତି ପ୍ରକାଶ କରିଛନ୍ତିଯେ ନିଯୁକ୍ତି ପାଇଁ ହେଉଥିବା ପରୀକ୍ଷାରେ ବ୍ୟାପକ ଦୁର୍ନୀତି, ପେପରଲିକ୍ ଆଦି ଘଟଣା ଘଟି ଚାଲିଛି । ନିଟ୍ ପାଇଁ ଅକ୍ଲାନ୍ତ ପରିଶ୍ରମ କରି ଛାତ୍ରଛାତ୍ରୀମାନେ ପ୍ରସ୍ତୁତ ହେଉଥିବାବେଳେ ପେରପଲିକ୍ ଯୋଗୁଁ ପରୀକ୍ଷା ବାତିଲ୍ ଫଳରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱର୍ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି । ମନ୍ତ୍ରୀ, ପ୍ରଶାସକମାନେ କେବଳ ଗଣମାଧ୍ୟମ ସାମ୍ନାରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିକ୍ରିୟା ରଖୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ କଠୋର ହେଉନଥିବାରୁ ବାରମ୍ବାର ଘଟିଚାଲିଛି । ସମସ୍ୟା ସମାଧାନ ନହେଲେ ଦେଶବ୍ୟାପୀ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ ସମୟରେ ସଂଗଠନର ଜିଲ୍ଲା ସଭାପତି ନିରଞ୍ଜନ ନାୟକ, ସମ୍ପାଦକ କୈଳାସ ସାହୁ, ଉପସଭାନେତ୍ରୀ ଜ୍ୟୋସ୍ନା ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।




# ବିସ୍ଥାପନ ସମସ୍ୟା: ଆଞ୍ଚଳିକ ଜମିହରା ପ୍ରଜା ସଂଘ ବୈଠକ

କଣିହାଁ, (ସବ୍ୟୁ) : ଏମସିଏଲ କଣିହାଁ କୋଇଲା ଖଣିରେ କ୍ଷତିଗ୍ରସ୍ତ ହେଉଥିବା ଆଂଚଳିକ ଲୋକଙ୍କ ବିଭିନ୍ନ ସମସ୍ୟା ନେଇ ଆଞ୍ଚଳିକ ଜମିହରା ପ୍ରଜା ସଂଘ ,କଣିହାଁ ଓ କଣିହାଁ କୋଇଲା କ୍ଷେତ୍ର ଜିଏମଙ୍କ ମଧ୍ୟରେ ଏକ ବୈଠକ ଏମସିଏଲର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଘ ପକ୍ଷରୁ ପୂର୍ବରୁ ଦିଆଯାଇଥିବା ୪ ଦଫା ଦାବୀ ମଧ୍ୟରେ ପ୍ରତ୍ୟେକ ଜମିହରା ପରିବାରର ଜଣକୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ସ୍ଥାୟୀ ନିଯୁକ୍ତି ମିଳିବା ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ପରିବାରର ଜଣକୁ ଠିକା ସଂସ୍ଥାରେ ନିଯୁକ୍ତି ଦେବା, ଅଧିଗ୍ରହଣ ହୋଇଥିବା ଜମିର ବର୍ତ୍ତମାନ ବଜାର ମୂଲ୍ୟ ସହିତ କ୍ଷତିଗ୍ରସ୍ତ ପ୍ରଜା ବନାଇଥିବା ଘର, ଗଛ, ନଳକୂପର ଉଚିତ ମୂଲ୍ୟାଙ୍କନ କରି ଏକକାଳୀନ କ୍ଷତିପୂରଣର ରାଶି ପ୍ରଦାନ କରିବା, ପ୍ରତ୍ୟେକ ପରିବାରଙ୍କୁ ପୁନର୍ବାସ ଥଇଥାନ ନିତି ଅନୁଯାୟୀ ନୂତନ ସ୍ଥାନରେ ଘର ନିର୍ମାଣ ପାଇଁ ପରିବାର ପ୍ୟାକେଜ ଇତ୍ୟାଦି ପ୍ରଦାନ କରିବା ସଂପର୍କରେରେ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ ଏମସିଏଲ କଣିହାଁ କୋଇଲା କ୍ଷେତ୍ର ଜିଏମ ନରେଶ ସିଂହ, ଆଞ୍ଚଳିକ ଜମିହରା ପ୍ରଜା ସଂଘର ସଭାପତି ଶିବରାମ ଦାସ, ସମ୍ପାଦକ ଅଭିମନ୍ୟୁ ସାହୁ, ନବେଇ ସାହୁ, ସୂର୍ଯ୍ୟ କୁମାର ସାହୁ, ବେଣୁଧର ଦାସ, ପ୍ରଦିପ କୁମାର ଭୁତିଆଙ୍କ ସମେତ ଆଞ୍ଚଳିକ ପ୍ରଜା ସଂଘର ଅନେକ ଜମିହରା ପ୍ରଜା ଉପସ୍ଥିତ ଥିଲେ ।

# ମଛୁଆ ଏଫ୍ଏମ୍ ବିଶ୍ୱବିଦ୍ୟାଳୟର ତୃତୀୟ ପୋଷ୍ୟ ଗ୍ରାମ




ବାଲେଶ୍ୱର,(ସବ୍ୟୁ): ନ ମହୋତ୍ସବ ସପ୍ତାହ ପାଳନ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଛୁଆ ଗ୍ରାମରେ ଏକ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଭାରତ ସରକାରଙ୍କ ଉନ୍ନତ ଭାରତ ଅଭିଯାନ ଅଧୀନରେ ମଛୁଆ ଗ୍ରାମକୁ ବିଶ୍ୱବିଦ୍ୟାଳୟର ତୃତୀୟ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରାଯାଇଛି। ଏହାପୂର୍ବରୁ ବିଶ୍ୱବିଦ୍ୟାଳୟ ନୂଆପାଢ଼ୀ ଓ ମର୍ଦ୍ଦରାଜପୁର ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିଅଛି। ମଛୁଆ ଗ୍ରାମକୁ ସାମିଲ କରିବା ଫଳରେ ସ୍ଥାୟୀ ଗ୍ରାମୀଣ ବିକାଶ ଓ ସମାଜ ସହ ବିଶ୍ୱବିଦ୍ୟାଳୟର ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଉତ୍କର୍ଷ ସହ ସାମାଜିକ ଦାୟିତ୍ୱବୋଧକୁ ସମାନ ଗୁରୁତ୍ୱ ଦେବାର ଦୃଷ୍ଟିଭଙ୍ଗୀକୁ ବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ ଆଉ ଦୁଇଟି ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରି ସେଠାରେ ବିକାଶମୂଳକ କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରାଯିବ ଏବଂ ବିଶ୍ୱବିଦ୍ୟାଳୟ-ସମାଜ ସହଭାଗିତାକୁ ଆହୁରି ସୁଦୃଢ଼ କରାଯିବ। ମଛୁଆ ସରପଞ୍ଚ ଓ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ, ସ୍ୱେଚ୍ଛାସେବୀ ଏବଂ ଗ୍ରାମବାସୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଗ୍ରାମର ବିଭିନ୍ନ ସ୍ଥାନରେ ସର୍ବମୋଟ ୧୨୦ଟି ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, ଜାତୀୟ ସେବା ଯୋଜନାର ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ପ୍ରତିମା ପ୍ରଧାନ ଓ ସ୍ୱେଚ୍ଛାସେବୀମାନଙ୍କ ସମନ୍ୱୟରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା।

# ନାବାଳିକାକୁ ଦୁଷ୍କର୍ମ : ଦାଦା ଗିରଫ

ଭଦ୍ରକ,(ସବ୍ୟୁ): ନାବାଳିକା ଝିଆରୀକୁ ଦୁଷ୍କର୍ମ କରି ଦାଦା ଗିରଫ। ଏଭଳି ଘଟଣା ଘଟିଛି ଭଦ୍ରକ ଟାଉନଥାନା ଅଧିନରେ। ଗତ ରଜପର୍ବ ସମୟରେ ଘରେ କେହି ନଥିବାର ସୁଯୋଗ ନେଇ ଦାଦା ତାର ସମ୍ପର୍କୀୟ ଝିଆରୀକୁ ଦୁଷ୍କର୍ମ କରିଥିଲା। ଝିଆରୀକୁ ମଧ ଧମକମକ ଦେଇଥିଲା। ପରିବାର ଲୋକେ ଫେରିବା ପରେ ନାବାଳିକାଜଣଙ୍କ ପରିବାର ଲୋକଙ୍କୁ ଅବଗତ କରାଇଥିଲେ ପରିବାର ଲୋକେ ଗତକାଲି ରାତିରେ ଟାଉନଥାନାରେ ଅଭିଯୋଗ ପରେ ଦାଦାକୁ ଗିରଫ କରିଛି ଭଦ୍ରକ ଟାଉନ ପୁଲିସ।

# ଡକାୟତି ଗ୍ୟାଙ୍ଗର ପର୍ଦ୍ଦାଫାସ୍

# ମହିଳା ମାଷ୍ଟରମାଇଣ୍ଡଙ୍କ ସମେତ ୬ ଗିରଫ





ଯୋଡ଼ା,(ସବ୍ୟୁ) କେନ୍ଦୁଝର ଜିଲ୍ଲା ବଡ଼ବିଲରେ ବଡ଼ ଧରଣର ଡକାୟତ ଏବଂ ସାଇବର ଠକେଇ ଗ୍ୟାଙ୍ଗର ପର୍ଦ୍ଦାଫାଶ। ମହିଳା ମାଷ୍ଟରମାଇଣ୍ଡଙ୍କ ସମେତ ୬ ଗିରଫ । ଗିରଫ ମହିଳା ଜଣକ ସାଇବର୍ ଠକେଇରେ ବେଶ ପାରଙ୍ଗମ ଏବଂ ଝାଡ଼ଖଣ୍ଡର କୁଖ୍ୟାତ 'ଜାମତାରା ଗ୍ୟାଙ୍ଗ' ସହ ସମ୍ପୃକ୍ତ ଥିବା ବଡବିଲ ଏସଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ଓ ବଡବିଲ ଥାନା ଅଧିକାରୀ ଅଶୋକ କୁମାର ନାୟକ ମିଳିତ ପ୍ରେସ ମିଟ ରେ ସୂଚନା ଦେଇଛନ୍ତି।ଗତ ଜୁନ ୪ ତାରିଖରେ ଜଣେ ଟ୍ରକ ଡ୍ରାଇଭରଙ୍କୁ ରଇଡ଼ା ଛକ ନିକଟରେ କିଛି ଦୁର୍ବୃତ୍ତ ମାରଣାସ୍ତ୍ରରେ ଆକ୍ରମଣ କରି ମୋବାଇଲ ଏବଂ ନଗଦ ଟଙ୍କା ଲୁଟି ନେଇଥିଲେ। ପରେ ସେହି ଲୁଟ ହୋଇଥିବା ମୋବାଇଲ ସାହାଯ୍ୟରେ ଅନ ଲାଇନ ଆପ ଜରିଆରେ ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ଲକ୍ଷାଧିକ ଟଙ୍କା ଗାଏବ କରିଦିଆଯାଇଥିଲା। ଏନେଇ ପୋଲିସର ତଦନ୍ତ ପରେ ଡକାୟତି ଗ୍ୟାଙ୍ଗର ସମ୍ପୃକ୍ତି ସାମ୍ନାକୁ ଆସିଥିଲା। ପୋଲିସ ଚଢ଼ାଉ ସମୟରେ ଚନ୍ଦ୍ରାବତୀଙ୍କ ଘରୁ ୧୨ଟି ମୋବାଇଲ, ୨୬ଟି ବ୍ୟାଙ୍କ ପାସ ବୁକ ଓ ୨୮ଟି ସିମ କାର୍ଡ ଜବତ କରିଛି । ସେହପରି ଯୋଡ଼ା ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ବେଳେ ବଡବିଲ ଥାନା ଅଧିକାରୀ ୫ ଜଣ ଅଭିଯୁକ୍ତଙ୍କୁ ମାରଣାସ୍ତ୍ର ସହିତ ଧରିବାରେ ସକ୍ଷମ ହୋଇଥିଲେ

# ମଦନପୁର ପଞ୍ଚାୟତ ଆଲୋକୀକରଣର

# ଭିଜିଲାନ୍ସ ତଦନ୍ତ ଦାବି

ଆନନ୍ଦପୁର ,(ସବ୍ୟୁ) : କେନ୍ଦୁଝର ଜିଲ୍ଲାର ଘସିପୁରା ବ୍ଲକ ଅନ୍ତର୍ଗତ ମଦନପୁର ଗ୍ରାମପଞ୍ଚାୟତର ଆଲୋକୀକରଣ ବ୍ୟବସ୍ଥା ଏକ ଫାର୍ଶରେ ପରିଣତ ହୋଇଛି ବୋଲି ସଂପୃକ୍ତ ପଞ୍ଚାୟତବାସୀ ଗୁରୁତର ଅଭିଯୋଗ କରିଛନ୍ତି । ଭୁବନେଶ୍ୱରରେ ନିଜର କାର୍ଯ୍ୟାଳୟ ଅଛି ବୋଲି କହୁଥିବା ଜନୈକ ବିଦ୍ୟୁତ୍ ଠିକାଦାର୍ ତଡିତ ବେଗରେ ଆଲୋକ ବ୍ୟବସ୍ଥା ମାଧ୍ୟମରେ ଅଞ୍ଚଳବାସୀଙ୍କୁ ଅନ୍ଧକାର ମଧ୍ୟକୁ ଠେଲିଦେଇ ଛୁ ମାରିଥିବାର ଚର୍ଚ୍ଚା ସାଧାରଣରେ ବ୍ଲକ ଓ ପଞ୍ଚାୟତ ପ୍ରଶାସନ ପ୍ରତି ସନ୍ଦେହ ସୃଷ୍ଟି କରିଥିବାର ଖବର୍ ମିଳିଛି ।ଗ୍ରାମପଞ୍ଚାୟତ ସଦରମହକୁମାର ରାସ୍ତା ପାର୍ଶ୍ୱରେ ଏବଂ ସରକାରଙ୍କ ଏକ ନିର୍ଦ୍ଦିଷ୍ଟ ଯୋଜନା ଅନୁଯାୟୀ ମଦନପୁର ଦଳିତ ବସ୍ତିରେ ହୋଇଥିବା ଆଲୋକ ସଂଯୋଗୀକରଣରେ ବ୍ୟାପକ ହରିଲୁଟ ହୋଇଛି । ଦଳିତ ଭାଇମାନଙ୍କ ଉଦ୍ଦେଶ୍ୟରେ ସରକାରୀ ଯୋଜନା ପ୍ରଣୟନ ହୋଇଥିଲା ତଥା ସ୍ଥାନୀୟ ବିଧାୟକ କେବଳ ହରିଜନ ବସ୍ତି ଭିତରେ ହିଁ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଘସିପୁରା ବ୍ଲକ ପ୍ରଶାସନକୁ ଲିଖିତ ଭାବେ ପରାମର୍ଶ ଦେଇଥିଲେ । ମାତ୍ର ସଂପୃକ୍ତ ଠିକାଦାର ଜଣକ ଜନୈକ ସ୍ୱୟଂ ଘୋଷିତ ଶାସକଦଳ କୁଜୀ ନେତାଙ୍କ ସହ ମିଳି-ଭଗତ୍ ପ୍ରକ୍ରିୟାରେ ନିୟମ ଉଲ୍ଲଂଘନ ପୂର୍ବକ ମନ ଇଚ୍ଛା କାର୍ଯ୍ୟ କରି ଯେକୌଣସି ମତେ ବିଲ ଉଠାଇ ଫେରାର୍ ହୋଇଯାଇଛନ୍ତି ବୋଲି ଆଲୋଚନା ହେଉଛି । ଏପରିକି, ସୌର ବତୀ ଗୁଡ଼ିକ ଅତି ନିମ୍ନମାନର ହୋଇଥିବାରୁ ଦି' ଦିନ ସରକାରୀ ଆଲୁଅରେ କୁରୁଳିଉଠିଥିବା ଗ୍ରାମବାସୀମାନେ ଏବେ ଯେଉଁ ତିମିରେକୁ ସେହି ତିମିରେ । ବ୍ଲକ ଅଧିକାରୀଙ୍କୁ ପଚାରିଲେ ସେମାନଙ୍କ ଅସମ୍ଭବ ନୀରବତା ଡାଲିରେ କିଛି କଳାରଙ୍ଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏବେ, ଜନସାଧାରଣ ନିରୁଦ୍ଦିଷ୍ଟ ଠିକାଦାରଙ୍କୁ ସେମାନଙ୍କ ନିଜ ଢଙ୍ଗରେ ସମ୍ବର୍ଦ୍ଧିତ କରିବା ଅପେକ୍ଷାରେ ଥିବାବେଳେ ଠିକାଦାର କୁଆଡ଼େ ଆଲୁଅ ଲଗାଇଥିବା ଫଟୋକୁ ସ୍ଥାନୀୟ ବିଜେପି ନେତାଙ୍କ ନିକଟକୁ ପଠାଇଦେଇ ତୁରନ୍ତ ବିଲ କରାଇନେବାରେ ସଫଳ ହୋଇଗଲେ ବୋଲି ସ୍ଥାନୀୟ ସରପଞ୍ଚ ଓ ପଞ୍ଚାୟତ ସମିତି ସଭ୍ୟ କ୍ଷୋଭର ସହ ପ୍ରକାଶ କରିଛନ୍ତି । ତେବେ ଏ' ନେଇ ଖୁବଶୀଘ୍ର ଭିଜିଲାନ୍ସଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ସୁଚନା ଦେଇଛନ୍ତି ।

# ଜୁଲାଇ ମାସର ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଜାରି

କେନ୍ଦୁଝର,(ସବ୍ୟୁ): ଜନସାଧାରଣଙ୍କ ସମସ୍ୟାର ସମାଧାନ ଏବଂ ପ୍ରଶାସନିକ ସେବାକୁ ଅଧିକ ତତ୍ପର କରିବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଜୁଲାଇ ମାସ ପାଇଁ 'ଯୁଗ୍ମ ଅଭିଯୋଗ ଶୁଣାଣି' କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଧାସଳଖ ଜନସାଧାରଣଙ୍କ ଅଭିଯୋଗ ଶୁଣିବେ। ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ ୧୩ ତାରିଖରେ ଚମ୍ପୁଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୨୦ତାରିଖରେ ଘଷିପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ,୨୭ ତାରିଖରେ ଘଟଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ପୂର୍ବାହ୍ନ ୧୦ଟାରୁ- ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହି ଜନଶୁଣାଣି ହେବ । ଜନସାଧାରଣଙ୍କ ସୁବିଧା ପାଇଁ ଏହି ଶିବିରଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଶେଷ ଭାବେ ଅସୁସ୍ଥ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ବସିବା ସହ ପାନୀୟ ଜଳର ସମସ୍ତ ସୁବିଧା ଯୋଗାଇ ଦେବାକୁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ, ଶିବିରରେ ଗ୍ରହଣ କରାଯାଉଥିବା ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ ସୂତ୍ରରେ ପକାଇବା ପାଇଁ ଏହାକୁ ସରକାରୀ ଜନ ଶୁଣାଣି ପୋର୍ଟାଲରେ ପଞ୍ଜିକରଣ କରିବାକୁ ଏକ ସ୍ୱତନ୍ତ୍ର ଟିମ ନିୟୋଜିତ ରହିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଅଞ୍ଚଳବାସୀଙ୍କୁ ନିଜ ନିଜର ଅଭିଯୋଗ ନେଇ ଏହି ଶିବିରରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି।

# ତରୁଆଁ ଦଧିବାମନ ହାଇସ୍କୁଲରେ ବନମହୋତ୍ସବ

ଆନନ୍ଦପୁର ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବନାଞ୍ଚଳ ରାମଚନ୍ଦ୍ରପୁର ସେକ୍ସନ ପକ୍ଷରୁ ତରୁଆଁ ଦଧିବାମନ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ୭୭ତମ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି। ସ୍ଥାନୀୟ ବନ ବିଭାଗ ର ଏ ସି ଏଫ ଅଶୋକକୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରଫେସର ବଦ୍ରିନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଏହି ଅଭିଯାନରେ ଶାଗୁଆନ, ଡାଳିମ୍ବ, ଲେମ୍ବୁ, ପିଜୁଳି, ବଉଳ, ଅର୍ଜ୍ଜୁନ, ଜାମୁ ଓ ଅଁଳା ଆଦି ପାଞ୍ଚ ଶହ ରୁ ଉର୍ଦ୍ଧ ବିଭିନ୍ନ ପ୍ରକାରର ଉପକାରିତା ଫଳ ଫୁଲ ତଥା ଔଷଧିୟ ଚାରା ରୋପଣ କରାଯାଇଥିଲା। ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ଶରତକୁମାର ରାଉତ,ସ୍ଥାନୀୟ ସରପଞ୍ଚ ରଶ୍ମୀରଞ୍ଜିତା ବେହେରା,ସିଆରସି ମନୋଜ ପୃଷ୍ଟି,ଜିଲ୍ଲାପରିଷଦ ସଭ୍ୟ ସଂଜୟକୁମାର ମଲ୍ଲିକ,ବନାଞ୍ଚଳ ଅଧିକାରୀ ନବକିଶୋର ନାୟକ, ବନପାଳ କେଦାର ପାତ୍ର,ଫରେଷ୍ଟଗାର୍ଡ ଜ୍ୟୋସ୍ନାମୟୀ ଜେନା,ମମତା ପାଣିଗ୍ରାହୀ ସମେତ ଅନେକ ଗ୍ରାମବାସୀ ସାମିଲ ହୋଇଥିଲେ।

# କାନ୍ଥରୁ ଇଟା ପଡ଼ି ଫାଟିଲା ମହିଳାଙ୍କ ମୁଣ୍ଡ

ଆଗରପଡ଼ା,(ସବ୍ୟୁଦ):ଆପଣ୍ଡା ୧ନମ୍ବର ଅଙ୍ଗନବାଡ଼ି କେନ୍ଦ୍ର ଗୃହ କାନ୍ଥରୁ ଇଟା ପଡ଼ି ଜଣେ ମହିଳାଙ୍କ ମୁଣ୍ଡ ଫାଟିଯାଇଛି ।ଏହି କେନ୍ଦ୍ରରେ ଶିଶୁମାନଙ୍କ ଓଜନ ପ୍ରକ୍ରିୟା ଚାଲିଥିଲା। ସତ୍ୟଭାମା ରଣା ନାମ୍ନୀ ମହିଳା ତାଙ୍କ ଶିଶୁପୁତ୍ରକୁ ଓଜନ କରିବା ପାଇଁ ଅପେକ୍ଷା କରିଥିଲେ। ଏହି ସମୟରେ କେନ୍ଦ୍ର ଗୃହ କାନ୍ଥରୁ ଇଟା ଖସି ପଡ଼ି ତାଙ୍କ ମୁଣ୍ଡ ଫାଟି ଥିଲା। ସୌଭାଗ୍ୟବଶତଃ ଶିଶୁପୁତ୍ରର କୌଣସି କ୍ଷତି ଘଟି ନଥିଲା। ଏକ ଜରାଜୀର୍ଣ୍ଣ ଗୃହରେ ଦୀର୍ଘ ୨୬ବର୍ଷ ଧରି ଏହି କେନ୍ଦ୍ର ଚାଲିଥିବାର ଜଣାପଡ଼ିଛି।

# ନୟନଜୋରୀକୁ ଓଲଟିଲା ପିକ୍ଅପ୍ ଭ୍ୟାନ

ଆଗରପଡା,(ସବ୍ୟୁ):ବୁଧବାର ଆଗରପଡ଼ା ବଉଳା ରାସ୍ତାର ପାଟକନା ଛକ ଠାରେ ଆଗରପଡ଼ା ଆଡୁ ଆସୁଥିବା ଏକ ପିକଅପ ଭ୍ୟାନ ଦୃତ ଗତିରେ ଆସି ଭାରସାମ୍ୟ ହରାଇ ନୟନଯୋରୀକୁ ଓଲଟି ପଡିଛି। ଗାଡିଟି ବିଶେଷ ଭାବରେ କ୍ଷତି ହୋଇନଥିଲେ ମଧ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଥିବା ଜଣାପଡିଛି। ଖବରପାଇ ଆଗରପଡ଼ା ପୋଲିସ ଘଟଣାସ୍ଥଳରେ ପହଂଚି ଘଟଣା ସମ୍ପର୍କରେ ଛାନଭିନ୍ କରିଛି।

# ବନ ବିଭାଗର କରତକଳରେ ଚଢ଼ାଉ

ଧାମନଗର,(ସବ୍ୟୁ): ବୁଧବାର ଦିନ ଧାମନଗରର ଏକ ବେଆଇନ କରତକଳ ଉପରେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଭଦ୍ରକ ଡିଏଫଓ ଅରୁଣ କୁମାର ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ବନ ସଂରକ୍ଷକ ସୁମିତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଧାମନଗର ବନାଂଚଳ ଅଧିକାରୀ ବବୁଲ ମଲିକ,ଧାମନଗର ପୋଲିସ ସହାୟତାରେ ଭଦ୍ରକ ଜିଲା ଧାମନଗର ରେଞ୍ଜ ଅଧିନ ଧାମନଗର ସ୍ଥିତ ମୁଲଣାସାହି ଠାରେ ବେଆଇନ ଭାବେ ଚାଲିଥିବା କରତକଳ ଉପରେ ବୁଧବାର ସକାଳୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ବେଆଇନ କରତକଳରୁ ପୁଣ୍ଡିଆ,ଜାମୁ,ଶିରିସ,ବବୁରି,ଚାକୁଣ୍ଡା ଆଦି କାଠ ସମେତ ବିଭିନ୍ନ ଯନ୍ତ୍ରାଂଶ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡିଛି। ଗ୍ୟାସ କଟର ବ୍ୟବହାର କରି କରତକଳର ଜନ୍ତ୍ର ଗୁଡିକ କଟାଯାଇଥିବା ଦେଖିବାକୁ ମିଳିଛି। ଚଢ଼ାଉ ସମୟରେ କରତ କଳ ମାଲିକ ଅନୁପସ୍ଥିତ ଥିବା ଜଣାଯାଇଛି। ତେବେ ବେଆଇନ ଭାବେ ବିଭିନ୍ନ ସ୍ଥାନରେ ଚାଲୁଥିବା କରତ କଳ ଗୁଡିକୁ ପର୍ଯ୍ୟାୟକ୍ରମେ ଚଢ଼ାଉ କରାଯିବ ବୋଲି ରେଞ୍ଜର ବବୁଲ ମଲିକ ସୂଚନା ଦେଇଛନ୍ତି।

# ମହିଳାଙ୍କ ଆତ୍ମହତ୍ୟା

ପାଟଣା,(ସବ୍ୟୁ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଲିବନ୍ଧ ଠାରେ ଏକ ମହିଳା ଫ୍ୟାନରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ଦେବେନ୍ଦ୍ର ମହାନ୍ତଙ୍କ ଧର୍ମପତ୍ନୀ ସୁପ୍ରିୟା ମହାନ୍ତ ବୋଲି ଜଣାପଡିଛି। ବୁଧବାର ସକାଳୁ ସୁପ୍ରିୟା ନିଜ ଝିଅକୁ ଅଙ୍ଗନୱାଡ଼ି କେନ୍ଦ୍ରରେ ଛାଡ଼ି ଆସିବା ପରେ ଘରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ କୌଣସି କାରଣ ନେଇ ବଚସା ହୋଇଥିଲା। ତାପରେ ସୁପ୍ରିୟା ତାଙ୍କ ଘର ଫ୍ୟାନ ରେ ଏକ ଚୁନିରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ପାଟଣା ଥାନା ଅତିରିକ୍ତ ଅଧିକାରୀ ଧନେଶ୍ୱର ପାତ୍ର ସୁପ୍ରିୟାଙ୍କ ଘରେ ପହଞ୍ଚି ମୃତଦେହ ଜବତ କରିବା ସହିତ ପାଟଣା ଥାନା ରେ ଏକ ଅପମୃତ୍ୟୁ ମାମଲା କେଶ ନଂ ୩୫/୨୬ ରୁଜୁ କରାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ। ଶବ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଗୁଜରାଟ ଗସ୍ତ

ନୀଳଗିରି/ବାଲେଶ୍ୱର, (ସବ୍ୟୁ):ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବେ ଗୁଜୁରାଟ ଗସ୍ତରେ । ଗୁଜୁରାଟର ରାଜଧାନୀ ଆହମଦାବାଦରେ ଆୟୋଜିତ ସଂସଦୀୟ ଲୋକ ଉଦ୍ୟୋଗ ସମିତିର ବୈଠକରେ ଏନ୍ ଏଚ ଏ ଆଇ , ପିଏଫସି,ଏବଂ ବିପିଶିଏଲ୍ ର ଅଧିକାରୀମାନଙ୍କ ସହ ଫଳପ୍ରଦ ଆଲୋଚନା କରିଛନ୍ତି ଶ୍ରୀଯୁକ୍ତ ଷଡ଼ଙ୍ଗୀ ଏହି ବୈଠକରେ ଉକ୍ତ ସାର୍ବଜନିକ କ୍ଷେତ୍ରର ଉଦ୍ୟୋଗଗୁଡ଼ିକର କାର୍ଯ୍ୟଦକ୍ଷତା, ସମ୍ମୁଖୀନ ଚ୍ୟାଲେଞ୍ଜ ଏବଂ ଭବିଷ୍ୟତ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଦେଶର ଭିତ୍ତିଭୂମି ବିକାଶକୁ ସୁଦୃଢ଼ କରିବା, କାର୍ଯ୍ୟକ୍ଷମତା ବୃଦ୍ଧି କରିବା ଏବଂ ଜାତୀୟ ସ୍ୱାର୍ଥରେ ସ୍ଥାୟୀ ଓ ସନ୍ତୁଳିତ ବିକାଶକୁ ପ୍ରୋତ୍ସାହନ ଦେବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିବା କହିଥିଲେ ସାଂସଦ। ତତ୍ ସହ ସାବରମତୀ ଆଶ୍ରମ ବୁଲି ଦେଖିଥିଲେ ଶ୍ରୀ ଷଡ଼ଙ୍ଗୀ ।

# ବ୍ଲକସ୍ତରୀୟ ଭିଭି ଜି ରାମ ଜି କର୍ମଶାଳା

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ବ୍ଲକ ସଭାଗୃହରେ ବ୍ଲକ ସ୍ତରୀୟ ଭିଭି ଜି ରାମ ଜୀ ଉପରେ ମଙ୍ଗଳବାର ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ବିଡିଓ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲ୍ଲା ପରିଷଦ ସଭ୍ୟା ଗଜେନ୍ଦ୍ର ପ୍ରସାଦ ଦାସ,ସଭ୍ୟା ରଶ୍ମିତା ମହାପାତ୍ର,ସିପି ଶଶିକାନ୍ତ ଦାସ,ଏବିଡିଓ ଅଞ୍ଜନ କୁମାର ପାଣିଗ୍ରାହୀ ,ଏପିଓ ବିନୋଦ କୁମାର ଟୁଡୁ,ବିଏସଏସଓ ସରୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ଯୋଜନାରେ ୧୨୫ ଦିନ ଗ୍ରାମୀଣ ରୋଜଗାର ର ଗ୍ୟାରେଣ୍ଟି ସହ ରାସ୍ତା,ପୋଖରୀ ଖୋଳା ପାଇଁ ରହିଥିବା ଗାଇଡ ଲାଇନ ଉପରେ ଆଲୋକପାତ କରିଥିଲେ । ଏସିପି ସୁଶାନ୍ତ ଓଝା,ଏହି ଯୋଜନା ଦାୟିତ୍ୱରେ ଥିବା ସହାୟିକା ଶ୍ରଦ୍ଧାଞ୍ଜଳୀ ପାତ୍ର,ଡିଇଓ ଜମୁନା ଗିରିଙ୍କ ସମେତ ମୃତିକା ସଂରକ୍ଷଣ,ଉଦ୍ୟାନ କୃଷି ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।ଖଇରା ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ,ସମିତିସଭ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଧାନତଳି ଉପରେ ଲହଡ଼ି ଭାଙ୍ଗୁଛି ବର୍ଷାପାଣି

ତିହିଡି,(ସବ୍ୟୁ):ଧାନତଳି ଉପରେ ବର୍ଷାପାଣି ଲହଡ଼ି ଭାଙ୍ଗୁଛି। ଲଘୁଚାପ ଜନିତ ଲଗାଣ ବର୍ଷା ୪ଦିନ ହେବ ଲାଗି ରହିଥିବାରୁ ଏପ୍ରକାର ପରିସ୍ଥିତି ଉପୁଜିଛି। ଏଥିଯୋଗୁ ତିହିଡି ବ୍ଲକର ୩୧ ପଂଚାୟତରେ ୫ଶହ ହେକ୍ଟର ଜମିରେ ଧାନତଳି ନଷ୍ଟ ହେବାର ଆଶଙ୍କା ଉପୁଜିଛି। ଖରିଫ ଧାନଚାଷ ଆରମ୍ଭରୁ ଏପ୍ରକାର ପରିସ୍ଥିତି ଯୋଗୁଁ ଚାଷୀମାନଙ୍କ ମଧ୍ୟରେ ନୈରାଶ୍ୟଭାବ ସୃଷ୍ଟି ହୋଇଛି। ରଜ ସଂକ୍ରାନ୍ତି ପୂର୍ବରୁ ପାଗ ଅନୁକୂଳ ନହେବାରୁ ଚାଷୀମାନଙ୍କ ପକ୍ଷେ ତଳି ପକାଇବା ସମ୍ଭବ ହୋଇନଥିଲା। ଚାଷୀମାନେ ସଂକ୍ରାନ୍ତି ପରେ ଅନୁକୂଳ ପାଗ ଦେଖି ଧାନ ବିହନ ଗଜାକରି ତଳି ପକାଇଥିଲେ। ମାତ୍ର ଲଗାଣ ବର୍ଷା ହେବା ଯୋଗୁଁ ଏହି ତଳି ଉପରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି। ଜଣାଯାଇଛି ଯେ ବ୍ଲକରେ ମୋଟ ୧୯ହଜାର ୧୫ହେକ୍ଟର ଜମି ମଧ୍ୟରୁ ଚଳିତ ବର୍ଷ ୧୮ହଜାର ୮୯୧ହେକ୍ଟର ଜମିରେ ଖରିଫ ଧାନଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଜମି ମଧ୍ୟରୁ ୪ହଜାର ହେକ୍ଟର ଜମିରେ ବୁଣାଧାନ ଓ ଅବଶିଷ୍ଟ ଜମିରେ ରୁଆ ଧାନ ହେବ। ତେବେ ରୁଆ ଧାନ ପାଇଁ ମୋଟ ୧ହଜାର ୫ଶହ ହେକ୍ଟର ଜମିରେ ଧାନ ତଳିର ଆବଶ୍ୟକତା ରହିଛି। ତେବେ ଇତଃମଧ୍ୟରେ ୧ହଜାର ହେକ୍ଟର ଜମିରେ ତଳି ପଡ଼ି ସାରିଥିବା ବେଳେ ତନ୍ମଧ୍ୟରୁ ୫ଶହ ହେକ୍ଟର ଜମିରେ ତଳି ନଷ୍ଟ ହେବା ଆଶଙ୍କା ରହିଛି। ଅପରପକ୍ଷେ କୁଇଣ୍ଟାଲ ପ୍ରତି ୧୫ରୁ ୨୦ହଜାର ଟଙ୍କାର ବିହନ ମଧ ବଜାରରେ ଉପଲବ୍ଧ ହେଉଛି। ତେବେ ତଳି ପଡ଼ିଥିବା ଏହି ମୂଲ୍ୟବାନ ବିହନ ନଷ୍ଟହୋଇଯିବା ଆଶଙ୍କାରେ ଏବେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

# ଆଇସିଆଇସିଆଇ ପକ୍ଷରୁ ସ୍ମାର୍ଟ ପ୍ଲସ ୧୦-ବର୍ଷ ଲାଇଫ କଭର

କରଞ୍ଜିଆ (ସବ୍ୟୁ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ପକ୍ଷରୁ ୧୦ ବର୍ଷର ଲାଇଫ କଭର ସହିତ ଆଇସିଆଇସିଆଇ ପ୍ରୁ ଆଇପ୍ରୋଟେକ୍ଟ ସ୍ମାର୍ଟ ପ୍ଲସର ଶୁଭାରମ୍ଭ କରାଯାଇଛି ।ଗୃହ ଋଣ, ବ୍ୟବସାୟ ଋଣ ଓ ପିଲାମାନଙ୍କ ଶିକ୍ଷା ଋଣ ଭଳି ନିର୍ଦ୍ଦିଷ୍ଟ ଆର୍ଥିକ ପ୍ରତିବଦ୍ଧତା ଥିବା ଗ୍ରାହକଙ୍କ ପାଇଁ ଡିଜାଇନ କରାଯାଇଛି । ଏହି ଉତ୍ପାଦ ଆର୍ଥିକ ଦାୟିତ୍ୱ ଏବଂ ଆୟ ଉପରେ ଅଧିକ ନିର୍ଭରଶୀଳତା ଥିବା ସମୟରେ ଲାଇଫ କଭର ପ୍ରଦାନ କରିଥାଏ । ଏହି ପ୍ରସ୍ତାବ ଏକ ନିର୍ଦ୍ଧାରିତ ଅବଧି ପାଇଁ ବ୍ୟବସାୟ ଋଣ ଥିବା ସ୍ୱ-ନିଯୁକ୍ତ ବ୍ୟକ୍ତି, ଗୃହ ଋଣ ନେଇଥିବା ବ୍ୟକ୍ତି ଏବଂ ନିଜ ପିଲାମାନଙ୍କ ଶିକ୍ଷା ପାଇଁ ଯୋଜନା କରୁଥିବା ଅଭିଭାବକଙ୍କ ପାଇଁ ନିର୍ଦ୍ଦିଷ୍ଟ ଭାବେ ପ୍ରାସଙ୍ଗିକ ଅଟେ । ଏହାର ୧୦ ବର୍ଷର ଲାଇଫ କଭରକୁ ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ସହ ସୁରକ୍ଷାକୁ ସଂଯୋଗ କରିବା ପାଇଁ ଡିଜାଇନ କରାଯାଇଛି । ଏହାର ଏକ ପ୍ରମୁଖ ଫିଚର ହେଉଛି ଏହାର ଲାଇଫ କଭର ୧୦ ବର୍ଷର ବୀମା ଅବଧି ସମୟରେ ସ୍ଥିର ରହିଥାଏ ।ଏହି ଶୁଭାରମ୍ଭ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ମୁଖ୍ୟ ଉତ୍ପାଦ ଅଧିକାରୀ ବିକାଶ ଗୁପ୍ତା କହିଛନ୍ତି, ଏକ ଘର କିଣିବା, ଏକ ବ୍ୟବସାୟ ସ୍ଥାପନ କରିବା କିମ୍ବା ପିଲାମାନଙ୍କ ଶିକ୍ଷା ପାଇଁ ପାଣ୍ଠି ପ୍ରଦାନ କରିବା ଭଳି ଅନେକ ଆର୍ଥିକ ଲକ୍ଷ୍ୟ, ନିର୍ଦ୍ଦିଷ୍ଟ ସମୟ ସୀମା ସହ ଜଡିତ ।

# ଜିଲ୍ଲାସ୍ତରୀୟ ବନ ମହୋତ୍ସବ



ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ବନ ବିଭାଗ ଆନୁକୂଲ୍ୟରେ ସଦର ବ୍ଲକ୍ ଅନ୍ତର୍ଗତ ଗୁଡୁ ଗ୍ରାମ ପଞ୍ଚାୟତର ଶେଖପାଟଣାଠାରେ ଜିଲ୍ଲା ସ୍ତରୀୟ ବନ ମହୋତ୍ସବ - ୨୦୨୬ ପାଳିତ ହୋଇଯାଇଛି। ପରିବେଶ ସୁରକ୍ଷା ଓ ଜିଲ୍ଲାର ସବୁଜିମା ବୃଦ୍ଧି ଲାଗି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧି ଏବଂ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀମାନେ ସାମିଲ ହୋଇଥିଲେ। ଏହି ସମାରୋହରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ମୁଖ୍ୟ ଅତିଥି ଭାବେ ଏବଂ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରତୀକ ପ୍ରକାଶ ଇନ୍ଦଲକର, ବାଲେଶ୍ୱର ଉପ-ଜିଲ୍ଲାପାଳ ଶିବ ମାଲବ୍ୟ, ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ଦେବବ୍ରତ ସ୍ୱାଇଁ, ସହକାରୀ ବନ ସଂରକ୍ଷକ ସୁଶ୍ରୀ କଟିନି ସେଠି, ସ୍ଥାନୀୟ ସରପଞ୍ଚ କମଳିନୀ ପାତ୍ର, ବନାଞ୍ଚଳ ଅଧିକାରୀ ମାନୁୱାର ଖାଁ ପ୍ରମୁଖ ଉପସ୍ଥିତ ରହି ପରିବେଶ ସନ୍ତୁଳନ ରକ୍ଷା କରିବାରେ ବୃକ୍ଷରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବ ଅବସରରେ ଶେଖପାଟଣା ପରିସରରେ ଅତିଥି, ବନ ବିଭାଗ ଅଧିକାରୀ, ଛାତ୍ର ଛାତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ପ୍ରାୟ ୨୦୦ଟି ମୂଲ୍ୟବାନ ବୃକ୍ଷ ଚାରା ରୋପଣ କରାଯାଇଥିଲା ବେଳେ ଆଗାମୀ ଏକ ସପ୍ତାହ ମଧ୍ୟରେ ଏହି ନିର୍ଦ୍ଦିଷ୍ଟ ସ୍ଥାନରେ ସମୁଦାୟ ୫୦୦୦ ବୃକ୍ଷ ଚାରା ରୋପଣ କରିବା ପାଇଁ ବନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଓ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

# ସ୍ୱଚ୍ଛ ସବାରୀ ଗାଡି ଧକ୍କାରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

ବାସୁଦେବପୁର, (ସବ୍ୟୁ):ବାସୁଦେବପୁର ପୌରପାଳିକାର ସ୍ୱଚ୍ଛ ସବାରୀ ଧକ୍କାରେ ରମାକାନ୍ତ ମଲ୍ଲିକ ନାମକ ବ୍ୟବସାୟୀ ମୃତ୍ୟୁ ବରଣ କରିଛନ୍ତି । ବାସୁଦେବପୁର ପୌରପାଳିକାର ପ୍ରତି ୱାର୍ଡରେ ୧୦ ଟି ସ୍ୱଚ୍ଛ ସବାରୀ ଗାଡି ଅଳିଆ ଆଣିବାକୁ ଯାଇଥାନ୍ତି । ବୁଧବାର ସକାଳେ ସ୍ୱଚ୍ଛ ସବାରୀ ( ଓଡି ୨୨ଭି - ୮୬୩୭) ଅଳିଆ ଆଣିବାକୁ ଭୈରବପୁର ରାସ୍ତାର ଯାଉଥିବା ବେଳେ ଉଜଡିହା ଛକରେ ହଠାତ ଗାଡିଟି ବାମରୁ ଡାହାଣକୁ ମାଡି ଆସିଥିଲା । ସେହି ରାସ୍ତାର ସାଇକେଲ ଯୋଗେ ଦୋକାନ ଖୋଲିବାକୁ ଯାଉଥିବା ମଞ୍ଜି ବ୍ୟବସାୟୀ ରମାକାନ୍ତ ମଲ୍ଲିକ ଧକ୍କା ଦେବା ସହିତ ପାଖରେ ଥିବା ଦୋକାନକୁ ମାଡି ଯାଇଥିଲା । ଫଳରେ ରମାକାନ୍ତ ମଲ୍ଲିକଙ୍କୁ ଗୁରୁତର ଆହତ ଅବସ୍ଥାରେ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ କଟକ ରେଫର କରିଥିଲେ । ଅଧା ବାଟରେ ରମାକାନ୍ତ ମଲ୍ଲିକ ମୃତ୍ୟୁ ବରଣ କରିଥିଲେ । ସ୍ଥାନୀୟ ଗ୍ରାମବାସୀ ପୌରପାଳିକା ଘେରାଉ କରିଥିଲେ । ମୃତ୍ୟୁ ବରଣ କରିଥିବା ପରିବାର ସଦସ୍ୟଙ୍କୁ ଆଉଟସୋର୍ସିଂର ଏକ ନିଯୁକ୍ତି ଦେବାକୁ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ପୌରପାଳିକାର ଏହି ଗାଡି ଗୁଡିକ ବିନା ଇନସୁରାନ୍ସରେ ଚଳାଉଥିବାରୁ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଜୀବନ ହରାଇ ଥିବା ନିରିହ ଲୋକଙ୍କ ପରିବାର ଇନସୁରାନ୍ସ ପାଇବାରୁ ବଞ୍ଚିତ ହେବ । ଗାଡିର ବିନା ଇନସୁରାନ୍ସରେ ସାଧାରଣ ଲୋକଙ୍କର ଯଦି ଗାଡି ଦୁର୍ଘଟଣା ଘଟାଇଥାନ୍ତା ସରକାରଙ୍କ ସବୁ ଆଇନ ଉଲ୍ଲଂଘନ ଦଫା ଲଗାଇ ଥାନାର ଗାଡି ଖତ ହୋଇ ପଡିଥାନ୍ତା । ପୌରପାଳିକାର ସମସ୍ତ ଗାଡି ଇନସୁରାନ୍ସ କରିବାକୁ ଦୃଷ୍ଟି ଦେଲେ ଆଜି ଅବସ୍ଥା ପରି କାହାକୁ କହିବାକୁ ସୁଯୋଗ ମିଳିନଥାନ୍ତା ।.

# ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ବନ ମହୋତ୍ସବ

ବେତନଟୀ ,(ସବ୍ୟୁ) : ଓଡିଶା ସରକାରଙ୍କର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନରେ ୭୭ତମ ଜିଲ୍ଲାସ୍ତରୀୟ ବନମହୋତ୍ସବ ଏବଂ ସାମୁହିକ ଏକଦିବସୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲା ବାରିପଦା ବନଖଣ୍ଡ ବେତନଟୀ ବନାଞ୍ଚଳ ତଥା ବଡାମପୁର ବନପାଳ ଅଧୀନ ତଥା ବୈଶିଙ୍ଗା ଥାନା ଅଧୀନ ମଛପଦା ଗ୍ରାମ ନିକଟସ୍ଥ ନୟାବସନ୍ତପୁର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ଅତିରିକ୍ତ ବନାଞ୍ଚଳ ଅଧିକାରୀ ଧ୍ରୁବେନ୍ଦ୍ରନାଥ ନାଏକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି , ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୋଏ ,ମୟୂରଭଞ୍ଜ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ , ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ସଂରକ୍ଷଣ ବିଭାଗର ଆରସିସିଏଫ ପ୍ରକାଶ ଚାନ୍ଦ ଗଗନାନି ଏବଂ ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଙ୍କ ସମେତ ବିଭିନ୍ନ ଅତିଥି ଏବଂ ଅଧିକାରୀମାନେ ଯୋଗଦାନ କରିଥିଲେ । ଏହି ଅବସରରେ, ଚାରା ରୋପଣ ଏବଂ ପୂଜା କରିବା ପରେ ବିଧାୟକ ଶ୍ରୀଯୁକ୍ତ ବିଜୁଳି ଆନୁଷ୍ଠାନିକ ଭାବରେ ବିଶାଳ ବୃକ୍ଷ ରୋପଣ ଅଭିଯାନ ଆରମ୍ଭ କରିଥିଲେ । ସମସ୍ତ ଅତିଥିଙ୍କ ସମେତ ଉପସ୍ଥିତ ସମସ୍ତ ଅଧିକାରୀ, ଛାତ୍ରଛାତ୍ରୀ , ଗ୍ରାମବାସୀ ବୃକ୍ଷରୋପଣ କରିଥିଲେ । ଏଥିରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ପାଖାପାଖି ମୋଟ ୪୦,୦୦୦ ରୁ ଅଧିକ ଚାରା ରୋପଣ କରାଯାଇଥିବା ଜଣାଯାଇଛି ।।ଅନ୍ୟମାନଙ୍କ ମଧ୍ୟରେ ବାଙ୍ଗିରିପୋଷି ବନାଞ୍ଚଳ ଅଧିକାରୀ ମହେଶର ସିଂ , ଭଦଳା ଉପ ବନାଞ୍ଚଳ ଅଧିକାରୀ ସୁଶାନ୍ତ ବାଗ , ବାରିପଦା ବନାଞ୍ଚଳ ଅଧିକାରୀ ଜଗଦୀଶ ଦାସ , ରାସଗୋବିନ୍ଦପୁର ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂ , ଏବଂ ବୈଶିଙ୍ଗା ବନପାଳ ଅଙ୍କୁର ମହାଳିକ , ବେତନଟୀ ବନପାଳ କାର୍ତ୍ତିକ ରାଉତ ,ବଡାମପୁର ବନପାଳ ଦୀପକ ପାତ୍ର, କୃଷ୍ଣଚନ୍ଦ୍ରପୁର ବନପାଳ ପଦ୍ମାବତୀ ବେହେରା ପ୍ରମୁଖଙ୍କ ସମେତ ବାରିପଦା ବନଖଣ୍ଡର ସମସ୍ତ କର୍ମଚାରୀ , ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା , ମଛପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଶୈଳେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନିକଟସ୍ଥ ମଛପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମଛପଦା ଉଚ୍ଚ ବିଦ୍ୟାଳୟ , ରାଇକମା ରଘୁନାଥ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଉପସ୍ଥିତ ରହିଥିଲେ ।

## ବିଧବା ଆଦିବାସୀ ମହିଳା ପକ୍ଷାଘାତରେ ଶଯ୍ୟାଶାୟୀ

# ଗରିବୀ ଓଗାଳିଛି ଚିକିତ୍ସାର ବାଟ, ସରକାର ଉଦାସୀନ

କେନ୍ଦୁଝର, (ଜିପ୍ର) : ଜିଲ୍ଲାର ବାଂଶପାଳ ବ୍ଲକ ଅନ୍ତର୍ଗତ କୋଡିପଶା ପଞ୍ଚାୟତ ଅଧୀନ କୁଣ୍ଡେଇ ଗାଁର ଜଣେ ବୟସ୍କା ଆଦିବାସୀ ମହିଳା ପକ୍ଷାଘାତରେ କାହିଁ କେଉଁ ଦିନରୁ ଶଯ୍ୟାଶାୟୀ ହୋଇ ପଡିଛନ୍ତି। ତାଙ୍କ ଗରିବୀ ଚିକିତ୍ସାରେ ବାଧକ ସାଜିଛି। ସରକାରଙ୍କ ପାଖରେ ଖବର ନାହିଁ। ସହାୟତା ଅପେକ୍ଷାରେ ପରିବାର। କୁଣ୍ଡେଇ ଗାଁରେ ଜେମା ଜୁଆଙ୍ଗର ଘର। ବୟସ ସତୁରୀରୁ ଅଧିକ ହେବ। ଆଜକୁ କୋଡିଏ ପଚିଶି ବର୍ଷ ତଳୁ ତା' ଗେରସ୍ତ ଆର ପାରିକି ଚାଲିଯାଇଛି। ଗୋଟିଏ ବୋଲି ପୁଅ ଥିଲା। ସେ ବି କେତେ ବର୍ଷରୁ ନିଖୋଜ ଅଛି। ଝିଅ ପାଖରେ ଅଛି। ଜେମା ଭତ୍ତା ପାଏ। ଏ ଭତ୍ତା ଟଙ୍କାରେ ପରିବାରର ଗୁଜୁରାଣ - ଖାଇବା, ପିନ୍ଧିବା, ତେଲ, ଲୁଣ ମେଣ୍ଟେ। ଝିଅ ଜୟନ୍ତୀ ପର ଘରେ ମଜୁରୀ କରେ। ସେଇଥିରୁ ଯାହା ରୋଜଗାର କରେ, ସେଥିରେ ମା' ପାଇଁ ଔଷଧ କିଣେ। ଏମିତି କିଛି ଦିନ ସେ କରିଛି। ଏବେ ଆଉ ପାରୁ ନାହିଁ। ଗାଁ ପାଖରେ ବି ତା' ହାତକୁ କାମ ମିଳୁନାହିଁ। ରୁଗଣ ମା'କୁ ଛାଡି କାମ ପାଇଁ ଦୂର ସ୍ଥାନକୁ ଯିବ ବି କେମିତି? କାମ କରିବା ସହିତ, ମା'କୁ ବି ତ ଦେଖିବାକୁ ହେବ। ସକାଳୁ ରାତି ପର୍ଯ୍ୟନ୍ତ ମା'ର ସେବା କରିବାକୁ ପଡିବ। ଝିଅ ଏବେ ଅସହାୟ। ଏଇ ପରିସ୍ଥିତିରେ ମା' ଜେମା ପଡି ରହିଛି



ବିଛଣାରେ। ବିନା ଔଷଧରେ। ବିନା ଚିକିତ୍ସାରେ। ଜେମା ଓ ଝିଅ ଏପରି ଅସହାୟ ଅବସ୍ଥାରେ ଅଛନ୍ତି ବୋଲି ସରକାରଙ୍କ ପାଖରେ ଖବର ନାହିଁ ନା କୌଣସି ସାସ୍ଥ୍ୟ କର୍ମୀ ଜେମାର ଚିକିତ୍ସା କଥା ବୁଝନ୍ତି, ନା ଭ୍ରାମ୍ୟମାଣ ଦଳ ଅନାଇ ଦେଖନ୍ତି। ମାଗଣା ଚିକିତ୍ସା ଏଇଠି ବାଟ ବଣା ହୋଇଛି। ଜେମା, ଝିଅ ଜୟନ୍ତୀ ଓ ଆଶାର ସ୍ୱଚ୍ଛାସେବୀ ଆଶା ରଖିଛନ୍ତି - ମୁଖ୍ୟମନ୍ତ୍ରୀ ତାଙ୍କ ଦୁଃଖ ଶୁଣିବେ। ଜେମାକୁ ଆବଶ୍ୟକ ଓ ମାଗଣା ଚିକିତ୍ସା ଯୋଗାଇ ଦେବେ। ଜେମା ପୁଣି ଛିଡାହେବ। ନିଜ କାମ ନିଜେ କରିବା ଦେଖାଯାଉ, ଜେମାର ଦୁଃଖ କେବେ ଦୂର ହେଉଛି। ଝିଅ ଜେମା କେବେ ଆଶ୍ୱସ୍ତି ପାଉଛି।

# ଡ୍ରିମ୍ସ ଆଇଡ଼ିଆଲ ସ୍କୁଲରେ ବନମହୋତ୍ସବ



ବାଲେଶ୍ୱର,(ସବ୍ୟୁ): ବନମହୋତ୍ସବ ଅବସରରେ ଡ୍ରିମ୍ସ ଆଇଡ଼ିଆଲ ସ୍କୁଲ ବନ ମହୋତ୍ସବ ପାଳିତ ହୋଇଯାଇଛି । ସ୍କୁଲ ତରଫରୁ ଜିଲ୍ଲା କାରାଗାର, ବାଲେଶ୍ୱର ପରିସରରେ ନିମନ୍ତ୍ରିତ ଅତିଥି ମାନଙ୍କ ସହ ବିଦ୍ୟାଳୟ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଚାରା ରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଉଦ୍ଘାଟକ ରୂପେ ପ୍ରଥମ ଚାରା ରୋପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା କାରାଗାର ଅଧୀକ୍ଷକ ସୁଚିତ୍ରା ଦାସ ମଧ ଗଛ ଲଗାଇବା ସହ ଏଭଳି ମହତ୍ କାମ ପାଇଁ ଅନୁଷ୍ଠାନକୁ ଧନ୍ୟବାଦ ଦେଇଥିଲେ। ଅନ୍ୟତମ ଅତିଥିଭାବେ କବି ପ୍ରଶାନ୍ତ ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା,ରୋଟାରି ଆନ୍ ଭାବଗ୍ରାହୀ ମହାନ୍ତି, ସମାଜସେବୀ ଶ୍ରୀମତୀ ଅଞ୍ଜଳି ପଣ୍ଡା,ଜେଲର୍ ପ୍ରଦୀପ କୁମାର ମହାଳିକ ପ୍ରମୁଖ ଅତିଥି ଗଣ ପ୍ରତ୍ୟେକେ ଗୋଟିଏ କରି ଚାରା ଗଛ ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରତିଷ୍ଠାତା ଗଙ୍ଗାଧର ଦାସ ପରିଚାଳନା କରୁଥିବା ବେଳେ ଅଧ୍ୟକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗଛ ଲଗାଅ ଗଛ ବଞ୍ଚାଅ ନୃତ୍ୟନାଟିକା ପରିବେଷଣ କରାଯାଇଥିଲା ।

## ସମ୍ପାଦକୀୟ



# ଭାରତ ଇଣ୍ଡୋନେସିଆ ସମ୍ପର୍କରେ ନିବିଡ଼ତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଇଣ୍ଡୋନେସିଆ କେବଳ ଉଲ୍ଲସିତ ହୋଇନାହିଁ, ଉଭୟ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ସମ୍ପର୍କ ଆହୁରି ନିବିଡ଼ ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଭାଷାରେ 'ଇଣ୍ଡିଆ, ଇଣ୍ଡୋନେସିଆ ଓ ଇଣ୍ଡିଆନ ଓସେନ ମଧ୍ୟରେ ନାମ ଦୃଷ୍ଟିରୁ ସାମଞ୍ଜସ୍ୟ ରହିଛି ।'

ଦକ୍ଷିଣ ପୂର୍ବ ଏସିଆରେ ଇଣ୍ଡୋନେସିଆ ସାଧାରଣତନ୍ତ୍ର ପକ୍ଷରୁ ରାଷ୍ଟ୍ରର ସର୍ବୋଚ୍ଚ ବେସାମରିକ ସମ୍ମାନ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ପ୍ରଦାନ କରାଯାଇଛି । ଏହା ହିଁ ବଡ଼ କଥା । ଏ ସମ୍ମାନ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ବିଶ୍ୱର ଜଣେ ଅନ୍ୟତମ ଶ୍ରେଷ୍ଠ ନେତା ଭାବେ ମିଳି ପାରିଛି । ଭାରତ ପାଇଁ ଏହା ଗୌରବର ବିଷୟ ନିଶ୍ଚୟ ।

'ଭାରତ ଓ ଇଣ୍ଡୋନେସିଆର ସାମୁଦ୍ରିକ ପଥରେ ଦୂରତା ମାତ୍ର ୧୫୦ କିଲୋମିଟର ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପ୍ରକାଶ କରି 'ଏହି ଦୁଇ ରାଷ୍ଟ୍ର ମଧ୍ୟରେ ବିଭିନ୍ନ ସହଯୋଗ ଓ ଚୁକ୍ତି ଉଭୟ ରାଷ୍ଟ୍ରକୁ ଆଗକୁ ନେଇ ପାରିବ' ବୋଲି କହିଥିଲେ ।

**ଇଣ୍ଡୋନେସିଆର ସଂସଦରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଉଦ୍‌ବୋଧନ ଦେବା ସମୟରେ ଓଡ଼ିଶାର ପ୍ରବାଦ ପୁରୁଷ ସ୍ୱର୍ଗୀୟ ବିଜୁ ପଟ୍ଟନାୟକଙ୍କୁ ସ୍ମରଣ କରି କହିଥିଲେ ଯେ ୧୯୪୭ ମସିହାରେ ଇଣ୍ଡୋନେସିଆରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁଲତାନ ସାହାରିର ଓ ଉପ ରାଷ୍ଟ୍ରପତି ମହମ୍ମଦ ହାଟାଙ୍କୁ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନ ବେଳେ ଉଦ୍ଧାର କରି ଭାରତକୁ ଆଣିଥିଲେ । ବିଜୁ ବାବୁଙ୍କ ସାହସିକତା ଉଭୟ ଭାରତ ଓ ଇଣ୍ଡୋନେସିଆକୁ ଅଧିକ ନିକଟତର କରିଥିଲା ଓ ଉଭୟ ରାଷ୍ଟ୍ରର ବନ୍ଧୁତା ପାଇଁ ଯେଉଁ ଶିଳାନ୍ୟାସ କରା ଯାଇଥିଲା, ତାହା ବନ୍ଧୁତାକୁ ଏବେ ବି ସୁଦୃଢ଼ କରୁଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଥିଲେ । ଭାରତ ୧୯୪୭ ଅଗଷ୍ଟ ୧୫ରେ ଓ ଇଣ୍ଡୋନେସିଆ ୧୯୪୫ ଅଗଷ୍ଟ ୧୭ରେ ନିଜ ନିଜର ସ୍ୱାଧୀନତା ଦିବସ ପାଳନ କରି ଆସୁଛନ୍ତି । ଏଥିରେ ମଧ୍ୟ ସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ ।**

ଉଭୟ ଭାରତ ଓ ଇଣ୍ଡୋନେସିଆର ପ୍ରତିନିଧି ଦଳ ଏକତ୍ର ଏହି ଉଭୟ ରାଷ୍ଟ୍ରର ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସ୍ୱୀକାର କରିଥିଲେ ଯେ ଭାରତ ହେଉଛି ଇଣ୍ଡୋନେସିଆର ସାମୁଦ୍ରିକ ପଡୋଶୀ ରାଷ୍ଟ୍ର ଏବଂ ଦୃଢ଼ ପ୍ରତିରକ୍ଷା ସହଯୋଗ ସହିତ ରଣନୀତିକ ଅଂଶୀଦାର । ବିଗତ ୨୦୧୮ରେ 'ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ପ୍ରଶାନ୍ତ ମହାସାଗରରେ ସାମୁଦ୍ରିକ ସହଯୋଗ ଉପରେ ଭାରତ-ଇଣ୍ଡୋନେସିଆର ସହଭାଗୀ ଦୃଷ୍ଟିକୋଣ' ନୀତିକୁ ଉଭୟ ପ୍ରତିନିଧି ଦଳ ପୂରଣ କରି ଏହି ସହଭାଗୀ ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରିବାକୁ ଉଭୟ ରାଷ୍ଟ୍ର ସମ୍ମତି ପ୍ରଦାନ କରିଥିଲେ ।

ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋବୋ ସୁବିଆନ୍ତୋଙ୍କ ନିମନ୍ତ୍ରଣ କ୍ରମେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ଜୁଲାଇ ୬ (୨୦୨୬)ରୁ ଜୁଲାଇ ୮ (୨୦୨୬) ପର୍ଯ୍ୟନ୍ତ ଇଣ୍ଡୋନେସିଆ ଗସ୍ତରେ ଯାଇଥିଲେ । ଏହି ଗସ୍ତ ସମୟରେ ଉଭୟ ଦେଶର ଦ୍ୱିପାକ୍ଷିକ ଆଲୋଚନା ଉଭୟ ରାଷ୍ଟ୍ର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ ହୋଇଥାଏ । ରାଷ୍ଟ୍ରପତି ପ୍ରବୋବୋ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତାଙ୍କ ରାଷ୍ଟ୍ରର ସର୍ବୋଚ୍ଚ ବେସାମରିକ ସମ୍ମାନ କେବଳ ପ୍ରଦାନ କରି ନଥିଲେ, ଶ୍ରୀ ମୋଦି ଓ ଭାରତର ପ୍ରତିନିଧିମଣ୍ଡଳୀକୁ ଏକ ଭୋଜି ଦେଇ ମଧ୍ୟ ଆପ୍ୟାୟିତ କରିଥିଲେ । ଇଣ୍ଡୋନେସିଆ ସଂସଦର ବାଚସ୍ପତି ଡକ୍ଟର ପୁଆନ ମହାରାଣୀଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମଧ୍ୟ ଇଣ୍ଡୋନେସିଆର ସଂସଦକୁ ସମ୍ବୋଧନ କରିଥିଲେ । ଉଭୟ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓ ଇଣ୍ଡୋନେସିଆର ରାଷ୍ଟ୍ରପତି ଇଣ୍ଡୋନେସିଆ ଭାରତୀୟ ସମାଜଦ୍ୱାରା ଆୟୋଜିତ ଏକ ଉତ୍ସବରେ ମଧ୍ୟ ଉଦ୍‌ବୋଧନ ଦେଇଥିଲେ ।

ଉଲ୍ଲେଖନୀୟ ଯେ ଆସନ୍ତା ୭୬ତମ ଭାରତର ସାଧାରଣତନ୍ତ୍ର ବା ଗଣରାଜ୍ୟ ସମାରୋହ ଯାହା ୨୬ ଜାନୁଆରୀ ୨୦୨୭ ହେବ, ସେଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ଲାଗି ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋବୋ ସୁବିଆନ୍ତୋଙ୍କୁ ନିମନ୍ତ୍ରଣ କରାଯାଇଛି ।

ଇଣ୍ଡୋନେସିଆର ସଂସଦରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଉଦ୍‌ବୋଧନ ଦେବା ସମୟରେ ଓଡ଼ିଶାର ପ୍ରବାଦ ପୁରୁଷ ସ୍ୱର୍ଗୀୟ ବିଜୁ ପଟ୍ଟନାୟକଙ୍କୁ ସ୍ମରଣ କରି କହିଥିଲେ ଯେ ୧୯୪୭ ମସିହାରେ ଇଣ୍ଡୋନେସିଆରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁଲତାନ ସାହାରିର ଓ ଉପ ରାଷ୍ଟ୍ରପତି ମହମ୍ମଦ ହାଟାଙ୍କୁ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନ ବେଳେ ଉଦ୍ଧାର କରି ଭାରତକୁ ଆଣିଥିଲେ । ବିଜୁ ବାବୁଙ୍କ ସାହସିକତା ଉଭୟ ଭାରତ ଓ ଇଣ୍ଡୋନେସିଆକୁ ଅଧିକ ନିକଟତର କରିଥିଲା ଓ ଉଭୟ ରାଷ୍ଟ୍ରର ବନ୍ଧୁତା ପାଇଁ ଯେଉଁ ଶିଳାନ୍ୟାସ କରା ଯାଇଥିଲା, ତାହା ବନ୍ଧୁତାକୁ ଏବେ ବି ସୁଦୃଢ଼ କରୁଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଥିଲେ । ଭାରତ ୧୯୪୭ ଅଗଷ୍ଟ ୧୫ରେ ଓ ଇଣ୍ଡୋନେସିଆ ୧୯୪୫ ଅଗଷ୍ଟ ୧୭ରେ ନିଜ ନିଜର ସ୍ୱାଧୀନତା ଦିବସ ପାଳନ କରି ଆସୁଛନ୍ତି । ଏଥିରେ ମଧ୍ୟ ସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସାମାଜିକ ସମୀକ୍ଷା ଓ ସୁଶାସନର ସଫଳତା



**ବିଦ୍ୟାଧର ମହାରଣା**

ଗଣତନ୍ତ୍ରରେ ଜନତା ହିଁ ଜନାର୍ଦ୍ଦନ । ଗ୍ରାମପଞ୍ଚାୟତ ସ୍ତରରେ ଯେଉଁସବୁ ବିକାଶମୂଳକ କାର୍ଯ୍ୟ ସମ୍ପାଦନ ହେଉଛି ସେଗୁଡିକ ଦୁର୍ନୀତିମୁକ୍ତ ହେବା ଆବଶ୍ୟକ । ସରକାରୀ ଯୋଜନା ଓ ସେଗୁଡ଼ିକର କାର୍ଯ୍ୟକାରିତା କେବଳ କାଗଜପତ୍ର କିମ୍ବା ସରକାରୀ ଅଧିକାରୀଙ୍କ ରିପୋର୍ଟ ମଧ୍ୟରେ ସୀମିତ ନରହି, ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚୁଛି କି ନାହିଁ, ତାହା ପରଖିବାର ସବୁଠାରୁ ବଡ଼ ମାଧ୍ୟମ ହେଉଛି 'ସାମାଜିକ ସମୀକ୍ଷା' ବା 'ସୋସିଆଲ ଅଡିଟ୍' । ଏହା କେବଳ ଆୟ-ବ୍ୟୟର ହିସାବ ନୁହେଁ, ବରଂ ଶାସନ ବ୍ୟବସ୍ଥାରେ ସାଧାରଣ ଜନତାଙ୍କ ଭାଗିଦାରୀ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧର ଏକ ପ୍ରତିଫଳନ ।

ବର୍ତ୍ତମାନ ସମୟରେ ବିଭିନ୍ନ ଗ୍ରାମୀଣ ଉନ୍ନୟନ ଯୋଜନା, ବିଶେଷ କରି ପୂର୍ବର 'ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା' (MGNREGA) ଓ ଏବର 'ବିକଶିତ ଭାରତ ରୋଜଗାର ଗ୍ୟାରେଣ୍ଟି ଆଇନ' (ଭିବି ଜି-ରାମଜୀ), ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ସାମାଜିକ ସୁରକ୍ଷା ଭତ୍ତା ଆଦିର ସଫଳ ରୂପାୟନ ପାଇଁ ସାମାଜିକ ସମୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି । ପୂର୍ବରୁ ସରକାରୀ ଅଡିଟ୍ କେବଳ କାର୍ଯ୍ୟାଳୟର ଚାରିକାନ୍ଥ ଭିତରେ ଫାଇଲ୍ ଦେଖି କରାଯାଉଥିଲା, ଯେଉଁଥିରେ ଦୁର୍ନୀତି ଓ ଅନିୟମିତତା ଲୁଚି ରହିବାର ସମ୍ଭାବନା ଅଧିକ ଥିଲା । ମାତ୍ର ସାମାଜିକ ସମୀକ୍ଷା ଏହି ପରମ୍ପରାକୁ ବଦଳାଇ ଦେଇଛି । ଏଥିରେ ଗ୍ରାମସଭା ମାଧ୍ୟମରେ ସ୍ଥାନୀୟ ଲୋକେ ନିଜେ ଉପସ୍ଥିତ ରହି କାମର ଗୁଣବତ୍ତା, ଖର୍ଚ୍ଚ ହୋଇଥିବା ଅର୍ଥ ଏବଂ ଶ୍ରମିକଙ୍କ ପ୍ରାପ୍ୟର ସିଧାସଳଖ ଯାଞ୍ଚ କରୁଛନ୍ତି ।

ଜନତାଙ୍କ ପଇସା, ଜନତାଙ୍କ ହିସାବ - ଏହି ମୂଳମନ୍ତ୍ର ଉପରେ ହିଁ ସାମାଜିକ ସମୀକ୍ଷାର ସଫଳତା ନିର୍ଭର କରେ ।

ଓଡ଼ିଶା ଭଳି ଏକ ବିକାଶଶୀଳ ରାଜ୍ୟରେ, ଯେଉଁଠି ଆଜିବି ଅଧିକାଂଶ ଗରିବ ଲୋକ ସରକାରୀ କଲ୍ୟାଣକାରୀ ଯୋଜନା ଉପରେ ନିର୍ଭରଶୀଳ, ସେଠାରେ ସାମାଜିକ ସମୀକ୍ଷାର ଗୁରୁତ୍ୱ ଅନେକ ଅଧିକ । ଏହା ଦ୍ୱାରା ପ୍ରଶାସନିକ ସ୍ତରରେ ସ୍ୱଚ୍ଛତା ଆସିବା ସହ ଦୁର୍ନୀତି ଉପରେ ଅଙ୍କୁଶ ଲଗାଯାଇ ପାରୁଛି । ସବୁଠାରୁ ବଡ଼ କଥା ହେଲା, ଏହା ଗ୍ରାମାଞ୍ଚଳର ଗରିବ ଓ ନିଷ୍ପେସିତ ଲୋକଙ୍କ ମନରେ ଏକ ନୂଆ ଆତ୍ମବିଶ୍ୱାସ ସୃଷ୍ଟି କରିଛି । ସେମାନେ ନିଜ ହକ୍ ପାଇଁ ପ୍ରଶ୍ନ କରିବା ଶିଖୁଛନ୍ତି । ତେବେ, ସାମାଜିକ ସମୀକ୍ଷା ବ୍ୟବସ୍ଥା ଏବେ ମଧ୍ୟ ସମ୍ପୂର୍ଣ୍ଣ ତ୍ରୁଟିମୁକ୍ତ ହୋଇନାହିଁ । ଅନେକ ସମୟରେ ଦେଖାଯାଏ ଯେ ସ୍ଥାନୀୟ ରାଜନୀତି,

**ବିକାଶର ସୁଫଳ ଯେତେବେଳେ ସମାଜର ଶେଷ ଧାଡ଼ିରେ ଠିଆ ହୋଇଥିବା ମଣିଷ ପାଖରେ ପହଞ୍ଚିବ, ସେତେବେଳେ ହିଁ ଏକ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ସାକାର ହେବ । ସାମାଜିକ ସମୀକ୍ଷା ହେଉଛି ସେହି ସ୍ୱପ୍ନକୁ ସାକାର କରିବାର ଏକ ସାଧନ । ଏହାକୁ କେବଳ ସରକାରୀ ନିୟମ ଭାବେ ନଦେଖି, ଏକ ଜନ-ଆନ୍ଦୋଳନରେ ପରିଣତ କରିବାର ସମୟ ଆସିଯାଇଛି । ସାମାଜିକ ସମୀକ୍ଷାରେ ଯେତେ ଅଧିକ ଗ୍ରାମବାସୀ ଯୋଗଦାନ କରିବେ ଏହାର ପ୍ରଭାବ ସେତେ ଅଧିକ ରହିବ ।**

ସଚେତନତାର ଅଭାବ ଏବଂ ପ୍ରଭାବଶାଳୀ ବ୍ୟକ୍ତି ବା ଠିକାଦାରଙ୍କ ଚାପଯୋଗୁଁ ଗ୍ରାମସଭାଗୁଡ଼ିକ କେବଳ ଏକ ଔପଚାରିକତାରେ ପରିଣତ ହୋଇଯାଏ । ସମୀକ୍ଷା ସମୟରେ ମିଳିଥିବା ଅଭିଯୋଗ ଉପରେ ପ୍ରଶାସନ ପକ୍ଷରୁ ତୁରନ୍ତ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଅନେକ ସ୍ଥାନରେ ଲୋକଙ୍କର ଏହି ବ୍ୟବସ୍ଥା ଉପରୁ ଆସ୍ଥା ତୁଟିବାରେ ଲାଗିଛି ।

ଯଦି ଆମକୁ ପ୍ରକୃତରେ ସୁଶାସନ ପ୍ରତିଷ୍ଠା କରିବାକୁ ହେବ, ତେବେ ସାମାଜିକ ସମୀକ୍ଷା ପ୍ରକ୍ରିୟାକୁ ଆହୁରି ସ୍ୱାଧୀନ, ନିରପେକ୍ଷ ଓ ଶକ୍ତିଶାଳୀ କରିବାକୁ ହେବ ।

ପ୍ରଥମତଃ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସାମାଜିକ ସମୀକ୍ଷାର ଅଧିକାର ବିଷୟରେ ବ୍ୟାପକଭାବେ ସଚେତନ କରାଯିବା ଆବଶ୍ୟକ । ଦ୍ୱିତୀୟତଃ ସମୀକ୍ଷା ରିପୋର୍ଟ ଆଧାରରେ ଦୋଷୀସାବ୍ୟସ୍ତ ହେଉଥିବା ଅଧିକାରୀ କିମ୍ବା ଜନପ୍ରତିନିଧିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ । ତୃତୀୟତଃ ଏହି ସମଗ୍ର ପ୍ରକ୍ରିୟାରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଇ ତଥ୍ୟଗୁଡ଼ିକୁ ସର୍ବସାଧାରଣରେ ଉପଲବ୍ଧ କରାଯିବା ଉଚିତ ।

ସାମାଜିକ ସମୀକ୍ଷା ପରିଚାଳନାର ପ୍ରମୁଖ ନିର୍ଦ୍ଦେଶାବଳୀ ବିଷୟରେ ସମସ୍ତେ ଅବଗତ ହେବା ଆବଶ୍ୟକ । ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବର୍ଷକୁ ଅତି କମରେ ଦୁଇଥର (ପ୍ରତି ଛଅ ମାସରେ ଥରେ) ସାମାଜିକ ସମୀକ୍ଷା କରାଯିବାର ନିର୍ଦ୍ଦେଶ ରହିଛି । ସାମାଜିକ ସମୀକ୍ଷା ପୂର୍ବରୁ କାର୍ଯ୍ୟତାଲିକା, ମଷ୍ଟର ରୋଲ୍, ବିଲ୍, ଭାଉଚର୍, କ୍ୟାଶବୁକ୍, ବ୍ୟାଙ୍କ ବିବରଣୀ ଆଦି ସମସ୍ତ ରେକର୍ଡ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ କରିବାପାଇଁ ବ୍ୟବସ୍ଥା ରହିଛି । ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପଞ୍ଚାୟତ କାନ୍ଥରେ ସମସ୍ତ କାର୍ଯ୍ୟ ବିବରଣୀ ଉଲ୍ଲେଖ କରିବା କଥା ।

ପଞ୍ଚାୟତର ସମସ୍ତେ କାମ ହୋଇଥିବା ସ୍ଥାନ ପରିଦର୍ଶନ କରି ଶ୍ରମିକଙ୍କ ସହ ସିଧାସଳଖ କଥାବାର୍ତ୍ତା ହୋଇପାରିବେ । ଏହାପରେ କାର୍ଯ୍ୟର ଗୁଣବତ୍ତା, ପରିମାଣ ଓ ଅର୍ଥ ବ୍ୟୟର ଯାଞ୍ଚ ବ୍ୟବସ୍ଥା ମଧ୍ୟ ରହିଛି । ଶେଷରେ ଗ୍ରାମସଭାର ଆୟୋଜନ କରାଯିବ । ଏଥିପାଇଁ ଆଗୁଆ ନୋଟିସ ପ୍ରତି ଗ୍ରାମରେ ଦିଆଯିବ । ସାମାଜିକ ସମୀକ୍ଷା ରିପୋର୍ଟ ଗ୍ରାମସଭାରେ ସର୍ବସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ । ଏହି ଗ୍ରାମସଭାରେ ବିଭାଗୀୟ କର୍ମକର୍ତ୍ତା ଉପସ୍ଥିତ ରହିବା ବାଧ୍ୟତାମୂଳକ । ଗ୍ରାମସଭାରେ ଗ୍ରାମବାସୀମାନେ ପ୍ରଶ୍ନ ପଚାରିବେ ଏବଂ ସମ୍ପୃକ୍ତ ଅଧିକାରୀମାନେ ସେଗୁଡିକର ଉତ୍ତର ଦେବେ । ଏହି ସଭାରେ ସରପଞ୍ଚ, ପଞ୍ଚାୟତ ସଦସ୍ୟ, କର୍ମଚାରୀ, ଯୋଜନାର ଲାଭାର୍ଥୀ ଏବଂ ଗ୍ରାମବାସୀଙ୍କ ଉପସ୍ଥିତି ସୁନିଶ୍ଚିତ କରିବା ଜରୁରୀ । ସାମାଜିକ ସମୀକ୍ଷା ପରେ ଓଡ଼ିଆ ଭାଷାରେ ରିପୋର୍ଟ ପ୍ରସ୍ତୁତ କରି ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଦର୍ଶନ କରାଯିବ । ଏହି ରିପୋର୍ଟରେ ଚିହ୍ନଟ ହୋଇଥିବା ଅନିୟମିତତା ଉପରେ ତୁରନ୍ତ କାର୍ଯ୍ୟ ଗ୍ରହଣ କରାଯିବ ଏବଂ ପରବର୍ତ୍ତୀ ସାମାଜିକ ନିରୀକ୍ଷାରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଉପସ୍ଥାପନ କରାଯିବ ।

ଆମେ ଭାରତ ସରକାରଙ୍କ ଜାତୀୟ ସ୍ତରୀୟ ମନିଟର ହିସାବରେ ବିଭିନ୍ନ ରାଜ୍ୟରେ ସାମାଜିକ ସମୀକ୍ଷା ରିପୋର୍ଟ ଅଧ୍ୟୟନ କରି ହିତାଧିକାରୀ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲୁ । ଆମେ ଲକ୍ଷ୍ୟ କରିଥିଲୁ ଯେଉଁଠି ବର୍ଷରେ ଦୁଇଥର ଗ୍ରାମସଭା ସାମାଜିକ ସମୀକ୍ଷା କରୁଥିଲା ସେଠାରେ କାର୍ଯ୍ୟଗୁଡିକର ଗୁଣାତ୍ମକ ମାନ ଉନ୍ନତ ଥିଲା ।

ବିକାଶର ସୁଫଳ ଯେତେବେଳେ ସମାଜର ଶେଷ ଧାଡ଼ିରେ ଠିଆ ହୋଇଥିବା ମଣିଷ ପାଖରେ ପହଞ୍ଚିବ, ସେତେବେଳେ ହିଁ ଏକ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ସାକାର ହେବ । ସାମାଜିକ ସମୀକ୍ଷା ହେଉଛି ସେହି ସ୍ୱପ୍ନକୁ ସାକାର କରିବାର ଏକ ସାଧନ । ଏହାକୁ କେବଳ ସରକାରୀ ନିୟମ ଭାବେ ନଦେଖି, ଏକ ଜନ-ଆନ୍ଦୋଳନରେ ପରିଣତ କରିବାର ସମୟ ଆସିଯାଇଛି । ସାମାଜିକ ସମୀକ୍ଷାରେ ଯେତେ ଅଧିକ ଗ୍ରାମବାସୀ ଯୋଗଦାନ କରିବେ ଏହାର ପ୍ରଭାବ ସେତେ ଅଧିକ ରହିବ ।

**କଳିଙ୍ଗନଗର ୭/୪୫୨**
**ଭୁବନେଶ୍ୱର ୭୫୧୦୨୯**
**ମୋ-୯୪୩୭୦୭୧୧୯୦**

# କମୁଛି ବିଶ୍ୱାସ - ବଢୁଛି ଅବିଶ୍ୱାସ



**ଅର୍ଜ୍ଜୁନ ଘଡେଇ**

ବିଶ୍ୱାସ-ଅବିଶ୍ୱାସ ଭାବନା ମଣିଷ ମନରୁ ସୃଷ୍ଟ ଏକ ଚେତନାର ପରିପ୍ରକାଶ । ସମୟ ଓ ପରିସ୍ଥିତିର ପ୍ରଭାବରୁ ଏପରି ଭାବନା ପ୍ରତ୍ୟେକଙ୍କ ମନରେ ଜାଗ୍ରତ ହୁଏ । ଯେତେବେଳେ କାହାଠାରୁ କିଛି ପ୍ରାପ୍ତ କରିବାର ଆଶା ସୃଷ୍ଟି ହୁଏ, ସେତେବେଳେ ତାଙ୍କ ପ୍ରତି ଦୃଢ ବିଶ୍ୱାସ ସୃଷ୍ଟି ହେବା ବେଳେ, ଆଶଙ୍କା ଓ ସନ୍ଦେହରୁ ସୃଷ୍ଟ ମାନସିକତା ଅବିଶ୍ୱାସ ଭାବନା ସୃଷ୍ଟି କରେ । ଆଜିର ସମୟରେ ଏହି ବିଶ୍ୱାସ-ଅବିଶ୍ୱାସ ଭାବନା ଆମଙ୍କୁ ଏମିତି ଦ୍ୱନ୍ଦାତ୍ମକ କରିଦେଇଛି କାହାକୁ ହଠାତ୍ ବିଶ୍ୱାସ କରିହେଉନି କିମ୍ବା କାହା ଉପରେ ଦୃଢ ଆସ୍ଥା ପ୍ରକଟ କରିହେଉନି । ସେହିପରି ଅବିଶ୍ୱାସମୟ ଜୀବନ, ସାମାଜିକ ସଂପର୍କ ପ୍ରତିଷ୍ଠାରେ ବାଧକ ହେଉଛି । ସମସ୍ତଙ୍କୁ ଅବିଶ୍ୱାସ ଚକ୍ଷୁରେ ଅନୁଶୀଳନ କରିବା ମାନବୋଚିତ ଲକ୍ଷଣ ମଧ୍ୟ ହୋଇନପାରେ । ପରିବାର ଠାରୁ ଆରମ୍ଭ କରି ସମାଜ ପର୍ଯ୍ୟନ୍ତ, ଦେଶ ଠାରୁ ବିଦେଶ ପର୍ଯ୍ୟନ୍ତ ପରସ୍ପର ମଧ୍ୟରେ ଅବିଶ୍ୱାସ ଭାବନା ଏତେ ଦୃଢୀଭୂତ ହେବାରେ ଲାଗିଛି ଯେ, ଆମ ମନରେ ବିଶ୍ୱାସ କମୁଛି ଓ ଅବିଶ୍ୱାସ ବଢୁଛି ଏହାକୁ ଅସ୍ୱୀକାର କରିହେବ ନାହିଁ। ଫଳରେ ସ୍ନେହ-ସଂପର୍କ-ବନ୍ଧୁତା ଆଦି ଆଜିର ସମୟରେ ସ୍ୱପ୍ନ ପରି ଲାଗୁଛି । କାହାକୁ ସହଜ ସରଳ ଭାବେ ବିଶ୍ୱାସ କରିବା ପରିବର୍ତ୍ତେ ଅବିଶ୍ୱାସଜନିତ ସନ୍ଦେହ, ଆଶଙ୍କା, ପରଶ୍ରୀକାତରତା, ଦ୍ୱେଷ, ଅସୂୟା, ଅହଂକାର, ସ୍ୱାର୍ଥପରତା ପରି ବି ଲକ୍ଷଣ ସମାଜରେ ଅତିମାତ୍ରାରେ ଦୃଷ୍ଟିଗୋଚର ହେଉଛି, ଯାହା ସମାଜ, ଶରୀର, ସଭ୍ୟତା, ସଂସ୍କୃତି ପାଇଁ ଆଦୌ ଶୁଭଙ୍କର ନହୋଇ ଅଶାନ୍ତ ପରିବେଶ, ପରିସ୍ଥିତି ସୃଷ୍ଟି କାରଣରୁ ସମସ୍ତଙ୍କର ମାନସିକ ବ୍ୟସ୍ତତା, ବିବ୍ରତ ଭାବନା ବୃଦ୍ଧି ହେଉଛି ।

ଆମେ କେହି କାହାର ବିଶ୍ୱାସୀ ବା ବିଶସ୍ତ ନହୋଇପାରିବା କାରଣରୁ ସମାଜରେ ଶାନ୍ତି-ସ୍ଥିରତା ସୃଷ୍ଟି ହୋଇପାରୁ ନାହିଁ, ଏହାହିଁ ଆଜିର ସାମାଜିକ ବିଡମ୍ବନା ଭାବେ ଗ୍ରହଣୀୟ, ଯାହାର ପରିବର୍ତ୍ତନ ପାଇଁ କେବଳ ଆହ୍ୱାନ ନୁହେଁ ବିଶ୍ୱାସଯୋଗ୍ୟ ପରିବେଶ ଓ ଭରସା ଯୋଗ୍ୟ ବ୍ୟବସ୍ଥା ସୃଷ୍ଟି କରିବାର ଯଥେଷ୍ଟ ଆବଶ୍ୟକତା ରହିଛି ।

ଦୁଇଟି ରୁଚିପୂର୍ଣ୍ଣ, ଗ୍ରହଣୀୟ, ସ୍ୱାଗତଯୋଗ୍ୟ ଆହ୍ୱାନକୁ ଆଧାର କରି ଆଲେଖ୍ୟଟିର ସୃଷ୍ଟି। ସାଂପ୍ରତିକ ସମୟରେ ପ୍ରଶାସନିକ ଓ ରାଜନୈତିକ ମୁଖ୍ୟମାନଙ୍କ ଆହ୍ୱାନ ହେଉଛି- ଲୋକଙ୍କ ପାଖକୁ ଯାଅ, ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟିକର, ସରକାରୀ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ ପହଁଞ୍ଚାଅ, ଯୋଜନାର ସଫଳ ରୂପାୟନ ହେଉଛ କି ନାହିଁ ଅନୁଧ୍ୟାନ କର, ଲୋକଙ୍କର ସେବକ ଭାବେ ସେବା ଯୋଗାଇ ଦିଅ, ସର୍ବୋପରି ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଲୋକଙ୍କର ଆସ୍ଥା ଓ ବିଶ୍ୱାସ ସୃଷ୍ଟି କର । ଏହା ଫଳରେ ଲୋକମାନେ ପ୍ରଶାସନକୁ ବିଶ୍ୱାସ କରିବେ ଓ ସରକାରଙ୍କର ବିଶ୍ୱାସ ଭାଜନ ହେବେ । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ, ଜନ ମଙ୍ଗଳ ଉଦ୍ଦେଶ୍ୟରେ ଏପରି ଆହ୍ୱାନର ଯଥାର୍ଥତା ରହିଛି । କିନ୍ତୁ ବାସ୍ତବ କ୍ଷେତ୍ରରେ ଏପରି ଆହ୍ୱାନ ସବୁ ସ୍ଲୋଗାନ ପରି ଅନୁଭବ ହେଉଛି ଏହା ସମସ୍ତେ ସ୍ୱୀକାର କରିବେ । କାରଣ ବାସ୍ତବରେ ସାଧାରଣ ଲୋକଙ୍କର ସରକାର ବା ସରକାରୀ ବ୍ୟବସ୍ଥା ପ୍ରତି ବିଶ୍ୱାସ ତୁଟିବାରେ ଲାଗିଛି । ଯୋଜନାର ସୁଫଳ ନପାଇବା କାରଣରୁ ଅବିଶ୍ୱାସ ବଢିବାରେ ଲାଗିଛି ।

**ପ୍ରଥମେ ପ୍ରଶାସନିକ ସ୍ତରରେ ଘଟୁଥିବା ବ୍ୟବସ୍ଥାକୁ ଅନୁଧ୍ୟାନ କରାଯାଉ । ମୁଖ୍ୟ ପ୍ରଶାସନିକ ଅଧିକାରୀମାନେ ଅଧଃସ୍ତନ ଅଧିକାରୀଙ୍କୁ ଆହ୍ୱାନ ଦେଉଛନ୍ତି, ନିର୍ଦ୍ଦେଶ ବି ଦେଉଛନ୍ତି-ଲୋକଙ୍କ ପାଖକୁ ଯାଅ, ଲୋକଙ୍କ ସମସ୍ୟା ବୁଝି ସମାଧାନ ପାଇଁ ପଦକ୍ଷେପ ନିଅ । ସାଧାରଣ ଲୋକେ ତାଙ୍କ ଜୀବଦ୍ଦଶାରେ କେଉଁ ସର୍ବୋଚ୍ଚ ପ୍ରଶାସନିକ ଅଧିକାରୀଙ୍କୁ ଦେଖିବାକୁ ବା ସମସ୍ୟା ଜଣାଇବାକୁ ସୁଯୋଗ ପାଇଛନ୍ତି କି ?** ଯେଉଁ ତଳ ସ୍ତରର ଅଧିକାରୀମାନେ ଲୋକଙ୍କ ପାଖକୁ ଯାଇଥାନ୍ତି, ସେମାନଙ୍କ ଭିତରୁ ଅଧିକାଂଶ ଦୁର୍ନୀତିଗ୍ରସ୍ତ । କର୍ତ୍ତବ୍ୟନିଷ୍ଠ ନହେବା କାରଣରୁ ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ ହେଉନାହିଁ କିମ୍ବା ସମସ୍ତ ସରକାରୀ ସୁବିଧା ଭୋଗ କରିବାରେ ସେମାନେ ଦୂରରେ ରହୁଛନ୍ତି । ତେଣୁ ସରକାରୀ ଅଧିକାରୀମାନେ ଯେତେ କର୍ତ୍ତବ୍ୟନିଷ୍ଠ, ନିଷ୍କଳଙ୍କ, ସେବକ ବା ସେବା ମନୋଭାବ ପ୍ରକଟ କରିବେ ଲୋକମାନେ ସେମାନଙ୍କୁ ସେତେ ବିଶ୍ୱାସକୁ ନେବେ । ଏକଥା ଆମ ଅଧିକାରୀମାନେ ଭଲଭାବେ ବୁଝିଥିଲେ ମଧ୍ୟ ଶୀତତାପନିୟନ୍ତ୍ରିତ କୋଠରୀ ଭିତରେ ଯୋଜନା କରିଦେଲେ କିମ୍ବା ଆହ୍ୱାନ ଦେଇଦେଲେ ଯେ ସମସ୍ତଙ୍କର ବିଶ୍ୱାସ ଭାଜନ ହୋଇଯିବେ ଏହା ବିଶ୍ୱାସ ଯୋଗ୍ୟ ନୁହେଁ । ପାଖରେ ବସିଥିବା ରୋଗୀଟିର ରୋଗ ଅନୁଧ୍ୟାନ କରି ଭଲ ଡାକ୍ତର ଜଣେ ଉପଯୁକ୍ତ ଚିକିତ୍ସା କରିଥାନ୍ତି । ପ୍ରକୃତ ସମସ୍ୟା ନଜାଣି, କେବଳ ସୁଯୋଗ ସୃଷ୍ଟି କଲେ ତାକୁ ଗ୍ରହଣ କରିବା ସମ୍ଭବ ନୁହେଁ । ଏବେବି ସାଧାରଣ ଲୋକଙ୍କୁ ବାସଗୃହ, ପାନୀୟ ଜଳ,ସ୍ୱାସ୍ଥ୍ୟ ,ଶିକ୍ଷା ସେବା ପରି ମୌଳିକ ସୁବିଧା ସମସ୍ତଙ୍କୁ ଯୋଗାଇ ଦିଆଯାଇପାରି ନାହିଁ, ଯାହାର ବିକଳ ଚିତ୍ର ପ୍ରତିଦିନ ଆମ ଆଖିକୁ ବିଭିନ୍ନ ଗଣମାଧ୍ୟମ ମାଧ୍ୟମରେ ଆସୁଛି । ସରକାର ବା ସରକାରୀ ଅଧିକାରୀଙ୍କୁ ବିଶ୍ୱାସ କରିବା ପରିବର୍ତ୍ତେ ଅବିଶ୍ୱାସର ଅନ୍ଧ ଗଳିରେ ଆମ ସାମାଜିକ ମୂଲ୍ୟବୋଧ, ଗଣତାନ୍ତ୍ରିକ ଅଧିକାର ସବୁକିଛି ସନ୍ଦେହ, ଆଶଙ୍କାରେ ଆତ୍ମପ୍ରକାଶ କରୁଛନ୍ତି, ଏହା ନିଃସନ୍ଦେହ । ବିଶୃଙ୍ଖଳିତ ନ୍ୟାୟ ବ୍ୟବସ୍ଥା ଦୃଷ୍ଟିରୁ ପ୍ରତିଦିନ ଘଟୁଥିବା ହତ୍ୟା, ଧର୍ଷଣ, ଲୁଣ୍ଠନ, ଆତଙ୍କ ପରି ଲୋମହର୍ଷଣ ଘଟଣାମାନ ଆଇନ ବ୍ୟବସ୍ଥା ପ୍ରତି ଅବିଶ୍ୱାସ ଭାବ ସୃଷ୍ଟି କରୁଛି । ଯେଉଁମାନଙ୍କ ହାତରେ ଆଇନ୍ ଶୃଙ୍ଖଳା ଓ ସୁରକ୍ଷା ଦାୟିତ୍ୱ ନ୍ୟସ୍ତ ସେମାନଙ୍କ କାର୍ଯ୍ୟକଳାପ ଅନୁଧ୍ୟାନ, ତର୍ଜମା ଆଦିରୁ ମନେ ହେଉଛି , ଯେ ଅପରାଧୀ ଦଣ୍ଡ ପାଇବା ପରିବର୍ତ୍ତେ ସୁରକ୍ଷା ପାଇବା, ଅର୍ଥ-ପ୍ରତିପତ୍ତି ପ୍ରଭାବରୁ କୌଣସି ଦୁର୍ନୀତିଗ୍ରସ୍ତ, ଦୁଷ୍କର୍ମ ଲିପ୍ତ ବ୍ୟକ୍ତି ଉପଯୁକ୍ତ ଦଣ୍ଡ ନପାଇବା ପରି ଘଟଣା ସାଧାରଣ ଲୋକଙ୍କ ମନରେ ସ୍ୱାଭାବିକ ଅବିଶ୍ୱାସ ସୃଷ୍ଟି କରୁଛି । ତେଣୁ ପଦାଧିକାରୀମାନଙ୍କ ଆହ୍ୱାନ ମୂଲ୍ୟହୀନ ଭାବେ ଅନୁଭବ ହେବା ସହ ପ୍ରଶାସନ-ଜନତାଙ୍କ ମଧ୍ୟରେ ଅବିଶ୍ୱାସର ଦୃଢ ସେତୁ ସୃଷ୍ଟି ହେବା ସ୍ୱାଭାବିକ୍ ।

ଦ୍ୱିତୀୟରେ ବିଭିନ୍ନ ରାଜନୈତିକ ଦଳର ମୁଖ୍ୟମାନେ ସେଇ ଏକା ଆହ୍ୱାନ ଦେବାରେ ମନୋନିବେଶ କରୁଛନ୍ତି । ତଳସ୍ତରର କର୍ମୀ ହୁଅନ୍ତୁ କିମ୍ବା ନିର୍ବାଚିତ ପ୍ରତିନିଧି ହୁଅନ୍ତୁ ସେମାନଙ୍କୁ ଆହ୍ୱାନ ଦିଆଯାଉଛି - ସାଧାରଣ ଲୋକଙ୍କ ସହ ମିଶି ସମସ୍ୟା ବୁଝ, ସମାଧାନର ରାସ୍ତା ନିର୍ଣ୍ଣୟକର, ସେବା ଭାବ ପୋଷଣ କରି ସେବକ ହୁଅ, ସରକାରୀ ଯୋଜନା ଲୋକଙ୍କ ପାଖରେ ପହଁଞ୍ଚାଇ ଦଳପ୍ରତି ଓ ସରକାରଙ୍କ ପ୍ରତି ବିଶ୍ୱାସ ସୃଷ୍ଟିକର । ଏହା ଦ୍ୱାରା ଦଳର ସ୍ୱାର୍ଥ ସିଦ୍ଧି ହେବା ସହ ଦଳର ଭାବମୂର୍ତ୍ତି ପ୍ରତିଷ୍ଠା ହେବ । ଏକଥା ସତ୍ୟ ଯେ କିଛି ବ୍ୟକ୍ତିବିଶେଷଙ୍କୁ ଛାଡିଦେଲେ ପ୍ରତ୍ୟେକ ରାଜନୈତିକ ବ୍ୟକ୍ତିଙ୍କ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଆଦୌ ନାହିଁ । ସେମାନେ ବିଭିନ୍ନ ଉପାୟରେ ସରକାରୀ ଅର୍ଥ ତୋଷରପାତ କରି ରାତାରାତି ବଡଲୋକ ହେବାର ଅନେକ ଦୃଷ୍ଟାନ୍ତ ଆଖିରେ ଦେଖାଯାଏ । କ୍ଷମତା, ପ୍ରତିପତ୍ତି, ବାହୁବଳ ପରି ସମସ୍ତ ଶକ୍ତି ପ୍ରୟୋଗର କଳା କୌଶଳ ଏମାନଙ୍କୁ ବେଶ୍ ଜଣା । ତେଣୁ ନିଃସ୍ୱାର୍ଥପର, ତ୍ୟାଗୀ, ସେବା ଭାବନାରେ ଜଡିତ ରାଜନେତାଟିଏ ସାଧାରଣ ଲୋକଙ୍କର ବିଶ୍ୱାସ ଭାଜନ ହେବା ସମ୍ଭବ । ଦୁର୍ନୀତିଗ୍ରସ୍ତ ରାଜନେତାମାନେ ସାଧାରଣ ଲୋକଟି ପାଖକୁ ଯିବାକୁ ସାମର୍ଥ୍ୟ ସୃଷ୍ଟି କରିପାରନ୍ତି ନାହିଁ । ଲୋକଙ୍କ ପ୍ରଶ୍ନବାଣର ସମ୍ମୁଖୀନ ହେବାର ସତ ସାହାସ ସେମାନଙ୍କ ହୃଦୟରେ ସୃଷ୍ଟି ହୁଏ ନାହିଁ ।

ସ୍ୱାର୍ଥସିଦ୍ଧି ପାଇଁ କାହାର ହୃଦୟ, ମନରେ ବିଶ୍ୱାସ ସୃଷ୍ଟି କରିବାକୁ ପ୍ରୟାସ କରିବାକୁ କଲେ, ତାହା ସମୟ ଚକ୍ରରେ ଅବିଶ୍ୱାସ ଭାବନା ସୃଷ୍ଟିକରେ । ପ୍ରଶାସନିକ କିମ୍ବା ରାଜନୈତିକ ମୁଖ୍ୟ ଯିଏ କେହି ହୁଅନ୍ତୁନା କାହିଁକି, ଯେଉଁମାନଙ୍କ ପାଇଁ ଆହ୍ୱାନଗୁଡିକ ଉଦ୍ଦିଷ୍ଟ ସେମାନଙ୍କର ସାମଜିକ ସ୍ୱୀକୃତି କିପରି ଅଛି ଅନୁଶୀଳନ କରିବା ଆବଶ୍ୟକ । ନିଜର ସ୍ୱଚ୍ଛ, ନିର୍ମଳ, ନିଃସ୍ୱାର୍ଥପର, ନିଷ୍କଳଙ୍କ, ଚରିତ୍ର ସହ ତଳ ସ୍ତରର ନିର୍ମଳ, କର୍ତ୍ତବ୍ୟନିଷ୍ଠ, ସେବା ମନୋଭାବାପନ୍ନ, ନିଷ୍କଳଙ୍କ କର୍ମଚାରୀ ବା କର୍ମୀମାନଙ୍କୁ ଏପରି ଆହ୍ୱାନ ଦେବା ଗୁରୁତ୍ୱପୂର୍ଣ୍ଣ । ବେଳେବେଳେ ବିପରୀତ ଲକ୍ଷଣଯୁକ୍ତ ବ୍ୟକ୍ତି ସମୁଦାୟଙ୍କ ପାଇଁ ଏହା ହାସ୍ୟାସ୍ପଦ, ଅଗ୍ରହଣୀୟ ମନେ ହେବ । ତେଣୁ ବିଶ୍ୱାସ ସୃଷ୍ଟି କରିବା ପାଇଁ ନିଜେ କେତେ ବିଶ୍ୱାସଯୋଗ୍ୟ ତାକୁ ପ୍ରଥମେ ବିଚାର କରି ଅନ୍ୟମାନଙ୍କୁ ଆହ୍ୱାନ ଦେଲେ ତାର ପ୍ରଭାବ ପଡିବ, ଏହା ନିଃସନ୍ଦେହ । ପ୍ରଶାସନିକ ବ୍ୟବସ୍ଥା କିମ୍ବା ରାଜନୈତିକ ଚିନ୍ତାଧାରା, ଆଦର୍ଶ ସେତେବେଳେ ଅଧିକ ବିଶ୍ୱାସଯୋଗ୍ୟ ହେବ ଯେତେବେଳେ ତାହା ସାଧାରଣ ଜନତାକୁ ଅବିଶ୍ୱାସନୀୟ ଚେତନାରେ ଆକର୍ଷିତ କରିବ । ସମାଜରେ ଶାନ୍ତି ପୂର୍ଣ୍ଣ ସହାବସ୍ଥାନ ପାଇଁ ପାରସ୍ପରିକ ବିଶ୍ୱାସ ସୃଷ୍ଟି ଏକ ଦୃଢ ଆସ୍ଥା ଉପରେ ଆଧାରିତ ହେଲେ ଏହା ସବୁଦୃଷ୍ଟିରୁ ମଙ୍ଗଳ ସାଧନ କରି ପାରିବ । ସମାଜରେ ପ୍ରତ୍ୟେକ ସ୍ତରରେ ଯେପରି ବିଶ୍ୱାସ ତୁଟିଛି ଓ ଅବିଶ୍ୱାସ ବଢୁଛି ଏହା କ୍ରମଶଃ ହ୍ରାସ ପାଇବା ସମ୍ଭବ ହେବ,- ଯେତେବେଳେ ପରସ୍ପରର ମାନସିକତା ସହ ବିଶ୍ୱାସୀ ଭାବନାରେ ଯୋଡି ହେବେ, ଉଭୟଙ୍କ ମଧ୍ୟରେ ଦୂରତା ହ୍ରାସ କରିବେ ।

**ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ,**
**ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ**
**ମୋ-୯୪୩୮୦୪୮୬୧୫**

## ସମ୍ପାଦକଙ୍କୁ ପତ୍ର

### ସରକାରଙ୍କ ଦୃଷ୍ଟି ପଡୁ

ମହାଶୟ,

ରାଜଧାନୀ ଭୁବନେଶ୍ୱରର ପାଣ୍ଡରା ବାଇପାସରୁ ନିକଟସ୍ଥ ନଦୀବନ୍ଧ ଯାଏଁ ଯିବା ଆସିବା କରିବା ନିମନ୍ତେ ଏକ ସିଧା ଓ ସରଳ ଦଶ ଫୁଟିଆ ରାସ୍ତା ଘରୋଇ ଭାବେ ନିର୍ମାଣ କରାଯାଇଛି । ମାତ୍ର ଏହି ରାସ୍ତା ଦେଇ ଗାଡ଼ି ମଟର ଚଳାଚଳ ବାଧାପ୍ରାପ୍ତ ହେଉଛି । ରାଜ୍ୟ ସରକାର ରାଜଧାନୀର ବିଭିନ୍ନ ଅଞ୍ଚଳରେ ୪୦ ଫୁଟିଆ ରାସ୍ତା ନିର୍ମାଣ କରି ଆସୁଛନ୍ତି ।

ପାଣ୍ଡରା ବାଇପାସ୍‌ଠାରୁ ନଦୀବନ୍ଧ ଯାଏଁ ଘର ନିର୍ମାଣ କରିଥିବା ଲୋକେ ସରକାରଙ୍କଠାରୁ ଚଉଡା ରାସ୍ତାର ସୁବିଧା ପାଇବାକୁ ଆଗ୍ରହୀ ହେବା ସ୍ୱାଭାବିକ । ମାତ୍ର ଏହି ରାସ୍ତାକୁ ୪୦ ଫୁଟିଆ କରିବା ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ଲୋକେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏ ଯାଏଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ତେଣୁ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଛି ।

**ରାମଚନ୍ଦ୍ର ମିଶ୍ର**
**ସହିଦ ନଗର, ଭୁବନେଶ୍ୱର**

**ପାଠକମାନେ ନିଜ ନିଜର ସୁଚିନ୍ତିତ ମତାମତ, ଏହି ପୃଷ୍ଠାରେ ଦିଆଯାଇଥିବା ଇ-ମେଲରେ ପଠାଇ ପାରିବେ । ଏହି ସ୍ତମ୍ଭରେ ସ୍ଥାନିତ ହେଉଥିବା ସମସ୍ତ ମତାମତ, ତଥ୍ୟ ଆଦି ପାଠକମାନଙ୍କର ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉପଙ୍କର...

ସହଯୋଗୀ ଦେଶଗୁଡ଼ିକର ସାମରିକ ଘାଟିକୁ ଟାର୍ଗେଟ କରି ମିଶାଇ ମାଡ କରାଯାଇଛି । ଇରାନ ସେନା ବହରିନ୍ ଏବଂ କୁଏତର ୮ ଟି ଆମେରିକୀୟ ସାମରିକ ଘାଟିକୁ ଟାର୍ଗେଟ କରିଛନ୍ତି । ଶାନ୍ତି ଚୁକ୍ତି ଶେଷ ହେବାପରେ ଇରାନକୁ ଅସ୍ଥାୟୀ ଭାବରେ ନିଜର ତେଲ ବିକ୍ରି କରିବାକୁ ଅନୁମତି ଦେଉଥିବା ସ୍ୱତନ୍ତ୍ର ଲାଇସେନ୍ସକୁ ଆମେରିକା ରଦ୍ଦ କରିଛି । ଇରାନ ସହ ଆଉ ସେକୌଣସି ଆଲୋଚନା କରିବାକୁ ଚାହୁଁନାହାନ୍ତି, କେବଳ ସମୟନଷ୍ଟ । ମୋ ପାଇଁ ଯୁଦ୍ଧ ଶେଷ ହୋଇଯାଇଛି । ଭବିଷ୍ୟତରେ ଆଉ କୌଣସି ଯୁଦ୍ଧ ହେବନାହିଁ । ମଧ୍ୟସ୍ଥତା କରୁଥିବା ଦେଶଗୁଡ଼ିକ କଥାବାର୍ତ୍ତା ଜାରି ରଖିବା ପ୍ରସ୍ତାବକୁ ମଧ୍ୟ ସେ ଖାରଜ କରିଛନ୍ତି । ଆମେରିକାର ଆକ୍ରମଣକୁ ଇରାନ କଡ଼ା ସମାଲୋଚନା କରିଛି । ଆମେରିକା ଅସ୍ତବିରତିକୁ ଉଲ୍ଲଂଘନ କରିଛି ବୋଲି କହିବା ସହ ଉଭୟ ସାମରିକ ଓ ଆର୍ଥିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଫଳରେ ଏବେ ହରମୁଜ୍ ପ୍ରଣାଳୀ ଅଶାନ୍ତ ହୋଇପଡ଼ିବ । ବିଶ୍ୱରେ ପୁଣି ତେଲ ସଙ୍କଟ ଦେଖାଦେବ । ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ମୂଲ୍ୟ ୬% ବଢ଼ିଛି । ଯୁଦ୍ଧ ବିରତି ଘୋଷଣା ବାତିଲ ହେବାପରେ ଭାରତ ଉପରେ ମଧ୍ୟ ପ୍ରଭାବ ପଡ଼ିଛି । ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଖସି ୯୫.୫୬ ଛୁଇଁଛି । ଷ୍ଟକ୍ ଏକ୍ସଚେଞ୍ଜ ମଧ୍ୟ ଖସିଯିବାରୁ ନିବେଶକମାନେ ପ୍ରାୟ ୮ ଲକ୍ଷ କୋଟି ଟଙ୍କା ହରାଇଛନ୍ତି ।

### ଆଜି...

ପ୍ରଧାନ, ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍. ପି. ସିଂହ ବାଘେଲ, ଓଡ଼ିଶାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ ଏମ୍‌ଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ଅପରାଜିତା ଷଡ଼ଙ୍ଗୀ, ସାଂସଦ ସୁକାନ୍ତ ପାଣିଗ୍ରାହୀ, ବିଧାୟକ ପ୍ରସାନ୍ତ କୁମାର ଜଗଦେବଙ୍କ ସମେତ ପ୍ରାୟ ୧,୦୦୦ ମତ୍ସ୍ୟଚାଷୀ ଏବଂ ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ ଅଂଶଗ୍ରହଣ କରିବେ । ସେମାନଙ୍କ ସହ ଓଡ଼ିଶା ସରକାର, ସମ୍ପୃକ୍ତ ମନ୍ତ୍ରାଳୟ ଏବଂ ବିଭାଗୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ ।

ମତ୍ସ୍ୟଚାଷୀ ଉତ୍ପାଦକ ସଂଗଠନ ଏବଂ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ସୁଦୃଢ଼ କରିବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି । ଡିଜିଟାଇଜେସନ୍, ଜାତୀୟ ସମବାୟ ରପ୍ତାନି ଲିମିଟେଡ୍, ମାଛ ଧରିବା ଜାହାଜ ମାଲିକମାନଙ୍କ ସମେତ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ମାନ୍ୟତାର ଉପରାଷ୍ଟ୍ରପତି ପ୍ରାଧିକରଣ ପତ୍ର ବଣ୍ଟନ କରିବେ । ଏହା ଦ୍ୱାରା ଯୋଗ୍ୟ ଭାରତୀୟ ଜାହାଜଗୁଡ଼ିକ ସମୁଦ୍ରରେ ମାଛ ଧରିବା କାର୍ଯ୍ୟ କରିପାରିବେ । ଏହି ପଦକ୍ଷେପ ଦ୍ୱାରା ମାଛ ଚାଷୀ ଉତ୍ପାଦକ ସଂଗଠନ ଏବଂ ମତ୍ସ୍ୟ ସମବାୟ ସମିତି ଅଧିକ ସୁଦୃଢ଼ ହୋଇପାରିବେ । ଗଭୀର ସମୁଦ୍ରରୁ ମାଛ ଧରିବା ଦ୍ୱାରା ମତ୍ସ୍ୟଚାଷୀମାନଙ୍କ ପାଇଁ ଅଧିକ ଆୟର ସୁଯୋଗ ସୃଷ୍ଟି ହେବ । ପ୍ରାଧିକରଣ ପତ୍ର ପ୍ରକ୍ରିୟା ସମ୍ପୂର୍ଣ୍ଣ ଅନ୍‌ଲାଇନରେ ହେଉଥିବାରୁ ସ୍ୱଚ୍ଛତା, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେବା ପ୍ରଦାନ ଓ ପ୍ରଶାସନିକ ପ୍ରକ୍ରିୟା ସୁଗମ୍ୟକ ହେବ ।

"ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ" (୨୦୨୬-୨୦୩୬) ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ । ଏହା ଆନ୍ତର୍ଜାତିକ ସମୁଦ୍ର ଓ ଗଭୀର ସମୁଦ୍ରରୁ ମାଛ ଧରିବା ସହ ମତ୍ସ୍ୟ ରପ୍ତାନି କ୍ଷେତ୍ରରେ ଓଡ଼ିଶାକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛି । ଉନ୍ନତ ମାଛଧରା ଉପକରଣ, ପରିଚାଳନା ଏବଂ ବଜାର ସଂଯୋଗ ପାଇଁ ସହଯୋଗ ଯୋଗାଇ ଦିଆଯିବ । ଏହା ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ନିଯୁକ୍ତି ସୃଷ୍ଟି, ମତ୍ସ୍ୟଜୀବୀଙ୍କ ଆୟ ବୃଦ୍ଧି ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି ବୃଦ୍ଧି କରିବା ଦିଗରେ ସହାୟକ ହେବ ।

### ପେପରଲେସ୍...

ବ୍ୟବସ୍ଥାର ପ୍ରଚଳନ ନିମନ୍ତେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜମିଜମା ପଞ୍ଜୀକରଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ କରିବା ନିମନ୍ତେ ସମ୍ପୂର୍ଣ୍ଣ ପେପରଲେସ୍ ଏବଂ କ୍ୟାସଲେସ୍ ବ୍ୟବସ୍ଥା ଉପରେ ମନ୍ତ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି ।

ବୈଠକର ଆଲୋଚନା ଅନୁଯାୟୀ, ଅତ୍ୟଧିକ କାଗଜପତ୍ର ବ୍ୟବହାର ଦ୍ୱାରା ପଞ୍ଜୀକରଣ ପ୍ରକ୍ରିୟାରେ ଅନାବଶ୍ୟକ ବିଳମ୍ବ ଓ ଦୁର୍ନୀତିର ସମ୍ଭାବନା ଥିବାରୁ ପଞ୍ଜୀକରଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ପେପରଲେସ୍ ବା କାଗଜପତ୍ରମୁକ୍ତ କରିବା ଉପରେ ଗୁରୁତ୍ୱ ଦେଇ ଅନଲାଇନ୍ ଆବେଦନ ପ୍ରକ୍ରିୟା ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା । ଅନଲାଇନ୍ ଆବେଦନ ସମୟରେ କ୍ରେତା ଏବଂ ବିକ୍ରେତାଙ୍କ ପରିଚୟ, ପ୍ଲଟ ନମ୍ବର, ଇସି ଇତ୍ୟାଦି ସମସ୍ତ ଆବଶ୍ୟକୀୟ ତଥ୍ୟପତ୍ର ସମ୍ପର୍କରେ ଅବଗତ କରାଯିବ । ଏଥିସହ ସ୍ୱଚ୍ଛ ପଞ୍ଜୀକରଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ନିମନ୍ତେ ସେସବୁର ଯାଞ୍ଚ ସମ୍ପୃକ୍ତ ସ୍ଥାନର ପଞ୍ଜୀକରଣ କାର୍ଯ୍ୟାଳୟରେ ନହୋଇ ରାଜ୍ୟର ଅନ୍ୟ କେଉଁ ବି ପଞ୍ଜୀକରଣ କାର୍ଯ୍ୟାଳୟରେ କରିବା ପାଇଁ ଆଲୋଚନା ହୋଇଛି ।

ସେହିପରି କେବଳ ପଞ୍ଜୀକୃତ ଦଲିଲ୍ ଲେଖୁଥିବା ଓକିଲଙ୍କ ଦ୍ୱାରା ହିଁ ଦଲିଲ୍ ପଞ୍ଜୀକରଣ କରାଯିବା ସହ ସେ ସମ୍ପର୍କରେ ଆବେଦନପତ୍ରରେ ପୂର୍ବସୂଚୀତ ହେବା ନିମନ୍ତେ ବ୍ୟବସ୍ଥା କରିବା ନିମନ୍ତେ ନିଷ୍ପତ୍ତି ହୋଇଛି । ଦଲିଲ୍ ପଞ୍ଜୀକରଣ ନିମନ୍ତେ ଓକିଲ, ଷ୍ଟାମ୍ପ୍ ଭେଣ୍ଡର୍ ଏବଂ ଡିଡ୍ ରାଇଟର୍ ପୂର୍ବରୁ ରେଜିଷ୍ଟ୍ରିଭୁକ୍ତ ହୋଇଥିବା ଆବଶ୍ୟକ । ଏହି ସମ୍ପୂର୍ଣ୍ଣ ପଞ୍ଜୀକରଣ ବ୍ୟବସ୍ଥା ସମ୍ପର୍କରେ ଖୁବ ଶୀଘ୍ର ରାଜସ୍ୱ ବିଭାଗ ପକ୍ଷରୁ ନୂତନ ଏସଓପି ଜାରି କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ନିବନ୍ଧନ ମହାନିରୀକ୍ଷକ ପି. ଅନ୍ୱେଷା ରେଡ୍ଡୀ, ରାଜସ୍ୱ ବିଭାଗ, ଏନ୍‌ଆଇସି ଏବଂ ଓକାକ୍‌ର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

### ମାର୍ଚ୍ଚ...

ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜମି ଚିହ୍ନଟ ପ୍ରକ୍ରିୟାରେ ସ୍ଥାନୀୟ ବିଧାୟକମାନଙ୍କୁ ସାମିଲ କରିବା ପାଇଁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହାଦ୍ୱାରା ଜମି ଚିହ୍ନଟ ପ୍ରକ୍ରିୟା ସହଜ ଏବଂ ତ୍ୱରାନ୍ୱିତ ହେବ ।

ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ କହିଛନ୍ତି ଯେ, ଏହି ପ୍ରକଳ୍ପର ସଫଳତା ପାଇଁ ଜିଲ୍ଲାପାଳମାନଙ୍କ ସକ୍ରିୟ ଉଦ୍ୟମ ଏକାନ୍ତ ଜରୁରୀ । ସମସ୍ତେ ଏହାକୁ ଗୁରୁତ୍ୱର ସହ ନେଇ ଧାର୍ଯ୍ୟ ଟାର୍ଗେଟ ପୂରଣ କରନ୍ତୁ । ୨୨୦୦ ବିଦ୍ୟାଳୟକୁ ଖୁବ୍ ଶୀଘ୍ର ନିର୍ମାଣ କରିବା ପାଇଁ ପ୍ରଶାସନିକ କଳ କ୍ରିୟାଶୀଳ ହୋଇ କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ପ୍ରତି ଗ୍ରାମ ପଞ୍ଚାୟତରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାର ଲକ୍ଷ୍ୟ ରହିଛି । ଏହି ବୈଠକରେ ଆଭାସୀ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି. କେ. ସିଂ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଏନ୍. ତିରୁମାଲା ଏବଂ ଓସେପାର ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳମାନେ ଆଭାସି ମାଧ୍ୟମରେ ଯୋଗ ଦେଇଥିଲେ ।

### ଭିଜିଲାନ୍ସ...

ପରେ ବନ ବିଭାଗରେ ଦୁର୍ନୀତିର ଚେର କେତେ ଗଭୀରକୁ ଲମ୍ବିଛି, ତାହାକୁ ନେଇ ପ୍ରଶ୍ନ ଉଠିଛି । ଭିଜିଲାନ୍ସ ତଦନ୍ତ ଉପରେ ସମସ୍ତଙ୍କ ନଜର ରହିଛି ।

### ସରାଡିହିରେ...

ଲାଗିଥାଏ । ଏହା ବନ୍ୟା ପୂର୍ବାନୁମାନ ଓ ଜଳଭଣ୍ଡାର ପରିଚାଳନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭାବେ ବିବେଚନା କରାଯାଏ । ତେଣୁ ଛତିଶଗଡ଼ ସରାଡିହି ବ୍ୟାରେଜ୍ ଠାରେ ଏକ ଅତ୍ୟାଧୁନିକ ଜଳ ପ୍ରବାହ ମାପକ ଯନ୍ତ୍ର ସ୍ଥାପନ କରାଯିବାକୁ ନିଷ୍ପତି ନିଆଯାଇଛି । ଏହି ପ୍ରକଳ୍ପ ପାଇଁ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୬୭ ଲକ୍ଷ ୫୨ ହଜାର ୬୪୫ ଟଙ୍କାର ଆନୁମାନିକ ଖର୍ଚ୍ଚ ପାଇଁ ଅନୁମତି ପ୍ରଦାନ କରାଯାଇଛି । ଏହି ନୂତନ ବ୍ୟବସ୍ଥା ଦ୍ୱାରା ବାସ୍ତବ ସମୟରେ ଜଳ ପ୍ରବାହର ସଠିକ୍ ତଥ୍ୟ ମିଳିପାରିବ । ଯାହା ବନ୍ୟା ପୂର୍ବାନୁମାନକୁ ଅଧିକ ସୁଦୃଢ଼ କରିବା ସହ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ସମନ୍ୱିତ ଜଳ ପରିଚାଳନା ପାଇଁ ବେଶ୍ ସହାୟକ ହେବ ।

ମହାନଦୀ ବେସିନକୁ ମୋଟ ୩ଟି ବୃହତ ଭାଗରେ ବିଭକ୍ତ କରାଯାଇ ବନ୍ୟା ନିୟନ୍ତ୍ରଣର ସମୀକ୍ଷା କରାଯାଇଛି । ଏଥିମଧ୍ୟରୁ ସିଷ୍ଟମ-୨ର ସଂପୂର୍ଣ୍ଣ କାର୍ଯ୍ୟକାରିତା ହୀରାକୁଦ ଡ୍ୟାମ ଅଞ୍ଚଳରେ ପରିଚାଳିତ ହେଉଛି । ତେଣୁ ଆସନ୍ତା ମାସରେ ଛତିଶଗଡ଼ର ରାୟପୁର ଠାରେ ସିଷ୍ଟମ-୧କୁ ନେଇ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ଆଲୋଚନା ହୋଇଥିଲା । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଦ୍ୱାରା ପ୍ରଦତ୍ତ ବର୍ଷାର ଆକଳନ, କ୍ୟାଚମେଣ୍ଟ ଏରିଆରେ ବର୍ଷାର ପରିମାଣ ଏବଂ ଛତିଶଗଡ଼ର ବେଙ୍ଗୋ ଡ୍ୟାମ ତଥା ରବିଶଙ୍କର ସାଗର ଡ୍ୟାମ ଭଳି ଉପରମୁଣ୍ଡର ପ୍ରକଳ୍ପ ଗୁଡ଼ିକରୁ ଜଳ ନିଷ୍କାସନର ସୂଚନାକୁ ସଠିକ୍ ସମୟରେ ହୀରାକୁଦ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବା ପାଇଁ ସହମତି ହୋଇଛି । ଏହାଦ୍ୱାରା ହୀରାକୁଦ ଜଳଭଣ୍ଡାରର ଜଳସ୍ତରକୁ ସନ୍ତୁଳିତ ରଖିବା ସହ ବନ୍ୟା ସମୟରେ ଗେଟ୍ ପରିଚାଳନା ଅଧିକ ସୁଗମ ଓ ସଠିକ୍ ହୋଇପାରିବ ବୋଲି ଆଶା କରାଯାଇଛି । ଅନ୍ୟପଟେ ବନ୍ୟା ପରିଚାଳନା ନେଇ ଛତିଶଗଡ଼ ସରକାର ଓଡ଼ିଶାକୁ ସହଯୋଗ କରୁନଥିବା ନେଇ ମଧ୍ୟ ଆଲୋଚନା ହୋଇଥିଲା । ତେବେ ଛତିଶଗଡ଼ର ଉପସ୍ଥିତ ଅଧିକାରୀମାନେ ଏହାକୁ ଦୃଢ଼ତାର ସହ ଖଣ୍ଡନ କରିଥିଲେ । ଉଭୟ ରାଜ୍ୟ ମିଳିତ ଭାବେ ବିପତ୍ତିର ମୁକାବିଲା କରୁଥିବା କହିଛନ୍ତି । ଏହି ବୈଠକରେ ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ ପ୍ରତାପ ଚୌଧୁରୀ, ଛତିଶଗଡର ଅଧିକ୍ଷଣ ମୁଖ୍ୟଯନ୍ତ୍ରୀ ପ୍ରଣୟ ପାଲ, ସର୍ବୋଚ୍ଚ ଯନ୍ତ୍ରୀ ଶୁଶିଲ କୁମାର ବେହେରାଙ୍କ ସମେତ ଉଭୟ ରାଜ୍ୟର ବହୁ ପ୍ରତିନିଧି ଓ ବୈଷୟିକ ଅଧିକାରୀ ଉପସ୍ଥିତ ଥିଲେ ।

### ଆଜି...

୨୩ହଜାର ୩୨୩ଘନଫୁଟ୍ ଜଳ ପାୱାର ଚ୍ୟାନେଲ, ୨ହଜାର ୭୩୩ଘନଫୁଟ୍ ଜଳ କେନାଲ ଓ ୨୪୭ଘନଫୁଟ୍ ଜଳ କଳକାରଖାନାକୁ ପ୍ରବାହିତ ହେଉଛି । ଲଗାଣ ବର୍ଷା ଯୋଗୁଁ ମହାନଦୀର ବେଲଗାଁରେ ୧୮ହଜାର ଘନଫୁଟ ଜଳ, ପର୍ଥଲାରେ ୪୯ହଜାର ୭୯୯ ଘନଫୁଟ ଜଳ ପ୍ରବାହିତ ହେଉଛି । ସେହିପରି ଖଇରମାଳରେ ୧ଲକ୍ଷ୬ହଜାର, ବାରମୂଳରେ୧ଲକ୍ଷ୫୫ହଜାର ଓ ମୁଣ୍ଡଳୀରେ ୪ଲକ୍ଷ ୨୦ହଜାର ୮୨୪ ଘନଫୁଟ ଜଳ ପ୍ରବାହିତ ହେଉଥିବା ଜଣାପଡିଛି । ସୂଚନାଯୋଗ୍ୟ, ବଙ୍ଗୋପସାଗରରେ ସୃଷ୍ଟ ଅବପାତ ପ୍ରଭାବରେ ସାରା ରାଜ୍ୟରେ ଗତ ୨ ଦିନ ପ୍ରବଳ ବର୍ଷା ହୋଇଥିଲା । ହୀରାକୁଦ ଡ୍ୟାମର ଉପରମୁଣ୍ଡ ଛତିଶଗଡରେ ମଧ ବର୍ଷା ହୋଇଥିବା ବେଳେ ଜଳସ୍ତର ଦ୍ରୁତ ବେଗରେ ବୃଦ୍ଧି ପାଉଛି । ଏହାକୁ ଦୃଷ୍ଟିରେ ରଖି ଆସନ୍ତା ଜୁଲାଇ ୯ ତାରିଖ ଦିନ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବାର ବ୍ୟବସ୍ଥା କରାଯାଇଛି । ଏହି ପରିପ୍ରେକ୍ଷୀରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ପୂର୍ବାହ୍ନ ୧୧ଟାରେ ହୀରାକୁଦ ଜଳଭଣ୍ଡାରର ପର୍ଯ୍ୟାୟକ୍ରମେ ୪ଟି ଗେଟ୍ ଖୋଲାଯିବ ବୋଲି ମହାନଦୀ ଅବବାହିକା ମୁଖ୍ୟଯନ୍ତ୍ରୀ ଇଂ. ପ୍ରତାପ ଚୌଧୁରୀ ସୂଚନା ଦେଇଛନ୍ତି ।

# ଜାଗା ଚିହ୍ନଟରେ ପ୍ରଶାସନିକ ପକ୍ଷପାତିତା ଅଭିଯୋଗ

ବନ୍ତ,(ସବ୍ୟୁ):ବନ୍ତ ତହସିଲ ସେ„ତୀରା ପଞ୍ଚାୟତ ଅଧିନ ଫୁଲଗଡିଆ ଓ ବାଲିପୁର ଗ୍ରାମରେ ସରକାରୀ ଜାଗା ଚିହ୍ନଟରେ ପ୍ରଶାସନିକ ପକ୍ଷପାତିତା ଯୋଗୁ ଦୁଇ ଗ୍ରାମର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଫୁଲଗଡିଆ ଗ୍ରାମର ଯେନାସାହିରେ କମ୍ୟୁନିଟ ସେଣ୍ଟର ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟରେ ବ୍ୟାପକ ତ୍ରୁଟି କରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଫୁଲଗଡିଆ ଗ୍ରାମ ସଂଲଗ୍ନ ବାଲିପୁର ଗ୍ରାମର ଅଧିବାସୀ ମାନେ ନିଜସ୍ୱ ସ୍ଥାନରେ ଘର କରି ପୁରୁଷାନୁକ୍ରମେ ଦୀର୍ଘ ବର୍ଷ ଧରି ରହି ଆସୁଛନ୍ତି। ଫୁଲଗଡିଆ ମୌଜାର ମେଳଣ ପଡିଆ ପାଇଁ ଥିବା ସରକାରୀ ଜାଗାକୁ ତହସିଲ ପକ୍ଷରୁ ମାପ ଚିହ୍ନଟ ପାଇଁ ପାଖ ପଡୋଶୀଙ୍କୁ ନୋଟିସ କରା ନଯାଇ କେତେ ଜଣ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀଙ୍କ ପ୍ରରୋଚନାରେ ଜାଗା ମାପ କରି ଚିହ୍ନଟ କରାଯାଇଥିଲା। ପରେ ଆକ୍ରୋଶ ମୂଳକ ଭାବେ ପଡୋଶୀ ଗ୍ରାମର କେତେକ ବ୍ୟକ୍ତି ନିଜସ୍ୱ ଅର୍ଥରେ ସିମେଣ୍ଟ ଖୁଣ୍ଟ ବସାଇ ବାଲିପୁର ଗ୍ରାମର କେତେକ ପରିବାରଙ୍କୁ ସେହି ବାଟେ ଚଳ ପ୍ରଚଳ ନକରିବା ପାଇଁ ଧମକ ଦେଉଛନ୍ତି। ଉକ୍ତ ମୌଜାର ପ୍ରାୟ ୧୫ରୁ ୨୦ ଏକର ସରକାରୀ ଜାଗା ଥିବା ବେଳେ ଏହାକୁ କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଜବର ଦଖଲ କରି ଘର କରିବା ସହିତ ଚାଷ ଜମିରେ ପରିଣତ କରିଛନ୍ତି। ଏପରିକି ସରକାରୀ ଜାଗାକୁ ବାଡ ଘେରା କରି ସେଠାରେ ଥିବା ଗଛକୁ କାଟି ବିକ୍ରୟ କରୁଥିବା ଅଭିଯୋଗ ହୋଇଛି। ପ୍ରଶାସନ ସେଥିପ୍ରତି ଦୃଷ୍ଟି ନଦେଇ ନିର୍ଦ୍ଦିଷ୍ଟ ଭାବେ ପଡୋଶୀ ବାଲିପୁର ଗ୍ରାମର କେତେକ ପରିବାରକୁ ଆକ୍ରୋଶ ମୂଳକ ଭାବେ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ବାଲିପୁର ଗ୍ରାମର ଧନେଶ୍ୱର ଜେନାଙ୍କ ସମେତ ଅନ୍ୟ ମାନେ ଗତ ୨୦୨୫ ନଭେମ୍ବର ୩ରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀରେ ଅଭିଯୋଗ କରିଥିଲେ। ପରେ୨୦୨୫ ଡିସେମ୍ବର ୨୨ ଓ ୨୩ ଏବଂ ୨୦୨୬ ଜାନୁଆରୀ ୩ ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ମାତ୍ର ପ୍ରଶାସନିକ ସ୍ଥାଣୁତା ଯୋଗୁ ଉକ୍ତ ସମସ୍ୟାର ଏପର୍ଯ୍ୟନ୍ତ ସମାଧାନ ହୋଇନଥିବା ଅଭିଯୋଗକାରୀ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ନିରପେକ୍ଷ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି।

# ବୁଢାବଳଙ୍ଗ ନଦୀରେ ଯୁବକ ଭାସିଯିବା ଘଟଣା: ୨୨ ଘଣ୍ଟା ପରେ ମିଳିଲା ମୃତଦେହ

ବେତନଟୀ ,(ସବ୍ୟୁ) :ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ପାଟଳିପୁରା ପଞ୍ଚାୟତର ବୁଢାବଳଙ୍ଗ ନଦୀ ଅବବାହିକାର ନାଖରା ପୋଲ ତଳେ ଗାଧୋଉଥିବା ବେଳେ ଜଳ ସ୍ରୋତରେ ମଙ୍ଗଳବାର ଅପରାହ୍ନରେ ନ ବୁଡି ଯାଇଥିବା ଯୁବକଙ୍କ ମୃତଦେହ ଦୀର୍ଘ ୨୨ଘଣ୍ଟା ପରେ ବୁଧବାର ଅପରାହ୍ନରେ ଉଦ୍ଧାର ହୋଇହୋଇଛି । ମୃତଦେହ ଭାସିଯାଇଥିବା ସ୍ଥାନରୁ ପାଖାପାଖି ଏକ କିଲୋମିଟର ଦୂରରେ ଥିବା ପାଟଳିପୁର ବାଲି ଘାଟ ନିକଟରେ ଭାସୁଥିବା ବେଳେ ଉଦ୍ଧାର କରାଯାଇଛି । ଉଦ୍ଧାର ସମୟରେ ମୃତକ ଆକାଶର ମର ଶରୀରକୁ ଦେଖି ପରିବାରବର୍ଗ ଭାଙ୍ଗି ପଡ଼ିବା ସହ ଘଟଣା ସ୍ଥଳରେ ଏକ ପ୍ରକାରର ଶୋକର ଛାୟା ଖେଳିଯାଇଥିଲା । ଓଡ୍ରାଫ ଦଳ ଏବଂ ଅଗ୍ନିଶମ ବିଭାଗ ମଙ୍ଗଳବାର ଅପରାହ୍ନ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ପ୍ରକ୍ରିୟା ଅବଲମ୍ବନ କରିଥିଲେ ସୁଦ୍ଧା ମୃତ ଆକାଶର କୌଣସି ପତ୍ତା ମିଳିନଥିଲା । ବୁଧବାର ସକାଳ ସମୟରୁ ଓଡ୍ରାଫ ଦଳ ଏବଂ ଅଗ୍ନିଶମ ବିଭାଗ ଶବ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ । ଦୀର୍ଘ ସମୟ ପରେ ମୃତକଙ୍କର ମର ଶରୀର ନାଖରା ପୋଲଠାରୁ ଅନତୀ ଦୂରରେ ଥିବା ପାଟଳିପୁରା ବାଲି ଘାଟ ନିକଟରେ ନଦୀରେ ଭାସୁଥିବା ବେଳେ ଉଦ୍ଧାର କରାଯାଇଥିଲା । ଉଦ୍ଧାର ମର ଶରୀରକୁ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରୁ ଶବ ବ୍ୟବଚ୍ଛେଦ ନିମନ୍ତେ ବାରିପଦା ବଡ ମେଡ଼ିକାଲକୁ ପଠାଇ ଦିଆଯାଇଥିଲା । ଏହି ଘଟଣାକୁ ନେଇ ବୈଶିଙ୍ଗା ଥାନାରେ ପରିବାରବର୍ଗଙ୍କ ଲିଖିତ ଅଭିଯୋଗ କ୍ରମେ ୩୨/୨୬ର ଏକ ମାମଲା ରୁଜ୍ଜୁ କରି ତଦନ୍ତ ଚାଲିଥିବା ବେଳେ ବ୍ୟବଚ୍ଛେଦ ପରେ ଆକାଶର ମର ଶରୀରକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ମରଶରୀର ଗ୍ରାମ କଅଁରାକୁଳ ପହଞ୍ଚିବା ପରେ ଏକ ପ୍ରକାରର ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଆକାଶର ମରଶରୀରକୁ ନେଇ ଗ୍ରାମ ଶ୍ମସାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ଜଣାଯାଇଛି । ମୃତକ ଆକାଶ ପିତା ଅଶୋକ ଜେନାର ଜ୍ୟେଷ୍ଠ ପୁତ୍ର ଥିଲେ । ୨ ପାଠପଢା ସାରି ରଙ୍ଗ କାର୍ଯ୍ୟ କରୁଥିଲେ ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଆନନ୍ଦପୁର, (ସବ୍ୟୁ) : ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଚାରନାଳିଆ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ଜଅଁରା ଗ୍ରାମର ବିଭୂତି ପରେଇଙ୍କ ମୃତ୍ୟୁ ଘଟିଛି ।ଘଟଣା ସମ୍ପର୍କରେ ଆନନ୍ଦପୁର ଥାନାରେ କେସ ନଂ-୨୨୧/୨୦୨୬ ରୁଜୁ ହୋଇଥିବାବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଚାରନାଳି ଅଞ୍ଚଳରେ ଲଗାତର ସଡ଼କ ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ଏସଏଚ ୫୩ ରାଜ୍ୟ ରାଜପଥର ଏହି ସ୍ଥାନରେ ରାତି ସମୟରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ଅଭିଯୋଗ ହୋଇଛି ।

**ଦ.ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ନୋଟିସ୍ ନଂ: ଇ-ଟେଣ୍ଡର/୨୦୨୬/୨୬, ତାରିଖ ୦୭.୦୭.୨୦୨୬ । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟରିଂ), ଦ. ପୂ.ରେଳପଥ, ଖଡ଼ଗପୁର-୭୨୧୩୦୧ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ପ୍ରତିଟି ଆଇଟମ ସହାଣେ ଉଲ୍ଲିଖିତ ତାରିଖର ୧୫.୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଇଛି ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ । ଟେଣ୍ଡର ନଂ: ଇ- କେଜିପି-ଏନ୍‌ଡବ୍ଲ୍ୟୁ-୨୬-୨୦୨୬ । କାର୍ଯ୍ୟର ବିବରଣୀ: ସହକାରୀ ଯନ୍ତ୍ରୀ/ତ୍ରାଫିକ ଫ୍ରାଇସ୍/ ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁରରେ ଷ୍ଟାଫ୍ କ୍ୱାର୍ଟର୍ସ ପାଇଁ ସ୍ପିଲ୍ ସ୍ଲେଟିଂ ଏବଂ ପାଇପ୍ ଲାଇନ୍ ସହିତ ବାଲ୍ତିଗତ ଓଭର ହେଡ୍ ପିଭିସି ଟ୍ୟାଙ୍କ ଯୋଗାଇବା । ଟେଣ୍ଡର ମୂଲ୍ୟ : ଟ. ୭,୫୩,୪୩,୪୧୨.୬୬/- । ବଯାନାକର ଅର୍ଥ : ଟ. ୧୫,୦୬,୯୦୦/- । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ୦.୦୦ । କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ । ଖୋଲିବାର ତାରିଖ: ୩୦.୦୭.୨୦୨୬ । ନିଲାମ ଆରମ୍ଭ ତାରିଖ: ୧୬.୦୭.୨୦୨୬ ଠାରୁ ୩୦.୦୭.୨୦୨୬ ତାରିଖ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ନିଲାମ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ନିଲାମ ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମ୍ଭାବ୍ୟ ନିଲାମଦାତାମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ । (PR-442)

**AFFIDAVIT**

I, **Sayada Ummul Hasanat**, wife of Shaikh Abuzar of Baunsgali, Po-Buxi Bazar, P/s-Dargha Bazar, Dist-Cuttack, Odisha declare by this Affidavit No.216297. Dtd-06/07/26 that now onwards I shall be known as **Sayeda Ummul Hasnat** for all future purpose.

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated 12.06.2026, I, **Bandana Pattnaik**, aged about 51 years, W/o- Sri Sanjeeb Patnaik, resident of Plot No.: 184-B, Unit-3, Kharvel Nagar, PO: GPO, PS: Kharvel Nagar, Bhubaneswar, Odisha, PIN-751001, declare that I have changed my name from "Bandana Pattanaik" to **"Bandana Pattnaik"**. Henceforth, I shall be known as **Bandana Pattnaik** for all purposes.

**AFFIDAVIT**

I, Abdullah Aziz Shaikh, S/o-late Shaikh Bakaullah, residing At/Village-Jagannathpur, Po-Tiran, P.s-Tirtol, Dist-Jagatsinghpur, Pin-754138, Odisha declare by this affidavit SL No-4400 dtd.-08/07/2026 that now onwards I shall be Known as **Shaikh Aziz Abdullah** for all future Purposes.

**WANTED**

1) Asst. Teacher - One post, +2 Science, C. T
2) Asst.Teacher - Two post +2 Art or Commerce C. T

Apply to the Head Mistress, Sishu Vihar, Amalapada, Angul with complete Bio-Data and contract number. Interview shall be held on **17.07.2026** at in the office of the undersigned.

Salary : Negotiable

Head Mistress
Contact no.-7077465217

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୭୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

13001/1109/2627

ପତ୍ର ସଂଖ୍ୟା ୧୪୫ **ବିଜ୍ଞାପନ** ତା : ୦୧.୦୭.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାଳି ରାଇଡ ଇଣ୍ଟିଗ୍ରେଟେଡ୍ ସୋସିଆଲ୍ ହାଉସିଂ ପ୍ରକଳ୍ପ, ମହିଷାପାଟ, ପ୍ରଥମ ପର୍ଯ୍ୟାୟ, ଢେଙ୍କାନାଳ ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ-ଏମ୍.ଆଇ.ଜି.-୧୫ (MIG-15), ଶ୍ରୀ ବିଜୟ କୁମାର ମଲ୍ଲିକ, ପି-ସ୍ୱର୍ଗତ ପିର ମଲ୍ଲିକ, ଗ୍ରା-ନରଡ଼ା ହରିପୁର, ପୋ-କୁକୁଡ଼ାଙ୍ଗ, ଥା-ସାଲେପୁର, ଜି-କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବିଜୟ କୁମାର ମଲ୍ଲିକ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ପୁଷ୍ପିତା ନାୟକ, ସ୍ୱା-ସୁଶାନ୍ତ କୁମାର ସାହୁ, ଗ୍ରା-ଆନନ୍ଦପୁର, (ଆନନ୍ଦେଶ୍ୱର ସାହି), ପୋ/ଥା-ଆନନ୍ଦପୁର, ଜି-କେନ୍ଦୁଝରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0135

**OFFICE OF THE NOTIFIED AREA COUNCIL, DHARMAGARH DIST-KALAHANDI, PIN-766015**

13001/1118/2627

**'e'- Procurement NOTICE**
**Bid Identification No. DHM / 04 / 2026-27**

The Executive Officer on behalf of Dharmagarh NAC invites tenders in Double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

| | | |
|---|---|---|
| 1. | Number of Civil works | : 2 (Two) number |
| 2. | Estimated Costs | : 49.97 Lakh to 150.29 Lakh |
| 3. | Period of completion | : As per NIT |
| 4. | Date and time of availability of the bid documents in the portal | : From 3.00 P.M. of 08.07.2026 to 05.00 PM of 27.07.2026 |
| 5. | Last Date/ Time for receipt of bids in the portal | : 05.00 PM of 27.07.2026 |
| 6. | Bids will be opened on | : 11.00 AM of Dt. 28.07.2026 |
| 7. | Name and address of the officer inviting bid | : Executive Officer, Dharmagarh NAC |

Sd/- Executive Officer
Dharmagarh NAC

OIPR : 13001/13163/1/26-27/0010

**Government of Odisha**
**Higher Education Department**

11001/204/2627

**Revised Timeline for Phase-I admission into U.G. Courses in the Higher Education Institutions for the Academic Session 2026-27**

It is to inform all concern that the revised timeline for admission in all (+3) Degree ( State Public Universities/ Government / Aided/ Un-Aided Colleges / Law Colleges of the State participating under Student Academic Management System (SAMS) is given below.

**Important Information:**

- The Government of Odisha has introduced Free Education for students taking admission to Regular Mode U.G. & P.G. courses under SAMS from the Academic Session 2026-27.
- Accordingly, Choice filling facility shall be re-opened for all the applicants who have already applied in Phase-I admission Process. During the revision, an applicant can provide minimum one and maximum any number of choices.
- During the Re-choice filling, the applicant shall first select one of the following three programme categories through OTP verification. The portal shall then display only the Institutions and Major Subjects relevant to the selected category:
  - o Regular Mode Programmes (No Admission Fee): only Institutions and Major Subjects offered under Regular Mode, where no admission fee is payable under the Government's Fee Waiver Scheme, shall be displayed.
  - o Self-Financing Mode Programmes (Admission Fee Payable by the students): only Institutions and Major Subjects offered under Self-Financing Mode, where admission fees are payable by the student, shall be displayed.
  - o Regular and Self-Financing Mode Programmes (Both No admisison Fees & Admisison Fees Payable): Institutions and Major Subjects under both categories shall be displayed, and the applicant may select preferences from both.
- Admission fees paid by applicants admitted to Regular Mode Courses in eligible institutions during the First Round shall be refunded to the bank account provided in their CAF after completion of the Phase-I Admission Process after consenting to attendance norms.
- The detailed guideline for the remaining rounds of Phase-I admission process is available on the SAMS portal (Notice Section).

| Sl# | Activities | Timeline |
|---|---|---|
| **Enabling the Choice filling option(s)** | | |
| 1 | Enabling the Choice filling options by the eligible applicants freshly, through the SAMS Portal : www.samsodisha.gov.in | 08-July-2026 (02:00 PM) |
| 2 | Last date for Choice Filling through www.samsodisha.gov.in | 12-July-2026 (11:45 PM) |
| **N.B. : After submitting the CAF, editing of Choice, if required, can be done till last date of CAF submission** | | |
| **Round 2 Selection & Admission Allotment** | | |
| 3 | Publication of Provisional Allotment of Seats (For Second Round Selection) | 20-July-2026 (02:00 PM) |
| 4 | Selection of Slide/Freeze/Float Option and Online payment (for the Paid Seats) of the admission fees by the selected students through SAMS [Student's Account] portal | 20-July-2026 (03:00 PM) to 23-July-2026 (04:00 PM) |
| 5 | Reporting of the applicants at allotted Institutions for taking admission (for Second Round Selection) | 21-July-2026 (10:00 AM) to 23-July-2026 (05:00 PM) |
| 6 | Data updation of admitted students in the e-space by the respective Institutions (for Second Round Admission) | 21-July-2026 (10:00 AM) to 23-July-2026 (09:00 PM) |
| **Round 3 Selection & Admission Allotment** | | |
| 7 | Publication of Provisional Allotment of Seats (for Third Round/ Final Round Selection) | 29-July-2026 (02:00 PM) |
| 8 | Online payment of admission fees (for the Paid Seats) by the selected students through SAMS [Student's Account] portal | 29-July-2026 (03:00 PM) to 01-Aug-2026 (04:00 PM) |
| 9 | Reporting of applicants at allotted institutions for taking admission (for Third /Final Round Selection) | 30-July-2026 (10:00 AM) to 01-Aug-2026 (05:00 PM) |
| 10 | Data updation of admitted students in the e-space by the respective Institutions (for Third/Final Round Admission) | 30-July-2026 (10:00 AM) to 01-Aug-2026 (09:00 PM) |
| **Round 4: Waiting/Spot Selection Round** | | |
| 11 | Publication of the list of waitlisted applicants (for the remaining upper choice HEIs Waiting Rank Wise) in HEI's e-Space as well as in the student's login as per the actual vacancy as on 01 -Aug -2026 | 04-Aug-2026 (12:00 Noon) |
| 12 | Physical Reporting of interested waitlisted applicants for submission of CAF along with relevant documents in their respective HEIs for participating in the waiting list admission Round. The interested applicants must appear in person; however, a representative with valid ID proof may also be permitted to report on their behalf. | 05-Aug-2026 (11:00 AM) to 06-Aug-2026 (04:00 PM) |
| 13 | Publication of merit list among the reported waitlisted applicants at the Notice Board / Website of the HEIs & communicate to the selected applicants via phone call/ SMS | 07-Aug-2026 (02:00 PM) |
| 14 | Reporting of the waitlisted applicants for Validation of documents, Final Admission, Collection of Admission Fees (for the Paid Seats) directly by the HEIs in online mode (Net Banking/ Bank Challan/NEFT/UPI etc.) a Admission updation of the waitlisted applicants in the e-space of the HEIs | 10-Aug-2026 (10:00 AM) to 11-Aug-2026 (05:00 PM) |
| **Commencement of Classes & Subsequent Phases** | | |
| 15 | Commencement of classes (Degree 1st Year) | 27-July-2026 |
| 16 | Publication of Phase-II Admission Process | After declaration of Instant/supplementary result of CHSE |

**For more details please contact: e-Admission Helpline (Toll Free) Number 155335 / 1800-345-6770**

Sd/- Joint Secretary to Govt.
PTC Section

OIPR : 11001/11001/1/26-27/0025

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବିନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ କୁନି ଚିତ୍ରଶିଳ୍ପୀ ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟସ୍ତରୀୟ ୭୭ତମ ବନ ମହୋତ୍ସବ ପାଳନ ଅବସରରେ ପୁରୁଣା ଭୁବନେଶ୍ୱର ସ୍ଥିତ ସ୍ଥାନୀୟ କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଭୁବନେଶ୍ୱର ଭୀମଟାଙ୍ଗି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସପ୍ତମ ଶ୍ରେଣୀର ଛାତ୍ର ଶାନ୍ତନୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାର୍ଟିଫିକେଟ୍ ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଛନ୍ତି । ଏହି



ପ୍ରତିଯୋଗିତାରେ ଶାନ୍ତନୁ 'ସବୁଜ ଓଡ଼ିଶା, ସୁସ୍ଥ ଓଡ଼ିଶା'ର ବାର୍ତ୍ତାକୁ ନିଜ ରଙ୍ଗ ତୂଳୀ ମାଧ୍ୟମରେ କାନ୍‌ଭାସ୍‌ରେ ଅତି ନିଖୁଣ ଭାବେ ଆଙ୍କି ସମସ୍ତଙ୍କ ମନ ଜିଣିଥିଲେ । କୁନି ଚିତ୍ରଶିଳ୍ପୀ ଭାବେ ସୁପରିଚିତ ଶାନ୍ତନୁ ସର୍ବଦା ପରିବେଶ ସୁରକ୍ଷା ଓ ଓଡ଼ିଶାର କଳା-ସଂସ୍କୃତିକୁ ନେଇ ଚିତ୍ର ପ୍ରସ୍ତୁତ କରିଥାନ୍ତି । ତାଙ୍କର ପ୍ରତିଟି ଚିତ୍ରକଳା ମାଧ୍ୟମରେ ସମାଜରେ ପରିବେଶ ପ୍ରତି ଜନସଚେତନତା ସୃଷ୍ଟି କରିବା ପାଇଁ ସେ ସଦାସର୍ବଦା ମନଛୁଆଁ ବାର୍ତ୍ତା ଦେଇ ଆସୁଛନ୍ତି । ଏହି ରାଜ୍ୟସ୍ତରୀୟ ସଫଳତା ପାଇଁ ଶାନ୍ତନୁଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ, ପରିବାର ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

# ଜେନେରାଲି ସେଣ୍ଟ୍ରାଲ୍ ଲାଇଫ୍ ଇନସ୍ୟୁରାନ୍ସର ସୁନେହରା ପେନସନ୍ ଯୋଜନା

ଭୁବନେଶ୍ୱର, (ସବ୍ୟୁ) : ଜେନେରାଲି ସେଣ୍ଟ୍ରାଲ୍ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ (ଜିସିଏଲ୍‌ଆଇସିଏଲ୍), ଏକ ଘରୋଇ ଅଗ୍ରଣୀ ଜୀବନ ବୀମା କମ୍ପାନୀ, ସୁନେହରା ପେନ୍ସନ୍ ଯୋଜନା ଆରମ୍ଭ କରିଛି। ଏହା ଏକ ଅଂଶଗ୍ରହଣକାରୀ (ପିଏଆର), ଅନ-ଲିଙ୍କଡ, ପେନସନ୍, ସଞ୍ଚୟ-ମୁଖୀ ଜୀବନ ବୀମା ଯୋଜନା ଯାହା ପଲିସିଧାରକମାନଙ୍କୁ ସେମାନଙ୍କର ଭବିଷ୍ୟତ ଆର୍ଥିକ ସୁରକ୍ଷା ପାଇଁ ଏକ ଅବସର କର୍ପସ ଗଠନ କରିବାରେ ସାହାଯ୍ୟ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାର ମୂଳ ବୀମା ଲାଭ ବ୍ୟତୀତ, ଏହି ଯୋଜନା ମାଗଣା ସୁସ୍ଥତା ସେବା ମଧ୍ୟ ପ୍ରଦାନ କରେ, ଯାହା ଏହାର ପଲିସିଧାରକମାନଙ୍କୁ ସାମଗ୍ରିକ ମୂଲ୍ୟ ପ୍ରଦାନ କରିବା ପାଇଁ ଜେନେରାଲି ସେଣ୍ଟ୍ରାଲ୍ ଲାଇଫ୍ ଇନସ୍ୟୁରାନ୍ସର ପ୍ରତିବଦ୍ଧତାକୁ ସୁଦୃଢ଼ କରେ। ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସର ସୁନେହରା ପେନସନ ଯୋଜନା ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ଅବସର ପାଇଁ ଅଧିକ ପ୍ରଭାବଶାଳୀ ଯୋଜନା କରିବାରେ ସାହାଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି ।

# ରଥଯାତ୍ରା ନିମନ୍ତେ ପ୍ରଶାସନର ପ୍ରସ୍ତୁତି ବୈଠକ

କଟକ, (ସବ୍ୟୁ):ଚଳିତ ବର୍ଷ କଟକରେ ରଥଯାତ୍ରା ସଫଳ ଆୟୋଜନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ( ରାଜସ୍ୱ) ଡଃ ଦିବ୍ୟଲୋଚନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ହେଉଥିବା ରଥଯାତ୍ରାକୁ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି । ବୈଠକରେ ସହ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ( ସାଧାରଣ) କମଳଜିତ ଦାସ ରଥର ସୁରକ୍ଷା ପାଇଁ ରଥ ଗତି କରୁଥିବା ପଥଗୁଡ଼ିକରୁ ବିଦ୍ୟୁତ ତାର, ଟିଭି କେବୁଲ ତାର ସହ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ବିଛା ଯାଇଥିବା କେବୁଲ ତାର ଅପସାରଣ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ସମ୍ପର୍କରେ ଆଲୋଚନା କରିବା ସହ ରଥ ରହଣିସ୍ଥଳ ମାନଙ୍କରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ଆଶୁ ଚିକିତ୍ସା , ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଆଦି ସମ୍ବନ୍ଧରେ ଆଲୋଚନା କରିଥିଲେ । ଦେଖାଦେଉଥିବା କେବୁଲ ତାର ଅପସାରଣର ସମସ୍ୟା ନିମନ୍ତେ ସଦର ଉପ ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ନିରିକ୍ଷକ ଦଳ ରଥଯାତ୍ରା ଅନୁଷ୍ଠିତ ହେଉଥିବା ସ୍ଥାନ ଗୁଡିକ ପରିଦର୍ଶନ କରି ପଦକ୍ଷେପ ଗ୍ରହଣ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରଯାଇଥିଲା । ସହରରେ ହରିପୁର-



ଦୋଳମୁଣ୍ଡାଇ ଏବଂ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ରାଣୀହାଟସ୍ଥିତ ବଳଦେବଜୀଉ ମନ୍ଦିର, ତୁଳସୀପୁର, ପିଠାପୁର, ଯୋବ୍ରା ସହ ଚଳିତ ବର୍ଷ ନୂତନ ଭାବେ ଅନୁଷ୍ଠିତ ହେବାକୁ ଥିବା ସିଡିଏ ସେକ୍ଟର- ୬ ସ୍ଥିତ ଜଗନ୍ନାଥ ମନ୍ଦିର ଆଦି ସ୍ଥାନମାନଙ୍କରେ ପରମ୍ପରା ଅନୁଯାୟୀ ଶ୍ରୀଜୀଉମାନଙ୍କ ରଥଯାତ୍ରା ଅନୁଷ୍ଠିତ ହେବ । ରଥ ନିର୍ମାଣ, ନୀତି ନିର୍ଘଣ୍ଟ, ପ୍ରସ୍ତୁତି ତଥା ଆବଶ୍ୟକୀୟ ପ୍ରଶାସନିକ ବ୍ୟବସ୍ଥା ସଂପର୍କରେ ବିଭିନ୍ନ ରଥଯାତ୍ରା ପରିଚାଳନା କମିଟିର କର୍ମକର୍ତ୍ତାମାନେ ଉପସ୍ଥାପନା କରିଥିବା ବେଳେ ,ରାସ୍ତାଘାଟର ମରାମତି, ପର୍ଯ୍ୟାପ୍ତ ପାନୀୟଜଳ ଯୋଗାଣ, ନୀରବଚ୍ଛିନ୍ନ ବିଦ୍ୟୁତସେବା, ଜଳସିଞ୍ଚନ, ଆଶୁ ଚିକିତ୍ସା, କେବୁଲ ତାର ଅପସାରଣ, ରଥଯାତ୍ରା ସମୟରେ ସହରରେ ଦିବାରାତ୍ର ପରିମଳ ବ୍ୟବସ୍ଥା, ନାଳନର୍ଦ୍ଦମା ଗୁଡ଼ିକର ସଫେଇ ଓ ଜଳନିଷ୍କାସନ ,ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ବ୍ୟବସ୍ଥା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀମତୀ ସ୍ୱାଗତିକା ବେହେରା ଚଳିତ ବର୍ଷ ରଥଯାତ୍ରା ସହରରେ ଅନୁଷ୍ଠିତ ହେଉଥିବାରୁ ସମସ୍ତ ପ୍ରାକ ପ୍ରସ୍ତୁତି କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିବା ସହ ସଭାକାର୍ଯ୍ୟ ସଂଯୋଜନା କରିଥିଲେ । ବୈଠକରେ ଅତିରିକ୍ତ ପୁଲିସ ଉପ ଆୟୁକ୍ତ ରଞ୍ଜନ ପୃଷ୍ଟିଙ୍କ ସମେତ ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ଅଗ୍ନିଶମ, ଟିପିସିଓଡ଼ିଏଲ, କଟକ ମହାନଗର ନିଗମ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ରଥଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି, ଭିକାରି ଦାସ, ରାଣିହାଟ ବଳଦେବଜୀଉ ରଥଯାତ୍ରା କମିଟି ସଭାପତି, ବିଜୟ କୁମାର ସାହୁ, ହରିପୁର ଦଳମୁଣ୍ଡାଇ ରଥଯାତ୍ରା କମିଟି ପକ୍ଷରୁ ହରେକୃଷ୍ଣ ପ୍ରଧାନ, ତୁଳସୀପୁର ମଠସାହି ରଥଯାତ୍ରା କମିଟି, ପିଠାପୁର ରଥଯାତ୍ରା କମିଟିର, ଯୋବ୍ରା ଓ.ସି.ଡି.ଏ ଶ୍ରୀ ଜଗନ୍ନାଥ ମନ୍ଦିର ରଥଯାତ୍ରା କମିଟିର ସଦସ୍ୟ ତଥା ଉପସ୍ଥିତ ରହି ମତାମତ ପ୍ରକାଶ କରିଥିଲେ ।

## ଝାରସୁଗୁଡା ଏବଂ ସୁନ୍ଦରଗଡ଼ରେ ଅତ୍ୟାବଶ୍ୟକ

# ସ୍ୱାସ୍ଥ୍ୟସେବା ଯୋଗାଉଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଇଁ ମୌଳିକ ସ୍ୱାସ୍ଥ୍ୟସେବା ପାଇବା ଏକ ଆହ୍ୱାନ ହୋଇ ରହିଛି, ଯାହା ପ୍ରାୟତଃ ଚିକିତ୍ସାରେ ବିଳମ୍ବ ଏବଂ ଦୂର ଯାତ୍ରା ପାଇଁ ହୋଇଥାଏ। ଏହି ଶୂନ୍ୟସ୍ଥାନକୁ ପୂରଣ କରି ବେଦାନ୍ତ ଆଲୁମିନିୟମର କୋଇଲା ଖଣିଗୁଡ଼ିକ ଏହାର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ (ଏମଏଚୟୁ) କାର୍ଯ୍ୟକ୍ରମ ଜରିଆରେ ସୁନ୍ଦରଗଡ ଏବଂ ଝାରସୁଗୁଡ଼ା ଜିଲ୍ଲାର ୧୬ଟି ଗ୍ରାମରେ ୪୦୦୦ରୁ ଅଧିକ ଶିଶୁଙ୍କ ସମେତ ୫୦,୦୦୦ରୁ ଅଧିକ ହିତାଧିକାରୀଙ୍କ ନିକଟରେ ପହଞ୍ଚି ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିଛି। ଗତ ତିନି ବର୍ଷ ମଧ୍ୟରେ, ଏହି ପଦକ୍ଷେପ ୩୫୦୦ ରୁ ଅଧିକ ମାଗଣା ସ୍ୱାସ୍ଥ୍ୟ ଶିବିର ଏବଂ ୧୧୦୦ ରୁ ଅଧିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ଚିକିତ୍ସା ପରାମର୍ଶ, ରୋଗ ନିରୀକ୍ଷଣ, ମଧୁମେହ ପରୀକ୍ଷା, ନିଦାନ ସହାୟତା ଏବଂ ଅତ୍ୟାବଶ୍ୟକ ଔଷଧ ପ୍ରଦାନ କରିବା ସହିତ ରକ୍ତହୀନତା ପ୍ରତିରୋଧ, ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ, ସ୍ୱଚ୍ଛତା, କୃମିନାଶକ, ତମାଖୁ ବନ୍ଦ, ମ୍ୟାଲେରିଆ ନିୟନ୍ତ୍ରଣ, ଅଂଶୁଘାତ ପ୍ରତିରୋଧ ଏବଂ ଜୀବନଶୈଳୀ ସମ୍ବନ୍ଧୀୟ ରୋଗ ଭଳି ପ୍ରମୁଖ ସ୍ୱାସ୍ଥ୍ୟ ପ୍ରସଙ୍ଗ ଉପରେ ଶିକ୍ଷା ପ୍ରଦାନ କରାଯାଇ ପାରିଛି। ଶୀଘ୍ର ରୋଗ ନିର୍ଣ୍ଣୟ ଏବଂ ଯତ୍ନର ନିରନ୍ତରତା ଉପରେ ଗୁରୁତ୍ୱ ଦିଆଯାଇଛି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍



ନିୟମିତ ଭାବରେ ଉଚ୍ଚ ରକ୍ତଚାପ ଏବଂ ମଧୁମେହ ପରି ଦୀର୍ଘସ୍ଥାୟୀ ଅବସ୍ଥା ଉପରେ ନଜର ରଖିଥାଏ, ଯେତେବେଳେ କି ରକ୍ତହୀନତା, ପାକସ୍ଥଳୀ ସମ୍ବନ୍ଧୀୟ ରୋଗ, ଶ୍ୱାସକ୍ରିୟା ସଂକ୍ରମଣ, ଫଙ୍ଗସ୍ ସଂକ୍ରମଣ, ଗଣ୍ଠି ଯନ୍ତ୍ରଣା ଏବଂ ଚର୍ମ ରୋଗ ଭଳି ସାଧାରଣ ରୋଗର ଚିକିତ୍ସା ମଧ୍ୟ କରିଥାଏ। ଦୀର୍ଘକାଳୀନ ଗୋଷ୍ଠୀ ସ୍ୱାସ୍ଥ୍ୟ ସେବାକୁ ଉନ୍ନତ କରିବା ପାଇଁ ପ୍ରତିଷେଧକ ପ୍ରସାର ଏବଂ ପରବର୍ତ୍ତୀ ଯତ୍ନ ଏହାର କେନ୍ଦ୍ରବିନ୍ଦୁ ହୋଇପାରିଛି । ଏହି ପଦକ୍ଷେପ ଝାରସୁଗୁଡ଼ାର ୫ଟି ଏବଂ ସୁନ୍ଦରଗଡ଼ର ୧୦ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରି ଅନେକ ଦୁର୍ଗମ ଅଞ୍ଚଳରେ ପହଞ୍ଚିଛି । ଏହି କ୍ଷେତ୍ରରେ ନିୟମିତ ପ୍ରସାର ସ୍ଥାନୀୟ ସମ୍ପ୍ରଦାୟମାନଙ୍କ ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟସେବାଗୁଡ଼ିକର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବାରେ ସାହାଯ୍ୟ କରୁଛି। ଏହି ପଦକ୍ଷେପ ସଂକ୍ରାନ୍ତରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, "ଆମର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ କାର୍ଯ୍ୟକ୍ରମ ଆଖପାଖର ଲୋକଙ୍କ ପ୍ରାଥମିକ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଉପରେ ଧ୍ୟାନ ଦେଇଥାଏ। ବର୍ତ୍ତମାନ, ଆମେ ଦେଖୁଛୁ ଯେ ସମୟୋଚିତ ପରାମର୍ଶ ଏବଂ ପରବର୍ତ୍ତୀ ଯତ୍ନ ପାଇଁ ଅଧିକ ଲୋକ ଆଗକୁ ଆସୁଛନ୍ତି, ଯାହା ଏହି ଅଞ୍ଚଳରେ ଏହିପରି ସେବାଗୁଡ଼ିକର ବର୍ଦ୍ଧିତ ଆବଶ୍ୟକତାକୁ ଦର୍ଶାଉଛି ।

## ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଜିଇଟି ମାନଙ୍କ ପାଇଁ

# ମାସେ ବ୍ୟାପୀ ବାହ୍ୟ ବୈଷୟିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପକ୍ଷରୁ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଗ୍ରାଜୁଏଟ୍ ଇଞ୍ଜିନିୟର ଟ୍ରେନି (ଜିଇଟିସ୍) ମାନଙ୍କ ପାଇଁ ଜୁଲାଇ ୬, ୨୦୨୬ରୁ ଏକ ମାସିଆ ବାହ୍ୟ ବୈଷୟିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମେଟାଲର୍ଜି, ମେକାନିକାଲ୍, ଏନଭାଇରନମେଣ୍ଟାଲ୍ ଏବଂ କେମିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ତତ୍ତ୍ୱଗତ ଶିକ୍ଷା, ପ୍ରାୟୋଗିକ ପ୍ରଦର୍ଶନ ଓ ହ୍ୟାଣ୍ଡସ୍-ଅନ୍ ଅଭ୍ୟାସ ସହ ବିଭିନ୍ନ ବିଷୟ ଉପରେ ସୂତ୍ର ଆୟୋଜନ



କରାଯିବ। ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ବିଭିନ୍ନ କାର୍ଯ୍ୟସ୍ଥଳରୁ ଆସିଥିବା ୫୪ ଜଣ ଗ୍ରାଜୁଏଟ୍ ଇଞ୍ଜିନିୟର ଟ୍ରେନି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି । ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରିଥିଲେ। ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହବର୍ଦ୍ଧକ ବକ୍ତବ୍ୟ ପ୍ରଦାନ କରି ସେମାନଙ୍କୁ ନିଷ୍ଠା, ଆଗ୍ରହ ଏବଂ ବୃତ୍ତିଗତ ଦୃଷ୍ଟିକୋଣ ସହ ଶିକ୍ଷା ଓ ପ୍ରଶିକ୍ଷଣ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ବିଭିନ୍ନ ବିଭାଗର ମୁଖ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

# ଏଫ୍‌ଏମ୍‌ସିଜି ବ୍ରାଣ୍ଡରେ ପରିଣତ ହେବା ସମୂହର ଲକ୍ଷ୍ୟ

ଭୁବନେଶ୍ୱର, (ସବ୍ୟୁ): ଗ୍ରାମୀଣ ବାଣିଜ୍ୟ ପ୍ଲାଟଫର୍ମ ରୋଜାନା ଦ୍ୱାରା ପ୍ରୋତ୍ସାହିତ ଏଫ୍‌ଏମସିଜି ବ୍ରାଣ୍ଡ ସମୂହ ମାତ୍ର ତିନି ମାସ ମଧ୍ୟରେ ପ୍ରାୟ ୧୦୦ କୋଟି ଟଙ୍କାର ବାର୍ଷିକ ରାଜସ୍ୱ ହାସଲ କରିବା ପରେ ଏବେ ୧,୦୦୦ କୋଟି ଟଙ୍କାର ଉପଭୋକ୍ତା ସାମଗ୍ରୀ ବ୍ରାଣ୍ଡରେ ପରିଣତ ହେବା ପାଇଁ ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ଘୋଷଣା କରିଛି । "ଭାରତର ଫ୍ୟାମିଲି ବ୍ରାଣ୍ଡ' ଭାବେ ନିଜକୁ ସ୍ଥାପିତ କରିଥିବା ସମୂହ ମୂଲ୍ୟ ସଚେତନ ଉପଭୋକ୍ତାଙ୍କ ପାଇଁ ସୁଲଭ ଦୈନନ୍ଦିନ ସାମଗ୍ରୀ ଉପଲବ୍ଧ କରି ଭାଲ୍ୟୁ ଏଫ୍‌ଏମ୍‌ସିଜି କ୍ଷେତ୍ରରେ ଏକ ସକ୍ଷମ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହେଉଛି । ବିଶେଷ କରି ଟିଅର-୩, ଟିଅର-୪ ସହର ଓ ଗ୍ରାମାଂଚଳରେ ବାସ କରୁଥିବା ଉପଭୋକ୍ତାଙ୍କ ଆବଶ୍ୟକତା ଓ କ୍ରୟକ୍ଷମତାକୁ ଦୃଷ୍ଟିରେ ରଖି ଏହାର ଉତ୍ପାଦଗୁଡ଼ିକୁ ପ୍ରସ୍ତୁତ କରାଯାଇଛି । ଏହାବ୍ୟତୀତ କମ୍ପାନୀ ନିଜର ଡିଷ୍ଟ୍ରିବ୍ୟୁଟର୍ ଲିଡରଶିପ୍ ସମିଟ୍ ୨୦୨୬ରେ ଦୀର୍ଘମିଆଦୀ ଅଭିବୃଦ୍ଧି ରଣନୀତି ଓ ଜାତୀୟ ସମ୍ପ୍ରସାରଣ ଯୋଜନାକୁ ଉନ୍ମୋଚନ କରିଛି । ସମୂହର ପ୍ରତିଷ୍ଠାତା ଅଦ୍ୱୈତ ବିକ୍ରମ ସିଂହ କହିଛନ୍ତି, କମ୍ପାନୀର ଦ୍ରୁତ ଅଭିବୃଦ୍ଧି ଗ୍ରାମୀଣ ଭାରତର ବିପୁଳ ଅଣଆବିଷ୍କୃତ ସମ୍ଭାବନାକୁ ପ୍ରମାଣିତ କରୁଛି ।ଗୁଣବତ୍ତା, ସୁଲଭ ମୂଲ୍ୟ ଏବଂ ବିଶ୍ୱାସ ଖୋଜୁଥିବା ଉପଭୋକ୍ତାଙ୍କ ପାଇଁ ସମୂହର ନିର୍ମାଣ କରାଯାଇଛି ।

# ନୂତନ ମଦ ଦୋକାନକୁ ମହିଳାଙ୍କ ବିରୋଧ

## ଅନ୍ୟତ୍ର ସ୍ଥାନାନ୍ତର ଦାବିରେ ଧାରଣା

ଜଟଣୀ, (ସବ୍ୟୁ) : ସ୍ଥାନୀୟ ସୀତାରାମ ଛକ ଉପରେ ଥିବା ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିର କଡରେ ତରବରିଆ ଭାବେ ଖୋଲାଯାଇଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ବିରୋଧ କରି ବୁଧବାର ଦିନ ସ୍ଥାନୀୟ ଅଞ୍ଚଳର ବହୁ ମହିଳା ରାସ୍ତା ରୋକ କରିବା ଫଳରେ ବାଧ ହୋଇ ପ୍ରଶାସନ ପକ୍ଷରୁ ଉକ୍ତ ଦୋକାନକୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ବନ୍ଦ କରିଦିଆଯାଇଛି । ଉଲ୍ଲେଖ ଯୋଗ୍ୟ ଯେ ମଦ ଦୋକାନୀ ଅବକାରୀ ବିଭାଗ ମଧ୍ୟରେ ମଧୁଚନ୍ଦ୍ରିକା ହୋଇ ସହର ମଧ୍ୟରେ ଦୁଇଟି ବିଦେଶୀ ଠିପି ବନ୍ଦ ମଦ ଦୋକାନ ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଛି । ଯାହାକୁ ନେଇ ଜଟଣୀ ବ୍ୟବସାୟୀ ମହାସଂଘ, ମନ୍ଦିର ପରିଚାଳନା କମିଟି, ସ୍ଥାନୀୟ କାଉନସିଲର ଓ ବଜରଙ୍ଗୀ ସେବାସଂଘ ପକ୍ଷରୁ ଜିଲା ପ୍ରଶାସନକୁ ପୃଥକ ପୃଥକ ଭାବେ ଦାବିପତ୍ର ପ୍ରଦାନ କରିଥିଲେ । ତେବେ ପ୍ରଶାସନ ପକ୍ଷରୁ କୋହଳ ମନୋଭାବ ଦେଖାଯିବାରୁ ବୁଧବାର ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା । ଆନ୍ଦୋଳନ କାରୀ ମହିଳା ଗୋଷ୍ଠୀ ସହର ମଧ୍ୟରେ ଥିବା ଦୁଇଟି ମଦ ଦୋକାନ ବନ୍ଦ କରାନଗଲେ ଆଗାମୀ ଦିନରେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଥିଲେ ।

## ଓଡ଼ିଶା ଜନତା କଂଗ୍ରେସର ପ୍ରଥମ

# ରାଜ୍ୟ କାର୍ଯ୍ୟକାରିଣୀ ବୈଠକ: ଫୋକସରେ ପୌର ନିର୍ବାଚନ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ଜନତା କଂଗ୍ରେସର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ଇଂ ମହମ୍ମଦ ମୋକିମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ସମସ୍ତ ପଦାଧିକାରୀ ଯୋଗ ଦେଇ ମୌଳିକ ସମସ୍ୟାର ସମାଧାନ ସହ ଦଳର ସଂଗଠନକୁ ସୁଦୃଢ଼ କରିବା କ୍ଷେତ୍ରରେ ନିଜସ୍ୱ ମତାମତ ପ୍ରଦାନ କରିଥିଲେ । ଦଳର ସଭାପତି ଶ୍ରୀ ମୋକିମ ରାଜ୍ୟ ଓ ଲୋକଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ନିରନ୍ତର ନିଷ୍ଠାପର ଉଦ୍ୟମ ଜାରି ରହିବ ବୋଲି କହିଛନ୍ତି । ରାଜ୍ୟ ଓ ଲୋକଙ୍କ ସ୍ୱାର୍ଥର ସୁରକ୍ଷା ସର୍ବୋପରି ତେଣୁ ଓଡ଼ିଶା ଜନତା କଂଗ୍ରେସ ସମସ୍ତ ସମସ୍ୟାର ସମାଧାନ ଓ ନ୍ୟାୟ ପ୍ରଦାନ ଦିଗରେ ଅହର୍ନିଶି କାର୍ଯ୍ୟ କରିବ ଓ ରାଜ ରାସ୍ତାରେ ଲଢେଇ ପର୍ଯ୍ୟନ୍ତ ସର୍ବଦା ପ୍ରସ୍ତୁତ ହୋଇ ରହିଛି । ଉପସ୍ଥିତ ସମସ୍ତ ରାଜ୍ୟ ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ, ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀ, ମୁଖପାତ୍ର ଓ ଛାମୁଆ ସଂଗଠନର ମୁଖ୍ୟମାନେ ବିଭିନ୍ନ ପ୍ରସଙ୍ଗ ଉପରେ ନିଜ ନିଜ ବିଭାଗ ସମ୍ପର୍କରେ ସବିଶେଷ ତଥ୍ୟ, ପ୍ରସ୍ତାବ ଓ ବିଚାର ଉପସ୍ଥାପନା କରିବା ସହିତ କିପରି ସଂଗଠନ ମଜବୁତ ସହିତ ରାଜ୍ୟରେ ଏକ ଦୃଢ଼ ରାଜନୈତିକ ଶକ୍ତି ଭାବେ ରାଜ୍ୟବାସୀଙ୍କ ସ୍ୱର ହୋଇ ସଶକ୍ତ ଓଡ଼ିଶା ଗଠନର ସାରଥୀ ହେବ ସେ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଥିଲେ । ଆଗାମୀ ଦିନରେ ସଭ୍ୟ ସଂଗ୍ରହକୁ ବିଶେଷ ପ୍ରାଧାନ୍ୟ ଦିଆଯିବା ଉପରେ ଆଲୋଚନା ହୋଇଥିଲା । ଆଗାମୀ ଏକ ମାସ ଭିତରେ ଜିଲ୍ଲା କମିଟି ଗଠନ ଏବଂ ଘୋଷିତ ଜିଲ୍ଲାରେ ବୁଥ୍ ସ୍ତରରୁ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିଷ୍ପତି ନିଆଯାଇଛି । ସବୁ ଜିଲ୍ଲାର ଜିଲ୍ଲା ମୁଖ୍ୟାଳୟରେ ମାସକୁ ଅତିକମରେ ଦୁଇଟି ସ୍ଥାନୀୟ ସମସ୍ୟାକୁ ନେଇ ପ୍ରତିବାଦ ସଭା ଆୟୋଜନ କରାଯିବା ସହିତ ଆଗାମୀ ତିନି ମାସ ପରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ପୁନର୍ବାର ଅନୁଷ୍ଠିତ ହେବ ଏବଂ ଦିଆଯାଇଥିବା ଦାୟିତ୍ୱର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବ । ଆସନ୍ତା ମାସ ଅଗଷ୍ଟ ପ୍ରଥମ ସପ୍ତାହରେ ପୁରୀ ଠାରେ ଦଳର କାର୍ଯ୍ୟକର୍ତ୍ତା ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ମଧ୍ୟ ସ୍ଥିର ହୋଇଛି । ଓଜେସିର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଆଗାମୀ ପଞ୍ଚାୟତ ଏବଂ ବିଶେଷ କରି ପୌର ନିର୍ବାଚନକୁ ପ୍ରାଥମିକତା ଦେବାସହ ଦୃଢ଼ତାର ସହିତ ନିର୍ବାଚନକୁ ଲଢ଼ିବା ପାଇଁ ନିଷ୍ପତି ନିଆଯାଇଛି । ଆସନ୍ତା ପୌର ଏବଂ ପଞ୍ଚାୟତ ନିର୍ବାଚନକୁ ନେଇ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲୋକଙ୍କ ସମସ୍ୟାକୁ ନେଇ ପ୍ରଚାର ଗାଡ଼ି ମାଧ୍ୟମରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି । ପ୍ରତ୍ୟେକ ଜିଲ୍ଲା ପାଇଁ ଜିଲ୍ଲା ପ୍ରଭାରୀମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯିବା ସହିତ ମାସକୁ ଅତିକମରେ ତିନିଥର ଜିଲ୍ଲା ଗସ୍ତ କରିବା ପାଇଁ କୁହାଯାଇଛି । ଦଳର ଯୁବ ଏବଂ ମହିଳା ସାମ୍ମୁଖ୍ୟ ତାଙ୍କର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ରାଜ୍ୟର ଯୁବକ ଓ ମହିଳା ମାନଙ୍କ ପାଖରେ ପହଞ୍ଚିବା ପାଇଁ ନିଷ୍ପତ୍ତି ହୋଇଛି । ଦଳର ଆଜିର କାର୍ଯ୍ୟକାରିଣୀ ବୈଠକରେ ଆସିଥିବା ସମସ୍ତ ପ୍ରସ୍ତାବ ଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ଭବିଷ୍ୟତ ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରାଯିବ ।

# ଧରାପଡ଼ିଲା ଥାନାରୁ ଚମ୍ପଟ ଅଭିଯୁକ୍ତ

ସୋର,(ସବ୍ୟୁ) : ଅସଦାଚରଣଅଭିଯୋଗରେ ଅଟକ ଥିବା ଜଣେ ଅଭିଯୁକ୍ତ ଥାନାରୁ ଗତକାଲି ଚମ୍ପଟ ମାରିଥିବା ବେଳେ ବୁଧବାର ସକାଳେ ଅଭିଯୁକ୍ତ ଗଣେଶ ମୁଣ୍ଡାକୁ ପୁଲିସ ଧରିବାରେ ସକ୍ଷମ ହୋଇଛି । ତାକୁ ପୁଲିସ ଆଣି ଥାନାରେ ପଚରାଉଚରା କରୁଥିବା ଜଣାଯାଇଛି ।ସୂଚନା ଅନୁସାରେ ମଙ୍ଗଳବାର ପୂର୍ବାହ୍ନରେ ଅନନ୍ତପୁର ଅଧୀନ ଉପରଆଡ଼ିଆ ଅଂଚଳର ଗଣେଶ ମୁଣ୍ଡା (୨୬) ନାମକ ଜଣେ ଯୁବକ ଘର ନିକଟରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ଥାନାରେ ଜିମା ଦେଇଥିଲେ । ପରେ ପୁଲିସ ଉକ୍ତ ଯୁବକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଅପରାହ୍@ରେ କୌଶଳକ୍ରମେ ଗଣେଶ ଥାନାରୁ ଚମ୍ପଟ ମାରିଥିଲା । ଗତକାଲି ରାତିରୁ ପୁଲିସ ବିଭିନ୍ନ ସ୍ଥାନରେ ଗଣେଶଙ୍କୁ ଖୋଜାଖୋଜି କରୁଥିବା ବେଳେ ଆଜି ସକାଳେ ଅଭଣା ଅଞ୍ଚଳରୁ ଗିରଫ କରିଥିବା ଜଣାପଡ଼ିଛି ।

# ପଞ୍ଚମ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀର ପୋଷ୍ଟର ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ) : ନବିନ (ନୂତନ ଭବିଷ୍ୟତ ନିର୍ମାଣର ସୂତ୍ରଧର )ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଆୟୋଜିତ ହେଉଥିବା ରାଜ୍ୟ ସ୍ତରୀୟ ପ୍ରଦର୍ଶନୀ ନିମନ୍ତେ ଆଗ୍ରହୀ ଫଟୋଗ୍ରାଫର ଙ୍କ ସଂସ୍କରଣ ନିମନ୍ତେ ୪ ଟି ଥିମ୍ (୧-ଲୁଚି ରହିଥିବା ଐତିହ୍ୟରାଜି,୨-ଶାରୀରିକ ଅକ୍ଷମ ଏକ ବୋଝ ନୁହେଁ ସମ୍ମାନ,୩-ରାସ୍ତାଘାଟରେ ଜୀବନର ଜଲଛବି ଏବଂ୪- ପ୍ରକୃତି ଉପରେ ପାଣିପାଗ ପରିବର୍ତ୍ତନ ର ପ୍ରଭାବ )ଉପରେ



ଠାରୁ ଫଟୋ ଆମନ୍ତ୍ରଣ ର ଶୁଭାରମ୍ଭ ମହାପ୍ରଭୁ ଜଗନ୍ନାଥଙ୍କ ସିଂହ ଦ୍ୱାର ସମ୍ମୁଖରେ ହୋଇଯାଇଛି ।ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଟ୍ରଷ୍ଟ ର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିଙ୍କ କରକମଳରେ ଏହା ଉନ୍ମୋଚିତ ହୋଇଯାଇଛି। ବିଗତ ଚାରି ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ରାଜ୍ୟସ୍ତରୀୟ ପ୍ରଦର୍ଶନୀ ନିମନ୍ତେ ରାଜ୍ୟର ସମସ୍ତ ଫଟୋଗ୍ରାଫରଙ୍କ ନିକଟରୁ ଏହି ପଞ୍ଚମ ଫଟୋ ଆମନ୍ତ୍ରଣ କରାଯାଉଛି। ଆଗ୍ରହୀ ବ୍ୟକ୍ତି ବିଶେଷ ଆସନ୍ତା ଅଗଷ୍ଟ ମାସ ୫ ତାରିଖ ସୁଦ୍ଧା ସେମାନଙ୍କ ନିର୍ବାଚିତ ଫଟୋ ନିର୍ଦ୍ଧାରିତ ନିୟମ ଅନୁସାରେ ପ୍ରେରଣ କରିବାକୁ ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଛି। ଅଧିକ ବିବରଣୀ ନିମନ୍ତେ ମୋବାଇଲ ନମ୍ବର ୯୪୩୯୬୧୪୬୭୭ ରେ ଯୋଗାଯୋଗ କରିବାକୁ ଟ୍ରଷ୍ଟ ର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ ନିବେଦନ କରିଛନ୍ତି।

# ତୀରବିଦ୍ଧ ହୋଇଆସିଥିଲେ : ନୂଆ ଜୀବନ ଦେଲେ କିମ୍ସ ଡାକ୍ତର

ଭୁବନେଶ୍ୱର, (ସବ୍ୟୁ) : ଛାତିରେ ତୀରବିଦ୍ଧ ଅବସ୍ଥାରେ ଅସିଥିବା ଜଣେ ବ୍ୟକ୍ତି କିମ୍ସ ଭୁବନେଶ୍ୱର ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ପରେ ନୂଆ ଜୀବନ ପାଇଛନ୍ତି। ରାଉରକେଲାର ଜନୈକ ୨୨ବର୍ଷୀୟ ଯୁବକଙ୍କ ଛାତିରେ ବିଦ୍ଧ ହେବା ପରେ ସେ ଗୁରୁତର ହୋଇପଡ଼ିଥିଲେ। ଯୁବକଙ୍କ ପରିବାର ତାଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ଏହାର ଜଟିଳତା ଓ ଏଥିରେ ଅଧିକ ବିପଦ ଥିବାରୁ କୌଣସି ଡାକ୍ତରଖାନରେ ତାଙ୍କ ଦେହରେ ଥିବା ତୀର ବାହାର କରିବା ସମ୍ଭବ ହୋଇପାରିନଥିଲା। ଶେଷ ଆଶା ରଖି ପରିବାର ଲୋକେ ତାଙ୍କୁ କିମ୍ସରେ ଭର୍ତ୍ତି କରିଥିଲେ। ତେବେ କିମ୍ସର ବରିଷ୍ଠ ସର୍ଜନ ଡା. ଅମରେଶ ମିଶ୍ରଙ୍କ ନେତୃତ୍ୱରେ ଡା. ଏସ୍ କେ. ସାହୁ, ଡା ବିଏସ୍ ପୂଜାରୀ, ଡା ଏସ୍ ସାମଲ ଓ ଡା ଡି ହୋତାଙ୍କୁ ନେଇ



ଗଠିତ ଡାକ୍ତରୀ ଦଳ ରୋଗୀଙ୍କଠାରେ ଏହି ଜଟିଳ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାରର ଜଟିଳତା ଉପରେ ସୂଚନା ଦେଇ ସର୍ଜରୀ ବିଭାଗ ଡା ସୁବ୍ରତ ସାହୁ କହିଛନ୍ତି, ଏଭଳି ଘଟଣା ଅତ୍ୟନ୍ତ ବିରଳ ଓ ଅତ୍ୟନ୍ତ ବିପଜ୍ଜନକ। ଏଭଳି ଆଘାତ ଅତ୍ୟନ୍ତ ବିପଦଜନକ। ଅନେକ କ୍ଷେତ୍ରରେ ରୋଗୀମାନେ ତୀର କାଢ଼ିବା ସମୟରେ ରକ୍ତସ୍ରାବ ବନ୍ଦ ହୋଇ ନପାରିବା କାରଣରୁ ଅନେକ ରୋଗୀଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥାଏ। ତେବେ ସୌଭାଗ୍ୟର ବିଷୟ ଯେ ସେମାନେ ଯାଇଥିବା ଡାକ୍ତରଖାନାଗୁଡ଼ିକରେ ତୀର ହଟାଇବାକୁ ଚେଷ୍ଟା କରାଯାଇନଥିଲା। ଫଳରେ ଏହା ଆମକୁ ଅସ୍ତ୍ରୋପଚାରର ସଠିକ୍ ଯୋଜନା କରିବାର ସୁଯୋଗ ଦେଇଥିଲା ବୋଲି ଡା ସାହୁ ପ୍ରକାଶ କରିଛନ୍ତି। ସର୍ଜିକାଲ୍ ଟିମ୍ କ୍ଷତର ମାତ୍ରା ଜାଣିବା ପାଇଁ ପ୍ରଥମେ ରୋଗୀଙ୍କ ତଳ ପେଟ ଓ ପରେ ଛାତିରେ ଅସ୍ତ୍ରୋପଚାର କରିଥିଲେ। କାର୍ଡିଓଥୋରାସିକ୍ ଓ ଭାସ୍କୁଲାର ସର୍ଜରୀ (ସିଟିଭିଏସ) ବିଭାଗର ଡାକ୍ତର ସତ୍ୟଜିତ୍ ସାମଲ କହିଛନ୍ତି, ଅସ୍ତ୍ରୋପଚାର ସମୟରେ ଫୁସଫୁସର କ୍ଷତିଗ୍ରସ୍ତ ହୋଇଥିବା ଅଂଶ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଥିଲା। ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ଏବେ ସେ ସ୍ୱାଭାବିକ ଜୀବନଯାପନ କରିବେ ବୋଲି ଡାକ୍ତର ସାମଲ କହିଛନ୍ତି। ଡାକ୍ତରଙ୍କୁ କୃତଜ୍ଞତା ଜଣାଇବା ସହ ଅନେକ ଡାକ୍ତରଖାନାରେ ଚିକିତ୍ସା କରିବାକୁ ମନା କରିବାରୁ ପରିବାର ପ୍ରାୟ ଆଶା ହରାଇ କିମ୍ସ ଆସି ଏଠାରେ ସୁସ୍ଥ ହୋଇଥିବା ରୋଗୀଙ୍କ ଭାଇ ପ୍ରକାଶ କରିଛନ୍ତି। ଏହି ଘଟଣାରେ କିଟ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସଂପୃକ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇବା ସହ ରୋଗୀଙ୍କ ଆରୋଗ୍ୟ କାମନା କରିଛନ୍ତି।

# ହୁରୁନ ଇଣ୍ଡିଆ ୟୁ୩୦ ତାଲିକା ୨୦୨୬ରେ ଓଡିଆ ଉଦ୍ୟୋଗୀ

ଭୁବନେଶ୍ୱର, (ସବ୍ୟୁ) : ଆଇଜି ଡିଫେନ୍ସର ଓମ୍ ପ୍ରକାଶ ଓ ଶୁଭମ ଦାସଙ୍କ ସମେତ ଓଡିଆ ଉଦ୍ୟୋଗୀ ବୋଧିସତ୍ୱ ସଂଘପ୍ରିୟ ହୁରୁନ ଇଣ୍ଡିଆ ୟୁ୩୦ ତାଲିକା ୨୦୨୬ରେ ସ୍ଥାନ ପାଇଛନ୍ତି। ଯାହା ଭାରତର ବିଭିନ୍ନ କ୍ଷେତ୍ରରେ ଉଦ୍ଭାବନକୁ ପରିଚାଳନା କରୁଥିବା ୩୦ ବର୍ଷ ଓ ତାହାଠାରୁ କମ ବୟସର ୧୦୨ ଜଣ ଅସାଧାରଣ ଲିଡରଙ୍କୁ ସ୍ୱୀକୃତି ପ୍ରଦାନ କରିଛି। ଏହି ତିନି ଜଣଙ୍କୁ ଭାରତୀୟ ସୈନ୍ୟବାହିନୀ ପାଇଁ ଆଡ୍‌ଭାନ୍ସଡ ଅନ୍‌ମ୍ୟାନ୍‌ଡ ସିଷ୍ଟମ ଓ କାଉଣ୍ଟର - ଡ୍ରୋନ ଟେକ୍ନୋଲୋଜି ବିକଶିତ କରି ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାରେ ଯୋଗଦାନ ଦେବା ପାଇଁ ଏହି ସ୍ୱୀକୃତି ଦିଆଯାଇଛି, ଯାହା ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ମଜବୁତ କରିବା ଦିଗରେ ଯୁବ ଉଦ୍ଭାବକଙ୍କ ବର୍ଦ୍ଧିତ ଭୂମିକାକୁ ପ୍ରତିଫଳନ କରୁଛି। ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ଭିସୁଟ୍), ବୁର୍ଲା ଏବଂ ଆଇଆଇଏମ ସମ୍ବଲପୁରର ଜଣେ



ପୂର୍ବତନ ଛାତ୍ର ବୋଧିସତ୍ୱ ସଂଘପ୍ରିୟଙ୍କ ଉଦ୍ୟୋଗିକ ଯାତ୍ରା ଓଡିଶାରେ ଆରମ୍ଭ ହୋଇଥିଲା ଯେଉଁଠାରେ ବାସ୍ତବ ଦୁନିଆର ଇଞ୍ଜିନିୟରିଂ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବାରେ ତାଙ୍କର ପ୍ରାରମ୍ଭିକ ଆଗ୍ରହ ପ୍ରତିରକ୍ଷା ଟେକ୍ନୋଲୋଜି କ୍ଷେତ୍ରରେ ତାଙ୍କର କାର୍ଯ୍ୟ ପାଇଁ ମୂଳଦୁଆ ସ୍ଥାପନ କରିଥିଲା। ଏହି ସ୍ୱୀକୃତି ସମ୍ପର୍କରେ ଆଇଜି ଡ୍ରୋନ୍‌ସର ପ୍ରତିଷ୍ଠାତା ଓ ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, " ଏହି ସ୍ୱୀକୃତି ସ୍ୱତନ୍ତ୍ର ଭାବେ ଅର୍ଥପୂର୍ଣ୍ଣ ଅଟେ କାରଣ ମୋର ଯାତ୍ରା ଓଡିଶାରୁ ଆରମ୍ଭ ହୋଇଥିଲା। ସେହି ଗଠନମୂଳକ ବର୍ଷଗୁଡିକରେ ଶିଖିବା, ଉଦ୍ଭାବନ କରିବା ଓ ପ୍ରକୃତ ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ମିଳିଥିବା ସୁଯୋଗ ଆଜି ଆମର କାର୍ଯ୍ୟକୁ ରୂପ ଦେବା ଜାରି ରଖିଛି।

## ନିଜ୍ଜର ହତ୍ୟା ମାମଲା

# ଭାରତର ହାତ ଥିବା ପ୍ରମାଣ ନାହିଁ



**ଓଟାୱା:** କାନାଡାରେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜରଙ୍କ ହତ୍ୟାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏକ ନୂତନ ମୋଡ଼ରେ ପହଞ୍ଚିଛି। ରୟାଲ୍ କାନାଡିଆନ୍ ମାଉଣ୍ଟେଡ୍ ପୁଲିସ(ଆରସିଏମପି) ସ୍ପଷ୍ଟ ଭାବରେ କହିଛି ଯେ, ଚାଲିଥିବା ତଦନ୍ତରେ ଭାରତ ସରକାର କିମ୍ବା ଏହାର କୌଣସି ଅଧିକାରୀଙ୍କ ସମ୍ପୃକ୍ତି ପ୍ରମାଣିତ କରୁଥିବା କିଛି ପ୍ରମାଣ ମିଳିନାହିଁ। ଏହି ବିବୃତି ଗୁରୁତ୍ୱପୂର୍ଣ୍ଣ କାରଣ ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ୨୦୨୩ରେ ସଂସଦରେ ଭାରତ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଥିଲେ। ଯାହା ଫଳରେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଫାଟ ଦେଖାଦେଇଥିଲା। ତେବେ କାନାଡା ତଦନ୍ତକାରୀ ସଂସ୍ଥାର ମତ ଏବେ ସେହି ମନ୍ତବ୍ୟ ଉପରେ ସନ୍ଦେହ ସୃଷ୍ଟି କରୁଛି। ଏହି ସମୟରେ, ଆମେରିକାରେ ଦାଖଲ ହୋଇଥିବା ଏକ ନୂତନ ସଂଘୀୟ ଅଭିଯୋଗ ମାମଲାରେ ଏକ ନୂତନ ମୋଡ଼ ଆସିଛି। ଏହା ଭାରତ ସରକାରଙ୍କୁ ନୁହେଁ ବରଂ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଏବଂ ଗୋଲ୍ଡି ବ୍ରାରଙ୍କ ନେଟୱାର୍କକୁ ଜଡିତ କରୁଛି। କାନାଡିୟ ପୁଲିସର ବିବୃତିକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି କାରଣ ଏହା ପୂର୍ବରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ସାଧାରଣରେ ଭାରତୀୟ ଏଜେଣ୍ଟଙ୍କ ଉପରେ ସନ୍ଦେହ ପ୍ରକାଶ କରିଥିଲେ। ଏହା ସମଗ୍ର ମାମଲାର ଦିଗ ବିଷୟରେ ନୂତନ ବିତର୍କ ଆରମ୍ଭ କରିଛି। ପୁଲିସ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ତଦନ୍ତ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସମାପ୍ତ ହୋଇନାହିଁ। ଅଧିକାରୀମାନେ କହିଛନ୍ତି ଯେ ବିଭିନ୍ନ ଡିଜିଟାଲ୍ ପ୍ରମାଣର ଫୋରେନସିକ୍ ବିଶ୍ଳେଷଣ ଚାଲିଛି ଏବଂ ମାମଲାକୁ ବିଭିନ୍ନ ଦୃଷ୍ଟିକୋଣରୁ ଯାଞ୍ଚ କରାଯାଉଛି। ତେଣୁ, ଏକ ଚୂଡ଼ାନ୍ତ ନିଷ୍କର୍ଷରେ ପହଞ୍ଚିବା ପର୍ଯ୍ୟନ୍ତ ତଦନ୍ତ ଜାରି ରହିବ। ପୁଲିସ କହିଛି ଯେ ଉପଲବ୍ଧ ପ୍ରମାଣ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୁଲିସ ଅନୁଯାୟୀ, ତଦନ୍ତକାରୀ ଏଜେନ୍ସିଗୁଡ଼ିକ ଏପର୍ଯ୍ୟନ୍ତ ୫୦ ରୁ ଅଧିକ ସର୍ଚ୍ଚ ୱାରେଣ୍ଟ ପ୍ରଦାନ କରିଛନ୍ତି। ବହୁ ସଂଖ୍ୟକ ମୋବାଇଲ୍ ଫୋନ୍, କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଉପକରଣ ଯାଞ୍ଚ କରାଯାଉଛି। କର୍ତ୍ତୃପକ୍ଷ କହିଛନ୍ତି ଯେ ସଂଗଠିତ ଅପରାଧ ନେଟୱାର୍କର ସମ୍ପୂର୍ଣ୍ଣ ଚିତ୍ର ଉନ୍ମୋଚନ କରିବା ପାଇଁ ବୈଷୟିକ ଏବଂ ଫୋରେନସିକ୍ ବିଶ୍ଳେଷଣ ଚାଲିଛି। ବିଶେଷଜ୍ଞମାନଙ୍କ ଅନୁସାରେ କାନାଡା ପୁଲିସର ଏହି ବିବୃତି ଦୁଇ ଦେଶ ମଧ୍ୟରେ ସମ୍ପର୍କ ସୁଧାରିବାରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରେ। ଯଦିଓ ତଦନ୍ତ ଏପର୍ଯ୍ୟନ୍ତ ଜାରି ରହିଛି, ସମ୍ପୂର୍ଣ୍ଣ କୂଟନୈତିକ ଯୋଗାଯୋଗ ପୁନଃଆରମ୍ଭ ପାଇଁ କିଛି ସମୟ ଲାଗିପାରେ।

ତେବେ ଆମେରିକୀୟ ଏଜେନ୍ସିଗୁଡ଼ିକ 'ଭାରତ-ଭିତ୍ତିକ ସଂଗଠିତ ଅପରାଧ ଗୋଷ୍ଠୀ'ସହିତ ସମ୍ପର୍କ ରଖିଥିବା ଅଭିଯୋଗରେ ୨୪ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛନ୍ତି। ଆମେରିକାର ଏକ ଫେଡେରାଲ୍ ଅଭିଯୋଗ ଅନୁଯାୟୀ, ଲରେନ୍ସ ବିଷ୍ଣୋଇ ଏବଂ ଗୋଲ୍ଡି ବ୍ରାର ୨୦୨୩ ମସିହାରେ କାନାଡାରେ ଜଣେ ଶିଖ୍ ବ୍ୟକ୍ତିଙ୍କ ହତ୍ୟାକାଣ୍ଡର ନିର୍ଦ୍ଦେଶ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗପତ୍ରରେ ପୀଡିତଙ୍କ ନାମ ସିଧାସଳଖ ଲେଖାଯାଇ ନାହିଁ, କିନ୍ତୁ କେବଳ ତାଙ୍କର ଆଦ୍ୟ ଅକ୍ଷର ଏଚଏସଏନ ଦ୍ୱାରା ତାଙ୍କୁ ଚିହ୍ନଟ କରାଯାଇଛି, ଯାହା ହରଦୀପ ସିଂହ ନିଜ୍ଜରଙ୍କ ନାମ ସହିତ ମେଳ ଖାଉଛି। ଆମେରିକୀୟ ପବ୍ଲିକ ପ୍ରସିକ୍ୟୁଟରମାନେ ଅଭିଯୋଗ କରିଛନ୍ତି ଯେ, ବିଷ୍ଣୋଇ ଗ୍ୟାଙ୍ଗ ଏହି ହତ୍ୟାକାଣ୍ଡ ସହିତ, ଅନେକ ଅନ୍ୟ ହାଇ-ପ୍ରୋଫାଇଲ୍ ଅପରାଧକୁ ଶିଖ୍ ଏବଂ ଭାରତୀୟ ସମ୍ପ୍ରଦାୟ ମଧ୍ୟରେ ଭୟ ସୃଷ୍ଟି କରିବା ଏବଂ ବଟି ଆଦାୟ ଏବଂ ଅପରାଧିକ ନେଟୱାର୍କକୁ ମଜବୁତ କରିବା ପାଇଁ ବ୍ୟବହାର କରିଥିଲା। କାନାଡା ଏବେ ଭାରତ ସରକାରଙ୍କ ବିରୋଧରେ ପ୍ରମାଣ ନଥିବା ସ୍ୱୀକାର କରୁଛି। ମାତ୍ର ଆମେରିକାର ତଦନ୍ତ ଭାରତ ବିରୋଧି ଆଭିମୁଖ୍ୟ ଗ୍ରହଣ କରି ସଂଗଠିତ ଅପରାଧ ଏବଂ ଗ୍ୟାଙ୍ଗଷ୍ଟର ନେଟୱାର୍କ ଆଡକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି।

## ସ୍ପେନ୍ ସହ ସମ୍ପର୍କ ଛିନ୍ନ କଲା ଆମେରିକା



**ଅଙ୍କାରା:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ନାଟୋ ସମ୍ମିଳନୀ ଅବସରରେ ଆମେରିକାର ଟ୍ରେଜେରୀ ସେକ୍ରେଟେରୀ ସ୍କଟ୍ ବେସେଣ୍ଟଙ୍କୁ ସ୍ପେନ୍ ସହ ସମସ୍ତ ପ୍ରକାର ବାଣିଜ୍ୟିକ ସମ୍ପର୍କ ତୁରନ୍ତ ଛିନ୍ନ କରିବାକୁ କହିଛନ୍ତି। ତୁର୍କୀର ଅଙ୍କାରାଠାରେ ଆୟୋଜିତ ନାଟୋ ସମ୍ମିଳନୀର ପ୍ରାରମ୍ଭରେ ସଙ୍ଗଠନର ମହାନିର୍ଦ୍ଦେଶକ ମାର୍କ ରୁଟେଙ୍କ ସହ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ସ୍ପେନକୁ ନାଟୋ ସାମରିକ ମେଣ୍ଟର ଏକ 'ଅତି ଖରାପ ଅଂଶୀଦାର' ଭାବେ ଟ୍ରମ୍ପ ବର୍ଣ୍ଣନା କରିଛନ୍ତି। ସେ ସ୍ପେନ୍ ସହ କୌଣସି ପ୍ରକାର ବ୍ୟବସାୟ କରିବାକୁ ଚାହାଁନ୍ତି ନାହିଁ ବୋଲି ସ୍ପଷ୍ଟ କରିବା ସହ ନିଜ ଅଧିକାରୀଙ୍କୁ ସେମାନଙ୍କ ସହ ଆଦୌ କଥା ନହେବାକୁ କହିଛନ୍ତି।ଟ୍ରମ୍ପଙ୍କ ଏହି କଠୋର ଆଭିମୁଖ୍ୟ ପଛରେ ଦୀର୍ଘ ଦିନର ସାମରିକ ଓ ରାଜନୈତିକ ବିବାଦ ରହିଛି। ସ୍ପେନ୍ ନାଟୋର ଜିଡିପିର ୫ ପ୍ରତିଶତ ପ୍ରତିରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିବା ପ୍ରସ୍ତାବକୁ ଗ୍ରହଣ କରିନଥିବା ବେଳେ, ସେଠାକାର ସରକାର ଇରାନ ସହ ସଂଘର୍ଷ ସମୟରେ ଆମେରିକାକୁ ସ୍ପେନର ଆକାଶମାର୍ଗ ଓ ସାମରିକ ଘାଟି ବ୍ୟବହାର କରିବାକୁ ମଧ୍ୟ ବାରଣ କରିଥିଲା। ସ୍ପେନରେ ଆମେରିକାର ଦୁଇଟି ପ୍ରମୁଖ ସାମରିକ ଘାଟି 'ରୋଟା ନାଭାଲ ଷ୍ଟେସନ' ଏବଂ 'ମୋରୋନ୍ ଏୟାର ବେସ୍' ରହିଛି, ଯାହା ଭୂମଧ୍ୟସାଗରୀୟ ଅଞ୍ଚଳରେ ଆମେରିକାର ଅପରେସନ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଗତ ମାର୍ଚ୍ଚ ମାସରେ ସ୍ପେନ୍ ଏହି ମିଳିତ ଘାଟିଗୁଡ଼ିକୁ ଇରାନ ବିରୋଧୀ ମିଶନ ପାଇଁ ବ୍ୟବହାର କରିବାକୁ ଆମେରିକା ସେନାକୁ ସଫା ସଫା ମନା କରିଦେଇଥିଲା, ଯାହାକୁ ନେଇ ଆମେରିକା ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍ ସ୍ପେନକୁ ନାଟୋ ମେଣ୍ଟରୁ ନିଲମ୍ବିତ କରିବା ନେଇ ମଧ୍ୟ ଚର୍ଚ୍ଚା କରୁଥିଲା। ସେପଟେ ଟ୍ରମ୍ପଙ୍କ ଏହି ବାଣିଜ୍ୟିକ ପ୍ରତିବନ୍ଧକ ଧମକ ଉପରେ ପ୍ରତିକ୍ରିୟା ରଖି ସ୍ପେନ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ଯେ, ସେମାନେ ଏହାକୁ ଏକ 'ସାଧାରଣ ବ୍ୟବସାୟିକ ପ୍ରକ୍ରିୟା' ଭାବେ ଦେଖୁଛନ୍ତି। ଆମେରିକା ସହ ସ୍ପେନର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ସର୍ବଦା ଉତ୍କୃଷ୍ଟ ରହିଛି ଏବଂ ଏଥିରେ କୌଣସି ପରିବର୍ତ୍ତନ କରିବାର ଉଦ୍ଦେଶ୍ୟ ସ୍ପେନର ନାହିଁ ବୋଲି ସରକାରୀ ବୟାନରେ କୁହାଯାଇଛି।

## ଆବର୍ଜନା ପାହାଡ଼ ତଳେ ବିଲ୍ଡିଂ: ୧୬ ଫସିଲେ

**ପୁଣେ:** ମହାରାଷ୍ଟ୍ର ପୁଣେର ପିମ୍ପ୍ରି ଚିଞ୍ଚୱାଡ୍ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରବଳ ବର୍ଷା ଯୋଗୁଁ ସେଠାରେ ଥିବା ବର୍ଜ୍ୟବସ୍ତୁର ଏକ ବିରାଟ ପାହାଡ଼(ଡମ୍ପିଂ ୟାର୍ଡ) ହଠାତ୍ ଭୁଶୁଡ଼ି ପଡ଼ିଛି। ଏହି ବର୍ଜ୍ୟବସ୍ତୁ ଗଦା ପାର୍ଶ୍ୱବର୍ତ୍ତୀ ଏକ ତିନି ମହଲା କୋଠା ଉପରେ ଅଜାଡ଼ି ହୋଇପଡ଼ିବାରୁ ସମ୍ପୂର୍ଣ୍ଣ ବିଲ୍ଡିଂଟି ଭାଙ୍ଗି ମାଟିରେ ମିଶିଯାଇଛି ଏବଂ କୋଠା ଭିତରେ ଅତିକମରେ ୧୬ ଜଣ କର୍ମଚାରୀ ଫସି ରହିଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଏନଡିଆରଏଫ ଟିମ୍, ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଭଙ୍ଗା କୋଠାର ଆବର୍ଜନା ତଳେ ଚାପି ହୋଇ ରହିଥିବା ୧୬ ଜଣ କର୍ମଚାରୀଙ୍କୁ ସୁରକ୍ଷିତ ବାହାର କରିବା ପାଇଁ ପ୍ରୟାସ କରାଯାଉଛି।ପିମ୍ପ୍ରି ଚିଞ୍ଚୱାଡ୍ ମ୍ୟୁନିସିପାଲିଟି କର୍ପୋରେସନ୍ କମିଶନର ବିଜୟ ସୂର୍ଯ୍ୟବଂଶୀଙ୍କ ସୂଚନା ଅନୁଯାୟୀ, ଏହି ଦୁର୍ଘଟଣା ମୋଶୀ ଅଞ୍ଚଳରେ ଘଟିଛି। ଉକ୍ତ କୋଠାଟି ସ୍ଥାନୀୟ ପ୍ରଶାସନ ପକ୍ଷରୁ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରୁଥିବା ଏକ ଘରୋଇ ସଂସ୍ଥାର ପ୍ରଶାସନିକ କାର୍ଯ୍ୟାଳୟ ଭାବେ ବ୍ୟବହୃତ ହେଉଥିଲା।

## ଏନଡିଏରେ ଯୋଗ ଦେଇପାରେ ଏନସିପି

**ପୁଣେ:** ଶରଦ ପାୱାରଙ୍କ ଏନ୍ସିପି (ଏସ୍ପି) ର ପୂର୍ବତନ ରାଜ୍ୟ ସଭାପତି ଜୟନ୍ତ ପାଟିଲ ଓ ବିଜେପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିନୋଦ ତାୱଡେଙ୍କ ମଧ୍ୟରେ ହୋଇଥିବା ଏକ ବୈଠକ ପରେ ଶରଦ ପାୱାରଙ୍କ ଦଳ ଏନଡିଏରେ ଯୋଗଦେବାର ବିକଳ୍ପ ଅନୁସନ୍ଧାନ କରୁଥିବା ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ପାଟିଲ ଓ ତାୱଡେଙ୍କ ମଧ୍ୟରେ ସମ୍ପ୍ରତି ହୋଇଥିବା ସାକ୍ଷାତ ଆଲୋଚନା ରାଜନୈତିକ ମହଲରେ ହଇଚଇ ସୃଷ୍ଟି କରିଛି। ତେବେ ଏହି ସାକ୍ଷାତ ଆଲୋଚନାକୁ ପାଟିଲ ଅଣରାଜନୈତିକ ବୋଲି କହିଥିଲେ।

## ଇରାନ ସହ ଅସ୍ତ୍ରବିରତି ସମାପ୍ତ

**ଆଙ୍କାରା:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର କହିଛନ୍ତି ଯେ ଇରାନସହିତ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମା ଶେଷ ହୋଇଛି, କିନ୍ତୁ ସେ ଆଲୋଚନା ଜାରି ରଖିବେ। ଅସ୍ତ୍ରବିରତିର ସ୍ଥିତି ବିଷୟରେ ପଚରାଯିବାରୁ, ଟ୍ରମ୍ପ ଉତ୍ତର ଦେଇଥିଲେ, ମୋ ଦୃଷ୍ଟିକୋଣରୁ, ଏହା ଶେଷ ହୋଇଛି।

## ବେହାଲ ସୁରଟ: ଗଲାଣି ୯ ଜୀବନ

### ▸▸ ହଜାର ହଜାର ଲୋକଙ୍କୁ ସ୍ଥାନାନ୍ତର




**ଅହମଦାବାଦ:** ଗୁଜରାଟରେ ଲଗାଣ ବର୍ଷା ଯୋଗୁ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଶେଷକରି ସୁରତ ସହର ଓ ଦକ୍ଷିଣ ଗୁଜରାଟର ଅନେକ ଅଞ୍ଚଳ ବନ୍ୟା ପରିସ୍ଥିତିର ସମ୍ମୁଖୀନ ହୋଇଛି। ଗତ ଦୁଇ ଦିନ ମଧ୍ୟରେ କେବଳ ସୁରତରେ ବର୍ଷାଜନିତ ବିଭିନ୍ନ ଘଟଣାରେ ୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ରାଜ୍ୟରେ ଏକାସାଙ୍ଗରେ ପାଞ୍ଚଟି ପାଣିପାଗ ପ୍ରଣାଳୀ ସକ୍ରିୟ ଥିବାରୁ ଦକ୍ଷିଣ ଗୁଜରାଟ ଓ ସୌରାଷ୍ଟ୍ରର କିଛି ଅଞ୍ଚଳରେ ଅତି ପ୍ରବଳ ବର୍ଷା ଜାରି ରହିଛି।ଗତ ୨୪ ଘଣ୍ଟାରେ ରାଜ୍ୟର ୧୯୫ଟି ତହସିଲରେ ବର୍ଷା ରେକର୍ଡ କରାଯାଇଛି। ସେଥିମଧ୍ୟରୁ ୬ଟି ତହସିଲରେ ୧୦ ଇଞ୍ଚରୁ ଅଧିକ ବର୍ଷା ହୋଇଛି। ସୁରତ ଜିଲ୍ଲାର ପାଲସାନାରେ ସର୍ବାଧିକ ୧୮ ଇଞ୍ଚ ବର୍ଷା ହୋଇଥିବାବେଳେ କାମରେଜରେ ୧୭ ଇଞ୍ଚ, ନବସାରୀରେ ୧୫ ଇଞ୍ଚ, ସୁରତ ସହରରେ ୧୪ ଇଞ୍ଚ, ବଲସାଡ଼ର କପରାଡାରେ ୧୩ ଇଞ୍ଚ ଓ ଜଲାଲପୁରରେ ୧୧ ଇଞ୍ଚ ବର୍ଷା ହୋଇଛି।ଜୁଲାଇ ୬ ଓ ୭ ତାରିଖରେ ସୁରତରେ ପ୍ରାୟ ୧୮ ଇଞ୍ଚ ବର୍ଷା ହେବାରୁ ସହରର ପାଞ୍ଚଟି ପ୍ରମୁଖ ପ୍ରାକୃତିକ ଝରଣା ମଧ୍ୟରୁ ଚାରିଟି ଉଛୁଳି ପଡ଼ିଥିଲା। ଫଳରେ ଆବାସିକ ଅଞ୍ଚଳ, ବସ୍ତି, ବ୍ୟବସାୟିକ ପ୍ରତିଷ୍ଠାନ ଓ ପ୍ରମୁଖ ରାସ୍ତାଗୁଡ଼ିକ ପାଣିରେ ବୁଡ଼ି ଯାଇଥିଲା।

## ମହାରାଷ୍ଟ୍ର, ଦିଲ୍ଲୀ, ରାଜସ୍ଥାନ ଜଳବନ୍ଦୀ



**ନୂଆଦିଲ୍ଲୀ:** ଦେଶରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାବେଳେ ପ୍ରବଳ ବର୍ଷା ଯୋଗୁ ମହାରାଷ୍ଟ୍ର, ଗୁଜରାଟ, କେରଳ, ଜମ୍ମୁ-କାଶ୍ମୀରରେ ଭୂସ୍ଖଳନ, ରାସ୍ତାଘାଟ ଜଳବନ୍ଦୀ ହେବା, ଗଛ ଉପୁଡ଼ି ପଡ଼ିବା ପରି ସ୍ଥିତି ଦେଖିବାକୁ ମିଳିଛି। ଦିଲ୍ଲୀ, ରାଜସ୍ଥାନ ପ୍ରବଳ ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ବୁଧବାର ସମଗ୍ର ଏନସିଆରରେ ଜଳବନ୍ଦୀ ଓ ବ୍ୟାପକ ଟ୍ରାଫିକ ସମସ୍ୟା ଦେଖାଯାଇଛି। ସ୍ୱାଭାବିକତା ଫେରାଇ ଆଣିବା ପାଇଁ କର୍ତ୍ତୃପକ୍ଷ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ମହାରାଷ୍ଟ୍ରରେ ଜୁଲାଇ ୧ ତାରିଖରୁ ବର୍ଷା ଯୋଗୁ ପାଲଘର ଜିଲ୍ଲାରେ ୧୦ ଜଣ ଲୋକଙ୍କର ମୃତ୍ୟୁ ହୋଇଛି।ମଙ୍ଗଳବାର ସନ୍ଧ୍ୟାରେ ମହାରାଷ୍ଟ୍ରର ଜଲଗାଓଁ ଜିଲ୍ଲାର ଅମଲନେର ସହର ନିକଟରେ ଏକ ପାଣି ଭର୍ତ୍ତି ଖଣିରେ ତିନି ଜଣ କିଶୋର ବୁଡ଼ି ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରୁ ଜଣେ ସେଲଫି ନେବାକୁ ଚେଷ୍ଟା କରିବା ସମୟରେ ଖସି ପଡ଼ିଥିଲା। ପରେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଦୁଇଜଣ ମଧ୍ୟ ବୁଡ଼ି ଯାଇଥିଲେ। ବର୍ଷା ପ୍ରଭାବିତ ମହାରାଷ୍ଟ୍ର ଓ ଗୁଜରାଟରେ ଅନେକ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସେଠାକାର ସ୍ଥିତି ସମୀକ୍ଷା କରିଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସହିତ କଥା ହୋଇ କେନ୍ଦ୍ରୀୟ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି। ବୁଧବାର ଦିନ ଉଲ୍ଲାସ ନଦୀରେ ପାଣି ପ୍ରବାହିତ ହେବା ପରେ ମହାରାଷ୍ଟ୍ରର ରାଇଗଡ଼ ଜିଲ୍ଲାର ନେରାଲ ଓ କରଜତ ଷ୍ଟେସନ ମଧ୍ୟରେ ଟ୍ରେନ୍ ସେବା ପ୍ରାୟ ଗୋଟିଏ ଘଣ୍ଟା ପାଇଁ ବନ୍ଦ ରହିଥିଲା।

## ଚାଟଜିପିଟି ସହାୟତାରେ ସାଇବର ଆକ୍ରମଣ



**ଟୋକିଓ:** କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ର ଅପବ୍ୟବହାରକୁ ନେଇ ଜାପାନରୁ ଏକ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଜାପାନର ଜଣେ ୧୫ ବର୍ଷୀୟ ହାଇସ୍କୁଲ ଛାତ୍ର ପ୍ରସିଦ୍ଧ ଆନିମେ ଷ୍ଟ୍ରିମିଂ ପ୍ଲାଟଫର୍ମ "ବାନ୍ଦାଇ ଚାନେଲ" ଉପରେ ସାଇବର ଆକ୍ରମଣ କରିବା ପାଇଁ ଏଆଇ 'ଚାଟଜିପିଟି'ର ସହାୟତା ନେଇଥିବା ଅଭିଯୋଗରେ ଟୋକିଓ ପୋଲିସ ଦ୍ୱାରା ଗିରଫ ହୋଇଛି। ଏହି ସାଇବର ଆଟାକ୍ ଯୋଗୁଁ କମ୍ପାନୀର ବ୍ୟବସାୟିକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହେବା ସହ ପ୍ରାୟ ୪୬,୮୧୨ ଜଣ ଗ୍ରାହକଙ୍କ ସଦସ୍ୟତା (ସବସ୍କ୍ରିପସନ୍) ସେମାନଙ୍କ ଅଜାଣତରେ ବାତିଲ ବା ଡିଲିଟ୍ ହୋଇଯାଇଥିଲା। ଟୋକିଓ ମେଟ୍ରୋପଲିଟନ ପୋଲିସ ଅନୁଯାୟୀ, ଗତ ନଭେମ୍ବର ୨୦୨୫ରେ ଏହି ନାବାଳକ ଛାତ୍ର ଜଣକ ଉକ୍ତ ଆନିମେ ପ୍ଲାଟଫର୍ମର ସୁରକ୍ଷା ବ୍ୟବସ୍ଥାରେ ଥିବା ଏକ ବୈଷୟିକ ତ୍ରୁଟି ଖୋଜି ପାଇଥିଲା ଏବଂ ପରେ ସେଠାରୁ ଆକାଉଣ୍ଟ ଡିଲିଟ୍ କରିବା ପ୍ରକ୍ରିୟାକୁ ସ୍ୱୟଂଚାଳିତ କରିବା ପାଇଁ ଏକ ମାଲିସିଅସ୍ ସଫ୍ଟୱେର୍ ପ୍ରସ୍ତୁତ କରିଥିଲା।ପୋଲିସ ଜେରା ସମୟରେ ଅଭିଯୁକ୍ତ ଛାତ୍ରଜଣକ ନିଜର ଦୋଷ ସ୍ୱୀକାର କରି କହିଛି, "ମୁଁ ନିଜେ ସଦସ୍ୟତା ପ୍ରତ୍ୟାହାର ପ୍ରକ୍ରିୟାର ସୋର୍ସ କୋଡ୍ ପ୍ରସ୍ତୁତ କରିଥିଲି, କିନ୍ତୁ ଏଥିରେ ଅଧିକ ସମୟ ଲାଗୁଥିବାରୁ ମୁଁ ଚାଟଜିପିଟିକୁ ଏକ ଭିନ୍ନ ପ୍ରୋଗ୍ରାମିଂ ଭାଷାରେ ଏହାକୁ ଶୀଘ୍ର ଶେଷ କରିବା ପାଇଁ ସହାୟତା ମାଗିଥିଲି।" ଗତ ନଭେମ୍ବର ୪, ୨୦୨୫ରେ ସେ କମ୍ପାନୀର ସର୍ଭରକୁ ଭୁଲ୍ କମାଣ୍ଡ ପଠାଇ ହଜାର ହଜାର ଆକାଉଣ୍ଟ ବନ୍ଦ କରିଦେଇଥିଲା, ଯାହାକୁ ସ୍ୱାଭାବିକ କରିବା ପାଇଁ କମ୍ପାନୀକୁ ଡିସେମ୍ବର ମାସ ପର୍ଯ୍ୟନ୍ତ ସମୟ ଲାଗିଥିଲା। ପୋଲିସ ଆହୁରି ମଧ୍ୟ କହିଛି ଯେ କମ୍ପାନୀ ତାର ଆକ୍ସେସ୍ ବ୍ଲକ୍ କରିବା ପରେ ମଧ୍ୟ ସେ ନିଜର ଆଇପି ଆଡ୍ରେସ୍ ପ୍ରାୟ ୩୦ ଥର ବଦଳାଇ ଏହି ସାଇବର ଆଟାକ୍ ଜାରି ରଖିଥିଲା।

## ମହାଦେବ ବେଟିଂ ମାମଲା :ଓମାନରେ ସୌରଭ ଚନ୍ଦ୍ରାକର ଅଟକ

**ନୂଆଦିଲ୍ଲୀ:** ବହୁଚର୍ଚ୍ଚିତ ମହାଦେବ ଅନ୍ଲାଇନ୍ ବେଟିଂ ଆପ୍ ମାମଲାରେ ଭାରତୀୟ ତଦନ୍ତକାରୀ ସଂସ୍ଥାମାନଙ୍କୁ ବଡ଼ ସଫଳତା ମିଳିଛି। ଏହି ଆପ୍ର ସହ-ପ୍ରତିଷ୍ଠାତା ସୌରଭ ଚନ୍ଦ୍ରାକରଙ୍କୁ ଓମାନରେ ଅଟକ ରଖାଯାଇଛି। ଭାରତ ସରକାରଙ୍କ ଅନୁରୋଧ ପରେ ଓମାନ କର୍ତ୍ତୃପକ୍ଷ ଏହି ପଦକ୍ଷେପ ନେଇଥିବା ସୂଚନା ମିଳିଛି। ବର୍ତ୍ତମାନ ସୌରଭଙ୍କୁ ଭାରତକୁ ଆଣିବା ପାଇଁ ପ୍ରତ୍ୟର୍ପଣ ପ୍ରକ୍ରିୟା ଦ୍ରୁତଗତିରେ ଆଗକୁ ବଢ଼ାଯାଉଛି।ସୂଚନା ଅନୁସାରେ, ଭାରତର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ଅନ୍ୟ ତଦନ୍ତକାରୀ ସଂସ୍ଥାଙ୍କ ତରଫରୁ ଦିଆଯାଇଥିବା ତଥ୍ୟ ଆଧାରରେ ଓମାନ କର୍ତ୍ତୃପକ୍ଷ ସୌରଭ ଚନ୍ଦ୍ରାକରଙ୍କୁ ଅଟକ ରଖିଛନ୍ତି। ତାଙ୍କ ବିରୋଧରେ ଅର୍ଥ ଚାଲାଣ, ବେଆଇନ ଅନ୍ଲାଇନ୍ ବେଟିଂ ନେଟୱର୍କ ପରିଚାଳନା ଏବଂ ହଜାର ହଜାର କୋଟି ଟଙ୍କାର ଆର୍ଥିକ କାରବାର ସହ ଜଡ଼ିତ ଗୁରୁତର ଅଭିଯୋଗ ରହିଛି।ମହାଦେବ ବେଟିଂ ଆପ୍ ମାମଲାରେ ଇଡିର ତଦନ୍ତରୁ ଜଣାପଡ଼ିଛି ଯେ, ଏହି ନେଟୱର୍କ ମାଧ୍ୟମରେ ବେଆଇନ ଅନ୍ଲାଇନ୍ ଜୁଆ ଓ ବେଟିଂ କାରବାର ପରିଚାଳିତ ହେଉଥିଲା। ଦେଶର ବିଭିନ୍ନ ସ୍ଥାନରୁ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ଆପ୍ ସହ ଯୋଡ଼ାଯାଇଥିବାବେଳେ ହଜାର ହଜାର କୋଟି ଟଙ୍କାର କାରବାର ହୋଇଥିବା ତଦନ୍ତରେ ସାମ୍ନାକୁ ଆସିଛି। ଏହି ଟଙ୍କା ବିଭିନ୍ନ ଦେଶରେ ଥିବା କମ୍ପାନି ଓ ବ୍ୟାଙ୍କ ଖାତା ମାଧ୍ୟମରେ ଚାଲାଣ କରାଯାଇଥିବା ଅଭିଯୋଗ ରହିଛି।ସୌରଭ ଚନ୍ଦ୍ରାକର ଓ ତାଙ୍କ ସହଯୋଗୀ ରବି ଉପ୍ପଲଙ୍କ ବିରୋଧରେ ପୂର୍ବରୁ ଇଡି ଲୁକ୍ଆଉଟ୍ ନୋଟିସ ଜାରି କରିଥିଲା। ଏହା ସହ ରେଡ୍ କର୍ଣ୍ଣର ନୋଟିସ ଜାରି କରିବା ଏବଂ ବିଦେଶରେ ଥିବା ସମ୍ପତ୍ତିର ତଥ୍ୟ ସଂଗ୍ରହ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଥିଲା।

## ମାଲ ପରିବହନରେ ଏସଇଆରର ସଫଳତା



**କୋଲକାତା:** ଦକ୍ଷିଣ ପୂର୍ବ ରେଳବାଇ(ଏସଇଆର) ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ (ଏପ୍ରିଲ-ଜୁନ୍) ମଧ୍ୟରେ ସ୍ଥିର ଅଭିବୃଦ୍ଧି ପଞ୍ଜିକୃତ କରିଛି, ପ୍ରମୁଖ କାର୍ଯ୍ୟକ୍ଷମ ଏବଂ ଲୋଡିଂ ପାରାମିଟରଗୁଡ଼ିକରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଦକ୍ଷିଣ ପୂର୍ବ ରେଳବାଇ ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନି ମାସରେ (ଏପ୍ରିଲ-ଜୁନ୍) ମୋଟ ୫୩.୦୬ ନିୟୁତ ଟନ୍ ମୂଳ ମାଲ ପରିବହନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୧.୫୧% ବୃଦ୍ଧି ପଞ୍ଜିକୃତ କରିଛି । ପ୍ରମୁଖ ସାମଗ୍ରୀ ମଧ୍ୟରେ, ଫିନିସଡ୍ ଇସ୍ପାତ ଲୋଡିଂ ସର୍ବାଧିକ ୧୮.୨୨% ଅଭିବୃଦ୍ଧି ପଞ୍ଜିକୃତ କରିଛି, ଯେତେବେଳେ ଲୁହାପଥର ଲୋଡିଂ ୩.୭୦% ବୃଦ୍ଧି ପାଇଛି ।ଏମସିଏଲରୁ କୋଇଲା ଲୋଡିଂ ମଧ୍ୟ ୧୭.୬% ବୃଦ୍ଧି ରେକର୍ଡ କରିଛି, ଯାହା ପ୍ରତିଦିନ ହାରାହାରି ୧୮ ରେକ୍ ଅଟେ ।ରାଜସ୍ୱ କ୍ଷେତ୍ରରେ, ମୂଳ ମାଲ ପରିବହନ ରାଜସ୍ୱ ଟଙ୍କାରେ ପହଞ୍ଚିଛି । ୪,୫୩୯ କୋଟି ଟଙ୍କା ରୋଜଗାର କରିଛି, ଯାହା ପୂର୍ବ ବର୍ଷର ସମାନ ଅବଧିକୁ ୧.୧୦% ଅତିକ୍ରମ କରିଛି । କୋଇଲା ପରିବହନ ୧,୪୨୬ କୋଟି ଟଙ୍କା ରୋଜଗାର କରିଛି, ଯାହା ଗତ ବର୍ଷ ତୁଳନାରେ ୧.୨% ବୃଦ୍ଧି ପାଇଛି । ଫିନିସଡ୍ ଇସ୍ପାତ ୮୧୦ କୋଟି ଟଙ୍କା ରୋଜଗାର କରିଛି, ଯାହା ୧୩.୧୯ % ବୃଦ୍ଧି ପାଇଛିଛ ସାର ଲୋଡିଂ ୨୫ କୋଟି ଟଙ୍କା ରୋଜଗାର କରିଛି, ଯାହା ୩.୧୫% ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି ଏବଂ ପିଓଏଲ୍ ପରିବହନ ୫୨ କୋଟି ଟଙ୍କା ରୋଜଗାର କରିଛି, ଯାହା ପୂର୍ବ ବର୍ଷର ସମାନ ଅବଧି ତୁଳନାରେ ସର୍ବାଧିକ ୨୬.୩୯ % ଅଭିବୃଦ୍ଧି ହାସଲ କରିଛି ।

## ମଧ୍ୟ ପ୍ରାଚ୍ୟରେ ପୁଣି ଉତ୍ତେଜନା

# ନିବେଶକ ହରାଇଲେ ୮ ଲକ୍ଷ କୋଟି



**ମୁମ୍ବାଇ:** ଆମେରିକା ଓ ଇରାନ ମଧ୍ୟରେ ପୁଣି ଉତ୍ତେଜନା ବଢ଼ିବା ଓ ଅଶୋଧିତ ତୈଳ ଦର ମହଙ୍ଗା ହେବାରୁ ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୧୬୭୭ ପଏଣ୍ଟ ହ୍ରାସ ପାଇ ୭୬,୫୦୩ ପଏଣ୍ଟରେ ବନ୍ଦ ହୋଇଛି। ଏହାର ପ୍ରଭାବରେ ନିବେଶକମାନେ ପ୍ରାୟ ୮ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ଷ୍ଟକ୍ ବଜାରରେ ତାଲିକାଭୁକ୍ତ ଥିବା କମ୍ପାନିଗୁଡ଼ିକର ମୋଟ୍ ବଜାର ପୁଞ୍ଜି ପରିମାଣ ୪୭୧ ଲକ୍ଷ କୋଟି ଟଙ୍କାକୁ ଖସିଆସିଛି। ନିବେଶକମାନେ ଆଜି ବ୍ୟାଙ୍କ, ଏଫ୍ଏମ୍ସିଜି ଏବଂ ତୈଳ ଓ ଗ୍ୟାସ୍ କ୍ଷେତ୍ରର କମ୍ପାନିଗୁଡ଼ିକର ସେୟାର ଅଧିକ ମାତ୍ରାରେ ବିକ୍ରି କରିଥିଲେ। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୫୧୭ ପଏଣ୍ଟ ହ୍ରାସ ପାଇ ୨୩,୮୮୨ ପଏଣ୍ଟେ ବନ୍ଦ ହୋଇଥିଲା।ଇରାନ ଓ ଆମେରିକା ମଧ୍ୟରେ ଅନ୍ତରୀଣ ଶାନ୍ତି ରାଜିନାମା ହେବା ପରେ ବଜାରରେ ଯେଉଁ ସୁଧାର ଘଟିଥିଲା ଆଜି ତାହା ସମ୍ପୂର୍ଣ୍ଣ ଧୋଇଯାଇଥିଲା। ଅଶୋଧିତ ତେଲ ମହଙ୍ଗା ହୋଇଥିବାରୁ ପୁଣି ଥରେ ଦେଶରେ ଦରଦାମ୍ ସ୍ଥିତି ବିଗିଡ଼ିବା ଆଶଙ୍କା ଦେଖାଦେଇଛି।ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧବିରତି ଶେଷ ହୋଇଥିବା ଘୋଷଣା କରିବା ପରେ ନିବେଶକମାନଙ୍କ ଚିନ୍ତା ବଢ଼ିଯାଇଛି। ଅଶୋଧିତ ତୈଳ ଦର ବ୍ୟାରେଲକୁ ୭୮.୦୯ ଡଲାକୁ ବୃଦ୍ଧି ପାଇଛି। ବିଶ୍ୱର ବିଭିନ୍ନ ଦେଶର ଷ୍ଟକ୍ ବଜାରରେ କାରବାର ମଧ୍ୟ ମାନ୍ଦା ରହିଥିଲା। ତାହାର ପ୍ରଭାବରେ ମଧ୍ୟ ଭାରତୀୟ ଷ୍ଟକ୍ ବଜାରରେ କାରବାର ପ୍ରଭାବିତ ହୋଇଥିଲା।

## ଫିଫା ବିଶ୍ୱକପ୍

# ଇଜିପ୍ଟ ଠାରୁ ବିଜୟ ଚୋରି କରିନେଇଛି ଆର୍ଜେଣ୍ଟିନା !





ନୂଆଦିଲ୍ଲୀ,୮।୭(ଏଜେନ୍ସି): ଫିଫା ବିଶ୍ୱକପର ଇଜିପ୍ଟ-ଆର୍ଜେଣ୍ଟିନା ମ୍ୟାଚ ବିବାଦ ଘେରକୁ ଚାଲିଆସିଛି। ପୂର୍ବତନ ବିଶ୍ୱକପ ଆର୍ଜେଣ୍ଟିନା ପ୍ରତି ଚଳିତ ବିଶ୍ୱକପରେ ଫିଫା ଅନୁକମ୍ପା ଦେଖାଇଥିବା ଅଭିଯୋଗ ହୋଇଛି। ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଦଳ ବିଶ୍ୱକପ କ୍ୱାର୍ଟରଫାଇନାଲରେ ପ୍ରବେଶ କରିବା ପରେ ଏହି ବିତରକ ହେଉଛି। ଇଜିପ୍ଟ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମୁକାବିଲାକୁ ଆର୍ଜେଣ୍ଟିନା ୩-୨ ଗୋଲରେ ନାଟକୀୟ ଭାବେ ଜିତି ନେଇଥିଲା। ୭୯ତମ ମିନିଟ ଯାଏଁ ଆର୍ଜେଣ୍ଟିନା ୦-୨ ଗୋଲରେ ପଛରେ ଥିଲା। କିନ୍ତୁ ହଠାତ ଦଳ ପ୍ରତିବର୍ତ୍ତନ କରି ୧୦ ମିନିଟରେ ୩ଟି ଗୋଲ କରି ଇଜିପ୍ଟ ହାତରୁ ମ୍ୟାଚ ଛାଡାଇ ନେଇଥିଲା। ଆର୍ଜେଣ୍ଟିନା ବିଜୟ ପରେ ମ୍ୟାଚ ପରିଚାଳନାର ସ୍ତର ଓ ଭିଏଆରକୁ ନେଇ ବିବାଦ ତୀବ୍ର ହୋଇଛି। ଆର୍ଜେଣ୍ଟିନା ଖେଳାଳିଙ୍କ ବାରମ୍ବାର ଫାଉଲ ସତ୍ତ୍ୱେ ରେଫରୀ କିମ୍ବା ଫିଫା ଏହାକୁ ଆଦୌ ଗୁରୁତ୍ୱ ଦେଇନଥିଲା। ସମସ୍ତ ଅଧିକାରୀ ଆର୍ଜେଣ୍ଟିନା ଜିତୁ ବୋଲି ଚାହୁଁଥିଲେ। ଏଥିରେ ମ୍ୟାଚ ରେଫରୀ ଜାଣିଶୁଣି ଆର୍ଜେଣ୍ଟିନା ସପକ୍ଷରେ ଓ ଇଜିପ୍ଟ ବିପକ୍ଷରେ ନିଷ୍ପତ୍ତି ନେଇଥିଲେ। ଆର୍ଜେଣ୍ଟିନାକୁ ଇଜିପ୍ଟଠାରୁ ମ୍ୟାଚ ଛଡାଇ ନେବାକୁ ଅନୁମତି ନେଇଥିବା ବୋଲି ପ୍ରତୀୟମାନ ହୋଇଥିଲା। ବିଭିନ୍ନ ସଂସ୍ଥା ପକ୍ଷରୁ ମ୍ୟାଚ ବେଳେ ଆର୍ଜେଣ୍ଟିନା ଖେଳାଳି କିପରି ଫାଉଲ ମାରୁଥିଲେ ତାର ସବୁ ଦୃଶ୍ୟକୁ ଏକାଠି କରି ଏକ ଭିଡ଼ିଓ ଜାରି କରିଛନ୍ତି। ଫିଲ୍ମରେ ଇଜିପ୍ଟ ଖେଳାଳିଙ୍କୁ ବାରମ୍ବାର ଆକ୍ରମଣ ଫାଉଲ କରାଯାଇଥିବା ରେଫରୀ ଆର୍ଜେଣ୍ଟିନା ବିରୋଧରେ କାହିଁକି ଆକ୍ସନ ନେଉନଥିଲେ ଏହି ଭିଡିଓରେ ଦେଖିବାକୁ ମିଳିଛି। ଫ୍ରେଞ୍ଚ ରେଫରୀ ଫାଙ୍କୋଇସ ଲେଟେକ୍ସିୟରଙ୍କ ପକ୍ଷପାତ ପୂର୍ଣ୍ଣ ନିଷ୍ପତ୍ତି, ଫିଫା ସଭାପତି ଜିଆନି ଇନଫାଟିଙ୍କ ଯୋଜନା ଓ ଇଜିପ୍ଟ ଫୁଟବଲର ଆସୋସିଏସନର ସଭାପତି ହାନି ଆବୁରିଦାଙ୍କ ଅପରାଗତା ଯୋଗୁଁ ମହମ୍ମଦ ସଲାଙ୍କ ଟିମ୍ ଜିତୁ ଜିତୁ ହାରି ଯାଇଛନ୍ତି ବୋଲି ଅଭିଯୋଗ ହୋଇଛି। ସେମାନଙ୍କ କହିବା କଥା ଯେ, ଭିଡ଼ିଓ ହୁଏତ ମ୍ୟାଚର ଫଳାଫଳ ବଦଳାଇ ପାରିବ ନାହିଁ କିନ୍ତୁ ଏହାକୁ ଦେଖି ପ୍ରକୃତ ସମସ୍ତେ ସତ ଜାଣିପାରିବେ। ଇଜିପ୍ଟ କେବଳ ହାରି ନାହିଁ ବରଂ ସେମାନଙ୍କ ଠାରୁ ବିଜୟକୁ ଚୋରାଇ ନିଆଯାଇଛି ବୋଲି ଏହି ଭିଡ଼ିଓ ପ୍ରକୃତ ବୟାନ ପ୍ରମାଣ କରୁଛି।

ଇଜିପ୍ଟ ମୁଖ୍ୟ କୋଚ ଥୋମାସ ଅଭିଯୋଗ କରିଛନ୍ତି ତାଙ୍କ ଦଳ ସହ ଅନ୍ୟାୟ ହୋଇଛି। ବିଶ୍ୱ ଚାମ୍ପିଅନ ଆର୍ଜେଣ୍ଟିନାକୁ ଆଗକୁ ନେବା ପାଇଁ ମ୍ୟାଚର ଫଳାଫଳକୁ ପ୍ରଭାବିତ କରାଯାଇଛି। ମ୍ୟାଚ ପରେ ଆୟୋଜକ ସାମ୍ବାଦିକ ସମ୍ମିଳନୀରେ ହାସଲ କରିଛନ୍ତି ଆମ ସହ ଘୋର ଅନ୍ୟାୟ ହୋଇଛି। ମୁଁ ଯାହା ଭାବୁଛି ତାହା କହିବି। ପରିମାଣକୁ ମୁଁ ଭୟ କରେ ନାହିଁ। ଏହି ଫଳାଫଳ ଯୋଜନାବଦ୍ଧ ଭାବେ ପ୍ରସ୍ତୁତ କରାଯାଇଛି। ଯଦି ଆର୍ଜେଣ୍ଟିନାକୁ ଜିତାଇବାକୁ ଥିଲା ତେବେ ଅନ୍ୟ ଦଳକୁ କାହିଁକି ଖେଳିବାକୁ ଡକାଗଲା। ବିଶ୍ୱ ଚାମ୍ପିଅନ ଓ ଲିଓନେଲ ମେସିଙ୍କୁ ବିଶ୍ୱକପରେ ରଖିବା ପାଇଁ ରେଫରୀଙ୍କ ଉପରେ ଚାପ ପକାଇ ଯାଇଥାଏ।





ମୋସ୍ତାଫାଙ୍କ ଏକ ଚମତ୍କାର ଗୋଲକୁ ଭିଏଆର ଯାଞ୍ଚ ପରେ ବାତିଲ କରାଯାଇଥିଲା। ଗୋଲ ପୂର୍ବରୁ ମାରୱାନ ଆର୍ଟିଆ ଆର୍ଜେଣ୍ଟିନାର ଲିସାଣ୍ଡ୍ରୋ ମାର୍ଟିନେଜଙ୍କୁ ଫାଉଲ ମାରିବା ଦର୍ଶାଇ ଗୋଲ ଟିକୁ ବାତିଲ କରାଯାଇଥିଲା। ୨ ଖେଳାଳିଙ୍କ ମଧ୍ୟରେ କଣ୍ଟାକ୍ଟ ଅତ୍ୟନ୍ତ ସାମାନ୍ୟ ଥିଲା। ଗୋଲ ପୂର୍ବରୁ ବହୁ ଦୂରରେ ଏହା ଘଟିଥିଲା। ସେହିପରି ଆର୍ଜେଣ୍ଟିନା କଥାରେ ଯଦି ଭିଏଆର ଯାଞ୍ଚ ପରେ ଗୋଲକୁ ନାକଚ କରାଗଲା। ତା'ହେଲେ ସମାନ ନିୟମ କାହିଁକି ଇଜିପ୍ଟ କ୍ଷେତ୍ରରେ ଲାଗୁ ହେଲା ନାହିଁ। ମହମ୍ମଦ ସଲାଙ୍କ ପେନାଲ୍ଟି ଦାବି ଓ ମ୍ୟାଚର ଶେଷ ମୁହୂର୍ତ୍ତରେ ଇଜିପ୍ଟର ଜଣେ ଖେଳାଳିଙ୍କ ଜର୍ସି ଟାଣିବା ଅଭିଯୋଗ ହୋଇଥିଲା। ଇଜିପ୍ଟ ଖେଳାଳି ରେଫରୀଙ୍କୁ ଭିଏଆର ଯାଞ୍ଚ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ସେ କିଛି ବି ଶୁଣି ନଥିଲେ। ବରଂ କାଉଣ୍ଟର ଆଟାକରେ ଆର୍ଜେଣ୍ଟିନା କରିଥିବା ଗୋଲକୁ କାଏମ ରଖିଥିଲେ। ଏହାକୁ ନେଇ ବିବାଦ ତୀବ୍ର ହେବାରେ ଲାଗିଛି।

## ଶ୍ରେଷ୍ଠ ଯୁବ ଖେଳାଳି ଦୌଡ଼ରେ ୪

ନୂଆଦିଲ୍ଲୀ,୮।୭(ଏଜେନ୍ସି): ଫିଫା ବିଶ୍ୱକପରେ ପ୍ରି-କ୍ୱାର୍ଟରଫାଇନାଲ ମ୍ୟାଚ ଶେଷ ହୋଇଛି। ୨୦୦୫ ଜାନୁଆରୀ ୧ ପରେ ଜନ୍ମ ହୋଇଥିବା ଚଳିତ ବିଶ୍ୱକପର ଶ୍ରେଷ୍ଠ ପ୍ରଦର୍ଶନ କାରୀଙ୍କୁ ଫିଫା ଯୁବ ଖେଳାଳି ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ଦୌଡ଼ରେ ୪ ଜଣ ଆୟୁବ ବୌଆଡି, ଡିସି ରେଡୁଡ୍ୱେ, ନିକୋ ଓରିଲି ଏବଂ ଲାମିନୋ ୟାମାଲ ଅଛନ୍ତି।

ମରକୋକୁ କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ନେବାରେ ମିଡଫିଲ୍ଡର ବୌଆଡିଙ୍କ ବଡ଼ ଅବଦାନ ରହିଛି। ପଡିଆ ଭିତରେ ଓ ବାହାରେ ବୌଆଡଙ୍କ ବୁଦ୍ଧି ଅତି ଚକତ୍କାର। ୧୬ ବର୍ଷ ବୟସରେ ସ୍କୁଲ ଶେଷ କରିଥିଲେ। ଏବେ ଗଣିତରେ ସେ ଡିକ୍ରି କରୁଛନ୍ତି। ବିଶ୍ୱକପରେ ବ୍ରାଜିଲ ବିପକ୍ଷରେ ପଦାର୍ପଣ କରୁଥିବା ବୌଆଡି କାନାଡା ବିପକ୍ଷ ପ୍ରି-କ୍ୱାର୍ଟରଫାଇନାଲରେ ଚମତ୍କାର ପ୍ରଦର୍ଶନ କରିଥିଲେ।

ମରକୋ ବିପକ୍ଷ କ୍ୱାର୍ଟରଫାଇନାଲ ଖେଳିବ ଫ୍ରାନ୍ସ। ଏଥିରେ ଦୁଇ ତାରକା ଖେଳାଳି ଏମ୍ବାପେ ଓ ମାଇକେଲଙ୍କ ଉପରେ ସମସ୍ତ ଉପରେ ସମସ୍ତଙ୍କ ନଜର ରହିବ। କିନ୍ତୁ ଯୁବ ତାରକା ଡୁଏଙ୍କୁ କେହି ଅଣ ଦେଖା କରିପାରିବେ ନାହିଁ। ଜର୍ମାନ ଖେଳାଳିଙ୍କ ଲଢ଼େଇ ଯୁବ ଖେଳାଳି ପୁରସ୍କାର ଲାଗି ବୌଆଡିଙ୍କ ସହ ହେବ। ୨୧ ବର୍ଷୀୟ ଡୁଏ ଗତ ୫ଟି ମ୍ୟାଚରୁ ୩ଟିରେ ଥିବା ଗୋଟିଏ ଗୋଲ ଦେବାରେ ସକ୍ଷମ ହୋଇଛନ୍ତି। ସେ ନରୱେ ବିପକ୍ଷରେ ବିଶ୍ୱକପର ପ୍ରଥମ ଗୋଲ ଦେଇଥିଲେ।

ମାଞ୍ଚେଷ୍ଟର ଷ୍ଟର ସିଟିର ଲେଫ୍ଟ ବ୍ୟାକ ଖେଳାଳି ଭାବେ ଜଣାଶୁଣା ନିକୋ ଓରିଲି ଚଳିତ ବିଶ୍ୱକପରେ ଇଂଲଣ୍ଡ ଜିତିଥିବା ସମସ୍ତ ମ୍ୟାଚର ଆରମ୍ଭ ଏକାଦଶରେ ଥିଲେ। କେବଳ ଘାନ ସହ ଗୋଲ ସହ ଡ୍ର'ରେ ଏକାଦଶରେ ନଥିଲେ। ଏହି ୨୧ ବର୍ଷୀୟ ଓରିଲି ମେକ୍ସିକୋ ବିପକ୍ଷ ମ୍ୟାଚରେ ଗୋଲ ଦେବାରେ ସଫଳ ହୋଇଥିଲେ।

ସ୍ପେନର ଲାମିଲେ ୟାମାଲ ଚର୍ଚ୍ଚାରେ ରହିଛନ୍ତି। ସେ ଦଳର ସମସ୍ତ ମ୍ୟାଚରେ ପ୍ରଥମ ଏକାଦଶରେ ରହି ପଡିଆକୁ ଓହ୍ଲାଇଛନ୍ତି। ନକଆଉଟ ପର୍ଯ୍ୟାୟର ଅଷ୍ଟ୍ରୀୟ ବିପକ୍ଷ ମ୍ୟାଚରେ ସେ ପ୍ରଥମ ଗୋଲ କରିଥିଲେ। ତେଣୁ ସ୍ପେନ ତାଙ୍କୁ ପର୍ତ୍ତୁଗାଲ ବିପକ୍ଷ ପ୍ରି-କ୍ୱାର୍ଟରରେ ପୂରା ୯୦ ମିନିଟ ଖେଳାଇଥିଲା। ଏବେ ସେ ବେଲଜିୟମ୍ ବିପକ୍ଷ କ୍ୱାର୍ଟରଫାଇନାଲ ଖେଳିବାକକୁ ପ୍ରସ୍ତୁତ ଅଛନ୍ତି।

## ସଞ୍ଜୁଙ୍କ ଯୋଗୁ ବଢ଼ିଛି ଅଗରକରଙ୍କ କାର୍ଯ୍ୟକାଳ !

ନୂଆଦିଲ୍ଲୀ,୮।୭(ଏଜେନ୍ସି): ସଞ୍ଜୁ ସାମସନଙ୍କୁ ଜିମ୍ବାୱେ ବିପକ୍ଷ ଶୃଙ୍ଖଳାକୁ ବାଦ ଦେବାକୁ ଅନେକ ପୂର୍ବତନ କ୍ରିକେଟର ପସନ୍ଦ କରିନାହାନ୍ତି। ସଞ୍ଜୁଙ୍କ ପ୍ରଦର୍ଶନ ଯୋଗୁଁ ଭାରତ ଟି-୨୦ ବିଶ୍ୱକପରେ ଚାମ୍ପିଅନ ହୋଇଥିଲା। ସେ ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ହୋଇଥିଲେ। ସାମସନଙ୍କୁ ବାଦ ଦେବା ପରେ ପୂର୍ବତନ କ୍ରିକେଟର ସଦାଗୋପନ ରମେଶ ଏବେ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ସଞ୍ଜୁଙ୍କ ଯୋଗୁଁ ଚୟନ କମିଟି ମୁଖ୍ୟ ଅଗରକରଙ୍କ କାର୍ଯ୍ୟକାଳ ବଢ଼ିଛି। ସାମସନ ଯଦି ଭାରତକୁ ବିଶ୍ୱକପ ଜିତାଇ ନଥାନ୍ତେ। ତେବେ ଅଗରକର ତାଙ୍କ ପଦ ହରାଇବା ଏକ ପ୍ରକାର ନିଶ୍ଚିତ ହୋଇଥାନ୍ତା। ବିଶ୍ୱକପ ଜିତାଇଥିବା ଖେଳାଳିଙ୍କୁ ୩ଟି ମ୍ୟାଚ ପରେ ଡ୍ର' କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ସଞ୍ଜୁ ସର୍ବଦା ଦଳ ପାଇଁ ଖେଳିଥାନ୍ତେ। ବିଶ୍ୱକପରେ ୩ଥର ତାଙ୍କ ପାଇଁ ଶତକ ହାସଲ କରିବାର ସୁଯୋଗ ଥିଲେ ମଧ ସେ ଏଥିପ୍ରତି ଗୁରୁତ୍ୱ ଦେଇନଥିଲେ। ମାତ୍ର ୩ଟି ମ୍ୟାଚ ଖରାପ ଖେଳିବା ପରେ ତାଙ୍କୁ ଦଳରୁ ବାହାର କରିବା ମନୋବଳ କମାଇବା। ଯେଉଁମାନେ ଆମ ପାଇଁ ଗୌରବ ଆଣୁଛନ୍ତି ସେମାନଙ୍କୁ ଉପଯୁକ୍ତ ସମ୍ମାନ ମିଳିବା କଥା ବୋଲି ସଦା ଗୋପନ ରମେଶ କରିଛନ୍ତି।

## କ୍ୱାର୍ଟର ଲଢ଼େଇ ପୂର୍ବରୁ ଜର୍ସି ଅଦଳବଦଳ



ନୂଆଦିଲ୍ଲୀ,୮।୭(ଏଜେନ୍ସି): ଚଳିତ ବିଶ୍ୱକପରେ ଶୁକ୍ରବାର ମିଆଁମିରେ ଇଂଲଣ୍ଡ ଓ ନରୱେ ମଧ୍ୟରେ କ୍ୱାର୍ଟରଫାଇନାଲ ମ୍ୟାଚ ଖେଳାଯିବ। ଏହି ମ୍ୟାଚ ପୂର୍ବରୁ ୟୁକେ ପ୍ରଧାନମନ୍ତ୍ରୀ କେଇରଷ୍ଟାମର ଏବଂ ନରୱେ ପ୍ରଧାନମନ୍ତ୍ରୀ ଜୋନାସ ଗାରଷ୍ଟୋର ନିଜ ନିଜ ଦେଶର ଫୁଟବଲ ଜର୍ସି ଅଦଳ ବଦଳ କରିଛନ୍ତି। ତୁର୍କୀରେ ଚାଲିଥିବା ନାଟୋ ଶିଖର ସମ୍ମିଳନୀ ଅବସରରେ ବନ୍ଧୁତ୍ୱପୂର୍ଣ୍ଣ ଜର୍ସି ଆଦାନପ୍ରଦାନ ଫୁଟବଲ ପ୍ରଶିକ୍ଷକଙ୍କ ଜର୍ସି ଆଦାନପ୍ରଦାନ ଦୃଷ୍ଟି ଆକର୍ଷଣ କରିଥିଲା। ସୋସିଆଲ ମିଡ଼ିଆ ପୋଷ୍ଟରେ ହୋଇଥିବା ଭିଡ଼ିଓରେ ନରୱେ ପ୍ରସିଦ୍ଧ ରୋର ଉତ୍ସବ ପାଳନ କରୁଥିବା ଦେଖାଦେଇଛି। ଦୁଇ ପ୍ରଧାନମନ୍ତ୍ରୀ ଫୁଟବଲ ଜର୍ସି ପିନ୍ଧି ରାଜନୀତିକୁ ଫୁଟବଲ ସହ ଯୋଡିଛନ୍ତି। ଏହି ଅବସରରେ ଷ୍ଟାମରଙ୍କୁ ଷ୍ଟୋର ନରୱେ ଫୁଟବଲର କିଛି ଅଭୁଲା ମୁହୂର୍ତ୍ତ ବିଷୟରେ ଅବଗତ କରାଇଥିଲେ।

# ଟିମରୁ ବିଦା ହେବେ କି ବୈଭବ ?



ନୂଆଦିଲ୍ଲୀ,୮।୭(ଏଜେନ୍ସି): ବୈଭବଙ୍କୁ ଯେଉଁ ଆଶା ନେଇ ଦଳରେ ଖେଳାଯାଇଥିଲା ତାହା ଏବେ ଫିକା ହେବାକୁ ବସିଲାଣି। ଆଇପିଏଲର ତାରକା ଖେଳାଳି ବୈଭବ ଅନ୍ତର୍ଜାତୀୟ କ୍ରିକେଟରେ ଫେଲ ମାରିଛନ୍ତି। ତାଙ୍କ ବ୍ୟାଟ ଚାଲୁରେ ଗୋଟିଏ ଦୁଇଟି ସଟ ଖେଳିବା ପରେ ଆଉଟ ହୋଇପାଭିଲିୟନ ଫେରୁଛନ୍ତି। କୋଚ ଏବଂ ଅଧିନାୟକଙ୍କୁ ସେ ବାରମ୍ବାର ନିରାଶ କରୁଛନ୍ତି। ଭାରତୀୟ ଦଳର ତାରକା ବ୍ୟାଟର ବୈଭବ ମାତ୍ର ୧୫ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରିଥିଲେ। ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ରେ ତାଙ୍କୁ ଦଳରେ ସ୍ଥାନ ମିଳିଥିଲା। ସେ ଆରମ୍ଭରୁ ଦୁଇଟି ଦର୍ଶନୀୟ ଛକା ମାରିଥିଲେ। ଏହାପରେ ଷ୍ଟମ୍ପଆଉଟ ହୋଇଥିଲେ। ତୃତୀୟ ମ୍ୟାଚରେ ଭାରତ ଆଗରେ ୨୦୨ ରନର ବିଜୟଲକ୍ଷ୍ୟ ଥିଲା। ଓପନିଂ କରିବାକୁ ଆସିଥିଲେ ବୈଭବ। ସମସ୍ତେ ଭାବୁଥିଲେ। ସେ ଛକା ଚୌକା ବର୍ଷା କରିବେ। ଇଂଲଣ୍ଡର ୨୦୧ ରନ କମ ପଡିଯିବ। କିନ୍ତୁ ସେମିତି କିଛି ହେଲାନି। ଭାରତୀୟ ବ୍ୟାଟିଂ ଅର୍ଡର ସମ୍ପୂର୍ଣ୍ଣ ଫ୍ଲପ ମାରିଲା। ଅଭିଶେକ ଶର୍ମାଙ୍କ ସହ ମିଶି ଆସି ବୈଭବ ଓପନିଂ କରିଥିଲେ। ସେ ମାତ୍ର ୧୩ ରନ କରି ଆଉଟ ହୋଇଥିଲେ। ଯାହା ପରେ ବ୍ୟାଟିଂର ଦୁର୍ବଳତା ପଦାରେ ପଡିଥିଲା। ଆଇପିଏଲରେ ଖୁବ ରନ କରି ବୈଭବ ଅରେଞ୍ଜ କ୍ୟାପ ଜିତିଥିଲେ। ଯେଉଁଥି ପାଇଁ ଇଂଲଣ୍ଡ ଏବଂ ଆୟର୍ଲାଣ୍ଡ ବିପକ୍ଷ ଟି-୨୦ର ଚୂଡାନ୍ତ ଏକାଦଶରେ ବୈଭବଙ୍କୁ ସ୍ଥାନ ମିଳିନଥିଲା। ଶୃଙ୍ଖଳା ହାରିଥିଲା ଟିମ ଇଣ୍ଡିଆ। ଯାହାକୁ ନେଇ ପ୍ରଶଂସକ ଓ ପୂର୍ବତନ କ୍ରିକେଟର ରାଗି ଯାଇଥିଲେ। ବୈଭବଙ୍କୁ ଖେଳାଇଥିଲେ ସ୍ଥିତି ଭିନ୍ନ ହୋଇଥାନ୍ତା ବୋଲି କୁହାଯାଇଥିଲା। ତେଣୁ ଦଳ ଉପରେ ପ୍ରବଳ ଚାପ ପଡୁଥିଲା। ଶେଷରେ ଦ୍ୱିତୀୟ ଟି-୨୦ରେ ବୈଭବ ଅନ୍ତର୍ଜାତୀୟ ଡେବ୍ୟୁ କଲେ। କିନ୍ତୁ କ୍ରମାଗତ ଦୁଇଟି ମ୍ୟାଚରେ ସେ ବିଫଳ ହୋଇଛନ୍ତି। ତେଣୁ ତାଙ୍କ କ୍ୟାରିୟର ଅନିଶ୍ଚିତତା ଆଡ଼ୁକୁ ଗତି କରୁଛି। ଭାରତ ହାତରେ ଶୃଙ୍ଖଳା ବଞ୍ଚାଇବାକୁ ଆଉ ଦୁଇଟି ମ୍ୟାଚ ଅଛି। ଭାରତ ଏହି ଦୁଇ ମ୍ୟାଚ ଜିତି ପାରିଲେ ଶୃଙ୍ଖଳା ୨-୨ରେ ଡ୍ର' ରହିବ। ତେଣୁ ବୈଭବକୁ ନେଇ ଦଳ ଆଉ ଏକ୍ସପେରିମେଣ୍ଟ କରିବାକୁ ଚାହୁଁନଥିବା ଅନୁମାନ କରାଯାଉଛି। ସଞ୍ଜୁଙ୍କୁ ପୁଣି ଖେଳାଇବା ପାଇଁ କୁହାଯାଇଛି। ଯଦି ସଞ୍ଜୁ ଖେଳିବେ ତା'ହେଲେ ବୈଭବ ବସିବା ନିଶ୍ଚିତ। ତେବେ ଚତୁର୍ଥ ମ୍ୟାଚ ପ୍ରାରମ୍ଭରେ ହିଁ ବୈଭବ ରହିବେ ନା ବିଦା ହେବେ ତାହା ସ୍ପଷ୍ଟ ହେବ।

## ୭୦ ବର୍ଷ ପରେ କ୍ୱାର୍ଟରରେ ସ୍ୱିଜରଲାଣ୍ଡ



ନୂଆଦିଲ୍ଲୀ,୮।୭(ଏଜେନ୍ସି): ବିଶ୍ୱକପର ପ୍ରି-କ୍ୱାର୍ଟରଫାଇନାଲ ଲଢ଼େଇରେ ସ୍ୱିଜରଲାଣ୍ଡ ଜମାଣିଆ ବିଜୟ ସହ କ୍ୱାର୍ଟରରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟ ମଧ ମ୍ୟାଚ ଗୋଲ ଶୂନ୍ୟ ରହିବାରୁ ସ୍ୱିଜରଲାଣ୍ଡ ପେନାଲ୍ଟି ସୁଟଆଉଟରେ କଲମ୍ବିଆକୁ ୪-୩ ଗୋଲରେ ହରାଇ ବିଦା କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଉଭୟ ଦଳ ଗୋଲ ଦେଇ ପାରିନଥିଲେ। ଉତ୍କଣ୍ଠାପୂର୍ଣ୍ଣ ସୁଟଆଉଟରେ ସ୍ୱିଜରଲାଣ୍ଡ ୪-୩ ଗୋଲରେ ଜିତି କ୍ୱାର୍ଟରକୁ ଉନ୍ନୀତ ହୋଇଛି। ଏହି ମ୍ୟାଚରେ କଲମ୍ବିଆ ୧୫ଥର ସ୍ୱିଜରଲାଣ୍ଡ ଗୋଲପୋଷ୍ଟକୁ ଆକ୍ରମଣ କରିଥିଲା। ଜବାବରେ ସ୍ୱିଜରଲାଣ୍ଡ ମାତ୍ର ୭ଥର ଗୋଲ ପାଇଁ ଚେଷ୍ଟା କରିଥିଲା। ସ୍ୱିଜରଲାଣ୍ଡର ଶକ୍ତିଶାଳୀ ରକ୍ଷଣଭାଗ ପାଇଁ କଲମ୍ବିଆ ଗୋଲ କରିବାରେ ସକ୍ଷମ ହୋଇନଥିଲା।

### ୱିମ୍ବଲଡନ

## ନୋସକୋଭା-କୋଷ୍ଟୟୁକ ସେମିଫାଇନାଲ




ନୂଆଦିଲ୍ଲୀ,୮।୭(ଏଜେନ୍ସି): ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଶେଷ ପର୍ଯ୍ୟାୟରେ ଉପନୀତ ହୋଇଛି। ବୁଧବାର ମହିଳା ସିଙ୍ଗଲ୍ସର ଦୁଇଟି କ୍ୱାର୍ଟରଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ନାର୍ଟାକୋଷ୍ଟୟୁକ ଏବଂ ଲିଣ୍ଡ ନୋସକୋଭା ବିଜୟଲାଭ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଚେକ ଗଣରାଜ୍ୟର ପେସାଦାର ମହିଳା ଟେନିସ୍ ଖେଳାଳି ଲିଣ୍ଡା ନୋସକୋଭା କ୍ୟାରିୟରର ଶ୍ରେଷ୍ଠ ର୍ୟାଙ୍କିଙ୍ଗ ଦଶମ ସ୍ଥାନ ହାସଲ କରିଛନ୍ତି। ସେ ଡବଲ୍ସ ମାନ୍ୟତାରେ ୫୮ତମ ସ୍ଥାନରେ ଅଛନ୍ତି। ୨୦୨୪ ଅଷ୍ଟ୍ରିଆଲ ଓପନ ଖେଳିଥିବା ଚେକ ଗଣରାଜ୍ୟର ନୋସକୋଭା ୬-୩, ୭-୫ ସିଧାସଳଖ ସେଟରେ ବେଲଜିୟମର ଏଲିସେ ମର୍ଟେନ୍ସଙ୍କୁ ଧରାଶାୟୀ କରି ସେମିଫାଇନାଲ ପ୍ରବେଶ କରିଛନ୍ତି। ସେହିଭଳି ଆଉ ଏକ କ୍ୱାର୍ଟରଫାଇନାଲରେ ୟୁକ୍ରେନର ପେସାଦାର ମହିଳା ଟେନିସ୍ ଖେଳାଳି ମାର୍ଟା ଓଲେଭିନା ୬-୩, ୬-୨ ସିଧାସଳଖ ସେଟରେ ଇଟାଲୀର ଜାସମିନ ପାଓଲିନୀଙ୍କୁ ପରାଜିତ କରିଥିଲେ। ଏହି ଜମାଣିଆ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଥିବା ମାର୍ଟା ପ୍ରତିପକ୍ଷ ନୋସକୋଭାଙ୍କୁ ଭେଟିବେ। ମହିଳା ବର୍ଗର ଦୁଇଟିଯାକ ସେମିଫାଇନାଲ ମାର୍ଟା-ନୋସକୋଭା ଏବଂ ମୁଚୋଭା-କୋକୋ ଗଫଙ୍କ ମଧ୍ୟରେ ଗୁରୁବାର ଖେଳାଯିବ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

# ଆଜି ଭାରତ-ଇଂଲଣ୍ଡ ଚତୁର୍ଥ ଟି-୨୦



ନୂଆଦିଲ୍ଲୀ,୮।୭(ଏଜେନ୍ସି): ଗୁରୁବାର ବ୍ରିଷ୍ଟଲରେ ଭାରତ-ଇଂଲଣ୍ଡ ମଧ୍ୟରେ ଟି-୨୦ ଶୃଙ୍ଖଳାର ଚତୁର୍ଥ ମ୍ୟାଚ ଖେଳାଯିବ। ଆୟର୍ଲାଣ୍ଡ ଠାରୁ ୨-୦ରେ ଶୃଙ୍ଖଳା ହାରିବା ପରେ ଇଂଲଣ୍ଡଗସ୍ତ କରିଥିବା ଭାରତ ଘରୋଇ ଦଳ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳା ଖେଳୁଛି। ବର୍ଷା କାରଣରୁ ପ୍ରଥମ ମ୍ୟାଚ ବାତିଲ ହୋଇଥିଲା। କିନ୍ତୁ ପରବର୍ତ୍ତୀ ଦୁଇଟି ମ୍ୟାଚରେ ଭାରତ ଶୋଚନୀୟ ଭାବେ ହାରିଛି। ତେଣୁ ଏହି ଶୃଙ୍ଖଳାରେ ଭାରତ ୨-୦ରେ ପଛରେ ରହିଛି। ତୃତୀୟ ମ୍ୟାଚରେ ଦଳ ୧୨୫ ରନରେ ହାରିଥିବାରୁ ଶୃଙ୍ଖଳାରେ ଜୀବିତ ମ୍ୟାଚ ରହିବା ପାଇଁ ଚତୁର୍ଥ ମ୍ୟାଚ କର ବା ମର ସଦୃଶ ହୋଇଛି।

ଚତୁର୍ଥ ମ୍ୟାଚରେ ଗୋଟିଏ ଦୁଇଟି ପରିବର୍ତ୍ତନ ହୋଇପାରେ। କାରଣ ଏହି ବିଦେଶଗସ୍ତରେ ଭାରତ ଆୟର୍ଲାଣ୍ଡ ବିପକ୍ଷ ଶୃଙ୍ଖଳା ହାରିବା ତଥା ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚରେ ସଞ୍ଜୁ ସମସନ ବିପକ୍ଷ ହେବା କାରଣରୁ ୧୫ ବର୍ଷୀୟ ବୈଭବଙ୍କୁ ଦ୍ୱିତୀୟ ତୃତୀୟ ମ୍ୟାଚ ଖେଳାଯାଇଥିଲା। ଏହି ଦୁଇ ମ୍ୟାଚରେ ସୂର୍ଯ୍ୟବଂଶୀ ୧୪ ଓ ୧୩ ରନ୍ କରିଥିଲେ। ଏବେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଚତୁର୍ଥ ମ୍ୟାଚରେ ସଞ୍ଜୁଙ୍କୁ ଫେରାଇବାକୁ ଚିନ୍ତା କରୁଛନ୍ତି। ଟ୍ରେଣ୍ଟ ବ୍ରିଜରେ ଇଂଲଣ୍ଡ ଠାରୁ ଭାରତ ଲଜ୍ଜାଜନକ ପରାଜୟ ବରଣ କରିଥିଲେ। ଏହି ମ୍ୟାଚରେ ଜୋଫ୍ରା ଆର୍ଚର ଓ ଜୋଶ ଟମଙ୍କ ବୋଲିଂକୁ ଭାରତ ସାମ୍ନା କରିନପାରି ଭାରତ ମାତ୍ର ୭୬ ରନରେ ଅଲଆଉଟ୍ ହୋଇଥିଲା। ଏହି ପ୍ରଦର୍ଶନ ଯୋଗୁଁ ଲଗାତାର ଭାବେ ଭାରତ ସମାଲୋଚନାର ଶୀକାର ହୋଇଛି।

ସମ୍ଭାବ୍ୟ ଭାରତୀୟ ଦଳ: ବୈଭବ ସୂର୍ଯ୍ୟବଂଶୀ/ ସଞ୍ଜୁ ସାମସନ, ଅଭିଶେକ ଶର୍ମା, ଇଷାନ କିଷାନ,ଶ୍ରେୟାସ ଆୟର, ତିଳକ ବର୍ମା, ଶିବମ ଦୁବେ, ଅକ୍ଷର ପଟେଲ, ଅର୍ଶଦୀପ ସିଂ, ହର୍ସିତ ରାଣା, ବରୁଣ ଚକ୍ରବର୍ତ୍ତୀ, ପ୍ରିନ୍ସ ଯାଦବ।

ସମ୍ଭାବ୍ୟ ଇଂଲଣ୍ଡ ଦଳ: ଫିଲ ସଲ୍ଟ, ଯୋଶ ବଟଲର, ହ୍ୟାରି ବ୍ରୁକ, ଜ୍ୟାକବ ବେଥେଲ, ଟମ ବଣ୍ଟନ, ସାମ କୁରନ, ୱିଲ ଜ୍ୟାକ୍ସ, ଲିଆମ ଡସନ, ଜୋଫ୍ରା ଆର୍ଚର, ଜୋଶ ଟମ, ଆଦିଲ ରସିଦ।

### ଆଜିର ମ୍ୟାଚ

- ଭାରତ-ଇଂଲଣ୍ଡ
- ସ୍ଥାନ- ବ୍ରିଷ୍ଟଲ
- ସମୟ- ରାତି ୧୦
- ପ୍ରସାରଣ- ସୋନୀ ସ୍ପୋର୍ଟ୍ସ, ଜିଓ ହର୍ଟଷ୍ଟାର

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି